
ପୁଣି ଚମକିଲେ ଅଭିଷେକ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-92 ◆THURSDAY ◆25 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୯୨ ◆ଗୁରୁବାର ◆୨୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




### ଲଦାଖକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ହିଂସା

# ମାତିଲେ 'ଜେନ୍ ଜେଡ୍'

■ ଲେହ, ୨୪।୯ (ଏଜେନ୍ସି): ହଠାତ୍ ଅଶାନ୍ତ ହୋଇପଡ଼ିଛି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ। ଲଦାଖକୁ ରାଜ୍ୟ ମାନ୍ୟତା ସହିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଭଳି ସ୍ୱତନ୍ତ୍ର ସୁବିଧା ଦାବିରେ ଆଜି ହିଂସାତ୍ମକ ବିକ୍ଷୋଭ ହୋଇଛି। ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇବା ଫଳରେ ପୁଲିସ ବାହିନୀ ସହିତ ମୁହାଁମୁହିଁ ହୋଇଛନ୍ତି। ଲେହରେ ସେମାନେ ବ୍ୟାପକ ହିଂସାକାଣ୍ଡରେ ଲିପ୍ତ ରହିବାରୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସକୁ ପ୍ରଥମେ ଲାଠି ଚାଳନା କରିବାକୁ ପଡ଼ିଥିଲା। କିନ୍ତୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ପୁଲିସ ଗୁଳିମାଡ଼ରେ ୪ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଘଟଣା ପରେ କେନ୍ଦ୍ରୀୟ ପ୍ରଶାସନ ଲେହରେ କର୍ଫ୍ୟୁ ଲାଗୁ କରିବା ସହିତ ସବୁପ୍ରକାର ବିକ୍ଷୋଭ, ସଭା ଶୋଭାଯାତ୍ରାକୁ ନିଷିଦ୍ଧ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ତେବେ ଗତ ୧୫ ଦିନ ଧରି ଲେହ ଆପେକ୍ସ ବଡି ବା ଏଲ୍ଏବି ନାମରେ ଏକ ସଂଗଠନ ଅନଶନ ଚଳାଇଛି। ଏହାର ନେତୃତ୍ୱ ନେଉଛନ୍ତି ଜଣାଶୁଣା ସାମଜିକ କର୍ମୀ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍। ୧୫ଜଣ ଆମରଣ ଅନଶନରେ ବସିଥିବା ବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ୱାଙ୍ଗଚୁକଙ୍କୁ ମଧ ▶ପୃଷ୍ଠା-୭

**ପୁଲିସ ଗୁଳିରେ ୪ ବିକ୍ଷୋଭକାରୀ ମୃତ**

**ସିଆରପି ଗାଡ଼ି, ବିଜେପି ଅଫିସରେ ନିଆଁ ଲଗାଇଲେ**

**କର୍ଫ୍ୟୁ ଜାରି, ପୁଲିସ ଫୋର୍ସ ମୁତୟନ**

# ଚାଉଳ ବକେୟା ୮୦୦୦ କୋଟି

## କେନ୍ଦ୍ର ଦେବାକୁ ଅରାଜି; ରାଜ୍ୟ ସରକାର ଅସହାୟ

■ ଭୁବନେଶ୍ୱର, ୨୪।୯ (ସମିସ): ଦୀର୍ଘଦିନ ହେଲା କେନ୍ଦ୍ର ସରକାର ଓଡ଼ିଶାକୁ ଦେଉ ନାହାନ୍ତି ଚାଉଳ ବାବଦ ବକେୟା ୮୦୦୦ କୋଟି ଟଙ୍କା। ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଏସମ୍ପର୍କରେ ବାରମ୍ବାର ଚିଠି ଲେଖି ବକେୟା ଦେବାକୁ କହିଥିଲେ ବି କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କଲେନାହିଁ। ଏବେ ଖୋଦ୍ ରାଜ୍ୟ ବିଜେପି ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କେନ୍ଦ୍ର ସରକାର ବକେୟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ, ଖାଦ୍ୟ ନିଗମ ବା ଏଫ୍‌ସିଆଇ ମଧ ଓଡ଼ିଶାରୁ ଚାଉଳ ଉଠାଉ ନ ଥିବା ମନ୍ତ୍ରୀ ସୂଚନା ଦେବା ସହ ଆବଶ୍ୟକ ହେଲେ ବଳକା ଚାଉଳକୁ ଟେଣ୍ଡର କରି ବିକ୍ରି କରିବେ ବୋଲି କହିଛନ୍ତି।



**ବଳକା ଚାଉଳ ଟେଣ୍ଡର କରିବେ ସରକାର**

ବୁଧବାର ପ୍ରଶ୍ନକାଳରେ ବିଧାୟକ ପ୍ରତାପ ଦେବଙ୍କ ଏକ ପ୍ରଶ୍ନର ଉତ୍ତର ପ୍ରଦାନ ଅବସରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବକେୟା ଦେବାରେ କେନ୍ଦ୍ର ସରକାରଙ୍କ ଅବହେଳା କଥା ପ୍ରକାଶ କରିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡୁଛି। ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି; ମାତ୍ର କେନ୍ଦ୍ର ସରକାର ଏହି ଅର୍ଥ ଦେବାକୁ ରାଜି ▶ପୃଷ୍ଠା-୭

## କାହା ନିୟନ୍ତ୍ରଣରେ ଏଫ୍‌ସିଆଇ ?

■ ଭୁବନେଶ୍ୱର, ୨୪।୯ (ସମିସ): ଏଫସିଆଇ ବଳକା ଚାଉଳ ଉଠାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଏକାଧିକ ବାର ଦାବି କରିଛି। କିଛି ସପ୍ତାହ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏନେଇ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଯୋଗାଣ ମନ୍ତ୍ରୀ ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ଉଦବେଗ ଜଣାଇଥିଲେ। ମାତ୍ର ଓଡ଼ିଶାର ▶ପୃଷ୍ଠା-୭

### ଆଜିଠାରୁ ନୂଆଦିଲ୍ଲୀରେ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫'

## ଉଦ୍‌ଘାଟନ କରିବେ ମୋଦୀ



■ ନୂଆଦିଲ୍ଲୀ ୨୪।୯ (ସମିସ): ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ୪ ଦିନିଆ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭାରତ ମଣ୍ଡପମ୍‌ରେ ଆସନ୍ତାକାଲି ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ। ଏହି ଅବସରରେ ପିଏମଏଫଏମଇ ଯୋଜନା ଅଧୀନରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପ୍ରାୟ ୨୬,୦୦୦ ହିତାଧିକାରୀଙ୍କୁ ୭୭୦ କୋଟି ଟଙ୍କାରୁ ଅଧିକ ଋଣ ସଂଯୁକ୍ତ ସହାୟତା ପ୍ରଦାନ କରାଯିବ। ସେହିପରି ଫ୍ରାନ୍ସ, ଜର୍ମାନୀ, ଇରାନ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ଡେନମାର୍କ, ଇଟାଲୀ, ଥାଇଲାଣ୍ଡ, ଇଣ୍ଡୋନେସିଆ, ତାଇୱାନ, ବେଲଜିୟମ, ତାଞ୍ଜାନିଆ, ▶ପୃଷ୍ଠା-୭

## ଦିନକ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

■ ଭୁବନେଶ୍ୱର, ୨୪।୯ (ସମିସ): ନିର୍ଦ୍ଧାରିତ କାର୍ଯ୍ୟଦିବସର ଗୋଟିଏ ଦିନ ପୂର୍ବରୁ ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିବାରୁ ବିଧାନସଭାକୁ ମୁଲତବୀ କରିବା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ଶାସକ ଦଳ ବିଧାୟକ ସନାତନ ବିଜୁଳି, ଉପାସନା ମହାପାତ୍ର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ଏହାପରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି।



**୬ ଦିନରେ ମାତ୍ର ୮ ତାରକା ପ୍ରଶ୍ନ, ଗୋଟିଏ ମୁଲତବୀ ଆଲୋଚନା**

ମୌସୁମୀ ଅଧିବେଶନ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗ ନେଇ ଗୃହରେ ହଟ୍ଟଗୋଳ କରିଥିଲେ। ମୁଖ୍ୟ ବିରୋଧୀ ବିଜେଡି ରାଜ୍ୟରେ ସାର ଅଭାବ, ପଞ୍ଚାୟତିରାଜ ବ୍ୟବସ୍ଥାରେ ବାବୁ ରାଜ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ଗୃହ ଅଚଳ କରିଥିଲା। ସେହିପରି ରାଜ୍ୟ ସରକାରଙ୍କ ବିରୋଧରେ ଚଳିତ ଅଧିବେଶନରେ କଂଗ୍ରେସ ଅନାସ୍ଥା ଆଣିବା ମଧ ଏହି ଅଧିବେଶନର ମୁଖ୍ୟାଂଶ ▶ପୃଷ୍ଠା-୭

# ଯୋଡ଼ି ଲଘୁଚାପ; ପ୍ରବଳ ବର୍ଷା

■ ଭୁବନେଶ୍ୱର, ୨୪।୯ (ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ମହାନଦୀ ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ତେଣୁ ବୁଧବାର ସନ୍ଧ୍ୟାସୁଧା ହୀରାକୁଦର ୧୬ଟି ଗେଟ୍ ଖୋଲାଯାଇଛି। ହୀରାକୁଦ ଡ୍ୟାମର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବା ବେଳେ ବର୍ତ୍ତମାନ ଏହାର ସ୍ତର ୬୨୯.୯୫ ଫୁଟ ରହିଛି। ଏହି ସମୟରେ ହୀରାକୁଦର ଉପର ମୁଣ୍ଡରୁ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୮୬,୧୩୩ କ୍ୟୁସେକ ବନ୍ୟା ଜଳ ପ୍ରବେଶ କରୁଛି । ଅନ୍ୟପଟେ ଜଳ ଭଣ୍ଡାରରୁ ମହାନଦୀକୁ ସେକେଣ୍ଡ ପ୍ରତି ୨,୩୩,୦୧୯ କ୍ୟୁସେକ ବନ୍ୟା ଜଳ ନିଷ୍କାସନ କରାଯାଉଛି। ଫଳରେ ମହାନଦୀ ଏବେ ପୁଣି ଫୁଲିବାରେ ଲାଗିଛି। ଅପରପକ୍ଷରେ ପଛକୁ ପଛ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ବର୍ଷା ଜାରି ରହିଛି। ▶ପୃଷ୍ଠା-୭



**ହୀରାକୁଦ ଖୋଲିଲା ୧୬ ଗେଟ୍**

**ମହାନଦୀରେ ବଢୁଛି ଜଳସ୍ତର**

### ୨୭ରେ ମୁଣ୍ଡଳୀ ପହଞ୍ଚିବ ୭ ଲକ୍ଷ କ୍ୟୁସେକ୍ ବନ୍ୟାଜଳ

■ ଭୁବନେଶ୍ୱର, ୨୪।୯ (ସମିସ): ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଅଧିକ ଗେଟ୍ ଖୋଲିଛି। ଏହାଦ୍ୱାରା ୨୭ ତାରିଖ ସକାଳୁ ମୁଣ୍ଡଳୀଠାରେ ୭ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ଯଦି ତଳମୁଣ୍ଡରେ ବର୍ଷା ହୁଏ ତେବେ ପାଣି ଆହୁରି ଅଧିକ ବଢ଼ିବ। ଏହା ପ୍ରଭାବରେ ଶାଖା ନଦୀ କୁଆଖାଇ, ବିରୁପା, କାଠଯୋଡି, ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇବ। ଏଣୁ ମହାନଦୀରେ ବନ୍ୟା ଆଶଙ୍କାକୁ ▶ପୃଷ୍ଠା-୭










୧୪୯ ନଂ ଜାତୀୟ ରାଜପଥ ମରଣଯନ୍ତା

# ମରାମତି ଦାବିରେ ୨ ଘଣ୍ଟା ରାସ୍ତାରୋକ



ପରଜଙ୍ଗ,୨୪।୯(ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ପିତିରି ଛକରୁ ଖମାର କଣ୍ଟିଆପଶି ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଅଧିକାଂଶ ଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି ଦାବିରେ ସ୍ଥାନୀୟ ଲୋକେ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରାୟ ୨ ଘଣ୍ଟା ଧରି କୁଆଲୁ ପରମହଂସପୁର ଛକରେ ରାଜପଥ ଅବରୋଧ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଖୁବଶୀଘ୍ର ରାଜପଥ ମରାମତି କରିବାକୁ ପ୍ରତିଶ୍ରୁତି ମିଳିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

# ଗ୍ରାମ ସମସ୍ୟା ସମାଧାନ ପାଇଁ ଦାବିପତ୍ର



ହିନ୍ଦୋଳ,୨୪।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ୱାର୍ଡ ନଂ-୧୫ ବାସିନ୍ଦା ଦୈନନ୍ଦିନ ବ୍ୟବହାର କରୁଥିବା ଗ୍ରାମ ପୋଖରୀ ଓ କୂଅର ଦୁରାବସ୍ଥା ନେଇ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ହିନ୍ଦୋଳ ଏନ୍ଏସି ଗଠନର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ୱାର୍ଡରେ ଅନେକ ସମସ୍ୟା ରହିଛି। ଲୋକେ ନିର୍ଭର କରୁଥିବା ଏକମାତ୍ର ପୋଖରୀ ଓ କୂଅ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ଭଙ୍ଗା କୂଅ ଓ ପୋଖରୀରେ ପଡ଼ି ଅନେକ ଲୋକ ଆହତ ହେବାସହ ଗୋରୁଗାଈଙ୍କ ଜୀବନହାନି ଘଟୁଛି। ପୋଖରୀରେ ପାହାଚ ଓ କୂଅରେ ପାରାପିଟ ନିର୍ମାଣ ପାଇଁ କାଉନସିଲର ଅନୁପମା ସାହୁ ଓ ପୂର୍ବତନ କାଉନସିଲର ରମେଶ ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳ, ଏନଏସି ଅଧକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କାଉନସିଲର ଅନୁପମା ସାହୁଙ୍କ ଅଭିଯୋଗ ଅନୁଯାୟୀ ପୋଖରୀର ଉନ୍ନତୀକରଣ ପାଇଁ ପୂର୍ବ ପରିଷଦରେ ଆଦର୍ଶ ପୋଖରୀ କରାଯିବା ପାଇଁ ସମସ୍ତ ରିଜୋଲ୍ୟୁସନ ପାସ ହୋଇ ପରିଷଦରେ ପାସ ହୋଇଥିଲା। ମାତ୍ର ସେହି ଟଙ୍କା ଅନ୍ୟତ୍ର ଖର୍ଚ୍ଚ କରାଯାଇଥିଲା। ଗୋଟିଏ ଗୋଟିଏ ୱାର୍ଡରେ ଏକାଧିକ ପୋଖରୀ କରାଯିବା ସତ୍ତ୍ୱେ ରାଜନୈତିକ ପ୍ରରୋଚନାରେ ଏହି ୱାର୍ଡରେ ପୋଖରୀର ଉନ୍ନତୀକରଣ କରାଗଲାନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ୧୫ନଂ ୱାର୍ଡ ବାସିନ୍ଦା ବନିତା ବିଶ୍ୱାଳ, ଲିପିକା ବିଶ୍ୱାଳ, ସବିତା ବିଶ୍ୱାଳ, ମେଘିନୀ ବିଶ୍ୱାଳ, ପ୍ରତିମା ବିଶ୍ୱାଳ, ପ୍ରତିମା ଦେହୁରୀ, ତନୁ ବିଶ୍ୱାଳ, ଦୁର୍ଯ୍ୟୋଧନ ବିଶ୍ୱାଳ, ଝରଣା ସାହୁ ପ୍ରମୁଖଙ୍କ ସହ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଓ ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରିବା ସହ ଏହାକୁ ଗୁରୁତ୍ୱର ସହ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାକୁ ମିଳିଲା ରାଜ୍ୟ ମାନ୍ୟତା

## ପ୍ରତି ପୂଜା ଅନୁଷ୍ଠାନକୁ ମିଳିବ ୫୦ ହଜାର

ଢେଙ୍କାନାଳ,୨୪।୯(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟ ମାନ୍ୟତା ମିଳିଛି। ସହରର ପ୍ରତ୍ୟେକ ପୂଜାମଣ୍ଡପକୁ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ମୋଟ ୩୮ ଟି ମେଢ଼କୁ ୧୯ ଲକ୍ଷ ଟଙ୍କା ପ୍ରଦାନ କରାଯିବା ବୋଲି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ କୁମାରପୂର୍ଣ୍ଣିମାଠାରୁ ଦୀର୍ଘ ୧୦ ଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥାଏ। କୋରିଆଁ ବାଇପାସଠାରୁ କଲେଜ ବାଇପାସ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ କିଲୋମିଟର ମଧ୍ୟରେ ୩୮ ଟି ପୂଜାମଣ୍ଡପରେ ମାଆ ଲକ୍ଷ୍ମୀ ପୂଜା ପାଇଥାନ୍ତି। ପୂଜାରେ ଲକ୍ଷାଧିକ ଦର୍ଶକଙ୍କ ଭିଡ଼ ଜମିଥାଏ। ବିଭିନ୍ନ ପୂଜାମଣ୍ଡପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ବାଜି ରାଉତ କଲେଜରେ ଏବିଭିପିର ବିକ୍ଷୋଭ

ଭୁବନ,୨୪।୯(ସମିସ): ଛାତ୍ରସଂସଦ ନିର୍ବାଚନ ତାରିଖ ଘୋଷଣ ଓ ବିଭିନ୍ନ ସମସ୍ୟା ନେଇ ଏବିଭିପି ଭୁବନ ନଗର ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ କ୍ୟାମ୍ପସ ୟୁନିଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଜରିଆରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ରନେତା ପ୍ରଜ୍ଞାରଞ୍ଜନ ସାହୁ, ଜ୍ଞାନରଞ୍ଜନ ସାହୁ, ଶୁଭମ ସାହୁ, ବିଶ୍ୱଜିତ ବେହେରା, ଶ୍ରୀୟା ବାରିକ, ପ୍ରଶାନ୍ତ ଦାସ, ରୂପାଲି ଦାସ, ରାଜେଶ ପୃଷ୍ଟି, ବର୍ଷା ପାତ୍ର, ଲିଜା ପ୍ରଧାନ, ଚିନ୍ମୟୀ ପ୍ରଧାନ, ବବିତା ଖଟୁଆ, ଲିସା ପାତ୍ର, ଆଶିଷ ସାହୁ, ଲିପୁନ ବେହେରା, ପ୍ରୀତିରଞ୍ଜନ ସାହୁ, ସ୍ମୃତିରଞ୍ଜନ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସ୍ୱଚ୍ଛତା ହିଁ ସେବା ଉପଲକ୍ଷେ ପ୍ରତିଯୋଗିତା



ଢେଙ୍କାନାଳ,୨୪।୯(ସମିସ): ସ୍ୱଚ୍ଛତା ହିଁ ସେବା ଉପଲକ୍ଷେ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ୱଚ୍ଛତା ହିଁ ସୌନ୍ଦର୍ଯ୍ୟ, ସ୍ୱଚ୍ଛତା ହିଁ ସଭ୍ୟତା ଶୀର୍ଷକ ପୋଷ୍ଟର, ଚିତ୍ରାଙ୍କନ, ସ୍ଲୋଗାନ, ସଫେଇ, ମାରାଥନ ଆଦି ପ୍ରତିଯୋଗିତା ହୋଇଥିଲା। ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨ରେ ପ୍ରତିଷ୍ଠାନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପରଜଙ୍ଗ,୨୪।୯(ସମିସ): ଢେଙ୍କାନାଳ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ପରଜଙ୍ଗ ପଞ୍ଚାୟତ ସମିତି ସହଯୋଗରେ ସ୍ଥାନୀୟ ପିଏମ୍ଶ୍ରୀ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପୀଠରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ସୌଭାଗ୍ୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟଅତିଥି, କାମାକ୍ଷାନଗର ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସରପଞ୍ଚ ବିଜେନ୍ଦ୍ର ସାହୁ, ଅଶାନ୍ତି ରାଉତ, ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, ବଳଭଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମାନସିକ ଅନଗ୍ରସର, ଅସ୍ଥିଶଲ୍ୟ, ଦୃଷ୍ଟିବାଧିତ, ଶ୍ରବଣ ବାଧିତ, ଶାରୀରିକ ଅନଗ୍ରସର ବିଭାଗରେ ୪୭୨ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ସେମାନଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ। ପରଜଙ୍ଗ ମହାବିଦ୍ୟାଳୟର ଅଧ୍ୟାପକ ଅଞ୍ଜନ କୁମାର ମହାରଣା ଓ କୁଳମଣି ମେହେରଙ୍କ ନେତୃତ୍ୱରେ ୨୦ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଭିନ୍ନକ୍ଷମମାନଙ୍କୁ ସହଯୋଗ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗାଦତ୍ତ ଲେଙ୍କା ଓ ବାନାମ୍ବର ନାୟକଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ବ୍ଲକ ପରିମଳ ସଂଯୋଜକ ଜ୍ୟୋତିରଞ୍ଜନ ବାରିକ ସ୍ୱଚ୍ଛତା ଓ ସେବା କାର୍ଯ୍ୟରେ ନିୟୋଜିତ ହେବାକୁ ସଂକଳ୍ପ କରାଇଥିଲେ।

## ଗଞ୍ଜେଇ ଚାଲାଣ; ଜଣେ ଗିରଫ



ଗଁଦିଆ,୨୪।୯(ସମିସ): ଚୋରାରେ ଗଞ୍ଜେଇ ଆଣି ଏଠାରେ ବିକ୍ରି କରିବା ଅଭିଯୋଗରେ ନିହଲପ୍ରସାଦ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ଲକ୍ଷୀସରାଇ ଜିଲ୍ଲା ଚେତରହାଟ ସେୱନାସେରନା ଗ୍ରାମର ଅନିକେଶ କୁମାର (୨୨)। ମଙ୍ଗଳବାର ଅପରାହ୍ନରେ ଅନିକେଶ ୧୨୭୦ ଗ୍ରାମ ଗଞ୍ଜେଇ ସହ ସନ୍ଦେହଜନକ ଅବସ୍ଥାରେ କଲେଜ ଛକରେ ଠିଆ ହୋଇଥିବା ବେଳେ ଥାନା ଅଧିକାରୀ ଧୀରେନ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀ ତାଙ୍କୁ ଥାନାକୁ ଆଣିଥିଲେ। ପଚରାଉଚରା ବେଳେ ସେ ଏଠାରେ ଗଞ୍ଜେଇ ବେପାର କରେ ବୋଲି ସ୍ୱୀକାର କରିଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରିଛି।

## ଶାଳକାଠ ସହ ଗାଡ଼ି ଜବତ; ଜଣେ ଗିରଫ

ହିନ୍ଦୋଳ,୨୪।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ହିନ୍ଦୋଳ ଫରେଷ୍ଟ ଓ ଖଜୁରିଆକଟା ବିଟ୍ ମିଳିତ ସହାୟତାରେ ମଙ୍ଗଳବାର ଶାଳକାଠ ସହ ଏକ ଟାଟା ମ୍ୟାଜିକ ପାସେଞ୍ଜର ଗାଡ଼ି ଜବତ କରାଯାଇଛି। ଗାଡ଼ିରେ କାଠ ବୋଝେଇ ହୋଇ ଯାଉଥିବା ବେଳେ ବନ କର୍ମଚାରୀମାନେ ତାକୁ ଗୁଲେହି ଛକରେ ଜବତ କରିଛନ୍ତି। ଏହି ଘଟଣାରେ ହିନ୍ଦୋଳ ଅଞ୍ଚଳର ବିନୋଦ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗାଡ଼ିରେ ଥିବା ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

## ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କିତ ପାଠଚକ୍ର



ଖଜୁରିଆକଟା,୨୪।୯(ସମିସ): ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ସ୍ମାର୍ଟ କକ୍ଷରେ ପିଏମ ଉଷା ପକ୍ଷରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମାଧ୍ୟମିକ ଶିକ୍ଷା ପରିଷଦର ଏକାଡେମିକ କନସଲଟାଣ୍ଟ ପ୍ରଫେସର ତୁଷାରକାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ ବିଷୟଭିତ୍ତିକ ଗବେଷଣାତ୍ମକ ନିବନ୍ଧ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଧଳ ନୂତନ ଶିକ୍ଷାନୀତିର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନର ନୋଡାଲ ଅଧିକାରୀ ଦିଲୀପ କୁମାର ଗଡ଼ନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ମଯୋଗୀ ଅଭିଯାନ ପାଇଁ ବ୍ୟାପକ ଆୟୋଜନ



ଢେଙ୍କାନାଳ,୨୪।୯(ସମିସ): ଜିଲ୍ଲାର ୬ ବ୍ଲକର ୧୨୭ ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ଆୟୋଜନ କରାଯାଇଛି। ଏହି ଗ୍ରାମଗୁଡ଼ିକରେ ଭିଲେଜ ଆକ୍ସନ ପ୍ଲାନ ପ୍ରସ୍ତୁତି ପାଇଁ ପ୍ରତ୍ୟେକ ଗ୍ରାମରୁ ୨୦ ଜଣ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେମାନେ ଗ୍ରାମବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଗୃହ ନିର୍ମାଣ, ଦକ୍ଷତା ବିକାଶ, ଭିତ୍ତିଭୂମି ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ରରେ ଯୋଜନା ପ୍ରସ୍ତୁତ କରିବାରେ ସହଯୋଗ କରିବେ। ପ୍ରତ୍ୟେକ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ରରେ ଆଦି ସେବାକେନ୍ଦ୍ର ସ୍ଥାପନ କରାଯାଇ ସପ୍ତାହରେ ଗୋଟିଏ ଦିନ ଗ୍ରାମବାସୀଙ୍କ ଅଭିଯୋଗ ଗ୍ରହଣ କରାଯିବ ଏବଂ ତାହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସ୍ୱେଚ୍ଛାସେବୀ ସଂଗଠନ ନିଉ ଇଣ୍ଡିଆ ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛି।

## ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ




ଢେଙ୍କାନାଳ,୨୪।୯(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସକାଳ ୭ଟାରେ ଚାରାରୋପଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଏନଏସଏସ ପତାକା ଉତ୍ତୋଳନ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବରାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସ୍ୱେଚ୍ଛାସେବୀଙ୍କୁ ସମାଜ ସେବା ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଅମୃତ କୁମାର ସେଠ ଯୋଗଦେଇ ଦେଶ ନିର୍ମାଣରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ ଅଧ୍ୟାପିକା ସୌମ୍ୟା ନନ୍ଦ ସମାଜର ସମସ୍ୟା ସମାଧାନରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ରବର୍ଟ ଉତ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଦେବରାଜ ପରିଡ଼ା ଏନଏସଏସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ଲିଟୁ ଦେହୁରୀ ଓ ସଙ୍ଗୀତା ସାହୁ ନିଜ ଅଭିଜ୍ଞତା ସମ୍ଭାଗ କରିଥିଲେ। ଏ ବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣରେ ଲିଟୁ ଦେହୁରୀ ଓଡ଼ିଶାରୁ ଏକମାତ୍ର ସ୍ୱେଚ୍ଛାସେବୀ ଭାବେ ଚୟନ ହୋଇ କଲେଜ ପାଇଁ ଗର୍ବ ଆଣିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲେ। ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରିଣୀ ବିଦୁଷୀ ମଧୁସ୍ମିତା ଧନ୍ୟବାଦ ଜ୍ଞାପନ କରିଥିଲେ।

## ହଳଦୀପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା

କଙ୍କଡ଼ାହାଡ଼,୨୪।୯(ସମିସ): ଦୀର୍ଘ ୪ବର୍ଷର ପ୍ରଚେଷ୍ଟା ପରେ କଙ୍କଡ଼ାହାଡ଼ ବ୍ଲକ ହଳଦୀପାଳ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଛି। ଏହି ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ନୂତନ ରାଜସ୍ୱ ଗ୍ରାମ କମିଟି ସଭାପତି ଶିଶିରକାନ୍ତ ପଣ୍ଡା ଓ ସମ୍ପାଦକ ମକୁନ୍ଦ ଚନ୍ଦ୍ର ବେହେରାଙ୍କ ଆୟୋଜନରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ସୌଦାମିନୀ ନାୟକ, ମୁଖ୍ୟବକ୍ତା ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରିଣୀ କଳ୍ପନା ବେହେରା ଓ ବରିଷ୍ଠ ନାଗରିକ ପାଣ୍ଡବ ଚରଣ ଦାସ ଯୋଗଦେଇଥିଲେ। ପବିତ୍ର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗ୍ରାମବାସୀ ବାଣ ଫୁଟାଇ ଖୁସି ମନାଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ମୁନା ଦାସ, ରାମ ବେହେରା, ସର୍ବେଶ୍ୱର ବିଶ୍ୱାଳ, ଶ୍ରୀକାନ୍ତ ବିଶ୍ୱାଳ, ରବି ସାହୁ, ତୁଟେଶ୍ୱର ସେଠୀ, ପ୍ରସାଦ ସାହୁ, ପବନା ନାଥ ପ୍ରମୁଖ ସହଯୋଗ କରିଥିଲେ।

ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂଗଠନିକ ବୈଠକ

# ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ଆହ୍ୱାନ




କାମାକ୍ଷାନଗର,୨୪।୯(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଡିଟୋରିୟମ ପରିସରରେ ବୁଧବାର ବିଜେଡିର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ଡା. ନୃସିଂହ ଚରଣ ସାହୁ ବୈଠକରେ ଅଧ୍ୟକ୍ଷତା କରି କହିଲେ, ବିଗତ ବିଜେଡି ସରକାର ରାଜ୍ୟରେ ଯେଉଁ ଉନ୍ନୟନ କାର୍ଯ୍ୟ କରିଛି ଏହି ସରକାର ସେଥିରେ କେବଳ ରଙ୍ଗ ମାରିଲେ ତାଙ୍କ ୫ ବର୍ଷ ସମୟ ସରିଯିବ। ଏହି ମିଛ ସରକାରକୁ ହଟାଇବା ପାଇଁ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ସେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଦଳରେ ବିଶୃଙ୍ଖଳା ସୃଷ୍ଟି ନ କରି ସଂଗ୍ରାମ ମାଟିରେ ସଂଗ୍ରାମ ଜାରି ରଖିବାକୁ ନିବେଦନ କରିଥିଲେ। ଗତ ନିର୍ବାଚନରେ ଦଳର ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ ବିଶେଷ ଅତିଥି ଭାବେ ଯୋଗଦେଇ କହିଲେ ବିଜେଡି ଲୋକଙ୍କ ଦଳ। ଏବେ ବି ନବୀନ ବାବୁଙ୍କ ପ୍ରତି ଲୋକଙ୍କ ଭଲପାଇବା ଅଛି। ଏବେର ସରକାର ଲୋକଙ୍କୁ ମିଛକହି କ୍ଷମତାକୁ ଆସିଛି। ଅଳ୍ପ ଦିନ ଭିତରେ ଲୋକେ ତାଙ୍କୁ ଚିହ୍ନିଗଲେଣି ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ କହିଲେ, ବିଜେଡି ଗୋଟିଏ ପରିବାର। ଏକାଠି ଥିଲା, ଏକାଠି ଅଛ, ଆଗକୁ ମଧ୍ୟ ଏକାଠି ହୋଇ ଲଢ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଏନଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଭୁବନ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଏନଏସି ସଭାପତି ନରେନ୍ଦ୍ର କୁମାର ସାହୁ, କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତିମୟୀ ବିଶ୍ୱାଳ, ସୁବାସ ମାଝି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। କାଉନସିଲର ସଞ୍ଜୟ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଏମଆରକୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର



ଢେଙ୍କାନାଳ,୨୪।୯(ସମିସ): ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ପ୍ରଦୂଷଣ ନିୟନ୍ତ୍ରଣ କରିଥିବାରୁ ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମଆର ଏନର୍ଜି ଲିମିଟେଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ଚଳିତ ବର୍ଷ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର ପାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୨ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କଠାରୁ ଜିକେଇଏଲ ପ୍ଲାଣ୍ଟ ମୁଖ୍ୟ ମନୋଜ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ। ଜିକେଇଏଲ ପ୍ରଦୂଷଣ ରୋକିବାରେ ଅନେକ ପଦକ୍ଷେପ ଗ୍ରହଣ କରି ପ୍ରଶଂସିତ ହୋଇଛି। ଶତ ପ୍ରତିଶତ ପାଉଁଶର ବିନିଯୋଗ, ଶୂନ୍ୟ ତରଳ ବର୍ଜ୍ୟବସ୍ତୁ ନିଷ୍କାସନ ଓ ବର୍ଜ୍ୟବସ୍ତୁକୁ ସମ୍ପଦ ଭାବେ ବ୍ୟବହାର, ବର୍ଷାଜଳ ସଂରକ୍ଷଣ ଓ ବ୍ୟବହାର ଓ ସବୁଜିମା ସୃଷ୍ଟି ଆଦି ନିଆରା ଉଦ୍ୟମ କରି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଛି। ଏହି ପୁରସ୍କାର ପାଇଁ ଖୁସି ବ୍ୟକ୍ତ କରି ଜିଏମଆର ଏନର୍ଜି ସିଇଓ ଆଶିଷ ବାବୁ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସବୁଜ ପରିବେଶ ଉପରେ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

### ସ୍କୁଲ ଯିବା ରାସ୍ତା ଅବରୋଧ

# ଉଚ୍ଛେଦ ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା

ରାଜକନିକା,୨୪।୯ (ସମିସ)

ସ୍କୁଲ ଯିବା ଆସିବାର ମୁଖ୍ୟରାସ୍ତାକୁ ଅବରୋଧ କରି ରଖିଥିବା ବ୍ୟକ୍ତିର ସବୁ କାରସାଦି ଆଜି ଫେଲ୍ ମାରିଛି। ଏହି ଅବରୋଧ ଉଚ୍ଛେଦ ପାଇଁ ଆଜି ସକାଳୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଦ୍ୱିତୀୟ ଥର ଧାରଣା ଦେବାରୁ ଏହା ତହସିଲ ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ପାଲଟିଥିଲା। ଫଳରେ ଅପରାହ୍ଣରେ ଅତିରିକ୍ତ ତହସିଲଦାର ପୁଲିସଫୋର୍ସ ନେଇ ଅବରୋଧକୁ ହଟାଇ ଦେଇଛନ୍ତି। ଆଜିର ପ୍ରଶାସନିକ କାର୍ଯ୍ୟକୁ ସମସ୍ତେ ସ୍ୱାଗତ କରିବା ସହ ସେହିସ୍ଥାନରେ ଥିବା ଗୁହାଳକୁ ଅଳ୍ପଦିନ ଭିତରେ ହଟାଇ ଦେବାକୁ ପ୍ରତିଶୃତି ମିଳିବା ପରେ ଛାତ୍ରଛାତ୍ରୀ ଧାରଣାରୁ ଓହରିଛନ୍ତି। ତେବେ ଘଟଣା ମୁତାବକ କନିକା ତହସିଲ ଅଧୀନ ତ୍ରୈଲୋକ୍ୟପୁର ପଞ୍ଚାୟତର ରାଉତବର୍ଦ୍ଧନୀ ଗାଁ ମଧ୍ୟରେ ଥିବା ରାଉତବର୍ଦ୍ଧନୀ ପ୍ରାଥମିକ



**ପ୍ରତିଶ୍ରୁତି ପରେ ଅବରୋଧ ହଟିଲା**

ବିଦ୍ୟାଳୟ ସମ୍ମୁଖ ସେହି ଅବରୋଧସ୍ଥଳରେ ଆଜି ଛାତ୍ରଛାତ୍ରୀ ଧାରଣା ଦେବାରୁ ପ୍ରଶାସନ ଅଡୁଆରେ ପଡିଯାଇଛି। ଏହି ଅବରୋଧ ହଟାଇବାକୁ ଗତ ୧୫ ତାରିଖ ଦିନ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକ କନିକା ତହସିଲ ସମ୍ମୁଖରେ ୯ ଘଣ୍ଟା ଧାରଣା ଦେବା ପରେ ଏହାକୁ ହଟାଇବାକୁ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ୯ଦିନ ପରେ ବି କୌଣସି ପଦକ୍ଷେପ ନ ନେବାରୁ ଆଜିଠୁ ଏହି ବେଆଇନ ଅବରୋଧ ହଟିବା ଯାଏ ପୁଣି ଧାରଣା ଆରମ୍ଭ ହୋଇଥିଲା। ପୁନଶ୍ଚ ଧାରଣା ହେବା ଖବର ପାଇ ଆଜି ଅପରାହ୍ଣ ୪ଟା ବେଳେ ଆଡିସନାଲ ତହସିଲଦାର ଘଟଣାସ୍ଥଳକୁ ପୁଲିସ ଫୋର୍ସ ସହ ଯାଇ ଅବରୋଧ ଜାଗାରେ ଥିବା ବାଡ଼ ଉଠାଇ ଦେଇଥିଲେ। ପୁନଶ୍ଚ ଅବରୋଧ ହୋଇଥିବା ଗୁହାଳଘରକୁ ଭାଙ୍ଗିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ପରେ ଅଳ୍ପ ଦିନ ପରେ ଭାଙ୍ଗିବାକୁ ପ୍ରତିଶୃତି ଦେବାରୁ ଆଜିର ଧାରଣା ପ୍ରତ୍ୟାହାର ହୋଇଛି। ଜବରଦଖଲ ହଟାଇବାକୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଗ୍ରାମବାସୀଙ୍କ ପକ୍ଷରୁ ସୌଭାଗ୍ୟ ପରିଡା, ଶଶାଙ୍କ ଶେଖର ସାହୁ, ଦର୍ପ ନାରାୟଣ ପରିଡା, ଅକ୍ଷୟ ପରିଡା, ଭୀମସେନ ବେହେରା, ମନୋରମା ଦାସ, ଶାନ୍ତିଲତା ପରିଡା, ହରପ୍ରିୟା ଦାସ, ଜିତେନ୍ଦ୍ର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ବିଦ୍ୟାଳୟ ସମ୍ମୁଖ ରାସ୍ତା ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ନ ହେବା ଯାଏ ଏଭଳି ଆନ୍ଦୋଳନ ପୁଣି ଜାରି ରହିବ ବୋଲି ଚେତାବନୀ ମିଳିଛି।

# ଜିପିଏଲ୍ଏଫ୍ କର୍ମୀ ସଂଘର ବ୍ଲକ୍ ସମ୍ମୁଖରେ ଧାରଣା ଜାରି

ପଟ୍ଟାମୁଣ୍ଡାଇ,୨୪।୯ (ସମିସ): ଜିପିଏଲଏଫ ସଂଘ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଦିଆଯାଇଥିବା ଧାରଣା ବୁଧବାର ୨ୟ ଦିନରେ ପହଞ୍ଚିଛି। ସ୍ଥାୟୀ ଦରମା ପ୍ରଦାନ, ୬ମାସର ବକେୟା ଦରମା ସ୍ଥାୟୀ ଦରମାରେ ସାମିଲ କରିବା, ନିୟମିତ କାର୍ଯ୍ୟ ଛାଡି ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପାରିଶ୍ରମିକ ବ୍ୟବସ୍ଥା କରିବା, ପ୍ରତ୍ୟେକ ମାସର ଦରମା ଆକାଉଣ୍ଟ ପେ' କରିବା, ୬ଟି କମ୍ୟୁନିଟ ଷ୍ଟାଫଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଓ ରେଭିନ୍ୟୁ ଭିଲେଜ ପ୍ରୋତ୍ସାହନ ବନ୍ଦ କରିବା ଆଦି ଦାବିନେଇ ଅଲ ଓଡିଶା ଜିପିଏଲଏଫ ସଂଘ ଆହ୍ୱାନରେ ପଟ୍ଟାମୁଣ୍ଡାଇ ବ୍ଲକ ଜିପିଏଲଏଫ ସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଜାରି ରହିଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତର ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ଓ କୃଷିମିତ୍ର ମାନେ ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଜିପିଏଲଏଫ ସଂଘ ସଭାନେତ୍ରୀ ବୈଦେହୀ ପାଗଳ, ସମ୍ପାଦିକା କଲ୍ୟାଣୀ ପରିଡାଙ୍କ ନେତୃତ୍ୱରେ ସଂଯୁକ୍ତା ବେହେରା, ଆଶାଲତା ନାୟକ, ସୁଶୀଳା ସାହୁ, ବୀଣାପାଣି ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ ଓ ମମତା ରାଉତ ପ୍ରମୁଖ ଶତାଧିକ ଏମବିକେ, ସିଆରପି ସାମିଲ ହୋଇ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ।



### ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ

# ୨୩ଟି ମାମଲାର ଶୁଣାଣି, ୬ଟିର ଆପୋସ ସମାଧାନ

କେନ୍ଦ୍ରାପଡ଼ା,୨୪।୯ (ସମିସ): କେନ୍ଦ୍ରାପଡ଼ା ସର୍କିଟ ହାଉସଠାରେ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା କଳ୍ପନା ମଲ୍ଲିକ, ରେଜିଷ୍ଟ୍ରର ସୁଶୀଲ କୁମାର ରୟ, କାଉସିଲର ବନ୍ଦନା ମହାନ୍ତି ଏବଂ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଯୋଗଦେଇ ଶୁଣାଣି ଶିବିରରେ ସହାୟତା କରିଥିଲେ। ଶିବିର ଅଦାଲତରେ ୪୧ଟି ମାମଲାର ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିରୁ ୨୩ ଟିର ଶୁଣାଣି ହୋଇଥିଲା। ଏଥିରୁ ୬ଟି ମାମଲାର ଆପୋଷ ସମାଧାନ ହୋଇଥିବା ବେଳେ ୫ଟି ମାମଲାର ତଦନ୍ତ ନିମନ୍ତେ ପୁଲିସ ପ୍ରଶାସନକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ୨ଟିକୁ ଶିଶୁ ସୁରକ୍ଷା ଅଧିକାରୀ ନିକଟକୁ ଘରୋଇ ହିଂସା ଆଇନରେ ମାମଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବଂ ଗୋଟିଏ ମାମଲା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ନିକଟକୁ ପଠାଯାଇଛି। ଅବଶିଷ୍ଟ ୯ଟି ମାମଲାର ପୁନର୍ବାର ଶୁଣାଣି ନିମନ୍ତେ ନୋଟିସ ପ୍ରେରଣ କରିବା ପାଇଁ ଆଦେଶ ଦିଆଯାଇଛି। ଶିବିରରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## ବ୍ରାହ୍ମଣୀ କଲେଜରେ ଏନ୍ଏସ୍ଏସ୍ ପ୍ରତିଷ୍ଠା ଦିବସ

ପଟ୍ଟାମୁଣ୍ଡାଇ,୨୪।୯ (ସମିସ): ବ୍ଲକଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ଏନଏସଏସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ଡ଼ ଗୌରୀକୁମାର ସାମଲ ଉଦଘାଟନ କରିଥିଲେ। କଲେଜ ଏନଏସଏସ ସଂଯୋଜକ ଅଧ୍ୟାପକ ନଟବର ସୂତାରଙ୍କ ନେତୃତ୍ୱରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଧାଂଶୁ ସାମଲ, ସତ୍ୟଜିତ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ଶିବଚରଣ ଦାସ, ଡ ଚିନ୍ମୟ ପ୍ରଧାନ, ପ୍ରକୃତିପ୍ରେମୀ କାଳନ୍ଦୀ ମଲିକ ଓ ଏନଏସଏସ ସ୍ୱେଚ୍ଛାସେବୀମାନେ ଯୋଗଦେଇ ଚାରାରୋପଣ କରିଥିଲେ। ଶେଷରେ କଲେଜ ଏନ ଏସ ଏସ ସଂଯୋଜକ ଅଧ୍ୟାପକ ନଟବର ସୂତାର ଧନ୍ୟବାଦ ଦେଇଥିଲେ।

## ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଦିବସ




ରାଜନଗର,୨୪।୯ (ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇ ଜାତୀୟ ସେବା ସଂସ୍ଥାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ସଂସ୍ଥା ଅଧିକାରୀ ଅଧ୍ୟାପିକା ଅନୁସୂୟା ବେହେରା ଏହାର ସଂକେତ, ରଙ୍ଗର ମହତ୍ୱ ଏବଂ ଛାତ୍ରଛାତ୍ରୀ କିପରି ସମାଜ ସହିତ ଜଡିତ ରହି ସେବା ମାଧ୍ୟମରେ ଶିକ୍ଷା ପ୍ରାପ୍ତି କରିପାରିବେ ସେ ନେଇ ବୁଝାଇଥିଲେ। ଏଥିରେ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅଧ୍ୟାପକ ପର୍ଶୁରାମ ନାଥ, ଅଭିଜିତ ଖୁଣ୍ଟିଆ, ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଜାତୀୟ ସେବା ସଂସ୍ଥା ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁକ୍ତ୨ ୟୁନିଟର ଜାତୀୟ ସେବା ସଂସ୍ଥା ପୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜନ କୁମାର ଦଳାଇ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ ପରିବା ମାର୍କେଟ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ,୨୪।୯ (ସମିସ): ପଟ୍ଟାମୁଣ୍ଡାଇ ସହରରେ ଜବରଦଖଲ ଉଚ୍ଛେଦ ପରେ ପରିବା ବ୍ୟବସାୟୀମାନେ ଧର୍ମଘଟ କରିବାରୁ ଅଞ୍ଚଳରେ ପରିବା ସଙ୍କଟ ସୃଷ୍ଟି ହେବାସହ ଖାଉଟିମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରିଥିଲେ। ଏସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଅବଗତ ହେବା ପରେ ପଦକ୍ଷେପ ସ୍ୱରୂପ ଆଜି ପଟ୍ଟାମୁଣ୍ଡାଇ ସାପ୍ତାହିକ ହାଟ ନିକଟରେ ଥିବା ଆରସିଏମ ବିଲଡିଂରେ ଏକ ପରିବା ହାଟ ଉଦ୍‌ଘାଟନ କରାଯାଇଛି। ଉଦ୍‌ଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌରନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, କାଉନସିଲର ବିଦ୍ୟାଧର ସେଠୀ ଓ ସୁବାଷ ମଲିକ ପ୍ରମୁଖ ଯୋଗଦେଇଥିଲେ। ପରିବା ସଂକଟ ଦୂର ପାଇଁ ପ୍ରଶାସନର ତ୍ୱରିତ ପଦକ୍ଷେପକୁ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ ଓ ଉପଦେଷ୍ଟା କିରଣ ଭୂୟାଁ ପ୍ରମୁଖ ସ୍ୱାଗତ କରିବା ସହିତ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପଟ୍ଟାମୁଣ୍ଡାଇ ସହରରେ ଉଠାଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ସମସ୍ତ ଉଠା ଦୋକାନୀଙ୍କୁ ଭେଣ୍ଡିଂ ଜୋନ ଜରିଆରେ ଥଇଥାନ କରିବାକୁ ବଣିକ ସଂଘ ପକ୍ଷରୁ ଦାବୀ କରାଯାଇଛି।

## ଯୋଗ ପ୍ରତିଯୋଗିତାରେ ଡେରାବିଶ ମହାବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

ଡେରାବିଶ,୨୪।୯ (ସମିସ): ଗୋଲରାହାଟ ପଞ୍ଚାୟତ ଅଧୀନ ଡେରାବିଶ ମହାବିଦ୍ୟାଳୟର ଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ଯୋଗ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଏଥିସହ ଜାତୀୟସ୍ତରର ଯୋଗ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲକରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମହାବିଦ୍ୟାଳୟର +୩ ତୃତୀୟ ବର୍ଷର ଛାତ୍ରୀ ଶୁଭଶ୍ରୀ ସରିତା ରାଉତ, ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରିୟଦର୍ଶିନୀ ମଲିକ ଓ ସରସ୍ୱତୀ ସିଂହ ଏହି ପ୍ରତିଯୋଗିତାରେ ଡେରାବିଶ ମହାବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିଲେ। ଛାତ୍ରୀମାନଙ୍କ ଏହି ସଫଳତାରେ ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ରଶେଖର ନାୟକ, ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଖୁସିବ୍ୟକ୍ତ କରିବାସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ଏହି ଛାତ୍ରୀମାନଙ୍କୁ ଯୋଗତାଲିମ ପ୍ରଦାନ କରିଥିଲେ। ଶ୍ରୀ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ମହାବିଦ୍ୟାଳୟ ତରଫରୁ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ଚାନ୍ଦୋଳ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

ଡେରାବିଶ,୨୪।୯ (ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାତୀୟସେବା ଯୋଜନାର ଜିଲ୍ଲା କାର୍ଯ୍ୟକାରୀ ଅଧିକାରିଣୀ ଡ. ପଦ୍ମଜା କବି ଶତପଥି ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସେବା ମନୋବୃତି ହେବା ସହିତ ନିଜ ମଧ୍ୟରେ ରହିଥିବା ଅର୍ନ୍ତନିହିତ କଳାର ବିକାଶ କରିବା ଦିଗରେ ଚେଷ୍ଟିତ ହେବା ପାଇଁ ଅନୁପ୍ରାଣୀତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ପ୍ରଭାକର ଦାସ ଓ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ପ୍ରଦୀପ ରାଉତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା, ମନୀଷା ମହାରଣା, ମନିଷା ଦାସ ଓ ଅଧ୍ୟାପକ ବରଦା ପ୍ରସାଦ ଜେନା, ଦିବ୍ୟ କୁମାର ଦାସ, ବିମଳ ପ୍ରସାଦ ବାରିକ, ହରେକୃଷ୍ଣ ସାହୁ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ଆଶାରାଣୀ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

# ୯.୬ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ଗିରଫ

କେନ୍ଦ୍ରାପଡ଼ା,୨୪।୯ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୯.୬ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ ଓ ଗ୍ରାମାଞ୍ଚଳ ଥାନା ଅଧୀନ ନିମପୁର ଗ୍ରାମର ରାଜେଶ କୁମାର ସେଠି (୨୫)ଙ୍କ ପାଖରୁ ୫୦ ଗ୍ରାମ ବ୍ରାଉନସୁଗାର ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ୱାର୍ଡ ନମ୍ବର-୧୩ ଅଞ୍ଚଳର ସଖାୱାତ ଅଲି ଖାନ (୩୨)ଙ୍କ ପାଖରୁ ୪୬ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ବ୍ରାଉନସୁଗରାର ମୂଲ୍ୟ ପାଖାପାଖି ୯.୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ଉରେ ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଧର୍ମପଦ ଦାସ, ସହକାରୀ ଉପ ନିରୀକ୍ଷକ ସୁନୀଲ କୁମାର ମିଶ୍ର, ଟୁକୁନା ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ୫ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ରାସ୍ତାର ନିମପୁର ଛକ ପାଖରୁ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ୫୦ଗ୍ରାମ ବ୍ରାଉନସୁଗର ଜବତ କରିଛି। ବ୍ରାଉନସୁଗର ବିକ୍ରି ଅଭିଯୋଗରେ ନିମପୁର ଗ୍ରାମର ରାଜେଶ ସେଠୀ (୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ୫୦ ଗ୍ରାମ ବ୍ରାଉନସୁଗରର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ଉ ଅଭିଯାନରେ ଅବକାରୀ ଇନିସପେକ୍ଟର ପଦ୍ମଲୋଚନ ନାୟକ, ଓଆଇସି ଛାୟାକାନ୍ତ ନାୟକ, ଏସଆଇ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଏସଆଇ ଟୁକୁନା ପ୍ରଧାନ, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲ୍ଲୀକ, କନେଷ୍ଟବଳ ରାମକୃଷ୍ଣ ଦାଶ ସାମିଲ ଥିଲେ। ସ୍ଥାନୀୟ ଅବକାରୀ ଥାନାରେ ଏନେଇ ମାମଲା ରୁଜୁ ହୋଇଛି।

# ବ୍ରାହ୍ମଣୀ ବ୍ଲକ୍ ଗଠନ ଦାବିରେ ସ୍ମାରକପତ୍ର ପ୍ରଦାନ

ପଟ୍ଟାମୁଣ୍ଡାଇ,୨୪।୯ (ସମିସ): ଜିଲ୍ଲା ଓ ବ୍ଲକ ପୁନଃର୍ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ନୂତନ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ବ୍ରାହ୍ମଣୀ ବ୍ଲକ ଗଣ ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ର ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ପ୍ରଦାନ କରାଯାଇଛି। ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ଆବାହକ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଡ. ଚକ୍ରଧର ଦାଶ, ଅଶୋକ ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳ, ଧନେଶ୍ୱର ପ୍ରଧାନ, ରଜତ ବାରିକ, ପ୍ରସନ୍ନ ପାଢ଼ୀ, ଆଦିକନ୍ଦ ଦାସ, ଅରୋଶିଷ ରାଉତ, ସତ୍ୟସୁନ୍ଦର ରାୟ ପ୍ରମୁଖ ମନ୍ତ୍ରୀ ଶ୍ରୀ ନାଏକଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି କେନ୍ଦ୍ରାପଡ଼ା ଜିଲ୍ଲା ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକର ୭ଟି ପଞ୍ଚାୟତ ଓ ଆଳି ବ୍ଲକ୍‌ର ୧୧ଟି ପଞ୍ଚାୟତ ଏବଂ ପଟ୍ଟାମୁଣ୍ଡାଇ ତହସିଲର ୨ଗୋଟି ଆର୍‌ଆଇ ସର୍କଲ ଓ ଆଳି ତହସିଲର ୫ଟି ଆରଆଇ ସର୍କଲକୁ ନେଇ ଏକ ନୂତନ ବ୍ଲକ ଏବଂ ତହସିଲ ଗଠନ କରିବାକୁ ଦାବିକରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏପରିକି ଆଲୋଚନାରେ ଅଂଶଗ୍ରହଣ କରି ପ୍ରତିନିଧି ମଣ୍ଡଳୀ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସ୍ଥାନୀୟ ଅଞ୍ଚଳର ଅର୍ଥନୀତିକୁ ଦୋହଲାଇ ଦେବାରେ ଲାଗିଛି ଓ ଯାହାଫଳରେ ଏ ଅଞ୍ଚଳର ବହୁ ଶିକ୍ଷିତ ଯୁବକ କାମଧନ୍ଦା ନପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଛଡ଼ା କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସାଙ୍ଗକୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପଟ୍ଟାମୁଣ୍ଡାଇ ତହସିଲ ହୋଇଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ନୂତନ ବ୍ରାହ୍ମଣୀ ବ୍ଲକ ଗଠନ ଦାବିପ୍ରତି ସୁବିଚାର କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।



## ଶିଳିପୁର ପଞ୍ଚାୟତରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ



ମାର୍ଶାଘାଇ,୨୪।୯ (ସମିସ): ମାର୍ଶାଘାଇ ବ୍ଲକ୍ ଶିଳିପୁର ପଞ୍ଚାୟତରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମଧୁସ୍ମିତା ପରିଡ଼ାଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀମାନେ ପଞ୍ଚାୟତ କାର୍ଯ୍ୟାଳୟ, ଶିଳିପୁର ବଜାର, ମାର୍ଶାଘାଇ ଥାନା ପାଖର୍ ସମେତ ଗାଁ ରାସ୍ତା ସଫେଇ କରିବାସହ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସୌମ୍ୟା ସନା ମନ୍ତ୍ରୀ, ଜିଆରଏସ୍ ଆଶାଲତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଜାର କମିଟ୍ ସଦସ୍ୟ ଶରତ ଚନ୍ଦ୍ର ଦାସ, ଗିରିଧାରୀ ସାହୁ, ରାଜେଶ ଯେନାଙ୍କ ସମେତ ବହୁ ଯୁବକମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଯୁବ ଡାକ୍ତର ନଜରୁଲ ଅଖତରଙ୍କ ପରଲୋକ



ଡେରାବିଶ,୨୪।୯ (ସମିସ): ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦୋଳ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନଜରୁଲ ଅଖତର (୪୫)ଙ୍କ ପରଲୋକ ଘଟିଛି। ସେ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ଭାବେ କାର୍ଯ୍ୟକରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। କିଛିମାସ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେବାପରେ କାର୍ଯ୍ୟରେ ଯୋଗଦେଇଥିଲେ। ତିନିଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକର ଏକ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ବାସଭବନ କେନ୍ଦ୍ରାପଡ଼ାକୁ ଆଣିବା ବାଟରେ ତାଙ୍କର କର୍ମସ୍ଥଳୀ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ନିଆଯାଇଥିଲା। ସେଠାରେ ଦାନପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରଘୁନାଥ ଓଝା, ଫାର୍ମାସିଷ୍ଟ ନବଘନ ଘଡ଼େଇ, ଛତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ସୁଧିର ଦଳାଇ, ଏଏନଏମ୍ ଭାରତୀ ସ୍ୱାଇଁ, ରତିକାନ୍ତ ଜେନା, ମନମୋହନ ଭୂୟାଁ, ସ୍ୱାସ୍ଥ୍ୟ ପରିଦର୍ଶକ ରାକେଶ ନାୟକ, ଏଏନ୍‌ଏମ୍ ଏଲିଜାବେଥ୍ ଟପୋ, ସରିତା ଟପୋ, ସବିତା ତ୍ରିପାଠୀ, ମିତାଲି ମଧୁସ୍ମିତା ପରିଡ଼ାଙ୍କ ସମେତ ସରପଞ୍ଚ ସୁରେନ୍ଦ୍ର ମଳିକ, ବରିଷ୍ଠ ନାଗରିକ ବିଶ୍ୱରଞ୍ଜନ ଘୋଷାଲ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶେଷ ଦର୍ଶନ କରିଥିଲେ।

### ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ୩ ଦିନିଆ କର୍ମଶାଳା

# ସାମାଜିକ ପରିବର୍ତ୍ତନର ବାହକ ହୁଅନ୍ତୁ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,୨୪।୯ (ସମିସ)

ଛାତ୍ରଛାତ୍ରୀ ପାଠପଢ଼ିବା ସହ ସମାଜ ପରିବର୍ତ୍ତନର ବାହକ ହୋଇ ଆଲୋକ ପ୍ରଦାନ କରିବାକୁ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଆୟୋଜିତ ୩ଦିନିଆ କର୍ମଶାଳାରେ ଅଧକ୍ଷ ଡ.ରବୀନ୍ଦ୍ର କୁମାର ବଳ ଆହ୍ୱାନ ଦେଇଛନ୍ତି। ଜାତୀୟ ସେବା ଯୋଜନା ଜରିଆରେ ଛାତ୍ରବିକାଶ, ସମାଜ ବିକାଶ ଓ ଦେଶବିକାଶ କରିବାରେ ଛାତ୍ରଛାତ୍ରୀ ସହାୟକ ହୋଇଥାନ୍ତି। ଶିକ୍ଷା ଓ ସେବା, ତତ୍ତ୍ୱ ଓ ପ୍ରୟୋଗ, ଶିକ୍ଷାନୁଷ୍ଠାନ ଓ ଜନଗୋଷ୍ଠୀ, ସମସ୍ୟା ଓ ସମାଧାନ, ମାନ ଓ ମୂଲ୍ୟବୋଧ, ଏକତା ଓ ବିବିଧତା ସର୍ବୋପରି ବ୍ୟକ୍ତିବାଦ ଓ ରାଷ୍ଟ୍ରବାଦ ମଧ୍ୟରେ ଏନ୍‌ଏସ୍‌ଏସ୍ ଯେ ଏକ ସଂଯୋଗ ସେତୁର ଭୂମିକା ନିର୍ବାହ କରିଥାଏ ସେନେଇ ଆଲୋଚନା କରାଯାଇଥାଏ। ନିଜ ଶିକ୍ଷାନୁଷ୍ଠାନ ପରିସରର ସ୍ୱଚ୍ଛତା, ସବୁଜିମା ଓ ସୌନ୍ଦର୍ଯ୍ୟକରଣ ସହିତ ସମୟାନୁବର୍ତ୍ତିତା ହେବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଛି। ଆଜିର ଛାତ୍ରଛାତ୍ରୀ ନୂତନ ସମାଜ ଗଠନରେ ସହାୟକ ହୋଇ କେତେବେଳେ ରକ୍ତଦାନ କରି ତ କେତେବେଳେ ଚାରାରୋପଣ କରି, କେତେବେଳେ ନିଶା ଓ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି କରି ତ, ଆଉ କେତେବେଳେ ସଡ଼କ ନିରାପତ୍ତା ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ଯୋଗାଇ ପ୍ରକୃତ ସମାଜସେବୀର ପରିଚୟ ସୃଷ୍ଟି କରୁଛନ୍ତି। ଏହାଛଡା କମ୍ପ୍ୟୁଟର ସାକ୍ଷରତା, ସାଇବର ଅପରାଧ, ସାମାଜିକ ଗଣମାଧ୍ୟମର ସଦୁପଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଇନ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି ବୋଲି କର୍ମଶାଳାରେ ଆଲୋଚନା ହୋଇଛି। ଆଜିର ଯୁବପିଢ଼ି ସମାଜସେବା ପ୍ରତି ସକାରାତ୍ମକ ମନୋଭାବ ପୋଷଣ କଲେ "ଛାତ୍ରଶକ୍ତି ଯେ ରାଷ୍ଟ୍ରଶକ୍ତି' ପରିଣତି ନିଶ୍ଚିତ ହେବ ବୋଲି ମତପ୍ରକାଶ ପାଇଛି। ଦିବସରେ ଉଚ୍ଚଶିକ୍ଷା ବିଭାଗ ମୁଖ୍ୟଅତିଥି ଭାବରେ ଡ. ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରଫେସର ଡ. ବ୍ରଜ ନାରାୟଣ ପାତ୍ର, ବିଶିଷ୍ଟ ଅତିଥି ଭାବରେ ଏନଏସଏସ ଡିପିଓ ଡ. ପଦ୍ମଜା କବି ଶତପଥୀ, ଖୋର୍ଦ୍ଧା ଏଡିପିଓ ଡ. ରଘୁନାଥ ମଣ୍ଡଳ, ପ୍ରୋଗ୍ରାମ କୋର୍ଡିନେଟର ସତ୍ୟଶ୍ରୀ ସୌମ୍ୟା ମହାପାତ୍ର, ଅବସରପ୍ରାପ୍ତ ମେଜର ଭରତ ଚନ୍ଦ୍ର ଜେନା, ରାଜ୍ୟ ଉପଦେଷ୍ଟା ମଧୁସୁଦନ ଦାସ, ଓୟୁଏଟିର କୋର୍ଡିନେଟର ନିରଦ ବରଣ ଖୁଣ୍ଟିଆ, ଦୀନବନ୍ଧୁ ସାହୁ କଲେଜ ଜିବୀ ସଭାପତି ସୁଜିତ୍ କୁମାର ମହାନ୍ତି, ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲଙ୍କ ସମେତ ଅଧକ୍ଷ ଡ. ରବୀନ୍ଦ୍ର କୁମାର ବଳ, କ୍ୟାମ୍ପ କୋର୍ଡିନେଟର କଳିଙ୍ଗ କେଶରୀ ବେହେରା, ଶିଶୁ ମଙ୍ଗଳକାରୀ କମିଟିର ପୂର୍ବତନ ଅଧକ୍ଷ ଭଗବତୀ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ।



## ଶେଷହେଲା ନାଲକୋ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ

# ବର୍ଷାରେ ବର୍ଷକ ପାଇଁ ବିଦାୟ ନେଲେ ବିଶ୍ୱବିନ୍ଧାଣୀ

ଅନୁଗୋଳ, ୨୪।୯ (ସମିସ)



ବୁଧବାର ଶେଷ ହୋଇଛି ନାଲକୋ ନଗରର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା। ଝିପିଝିପି ବର୍ଷାରେ ବର୍ଷକ ପାଇଁ ବିଦାୟ ନେଇଛନ୍ତି ବିଶ୍ୱବିନ୍ଧାଣୀ। ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଗତ ୧୬ତାରିଖରୁ ଆରମ୍ଭ ହୋଇଥିଲା। ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।

ନାଲକୋ ପ୍ରଶାସନ ତଥା ୱେଲଫେୟାର କମିଟି ସହଯୋଗରେ ୪ ଦଶନ୍ଧି ଧରି ପାଳିତ ହୋଇଆସୁଥିବା ବେଳେ ଚଳିତବର୍ଷ ୧୯ଟି ମଣ୍ଡପରେ ପୂଜା ହୋଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ପ୍ରତିଦିନ ପ୍ରଭୁଙ୍କ ଦର୍ଶନ କରିଥିଲେ। ବୁଧୁବାର ୧୩ଟି ପୂଜା ମଣ୍ଡପର ମେଢ଼କୁ କମିଟି କର୍ମକର୍ତ୍ତାମାନେ ପୂର୍ବାହ୍ନରେ ନିଜ ନିଜ ସୁବିଧା ମୁତାବକ ନାଲକୋ ପରିସର ନିର୍ଦ୍ଧାରିତ ପୋଖରୀଠାରେ ବିସର୍ଜନ କରିଥିଲେ। ଅବଶିଷ୍ଟ ୬ଟି ପୂଜା ମଣ୍ଡପର ମେଢ଼ କ୍ରମାନ୍ୱୟରେ କାଷ୍ଟ ହାଉସ (ଏ), ରଡିଂ ସପ-(୨), କାଷ୍ଟ ହାଉସ-(ବି), ବେକ ଓଭନ, ରଡିଂ ସପ-(୧), ପଟଲାଇନ୍ସ ପ୍ରଭୃତି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସାନ୍ଧ୍ୟ ୬ଟା ବେଳକୁ ଝିପି ଝିପି ବର୍ଷା ଶୋଭାଯାତ୍ରା ପାଇଁ ବାଧକ ହୋଇଥିଲେ ବି ହଜାର ହଜାର ଶ୍ରଦ୍ଧାଳୁ ଭିଜି ଭିଜି ରାସ୍ତାର ଦୁଇ ପାର୍ଶ୍ୱରେ ଠିଆହୋଇ ପ୍ରଭୁଙ୍କୁ ବିଦାୟ ଦେଇଥିଲେ। ଚଳିତ ବର୍ଷ ଭସାଣି ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ, ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ, ଆତସବାଜିକୁ ବାରଣ କରାଯାଇଥିଲା। କୋ-ଅପରେଟିଭ ମାର୍କେଟ ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ, ପଦ୍ମ

**ଭସାଣି ଶୋଭାଯାତ୍ରାରେ ସାମିଲ ହେଲେ ୬ ମେଢ଼**

ହାଉସ, ଏସଭିଏମ ସ୍କୁଲ ଛକ, ତାରିଣୀ ମନ୍ଦିର ଛକ, ଜଗନ୍ନାଥ ମନ୍ଦିର ଛକ ଗୋପବନ୍ଧୁ ପାର୍କ ଛକ ଦେଇ ଟାଉନସିପ ପରିକ୍ରମା କରିଥିଲା। ନାଲକୋର ନିର୍ଦ୍ଧାରିତ ପୋଖରୀରେ ବିସର୍ଜନ କରାଯାଇଥିଲା। ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥି ସହିତ ନାଲକୋ ଘରୋଇ ସୁରକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ସୁରେଶ୍ୱରୀ ଜଳଭଣ୍ଡାର ନିର୍ମାଣ ଦାବିରେ ବିକ୍ଷୋଭ

କିଶୋରନଗର, ୨୪।୯ (ସମିସ): ଅନୁଗୋଳ ଜିଲ୍ଲାର କୃଷିବହୁଳ କିଶୋରନଗର ଅଞ୍ଚଳରେ ଜଳସେଚନ ସୁବିଧା ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ ବୁଧବାର ଜୀବନଜୀବିକା କୃଷିଜମି ସୁରକ୍ଷା କମିଟି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଚାଷୀ ବରପଡ଼ିଆରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କମିଟି ସଭ୍ୟ ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ସାଙ୍ଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ତରୁଣ ବେହେରା, କୈଳାସ ପ୍ରଧାନ, ଲକ୍ଷ୍ମଣ ବେହେରା, କିଶୋରୀ ପ୍ରଧାନ, ସୁରୁଚି ପ୍ରଧାନ, ବସୁମତୀ ସାହୁ, ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସୁରେଶ୍ୱରୀ ଜଳସେଚନ ଯୋଜନାରେ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ। ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଗଲେ ବାମୁର, ଧଉରାପାଲ୍ଲୀ, ଜଏରାଟ, ଓସ୍ତାପାଲ୍ଲୀ, ରଣିଆକଟା, କଦଳୀମୁଣ୍ଡା ଆଦି ୬ ପଞ୍ଚାୟତର ୧୦ ହଜାର




ଏକର ଜମି ଜଳସେଚିତ ହୋଇପାରିବ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

ଏହି ଅବସରରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜଳସେଚନ ବିଭାଗ ଯନ୍ତ୍ରୀ ଓ ଜୀବନ ଜୀବିକା କୃଷିଜମି ସୁରକ୍ଷା କମିଟି ମଧ୍ୟରେ ଏକ ଆଲୋଚନା ବୈଠକ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

## ୫ଲକ୍ଷ ଟଙ୍କାର ବେଆଇନ ବାଣ ଜବତ; ୬ ଗିରଫ



ତାଳଚେର, ୨୪।୯ (ସମିସ): ତାଳଚେର ଥାନା ପୁଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ଉ ବେଆଇନ ଭାବେ ଗଚ୍ଛିତ ଥିବା ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରଯାଇଛି। ସେମାନେ ହେଲେ ଜଗବନ୍ଧୁ ଦାସ, ସରୋଜ କୁମାର ସିଆ, ପ୍ରକାଶ ସାହୁ, ଦିଲୀପ ଦାସ, ରୋଜିତ କୁମାର ପ୍ରଧାନ ଓ ଶୁଭମ କୁମାର ବେହେରା। ସମସ୍ତଙ୍କ ଘର ତାଳଚେର ସହର ଓ ଆଖପାଖ ଗ୍ରାମାଞ୍ଚଳର ବୋଲି ଜଣାପଡ଼ିଛି।

## ଲାୟନ୍ସ କ୍ଲବ୍‌ର ୪୦ତମ ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ, ୨୪।୯ (ସମିସ): ଲାୟନ୍ସ କ୍ଲବ୍ ଅନୁଗୋଳର ୪୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଛି। କ୍ଲବର ପିଡିଜି ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ତଥା ସଭାପତି ତ୍ରୈଲୋକ୍ୟ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଡିଷ୍ଟ୍ରିକ୍ଟ ୩୨୨ସି୫ର ଗଭର୍ଣ୍ଣର ଲାୟନ ମମତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭ୍ୟମାନଙ୍କୁ ସୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଇଟି କୋ-ଅର୍ଡିନେଟର ଲାୟନ୍ ସଂଗ୍ରାମ ରଞ୍ଜନ ଦାସ କ୍ଲବ୍‌ର ଆଭିମୁଖ୍ୟ ଓ ଭବିଷ୍ୟତ ସମ୍ପର୍କରେ ଅବଗତ କରାଇଥିଲେ। ଆଞ୍ଚଳିକ ମୁଖ୍ୟ ଲାୟନ ଅଶୋକ ମୁରାରକା ଅତିଥି ରୂପେ ଯୋଗଦେଇ କହିଲେ, ଅତୀତରେ ଅନେକ ସମସ୍ୟା ଦେଇ ଗତି କରିଥିବା ଏହି କ୍ଲବ ଆଜି ମହାଦ୍ରୁମରେ ପରିଣତ ହୋଇପାରିଛି। ଆଗାମୀ ଦିନରେ ଅନେକ ଜନହିତକର କାମ କରିବାରେ ସକ୍ଷମ ହୋଇପାରିବ। ପିଡିଜି ଲାୟନ ପରମାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଅଞ୍ଚଳର ୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟତମ ସଦସ୍ୟ ପିଡିଜି ପ୍ରଭାତ ପାଳିତ କୋଷାଧ୍ୟକ୍ଷ ଭାବେ ଯୋଗଦେଇଥିଲେ।







ସ୍ୱାସ୍ଥ୍ୟ ପାଇଁ ଡା. ବ୍ରହ୍ମାନନ୍ଦ ପଣ୍ଡା, କଳା କ୍ଷେତ୍ରରେ ଅନିତା ରାଜଗୁରୁ ଓ ପରିବେଶ ପାଇଁ ଅଗ୍ରଣୀ ଯୁବକ ସଂଘ ସାକୋସିଂହା ଗ୍ରାମ ମଙ୍ଗଳ ଯୁବକ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଡିଜି ଲାୟନ ଚନ୍ଦ୍ରଶେଖର ପଟ୍ଟନାୟକ ନୂତନ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ଚାର୍ଟର ସଦସ୍ୟ ରାଜକୁମାର ମହୁରୀ ଓ ଅଶୋକ ମୁରାର୍କଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ନିଉ କ୍ରିଏସନ୍ ଡ୍ୟାନ୍ସ ଏକାଡେମୀ ବାଳିକାମାନଙ୍କ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସାଇ ଲକ୍ସନ୍ୟା ଶିବ ତାଣ୍ଡବ ନୃତ୍ୟରେ ଦର୍ଶକଙ୍କୁ ବିଭୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ଦାସ, କ୍ଲବ୍‌ର ପୂର୍ବତନ ସଭାପତି ଅଶୋକ ସାହୁ, ତିଳୋତ୍ତମା କର୍ଣ୍ଣ, ଅନୁପ ସେନଗୁପ୍ତା, ରୀତା ସେନଗୁପ୍ତା, କଳ୍ପନା ପାଳିତ, ରାଜକୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଅରୁଣା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବ୍ ସହ ସହବନ୍ଧିତ ଲାୟନ ଚକ୍ଷୁ ଚିକିତ୍ସାଳୟ, ଡୋର ଷ୍ଟେପ ହେଲ୍ଥ ସର୍ଭିସ୍, କମ୍ପ୍ୟୁଟର ଓ ସିଲାଇ କେନ୍ଦ୍ରର ସଦସ୍ୟମାନେ ଯୋଗଦେଇଥିଲେ। ଲାୟନ୍ସ କ୍ଲବ୍ ଅନୁଗୋଳ ସହ ଯୋଡ଼ି ହୋଇ ରହିଥିବା ଲାୟନ୍ସ କ୍ଲବ ଅନୁଗୋଳ ରୟାଲ, ତାଳଚେର ବ୍ଲାକ ଡାଇମଣ୍ଡ, ଅନୁଗୋଳ ଆଦର୍ଶର ସଦସ୍ୟମାନେ ସହଯୋଗ କରିଥିଲେ।

# ସାତକୋଶିଆ ଅଭୟାରଣ୍ୟ ଓ ପର୍ଯ୍ୟଟନ ଶିଳ୍ପ: ଏକ ଅଧୁରା କାହାଣୀ

**ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ସାତକୋଶିଆର ବିକାଶରେ ବାଧକ ସାଜିଛି କିଏ?**

ଅନୁଗୋଳ ବ୍ଲକ, ୨୪।୯ (ସୁଜିତ ପଟ୍ଟନାୟକ): ସାତକୋଶିଆ ଅଭୟାରଣ୍ୟ ଓଡ଼ିଶାର କେନ୍ଦ୍ରସ୍ଥଳରେ ଅବସ୍ଥିତ। ରାଜ୍ୟରେ ଖଣିଖାଦାନକୁ କେନ୍ଦ୍ରକରି ଗଢ଼ିଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ଯୋଗୁଁ ଉପୁଜୁଥିବା ପ୍ରଦୂଷଣର ବଳୟ ଭିତରେ ସାତକୋଶିଆ ଅଭୟାରଣ୍ୟ ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ଶୁଦ୍ଧ ଅମ୍ଳଜାନ। ଆମ ରାଜ୍ୟ ଏକ ଶରୀର ହେଲେ, ସାତକୋଶିଆ ଏହାର ଫୁସଫୁସ କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୭୬ରେ ଅଭୟାରଣ୍ୟ ମାନ୍ୟତା ପାଇଥିବା ସାତକୋଶିଆ, ୨୦୦୭ରେ ବ୍ୟାଘ୍ର ପ୍ରକଳ୍ପ, ୨୦୨୨ ରେ ରାମସାର ଆର୍ଦ୍ରଭୂମି ମାନ୍ୟତା ପାଇଛି। ଯେଉଁଠି ବ୍ୟାଘ୍ର ପ୍ରକଳ୍ପ, ହସ୍ତୀ ପ୍ରକଳ୍ପ ଓ କୁମ୍ଭୀର ପ୍ରକଳ୍ପ ଆଦି ରହିଛି। ଏଠି ବହୁ ମୂଲ୍ୟବାନ ବୃକ୍ଷରାଜି ମଧ୍ୟ ରହିଛି। ବିଭିନ୍ନ ପ୍ରକାର ବନ୍ୟଜନ୍ତୁ, ପକ୍ଷୀ, ସରୀସୃପ ଓ କୀଟପତଙ୍ଗ ଅଛନ୍ତି। ରାଜ୍ୟର ୫ ଜିଲ୍ଲା ଯଥା ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାରେ ଏହାର ଅବସ୍ଥିତି। ତେବେ ଅଭୟାରଣ୍ୟର ସର୍ବାଧିକ ଅଞ୍ଚଳ ଅନୁଗୋଳ ଜିଲ୍ଲାରେ ହିଁ ରହିଛି। ୧୧୩୬.୭୦ ବର୍ଗ କିମି ଅଞ୍ଚଳରେ ବ୍ୟାପିଛି ଏହି ଅଭୟାରଣ୍ୟ। ଏଥିରେ ୫୨୩.୬୧ ବର୍ଗ କିମି କୋର୍ ଏରିଆ ଓ ୪୪୦.୨୬ ବର୍ଗ କିମି ବଫର ଏରିଆ ରହିଛି। ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ଜିଲ୍ଲାର ୧୦୪ ଗ୍ରାମ ରହିଛି। ରାଜ୍ୟର ସର୍ବ ବୃହତ୍ ନଦୀ ମହାନଦୀ ଏହି ଅଭୟାରଣ୍ୟ ଭିତର ଦେଇ ପ୍ରବାହିତ ହେଉଛି ଏବଂ ମହାନଦୀର ଜଳଧାରାରେ ସାତକୋଶ (୨୧ କିମି) ଲମ୍ବ ଗଣ୍ଡ ରହିଥିବାରୁ ଏହାର ନାମକରଣ ସାତକୋଶିଆ ରଖାଯାଇଛି। ବର୍ତ୍ତମାନ ଅନୁଗୋଳ ଜିଲ୍ଲା ଜିଲ୍ଲାର କିଛି ବୃହତ ଗ୍ରାମ ପଞ୍ଚାୟତ ଯଥା ଟିକରପଡ଼ା, ପୁରୁଣାକୋଟ, ଜଗନ୍ନାଥପୁର ଆଦି ରହିଛି ଏହି ଅଭୟାରଣ୍ୟ ଭିତରେ। ତେବେ ବିକାଶ ଦୃଷ୍ଟିକୋଣରୁ ବିଚାର କଲେ ଦେଶର ଅନ୍ୟ ଅଭୟାରଣ୍ୟ ତୁଳନାରେ ସାତକୋଶିଆ ଅଭୟାରଣ୍ୟ ଢେର ପଛରେ ପଡ଼ିଛି। ସାତକୋଶିଆ ଅଭୟାରଣ୍ୟ ଏକ ବ୍ୟାଘ୍ର ପ୍ରକଳ୍ପ ଭାବରେ ଘୋଷଣା ହୋଇଥିଲେ ମଧ୍ୟ ଏଠାରେ ବାଘସଂଖ୍ୟା ଶୂନ୍ୟ। ବନ ବିଭାଗ ବାଘ ଆଣି ସାତକୋଶିଆରେ ଛାଡ଼ିଥିଲେ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ବିଫଳ ହୋଇଛି।

କିଛିବର୍ଷ ହେଲା ବ୍ୟାଘ୍ର ପ୍ରକଳ୍ପ ଯୋଜନା ନାଁରେ ଅଭୟାରଣ୍ୟ ଭିତରୁ କିଛି ଗ୍ରାମ କୁ ସ୍ୱେଚ୍ଛାକୃତ ବିସ୍ଥାପନ ଆଇନ ଅନୁଯାୟୀ ବିସ୍ଥାପିତ କରାଯାଇଛି। ଆଉ କିଛି ଗ୍ରାମକୁ ବିସ୍ଥାପନ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ବହୁ ବାଦବିବାଦ ବି ଦେଖାଦେଉଛି। ଅଭୟାରଣ୍ୟ ଭିତରୁ ରାଇଗୁଡ଼ା, ଟୁଲୁକା, ଭୂରଖୁଣ୍ଟି, କଟରଙ୍ଗ, ଅସନବାହାଳି ଆଦି ଗ୍ରାମ ସମ୍ପୂର୍ଣ୍ଣ ରୂପେ ବିସ୍ଥାପିତ ହୋଇଛି। ଏହି ଗ୍ରାମଗୁଡ଼ିକ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିଲା। ସେଠାରେ ରାସ୍ତାଘାଟର ସେଭଳି ସୁବିଧା ନ ଥିଲା। ତେଣୁ ସ୍କୁଲ, କଲେଜ, ହସ୍ପିଟାଲ, ବଜାର, ଜିଲ୍ଲା ମୁଖ୍ୟାଳୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ଲୋକେ ହଇରାଣ ହରକତ ହେଉଥିଲେ। ତେଣୁ ଲୋକେ ଏହି ବିସ୍ଥାପନ ପ୍ରକ୍ରିୟାରେ ନିଜର ଭିଟାମାଟି ଛାଡ଼ି କିଛି ଅର୍ଥ ନେଇ ଗାଁ ଛାଡ଼ିଲେ। କିନ୍ତୁ ଏବେ ପୁରୁଣାକୋଟ ପଞ୍ଚାୟତ ଗୋପାଳପୁର ଗ୍ରାମ ବିସ୍ଥାପନ ବେଳେ ଏହା ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ ହୋଇପାରିନାହିଁ। କାରଣ ଏହା ରାଜ୍ୟର ଏକ ପ୍ରମୁଖ ୨୩ନଂ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଏହା ଅଭୟାରଣ୍ୟର ବଫର ଜୋନରେ ରହିଛି। ଏଠାରେ ଦୋକାନ ବଜାର, ବିଦ୍ୟାଳୟ, ଚିକିତ୍ସାଳୟ, ଥାନା, ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ଆଦି ସରକାରୀ ବ୍ୟବସ୍ଥା ରହିଥିବାରୁ କିଛି ଲୋକ ନିଜ ଜମିବାଡ଼ି, ଭିଟାମାଟି ତଥା ଏଭଳି ସବୁଜ ସୁନ୍ଦର ପରିବେଶ ଛାଡ଼ି ପ୍ରଦୂଷଣ ବଳୟ ଭିତରକୁ ହୋଇଯିବା ପାଇଁ ପ୍ରସ୍ତୁତ ନୁହନ୍ତି। ପୁରୁଣାକୋଟ ଓ ଟିକରପଡ଼ା ପଞ୍ଚାୟତରେ ବି ସମାନ ପରିସ୍ଥିତି।

ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ସାତକୋଶିଆ ଅଭୟାରଣ୍ୟ ରାଷ୍ଟ୍ରୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଛି। ମହାନଦୀର ଗଭୀର ନୀଳ ଜଳରାଶିରେ ନୌକାବିହାର, ବିଭିନ୍ନ ବନ୍ୟଜନ୍ତୁ, ପକ୍ଷୀ, ଜଙ୍ଗଲ, ପାହାଡ଼ ପର୍ବତର ଦୃଶ୍ୟପଟ୍ଟ ଓ ତା' ମଧ୍ୟ ଦେଇ ବୋହି ଯାଇଥିବା ଅନେକ ଜଳପ୍ରପାତ ଓ ଝରଣା, ପାହାଡ଼ ଆଢୁଆଳରୁ ସୂର୍ଯ୍ୟୋଦୋୟ ଓ ସୂର୍ଯ୍ୟାସ୍ତର ମନରୋମ ଦୃଶ୍ୟ ସବୁବେଳେ ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଡ଼। ଶୀତଋତୁରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି ଏଠାକୁ। ବନ ବିଭାଗ ଓ ପର୍ଯ୍ୟଟନ ବିଭାଗ ମିଳିତ ପ୍ରଚେଷ୍ଟାରେ ଅଭୟାରଣ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଯାତ୍ରୀନିବାସ ରହିଛି। ସେଥିମଧ୍ୟରୁ ଅନୁଗୋଳ ଜିଲ୍ଲାର ବାଘମୁଣ୍ଡା, ଛୋଟକେଇ, ପୁରୁଣାକୋଟ, ଟିକରପଡ଼ାଠାରେ ଏହି ସୁବିଧା ରହିଥିଲା ବେଳେ ନୟାଗଡ଼ ଜିଲ୍ଲା ବଡ଼ମୂଳ, କଟକ ଜିଲ୍ଲା କମଳାଡିହଠାରେ ମଧ୍ୟ ପର୍ଯ୍ୟଟକ ରହିବା ନିମନ୍ତେ ବିଭିନ୍ନ ସୁବିଧା ରହିଛି। ପର୍ଯ୍ୟଟକ ଜଙ୍ଗଲ ବୁଲିବା ପାଇଁ ଗାଡ଼ି ବ୍ୟବସ୍ଥା ମଧ୍ୟ ରହିଛି। ଅନୁଗୋଳ ଜିଲ୍ଲା ପୁରୁଣାକୋଟ ବନ ବିଭାଗ କାର୍ଯ୍ୟାଳୟରେ ୪ଟି ଗାଡ଼ି ଥିଲେ ମଧ୍ୟ ସେଥିରୁ ୨ଟି ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି। ଗାଡ଼ି ପାଇଁ ଉପଯୁକ୍ତ କର୍ମଚାରୀ ମଧ୍ୟ ନାହାନ୍ତି। ଜଙ୍ଗଲ ସଫାରୀ ପାଇଁ ପର୍ଯ୍ୟଟକଙ୍କୁ ଅନେକ ସମୟ ଅପେକ୍ଷା ତଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଟିକରପଡ଼ାଠାରେ ନୌକାବିହାର




ପାଇଁ ୧୫/୨୦ଟି ଯନ୍ତ୍ରଚାଳିତ ଅତ୍ୟାଧୁନିକ ନୌକା ରହିଥିଲେ ମଧ୍ୟ କର୍ମଚାରୀ ଅଭାବରୁ ମାତ୍ର ୨/୪ଟି ଚାଲୁଛି। ସେଠାରେ ମଧ୍ୟ ପର୍ଯ୍ୟଟକମାନେ ଅନେକ ସମୟ ଅପେକ୍ଷା କରି ହଇରାଣ ହେଉଛନ୍ତି। ଟିକରପଡ଼ା କୁମ୍ଭୀର ପ୍ରଜନନ କେନ୍ଦ୍ରସ୍ଥଳକୁ ପର୍ଯ୍ୟଟନ ଋତୁରେ ଦୈନିକ ଶତାଧିକ ଲୋକ ଆସୁଥିଲେ ମଧ୍ୟ ସେଠାରେ ଥିବା ଶୌଚାଳୟ ଅବସ୍ଥା ନ କହିବା ଭଲ। ସେଠାରେ ଥିବା ପାର୍କ ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ। ରକ୍ଷଣାବେକ୍ଷଣ ଅଭାବରୁ ଦୋଳିଗୁଡ଼ିକ ଭାଙ୍ଗିରୁଜି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ହୋଇଥିବା କୁମ୍ଭୀର ସମ୍ବନ୍ଧୀୟ ତଥ୍ୟ ହାସଲ ପାଇଁ ଉଦ୍ଦିଷ୍ଟ ବିରାଟ କୋଠା ରକ୍ଷଣାବେକ୍ଷଣ ଅଭାବରୁ ବର୍ଷ ବର୍ଷ ଧରି ଭୂତକୋଠି ସଦୃଶ ପଡ଼ିରହିଛି। ଜଙ୍ଗଲ ବିଭାଗର ଖାମଖିଆଲ ନୀତି ଯୋଗୁଁ ସରକାରୀ ଅର୍ଥ କିଭଳି ଭାବେ ବର୍ବାଦ କରାଯାଏ ତାହାର ଜ୍ୱଳନ୍ତ ନମୁନା ସାତକୋଶିଆରେ ଦେଖିବାକୁ ମିଳେ। କିଛିଦିନ ତଳେ ଏଠାରେ ନୂତନ ବନଖଣ୍ଡ ଅଧିକାରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ତେଣୁ ଏହି ସବୁ ଅବ୍ୟବସ୍ଥାକୁ ସଜାଡ଼ିବାକୁ ତାଙ୍କୁ କିଛି ସମୟ ଲାଗିପାରେ, ହେଲେ ପର୍ଯ୍ୟଟନ ଋତୁ ଆସୁଥିବାରୁ ତୁରନ୍ତ ଏସବୁକୁ ସଜାଡ଼ିବାକୁ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ ଦାବି କରିଛନ୍ତି। ତଥ୍ୟ ଅନୁସାରେ ଗତବର୍ଷ ସାତକୋଶିଆ ଅଭୟାରଣ୍ୟକୁ ୧୮୦୦ ରୁ ଉର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ଓ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଦେଶୀ ପର୍ଯ୍ୟଟକ ଆସିଛନ୍ତି। ଯଦି ଭିତ୍ତିଭୂମି ଠିକ୍ ହୁଏ ତେବେ ଏ ସଂଖ୍ୟା ଆଗାମୀ ବର୍ଷଗୁଡ଼ିକରେ ଢେର୍ ଅଧିକ ହୋଇପାରିବ।

ଅନ୍ୟପଟେ ସାତକୋଶିଆ ଅଭୟାରଣ୍ୟରେ ପର୍ଯ୍ୟଟନ ଶିଳ୍ପକୁ ଆଧାର କରି ଉନ୍ନତିମୂଳକ କାର୍ଯ୍ୟ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ବାତିଲ କରିଦିଆଯାଇଛି। ଏହା ଉପରେ ସାତକୋଶିଆ ଅଞ୍ଚଳରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। କିଛି ଲୋକ ପର୍ଯ୍ୟଟନ ଶିଳ୍ପର ଏହି ଉନ୍ନତି ମୂଳକ କାର୍ଯ୍ୟ ବନ୍ଦ ହୋଇଥିବାରୁ ଖୁସି ଥିବା ବେଳେ ଆଉ କିଛି ଲୋକ ଏହା ଉପରେ ଦୁଃଖ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ ବନ୍ଦ ହେବାରୁ ଖୁସି ଥିବା ଲୋକଙ୍କ କହିବା ଅନୁସାରେ ସାତକୋଶିଆ ଅଭୟାରଣ୍ୟରେ ପର୍ଯ୍ୟଟନ ଭିତ୍ତିକ ବିକାଶ ମୂଳକ କାର୍ଯ୍ୟ ହେଲେ ମୁଖ୍ୟତଃ ବନ୍ୟପ୍ରାଣୀଙ୍କ ଜୀବନଶୈଳୀ ଉପରେ ଏହାର କୁପ୍ରଭାବ ପଡ଼ିବ। ଜଙ୍ଗଲର ଜୈବବିବିଧତା ନଷ୍ଟ ହେବ। ଅପରପକ୍ଷଙ୍କ କହିବାନୁଯାୟୀ ପର୍ଯ୍ୟଟନର ଉନ୍ନତି ମୂଳକ କାର୍ଯ୍ୟ ଅତି ଯତ୍ନ ସହକାରେ ଅଭୟାରଣ୍ୟର ଜୈବବିବିଧତାକୁ ଅକ୍ଷୁଣ୍ଣ ରଖି କରାଯାଉଥିଲା। ଅଭୟାରଣ୍ୟ ସଂଲଗ୍ନ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ଅନୁମତି ନିଆଯାଇଥିଲା। ପର୍ଯ୍ୟଟନ ଏକ ଏପରି ଶିଳ୍ପ ଯେଉଁଥିରେ ପ୍ରଦୂଷଣ ମାତ୍ରା ଖୁବ୍ କମ୍। ପର୍ଯ୍ୟଟନ ଶିଳ୍ପ ଉପରେ ବିଶ୍ୱର ବିକଶିତ ରାଷ୍ଟ୍ର ସେମାନଙ୍କ ଅର୍ଥନୀତିର ମାନକୁ ବହୁ ଉଚ୍ଚକୁ ଉଠାଇ ପାରିଛନ୍ତି। ଆମ ଦେଶରେ ମଧ୍ୟ ଅନେକ ଅଭୟାରଣ୍ୟରେ ପର୍ଯ୍ୟଟନ ଶିଳ୍ପ ଖୁବ୍ ଉନ୍ନତ ମାନର। ଉତ୍ତରାଖଣ୍ଡର ଜୀମକୋର୍ବେଟ ଜାତୀୟ ଉଦ୍ୟାନ, ରାଜା ଜୀ ନ୍ୟାସନାଲ ପାର୍କ, ଗୁଜରାଟର ଗିର ଅଭୟାରଣ୍ୟ, ରାଜସ୍ଥାନର ରନ୍ଥମ୍ବୋର୍ ଅଭୟାରଣ୍ୟ, ମଧ୍ୟପ୍ରଦେଶର କାନହା ଓ ବାନ୍ଧବଗଡ଼ ଅଭୟାରଣ୍ୟ, କର୍ଣ୍ଣାଟକର ବନ୍ଦିପୁର, ନାଗାରାହୋଲ, କେରଳର ପେରୀୟାର ଜାତୀୟ ଉଦ୍ୟାନ, ମହାରାଷ୍ଟ୍ରର ତଡ଼ୋବା, ସଞ୍ଜୟ ଗାନ୍ଧୀ ଜାତୀୟ ଉଦ୍ୟାନ, ଆସାମ କଜିରଙ୍ଗା, ମାନସ ଜାତୀୟ ଉଦ୍ୟାନ ଆଦି ଅନେକ ଅଭୟାରଣ୍ୟ ରହିଛି, ଯେଉଁଠାରେ ବନ୍ୟ ସଂରକ୍ଷଣ ନୀତି ଏବଂ ପର୍ଯ୍ୟଟନ ଶିଳ୍ପର ଏକ ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳେ। ଆମ ରାଜ୍ୟରେ ଶିମିଳିପାଳ ଓ ଡେବ୍ରିଗଡ଼ ଅଭୟାରଣ୍ୟରେ ମଧ୍ୟ ପର୍ଯ୍ୟଟନ ଶିଳ୍ପକୁ ଖୁବ୍ ଉନ୍ନତ ମାନର କରାଯାଇଛି। ହେଲେ ସାତକୋଶିଆରେ ଏହାର ବିପରୀତ ପରିସ୍ଥିତି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଯିଏ କି ବିଗତ ଦିନରେ ସାତକୋଶିଆ ଅଭୟାରଣ୍ୟର ବନ ବିଭାଗରୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇଥିଲେ, ସେମାନେ ଏବେ ଆଉ ସେ ସୁଯୋଗ ନ ପାଇବାରୁ ସବୁ ପ୍ରକାର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଆଲୋଚନା ହେଉଛି। ସାତକୋଶିଆ ଅଭୟାରଣ୍ୟରେ ପର୍ଯ୍ୟଟନ ଶିଳ୍ପ ପାଇଁ ଯଦି ଉଚ୍ଚତମ ନ୍ୟାୟାଳୟ ରୋକ୍ ଲଗାଉଛନ୍ତି, ତେବେ ସାରା ଦେଶରେ ମଧ୍ୟ ବନ୍ଦ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। କିଛି ବ୍ୟକ୍ତିବିଶେଷଙ୍କ ମତରେ ସାତକୋଶିଆ ଅଭୟାରଣ୍ୟକୁ ଯଦି ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଘୋଷଣା କରାଯାଏ ତେବେ ଏହା ଅନ୍ୟ ଅଭୟାରଣ୍ୟ ଭଳି ବିକାଶ ଧାରାରେ ସାମିଲ ହୋଇପାରିବ। ନିୟନ୍ତ୍ରିତ ଉପାୟରେ କୃଷି, ନିର୍ମାଣ କାର୍ଯ୍ୟ, ପର୍ଯ୍ୟଟନ ଓ ସେଥିନିମନ୍ତେ ଉପଯୁକ୍ତ ବିକାଶ କାର୍ଯ୍ୟ ହୋଇପାରିବ ଯଦ୍ୱାରା କି ସ୍ଥାନୀୟ ବାସିନ୍ଦାଙ୍କ ଜୀବନଯାପନ ସୁରୁଖୁରୁରେ ଚାଲିପାରିବ। ଏ ସବୁ ଦେଶର ବିଭିନ୍ନ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ଲାଗୁ ହୋଇସାରିଛି। ତେଣୁ ରାଜ୍ୟ ତଥା କେନ୍ଦ୍ର ସରକାର, ସ୍ଥାନୀୟ ପ୍ରଶାସନ, ବନ ବିଭାଗ ଓ ସାତକୋଶିଆ ଅଞ୍ଚଳବାସୀଙ୍କ ସହଯୋଗରେ ସାତକୋଶିଆର ବିକାଶ ଧାରାକୁ ଆଗକୁ ଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ସାତକୋଶିଆ ଅଭୟାରଣ୍ୟର ସର୍ବାଧିକ ଅଞ୍ଚଳ ଅନୁଗୋଳ ଜିଲ୍ଲା ଓ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଥିବାରୁ, ସ୍ଥାନୀୟ ବାସିନ୍ଦା ସମ୍ବଲପୁର ସାଂସଦ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସାତକୋଶିଆର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବି କରିଛନ୍ତି।









## ଯୁବତୀଙ୍କୁ କମେଣ୍ଟ, ପୁଲିସକୁ ଖୋଲା ଚାଲେଞ୍ଜ

**ରୋଡ୍ ରୋମିଓ ଗିରଫ**

ଛେଣ୍ଡିପଦା, ୨୪।୯ (ସମିସ): ରାଜ୍ୟ ରାଜପଥରେ ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ସହ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଥିବା ଅଭିଯୋଗରେ ଛେଣ୍ଡିପଦା ଥାନା ପୁଲିସ ଷଣ୍ଢପାଳ ଗାଁର ରୋଡ ରୋମିଓ ରାହୁଲ ନାଏକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ସ୍କୁଟିରେ ଅନୁଗୋଳରୁ ବାଗଡ଼ିଆ ଯାଉଥିବା ବେଳେ ନିଶା ଥାନା ନିକଟରୁ ରାହୁଲ ତାଙ୍କୁ ପିଛା କରିବା ସହ ଅଶ୍ଳୀଳ କମେଣ୍ଟ ମାରିଥିଲେ। ସେହି ରାସ୍ତାରେ ଜଣେ ପୁଲିସ କନଷ୍ଟେବଳ ଯାଉଥିବା ବେଳେ ସେ ମଧ୍ୟ ରାହୁଲଙ୍କୁ ପୁଲିସ ପରିଚୟ ଦେଇ ବାରଣ କରିଥିଲେ। ହେଲେ ରାହୁଲ ତାଙ୍କୁ ଚ୍ୟାଲେଞ୍ଜ ଦେଇ ଫୁଲଝରୀ ଛକରେ ଅଟକାଇବା ସହ ବିଭିନ୍ନ ଧମକ ଦେଇଥିଲେ। ଏଥିସହ ସାଥୀ ଯୁବକମାନଙ୍କୁ ଡକାଇଥିଲେ। ଏହି ସମୟରେ କନେଷ୍ଟବଳ ଜଣଙ୍କ ଛେଣ୍ଡିପଦା ଥାନାକୁ ଫୋନ୍ କରିଥିଲେ। ପୁଲିସ ପହଞ୍ଚି ରାହୁଲଙ୍କୁ ଗିରଫ କରିଛି।

## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଗିରଫ

ବଅଁରପାଳ, ୨୪।୯ (ସମିସ): ବଅଁରପାଳ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସିଂହଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନାଏକ ସାହିର ସୁବ୍ରତ ନାଏକ। ମଙ୍ଗଳବାର ଅପରାହ୍ନ ୪ଟାରେ ପ୍ରଫୁଲ୍ଲ ଖବର ସଂଗ୍ରହ କରି ସ୍ଥାନୀୟ ଆଖଣ୍ଡଳମଣି ଆଇଟିଆଇ ରାସ୍ତା ଦେଇ ଘରକୁ ଫେରୁଥିବା ସମୟରେ ସୁବ୍ରତ ହଠାତ ପଛପଟରୁ ତାଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପିଟିଦେଇଥିଲେ। ଫଳରେ ପ୍ରଫୁଲ୍ଲ ତଳେ ପଡ଼ିଯାଇଥିଲେ। ପରେ ସୁବ୍ରତ ତାଙ୍କ ହାତ ଓ ପିଠିକୁ ଅମାନୁଷିକ ଭାବେ ମାଡ଼ ମାରିବା ବାଇକ ଭାଙ୍ଗି ଦେଇଥିଲେ। ପ୍ରଫୁଲ୍ଲ ପ୍ରାଣ ବିକଳରେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ବଅଁରପାଳ ବ୍ଲକରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



# କଟକ ସିଟି






# କଣ୍ଟ ପୂରିଲା, ସରିଲାନି ୫୦% ରାସ୍ତାଘାଟ ମରାମତି

କଟକ,୨୪।୯ (ସମିସ):

ରାଜ୍ୟରପୁରୁଣାରାଜଧାନୀକଟକସହରରରାସ୍ତାଘାଟଗୁଡ଼ିକୁ ଥରେ ଚାହିଁଲେ ଏଗୁଡ଼ିକ ଯେ ଆସନ୍ତା ଦୁର୍ଗାପୂଜା ପୂର୍ବରୁ ମରାମତି ହୋଇପାରିବ ତାହା ବିଶ୍ୱାସଯୋଗ୍ୟ ହେଉନି। ସହରର ମୁଖ୍ୟରାସ୍ତାଗୁଡ଼ିକ ମରାମତି କରାଯାଇଥିଲେ ବି ଗଳି ରାସ୍ତା ଗୁଡ଼ିକ ଏବେ ଦୟନୀୟ ହୋଇପଡ଼ିଛି। ଏପରିକି ଅନେକ ପିଚୁ ଓ କଂକ୍ରିଟ ରାସ୍ତା ମାଟି ରାସ୍ତାର ଭ୍ରମ ସୃଷ୍ଟି କରୁଛି। ପାର୍ବଣ ପୂର୍ବରୁ ରାସ୍ତାଘାଟ ସଜାଡ଼ିବା ପାଇଁ ହାଇକୋର୍ଟ କଡ଼ା ତାଗିଦ କରିଥିଲେ। ଏଥିପାଇଁ କଟକ ମହାନଗର ନିଗମ କର୍ତ୍ତୃପକ୍ଷ ଓ ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ପକ୍ଷରୁ ଥରେ ଦୁଇ ଥର ବୈଠକ କରି ସେପ୍ଟେମ୍ବର୨୪ ସୁଦ୍ଧା ସମସ୍ତ ରାସ୍ତା କାମ ସାରିବାକୁ ସ୍ଥିର କରାଯାଇଥିଲା। ହେଲେ ଏବେ ବି ସହରର ଗଳି ରାସ୍ତା କାମ ସରିବା ଦୂର ଆରମ୍ଭ ହୋଇପାରିନାହିଁ। ହାତରେ ଆଉ ମାତ୍ର ୫ଦିନ ଥିବା ବେଳେ ଆସନ୍ତା ଦୁର୍ଗା ପୂଜା ପୂର୍ବରୁ କିପରି ରାସ୍ତାଘାଟ ମରାମତି ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତାଘାଟର ଏଭଳି ଅବସ୍ଥା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୨୯ ତାରିଖରେ ଦୁର୍ଗା ପୂଜା ଆରମ୍ଭ ହେଉଛି। ତେବେ ସିଏମସିର ବିଭାଗୀୟ ଯନ୍ତ୍ରୀଙ୍କ କହିବାନୁସାରେ ବର୍ଷା ଲାଗି ରହିବା କାରଣରୁ ପିଚୁ କାମ ହୋଇପାରୁନାହିଁ। ତେବେ ପଟ ହୋଲ ମରାମତି କରାଯାଉଛି। କେତେକ ରାସ୍ତା ପୂଜା ପରେ ନବିକରଣ ହେବ ବୋଲି କୁହାଯାଇଛି।

# ରେଭେନ୍ସା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରକ୍ତଦାନ ଶିବିର

କଟକ,୨୪।୯ (ସମିସ): ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସମ୍ପାଦକ ଡ. ବିଶ୍ୱମୋହନ ଜେନା ଏବଂ ପରିବେଶବିତ ତଥା କୁଇଜମାଷ୍ଟର ପ୍ରସମିତ କାନୁନଗୋ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତା ମିଶ୍ର ରକ୍ତଦାତାଙ୍କ ସହିତ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରରୁ ଆସିଥିବା ଡାକ୍ତର ରଘୁନାଥ ବେଉରା ଏବଂ ତାଙ୍କ ସହକର୍ମୀଙ୍କୁ ସମ୍ବୋଧିତ କରିଥିଲେ। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ତଥା ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଶିବପ୍ରସାଦ ମିଶ୍ର, ରୋଭର ରେଞ୍ଜର ୟୁନିଟର ମୁଖ୍ୟ ତଥା ଅର୍ଥନୀତି ଅଧ୍ୟାପକ କାର୍ତ୍ତିକେଶ୍ୱର ବେହେରା, ବାଣିଜ୍ୟ ଅଧ୍ୟାପିକା ବନ୍ଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକଙ୍କ ସହିତ ପୂର୍ବତନ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ମଧ୍ୟ ସାମିଲ ହୋଇଥିଲେ। ସ୍ୱେଚ୍ଛାସେବୀଙ୍କ ସହିତ ରୋଭର ରେଞ୍ଜର ସ୍ୱେଚ୍ଛାସେବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।




# ଚେକ୍ ବାଉନ୍ସ ମାମଲା: ହସ୍ତାକ୍ଷର ଯାଞ୍ଚ କ୍ଷେତ୍ରରେ ବିଶେଷଜ୍ଞଙ୍କ ମତ ଚୂଡ଼ାନ୍ତ ନୁହେଁ: ହାଇକୋର୍ଟ

କଟକ,୨୪।୯ (ସମିସ): ଚେକରେ କରାଯାଉଥିବା ଦସ୍ତଖତ ବା ଏହାର ହସ୍ତାକ୍ଷର ଯାଞ୍ଚ କ୍ଷେତ୍ରରେ ବିଶେଷଜ୍ଞଙ୍କ ମତ ଚୂଡ଼ାନ୍ତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏହା ମଧ୍ୟ ଅଦାଲତଙ୍କ ତଦାରଖର ଅନ୍ତର୍ଭୁକ୍ତ। ହସ୍ତାକ୍ଷର ବିଶେଷଜ୍ଞଙ୍କ ଦ୍ୱାରା ଦସ୍ତଖତ ଯାଞ୍ଚ ଆବେଦନକୁ ନିମ୍ନ ଅଦାଲତ ଖାରଜ କରିବା ବିରୋଧରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହସ୍ତାକ୍ଷର ସମାନ ବ୍ୟକ୍ତିଙ୍କ ବୋଲି ଧରାଯିବ କି ନାହିଁ ତାହା ଅଦାଲତ ନିରପେକ୍ଷ ଭାବରେ ସନ୍ତୁଷ୍ଟ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଅଦାଲତ ମଧ୍ୟ ଜଣେ ବିଶେଷଜ୍ଞଙ୍କ ଭୂମିକା ଗ୍ରହଣ କରିପାରନ୍ତି ବୋଲି ହାଇକୋର୍ଟ କହିଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆବେଦନକାରୀଙ୍କୁ ତାଙ୍କ ଖର୍ଚ୍ଚରେ ଜଣେ ବିଶେଷଜ୍ଞ ହସ୍ତାକ୍ଷର ଯାଞ୍ଚ କରିବାକୁ ଏକ ସୁଯୋଗ ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିବା ସହ ଯାଜପୁର ଜେଏମଏଫସି ଅଦାଲତଙ୍କ ୨୦୨୩ ଅଗଷ୍ଟ ୨୯ ର ଆଦେଶକୁ ରଦ୍ଦ କରିଦେଇଛନ୍ତି। ପ୍ରତିପକ୍ଷଙ୍କଠାରୁ ଧାର ନେଇଥିବା ଆବେଦନକାରୀ ତିନି ଲକ୍ଷ ପଚାଶ ହଜାର ଟଙ୍କାର ଏକ ଚେକ ଦେଇଥିଲେ। ଯାହାକୁ ପ୍ରତିପକ୍ଷ ଯାଜପୁରର ଏକ ଜାତୀୟକରଣ ବ୍ୟାଙ୍କ ଶାଖାରେ ଜମା ଦେବା ପରେ ଏହା ପର୍ଯ୍ୟାପ୍ତ ଅର୍ଥ ନଥିବା ଆଧାରରେ ବାଉନ୍ସ ହୋଇଯାଇଥିଲା। ଫଳରେ ପ୍ରତିପକ୍ଷ ଏ ନେଇ ଜେଏମ୍ଏଫସି ଅଦାଲତରେ ମାମଲା ରୁଜୁ କରିଥିଲେ। ମାମଲା ବିଚାରାଧୀନ ଥିବା ବେଳେ ଚେକ ଦେଇଥିବା ଆବେଦନକାରୀ ଚେକର ଦସ୍ତଖତ ହସ୍ତାକ୍ଷର ଯାଞ୍ଚ ପାଇଁ ଆବେଦନ କରିଥିଲେ ଯାହାକୁ ଗତ ୨୦୨୩ ଅଗଷ୍ଟ ୨୯ ରେ ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ମଦ ଦୋକାନ ଖୋଲିବା ନିଷ୍ପତ୍ତି ବିରୋଧରେ ବିକ୍ଷୋଭ




କଟକ,୨୪।୯ (ସମିସ): ରାଜ୍ୟ ସରକାର ମଦ ଦୋକାନ ଖୋଲିବା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର, ମଦକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା ଓ ଓଡ଼ିଶାକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବା ଦାବିରେ ଆଜି ଏସୟୁସିଆଇ(ସି) କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ମାଳବିକା ସାମଲ, ଦୀପକ ଦାସ, ଭଗ୍ୟରବି ଦାସ, ତରୁଣସେନ ନାୟକ, ସୌଭାଗ୍ୟ ସାମଲ, ଦଳର ସଂଗଠକ ଅକ୍ଷୟ ରାଉଳ, ପ୍ରିୟଦର୍ଶନ ପାଭେଲ, ପ୍ରତାପ ଚନ୍ଦ୍ର ମିଶ୍ର, ଶୋଭା ଦେହୁରୀ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଜୋସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସୁଜାତା ମହାପାତ୍ର ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଦଳ କ୍ଷମତାକୁ ଆସିଲେ ରାଜ୍ୟକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବେ ବୋଲି ଘୋଷଣା କରିଥିଲେ। ମାତ୍ର ରାଜ୍ୟରେ ବନ୍ଦ ଥିବା ୭୦ଟି ମଦ ଦୋକାନ ଖୋଲିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବା ତଥା ଓଡ଼ିଶାକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଶକ୍ତିଶାଳୀ ଗଣଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଜିଲ୍ଲା ବିଜୁ ଜନତା ଦଳ ସଭାପତିଙ୍କୁ ସମ୍ବର୍ଦ୍ଧନା



କଟକ,୨୪।୯ (ସମିସ): କଟକ ୟୁନିଅନ କ୍ଲବ ସଭାଗୃହଠାରେ କଟକ ମହାନଗର ସୋଲାପୁରୀ ମା' ପୂଜା କମିଟି ପକ୍ଷରୁ କଟକ ଜିଲ୍ଲା ବିଜୁ ଜନତା ଦଳ ନବ ନିଯୁକ୍ତ ସଭାପତି ପ୍ରଫୁଲ୍ଲ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତେଲଗୁ ସମ୍ପ୍ରଦାୟର ନେତ୍ରୀ ଆକାଶୀ ସୁନିତା ଶେଖରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଟକ ମହାନଗର ଅନ୍ତର୍ଗତ ୧୩ଟି ତେଲଗୁ ସମ୍ପ୍ରଦାୟର ସାହି ବାସିନ୍ଦାଙ୍କୁ ନେଇ ଗଠିତ ସୋଲାପୁରୀ ମା' ପୂଜା କମିଟିର ସମସ୍ତ ସଭାପତି ଓ ସମ୍ପାଦକ ପୂଜା ସମୟରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ କଟକ ମହାନଗର ସୋଲାପୁରୀ ମାଆ ପୂଜା କମିଟି ସଭାପତି ପ୍ରଦୀପ ରାୟ, ଟି ଜଗଦୀଶ୍ୱର ରାଓ, ଜି. କମଲ କୁମାର, ଜି ଶ୍ରୀକାନ୍ତ ରାଓ, ଶଙ୍କର ରାଓ, ଜି ଜେ ରାଓ, ଦୁଙ୍ଗଲେ ଅଶୋକ, ଏମ କ୍ରିଷ୍ଣା ରାଓ ପ୍ରମୁଖ ସାମିଲ ହୋଇଥିଲେ।

# ହିନ୍ଦୀ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ସ୍ୱାଗତ ସମାରୋହ

କଟକ,୨୪।୯ (ସମିସ): ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ନବାଗତ ପ୍ରଶିକ୍ଷଣାର୍ଥୀମାନଙ୍କ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ବର୍ଷ ପ୍ରଶିକ୍ଷଣାର୍ଥୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାକାର ଓ ଜାଦୁଗର ବାପୁ ଲେଙ୍କା ଯୋଗ ଦେଇଥିଲେ। ସଂସ୍ଥାନର ଅଧ୍ୟକ୍ଷ ସତ୍ୟନାରାୟଣ ପଣ୍ଡା ପ୍ରଶିକ୍ଷଣାର୍ଥୀମାନଙ୍କୁ ଆଦର୍ଶ ଶିକ୍ଷକ ହୋଇ ସମାଜ ଗଠନ ପାଇଁ ପ୍ରେରଣା ଦେଇଥିବାବେଳେ ଅଧ୍ୟାପକ ଓ ଅଧ୍ୟାପିକାମାନେ ସେମାନଙ୍କୁ ଉଚ୍ଚଭିଳାଶୀ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ପରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁ ବିଶିଷ୍ଟ ଅତିଥି ଭାବେ ଛାତ୍ରଛାତ୍ରୀମାନଙ୍କୁ 'ଆଖିରୀ ମୁସ୍କାନ' ପୁସ୍ତକ ଉପହାର ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୌମ୍ୟଶ୍ରୀ ଖେତି କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ଏସ.କେ ସଇମ ଧନ୍ୟବାଦ ଦେଇଥିଲେ। ଡ. ଲୋପାମୁଦ୍ରା ବେହେରା, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ହେମନ୍ତ ମଲ୍ଲିକ, ପ୍ରଶାନ୍ତ ନନ୍ଦ, ଅର୍ଜୁନ ନାଏକ, ପ୍ରାଚୀ ପଟ୍ଟନାଏକ ପ୍ରମୁଖ ସଂଯୋଜନା କରିଥିଲେ।



# ଜିଲ୍ଲାସ୍ତରୀୟ ମହିଳା ସୁରକ୍ଷା ଆଇନ ତାଲିମ

କଟକ,୨୪।୯ (ସମିସ): ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ନିମନ୍ତେ ପ୍ରଣୟନ ଆଇନ -୨୦୦୫ ସଂପର୍କରେ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସାମାଜିକ ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭଶ୍ରୀ ଦାସ ଏବଂ ଉପ ଆରକ୍ଷୀ ଅଧିକ୍ଷକ ସହରାଞ୍ଚଳ ସସ୍ମିତା ବାରିକ ସଂଶାଧନ ବିଶେଷଜ୍ଞ ଭାବେ ତାଲିମଦାତା ରହିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ନାଏକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ରଞ୍ଜନ ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା, ସୁରକ୍ଷା ଅଧିକାରୀ ସସ୍ମିତା ପାତ୍ର ଏବଂ କାର୍ଯ୍ୟକ୍ରମ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ ସହଯୋଗ କରିଥିଲେ।

# ଉଗ୍ରସେନଜୀ ମହାରାଜାଙ୍କ ଜୟନ୍ତୀ

କଟକ,୨୪।୯ (ସମିସ): କଟକ ମାରୱାଡ଼ି ସମାଜ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ, ଜୈନ ସମାଜ, ମାହେଶ୍ୱରୀ ସମାଜ ଓ ସିଡ଼ିଏ ମାରୱାଡ଼ି ସମାଜର ମିଳିତ ସହଯୋଗରେ ଇଷ୍ଟଦେବ ଶ୍ରୀଶ୍ରୀ ଉଗ୍ରସେନଜୀ ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତେଲେଙ୍ଗା ବଜାର ପୂଜା କମିଟି ଓ ଶାନ୍ତିକମିଟି ପକ୍ଷରୁ ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂଜା କମିଟି ପକ୍ଷରୁ ନରସିଂହ ସାହୁ ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହିଦଭବନଠାରେ ମେୟର ସୁବାସ ସିଂହ ମୁଖ୍ୟଅତିଥି ଥିବା ବେଳେ ଡ଼ିଆଇଜି ଚରଣଜିତ ବୀଣା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶରତ ସାଙ୍ଗନେରିଆ, ରମଣ ବାଗେଡ଼ିଆ, ସଞ୍ଜୟ ଶର୍ମା, ଗଣେଷ କାନ୍ଦୋଇ, ଚନ୍ଦନ ବଞ୍ଝଆଲ, କିଶୋର ଆଚାର୍ଯ୍ୟ, ପବନ ଯାଜୋଡ଼ିଆ, ପ୍ରକାଶ ଅଗ୍ରୱାଲ ଓ ବିଜୟ ଅଗ୍ରୱାଲ ପ୍ରମୁଖ ସହଯାଗ କରିଥିଲେ।



# ସିନ୍ଦୂର ଖେଳ ପରେ ବିଦାୟ ନେବେ ମା'



ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡ଼ିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ...

କଟକ,୨୪।୯ (ସମିସ):

ଧରାବତରଣ କରିବେ ଜଗତଜନନୀ ମା' ଦୁର୍ଗା। ଶାରଦୀୟ ଦୁର୍ଗାପୂଜାକୁ ମହାଆଡମ୍ବରରେ ପାଳନ କରିବାରେ ଜୋରଦାର ପ୍ରସ୍ତୁତି କରିଛି ବଙ୍ଗାଳି ସାହି ପୂଜା କମିଟି। ୧୮୭୫ ମସିହାରୁ ଏଠାରେ ଶାରଦୀୟ ଦୁର୍ଗା ପୂଜା କରାଯାଇ ଆସୁଛି। ୭ଫୁଟ୍ ଉଚ୍ଚତା ମା'ଙ୍କର ମୂର୍ତ୍ତିକୁ କାରୀଗର ମନୋଜ ମୁଦୁଲି ଓ ସାଥୀମାନେ ନିର୍ମାଣରେ ଲାଗିଛନ୍ତି। ୧୮ ଫୁଟ୍ ଉଚ୍ଚତା ଜରି ମେଢ଼କୁ କାରିଗର ଦେବରାଜ ଦାସ ନିର୍ମାଣ କରୁଛନ୍ତି।

ମା'ଙ୍କର ସୁନାର ଅଳଙ୍କାର ସମେତ ମା'ଦୁର୍ଗା ଓ ପାଶ୍ୱର୍ ଦେବାଦେବୀଙ୍କର ୭୦ କେଜି ଓଜନର ଅଳଙ୍କାର ରହିଛି। ଏଥର ପୂଜାରେ କମିଟି ପକ୍ଷରୁ ୫ ଲକ୍ଷ ଟଙ୍କା ବେଜଟ୍ କରାଯାଇଛି। ଚଳିତବର୍ଷ କମିଟି ପକ୍ଷରୁ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯାଇଛି। ମହାଷଷ୍ଠୀରୁ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ମହାଷ୍ଟମୀରେ ସନ୍ଧି ପୂଜା କରାଯିବ। ଦଶମୀରେ ମା'ଙ୍କ ପାଖେ ଲଡୁ ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏକାଦଶୀରେ ମା'ଙ୍କୁ ମହିଳାମାନେ ସିନ୍ଦୂର ଲାଗି କରିବା ସହ ସିନ୍ଦୂର ଖେଳି ବିଦାୟ ଦେବେ।

**ବଙ୍ଗାଳି ସାହି ପୂଜା କମିଟି**



## ବଜାୟ ରହିଛି ପୁରୁଣା ପରମ୍ପରା



ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମା' ଦୁର୍ଗାଙ୍କ ପୂଜା ନିଷ୍ଠାର ସହ କରାଯିବ। ବଙ୍ଗାଳି ସାହି ପୂଜା କମିଟିରେ ଏକାଦଶୀରେ ମା'ଙ୍କୁ ସିନ୍ଦୂର ଲାଗି କରାଯିବ। ପରେ ମହିଳା ମାନେ ସିନ୍ଦୂର ଖେଳିବେ। ଏହି ପରମ୍ପରା କାହିଁ କେଉଁ ବର୍ଷରୁ ପାଳନ କରାଯାଇ ଆସୁଛି।

- ଗୋକୁଳାନନ୍ଦ ପଟ୍ଟନାୟକ, ସଭାପତି

## ପାରମ୍ପରିକ ବାଦ୍ୟରେ ଦୁଲୁକିବ ଭସାଣି



ପୂଜା କମିଟି ପକ୍ଷରୁ ଚଳିତବର୍ଷ ପ୍ରଶାସନର ନିୟମ ଅନୁଯାୟୀ ଭସାଣି ଯାତ୍ରା କରାଯିବ। ଭସାଣି ଯାତ୍ରାରେ ସାରଳା ଘଣ୍ଟବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ। ଚଳିତଥର ସାରଳା ଘଣ୍ଟବାଦ୍ୟ ଆକର୍ଷଣ ପାଲଟିବ।

- ଜୀବନ କୁମାର ମହାନ୍ତି, ସମ୍ପାଦକ




# ଜିଲ୍ଲାପାଳଙ୍କୁ ପଛୁଆ ବର୍ଗ ଉନ୍ନୟନ ପରିଷଦର ଦାବିପତ୍ର ପ୍ରଦାନ



କୋରାପୁଟ,୨୪।୯ (ସମିସ): ବିଭିନ୍ନ ଦାବି ନେଇ କୋରାପୁଟ ଜିଲ୍ଲା ପଛୁଆ ବର୍ଗ ଉନ୍ନୟନ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲା ପଛୁଆ ବର୍ଗ ସଭାପତି ହରିହର ନାୟକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଜିଲ୍ଲାପାଳ କାର୍ଯ୍ୟାଳୟଠାରେ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପରିଷଦ କର୍ମକର୍ତ୍ତା ମାନଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ସରକାର ସବୁବେଳେ କେବଳ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ଆଜି ମଧ୍ୟ ସେମାନେ ଅବହେଳିତ ଅବସ୍ଥାରେ ରହିଥିଲେ ସୁଦ୍ଧା ସେମାନଙ୍କର ଦୁଃଖ କେହି ବୁଝି ପାରି ନାହାଁନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ମାଛକୁଣ୍ଡ, କୋଲାବ, ବାଲିମେଳା, ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ସମେତ ନାଲକୋ, ହାଲ, ନେଭାଲ ଡିପୋ ପାଇଁ ଜମିହରା ହୋଇ ୭୦ ବର୍ଷରୁ ଅଧିକ ସମୟ ହେଲା ସେମାନେ ବିସ୍ଥାପିତ ଜୀବନ ବିତାଉଛନ୍ତି। ସରକାର ଆଦିବାସୀଙ୍କ ପାଇଁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରି ସେମାନଙ୍କ ଜୀବନ ଜୀବିକା ରାସ୍ତା ଦେଇଛନ୍ତି। କିନ୍ତୁ ପଛୁଆ ବର୍ଗ ଲୋକ ରାଜ୍ୟ ଓ ଦେଶର ସ୍ୱାର୍ଥ ପାଇଁ ନିଜ ପୂର୍ବ ପୁରୁଷର ଜମି, ଘର ତ୍ୟାଗ କରି ମଧ୍ୟ କିଛି ପାଇ ନାହାନ୍ତି। ପଟ୍ଟା ଜମି ନଥିବାରୁ ଆବଶ୍ୟକ ସ୍ଥଳେ ସେମାନଙ୍କୁ କିମ୍ବା ତାଙ୍କ ବଂଶଧର ମାନଙ୍କୁ ଜାତିଗତ କିମ୍ବା ବାସିନ୍ଦା ପ୍ରମାଣପତ୍ର ମିଳୁନି ବୋଲି ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପଛୁଆ ବର୍ଗ ଜମିହୀନ ପରିବାରଙ୍କୁ ସରକାର ଘରଡିହ ଓ ଚାଷ ଜମିର ପଟ୍ଟା ଯୋଗାଇବା, ପାଠପଢ଼ା ପୁଅ ଝିଅ ମାନଙ୍କୁ ମାଗଣା ଶିକ୍ଷା ସହ ସେବାଶ୍ରମରେ ସରକାରୀ ସୁବିଧା, ଜଙ୍ଗଲରେ ରହୁଥିବା ପଛୁଆ ବର୍ଗ ପରିବାର ମାନଙ୍କ ଦଖଲ ଜମିରେ ଗଛ ଲଗାଇବା ବନ୍ଦ କରିବା ସହ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ରାମଗିରି ଠାରେ ବ୍ଲକ୍ କାର୍ଯ୍ୟାଳୟ ସ୍ଥାପନା, ଜିଲ୍ଲା ଭିତ୍ତିକ ନିଯୁକ୍ତି, ଧାନ, ମାଣ୍ଡିଆ ବିକ୍ରୀ ପାଇଁ ଜିଲ୍ଲାଭିତ୍ତିକ ଟୋକେନ ପ୍ରଦାନ, ପଛୁଆ ବର୍ଗ ମାନଙ୍କୁ ରାଜନୀତି କ୍ଷେତ୍ରରେ ସୁଯୋଗ, ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପାଇଁ ଉଚ୍ଛେଦ ହୋଇଥିବା ପରିବାରଙ୍କ ବର୍ତ୍ତମାନ ପରିସ୍ଥିତି ଯାଞ୍ଚ୍ କରିବାକୁ କମିଶନ ଗଠନ, ୧୯୩୬ ମସିହାରେ ନିର୍ମିତ ପାତ୍ରପୁଟ ନିକଟସ୍ଥ ବ୍ରିଟିଶ ଅମଳର ଲୌହ ବ୍ରିଜ ତଦନ୍ତ ପୂର୍ବକ ମରାମତି କରିବା ପ୍ରମୁଖ ଦାବି ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଶ୍ୟାମ ମାଲି, ବୈପାରିଗୁଡା ବ୍ଲକ୍ ପଛୁଆ ବର୍ଗ ସଭାପତି ଜିନୁ ଦୋରା, ବୈପାରିଗୁଡା ବ୍ଲକ୍ ସମ୍ପାଦକ କାଶୀନାଥ ପ୍ରଧାନୀ, ବୈପାରିଗୁଡା ବ୍ଲକ୍ ପଛୁଆ ବର୍ଗ ଜିଲ୍ଲା କାର୍ଯ୍ୟକର୍ତ୍ତା ବିଜୟ କୁମାର ବେଜ, ବରିଷ୍ଠ ସଭ୍ୟ ଜଗନ୍ନାଥ ଦୋରା, କର୍ପୁର ହନ୍ତାଳ, ଡମ୍ବୁରୁଧର ଗୌଡଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଡେପୁଟି କଲେକ୍ଟର ସୁବ୍ରତ ସାହୁ ଦାବିପତ୍ର ଗ୍ରହଣ କରିଛନ୍ତି।

ବିଭାଗ ନୀରବଦ୍ରଷ୍ଟା

# ରାଜପଥ ମରାମତି କଲେ ଯୁବ ସମାଜସେବୀ



କୋରାପୁଟ,୨୪।୯ (ସମିସ): ଜାତୀୟ ରାଜପଥ ମଝିରେ ଗାତ। ସାମାନ୍ୟ ଅସାବଧାନତା ହେଲେ ଚାଲିଯିବ ଜୀବନ। ବିଶେଷ କରି ଦୁଇ ଚକିଆ ଯାନ ଚାଳକ ମାନଙ୍କ ପାଇଁ ବଡ଼ ବିପଦ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଖି ମଧ୍ୟ ନଦେଖିଲା ଭଳି ରହୁଛନ୍ତି। ତେଣୁ କୋରାପୁଟ ସହରର କେତେକ ଯୁବ ସମାଜସେବୀ ସ୍ୱଇଚ୍ଛାରେ ରାଜପଥର ଗାତ ପୋତିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସୂଚନା ଥାଉକି, କୋରାପୁଟ ସହରର ତେନ୍ତୁଳି ଗଛ ଟ୍ରାଫିକ ଛକ ଏକ ମୁଖ୍ୟ ସ୍ଥାନ। ଏହି ଛକ ଦେଇ ଜୟପୁର, ସୁନାବେଡା, ରାୟଗଡ଼ା ଯିବାକୁ ପଡେ। ସହରର କେନ୍ଦ୍ର ସ୍ଥଳରେ ଏହି ଛକ ଥିବାରୁ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଭିଡ଼ ମଧ୍ୟ ହୋଇଥାଏ। ଏହି ରାସ୍ତା ଦେଇ ଦିନ ରାତି ବସ୍ ଓ ମାଲବାହୀ ଭାରୀ ଯାନ ଯାତାୟାତ କରିଥାଏ। ହେଲେ ଛକ ନିକଟରେ କେବେ ଠାରୁ ଏକ ବଡ଼ ଗାତ ହୋଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତାର ମରାମତି କରିବାକୁ ପଦକ୍ଷେପ ନେଇ ନାହାନ୍ତି। ଗତକାଲି ଉକ୍ତ ଗାତରେ ପଡ଼ି ଜଣେ ବାଇକ ଚାଳକ ଆହତ ହୋଇଥିଲେ। ପ୍ରତିଦନ ଏହି ରାସ୍ତାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ ଯାତାୟାତ କରି ଥାଆନ୍ତି, କିନ୍ତୁ କେହି ଧ୍ୟାନ ଦେଇ ନାହାନ୍ତି। ତେଣୁ କୋରାପୁଟ ସହରର ଯୁବ ସମାଜସେବୀ ଆଇନଜୀବୀ ରୂପକ ତୁରୁକ, ମନୋଜ ହିଆଲ, ଜୟନ୍ତ କଟିମ୍ ପ୍ରମୁଖ ଅନ୍ୟମାନଙ୍କୁ ନେଇ ନିଜ ଖର୍ଚ୍ଚରେ ସିମେଣ୍ଟ, ଗୋଡ଼ି, ବାଲି କିଣି ହାତରେ କୋଦାଳ, ବେଲଚା ଧରି ଗାତ ପୋତି ଥିଲେ। ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହା ନକରିବା ଯୋଗୁଁ ସେମାନେ ଅଭିନବ ଢଙ୍ଗରେ ପ୍ରତିବାଦ ସ୍ୱରୂପ ମରାମତି କାର୍ଯ୍ୟ କରି ଜନ ସାଧାରଣଙ୍କୁ ସଚେତନ ବାର୍ତ୍ତା ଦେଇଥିବା ସମାଜସେବୀ ମନୋଜ ହିଆଲ ଏବଂ ରୂପକ ତୁରୁକ କହିଛନ୍ତି।

# ଜାତୀୟ ସେବା ଦିବସ

ବିଷମ କଟକ,୨୪।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ନେମାଳ ପୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଜାତୀୟ ସେବା ଯୋଜନା ସଂଯୋଜକ କରମେନ୍ଦ୍ର ସାହୁ। ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କେଦାର ସାହୁକାର, ଅକ୍ଷୟ ଷଡ଼ଙ୍ଗି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଦୟାନିଧି ବାଙ୍ଗାରି ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀଯୋଗ ଦାନ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକୀ ପାଳନ

ନନ୍ଦପୁର,୨୪।୯ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଉତ୍ସବ କୋରାପୁଟ ଜିଲ୍ଲା ନନ୍ଦପୁର ଖଣ୍ଡରେ ପାଳନ କରାଯାଇଛି । ନନ୍ଦପୁର ଖଣ୍ଡ ଅଧୀନରେ ଥିବା ବିଭିନ୍ନ ଶାଖାରୁ ପ୍ରାୟ ୨୦୦ ସ୍ୱୟଂସେବକ ଗଣ ବେଶରେ ଏହି ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ପରିସରରେ ପୂର୍ଣ୍ଣ ଗଣବେଶରେ ସ୍ୱୟଂସେବକ ମାନେ ଏକତ୍ରିତ ହୋଇଥିଲେ। ଏହି ଉତ୍ସବରେ ସିମିଳିଗୁଡା ଖଣ୍ଡ କାର୍ଯ୍ୟବାହ ରଞ୍ଜନ ଭାଇ ଯୋଗ ଦେଇ ସଂଘ ଶତ ବାର୍ଷିକୀ ଉତ୍ସବର ମହତ୍ତ୍ୱ ସହ ଆଗାମୀ ଦିନରେ ସଂଘ କାର୍ଯ୍ୟ ଉପରେ ମତ ପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ନନ୍ଦପୁର ଖଣ୍ଡ କାର୍ଯ୍ୟବାହ ଏନ୍ ପ୍ରସାଦ ଦାସ ପରିଚାଳନା କରିଥିବା ବେଳେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନ ସମେତ ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଗୁଣପୁର,୨୪।୯ (ସମିସ): ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ନମ୍ବର ୧ ଓ ୨ ଦ୍ୱାରା ଜାତୀୟ ସେବା ଯୋଜନା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁଣପୁର ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶଶୀ ଭୂଷଣ ମହାନ୍ତି ପରିଚାଳନା କରିଥିଲେ। ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବିରରେ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଟଂଜୁମା ପ୍ରଧାନ ଓ ଲକ୍ଷଣ ଶବରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦେବି ପ୍ରସାଦ ରାଉତ, ଦଣ୍ଡପାଣି ଭୁୟାଁ ଓ ଲକ୍ଷଣ ଶବର ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ନିଜେ ରକ୍ତଦାନ କରିଥିଲେ। ସୁଶ୍ରୀ ସାରଳା ଦେବୀ ପ୍ରଧାନ, ଯସ୍ମିନ ପ୍ରୀୟା ଦର୍ଶନି ସିୟା, କେ.ଗୌତମୀ, ସୁମିତ୍ରଓ ବେହେରା ଓ ଶିବ ଭବାନୀ ଦାଶ , ମୁନା ପାଲକା, ତାରିଣି ବେହେରା, ଡି. ମଣିକଣ୍ଠା, ଭବାନି ଶଙ୍କର ବାଉରି ଓ ଅନ୍ୟମାନେ ରକ୍ତଦାନ କରିଥିଲେ।

# ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା

ବୈପାରୀଗଡ଼ା,୨୪।୯ (ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମ ପଞ୍ଚାୟତର କେ. ଦିଶାରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନଙ୍କ ଦ୍ୱାରା ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧିକ ଗଛ ଲଗାଇବା ଓ ପରିବେଶ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ ସୃଷ୍ଟି କରି ଆସୁଛନ୍ତି ଶିକ୍ଷକ ଶ୍ରୀ କାହ୍ନୁ ଚରଣ ବେହେରା। ତାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷାର୍ଥୀ, ଗ୍ରାମବାସୀ, ଅଭିଭାବକମାନେ ଅଂଶ ଗ୍ରହଣ କରି ଗାଁ, ଗାଁ ବୁଲି ସଚେତନତାର ବାର୍ତ୍ତା ବାଣ୍ଟିବା ସହିତ ଏକ ଶହରୁ ଅଧିକ ଚାରାରୋପଣ କରିଥଲେ। କାର୍ଯକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଦେବ ବିଶ୍ୱାଳ, ଶିକ୍ଷକ ସମାରୁ କୋପେ, ଶିକ୍ଷୟିତ୍ରୀ ମନୋରମା ସ୍ୱାଇଁ, ଜୟନ୍ତୀ ମାଝୀ ପ୍ରଭୃତି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥଲେ। କାହ୍ନୁ ସାର୍‌ଙ୍କ ଏହି ପ୍ରକାର କାର୍ଯ୍ୟକୁ ଗ୍ରାମବାସୀ ବେଶ ପ୍ରଶଂସା କହିଛନ୍ତି।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ପ୍ରସ୍ତୁତି

ଜୟପୁର,୨୪।୯ (ସମିସ): ଜୟପୁର ସିଟିଜେନ କମିଟି ପକ୍ଷରୁ ଆସନ୍ତା ଅକ୍ଟୋବର ୧ ତାରିଖରେ ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପ ଜିଲ୍ଲାପାଳ ଏ.ଶଶ୍ୟା ରେ‡ୀ, ଏସଡିପିଓ ପାର୍ଥ କାଶ୍ୟପଙ୍କୁ ଯୋଗଦାନ ପାଇଁ ଅନୁରୋଧ କରାଯିବ ବୋଲି ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ଏହି ଅବସରରେ ୩ ଜଣ ବରିଷ୍ଠ ପୁରୁଷ ନାଗରିକ ଏବଂ ୨ ଜଣ ମହିଳା ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତି ହୋଇଛି। କମିଟିର ସଭାପତି ବିନୋଦିନୀ ସାନ୍ତ୍ରାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠରରେ ସମ୍ପାଦକ ଜି.ଭି.ରେ‡, ଉପଦେଷ୍ଟା ଇଂ.କେଦାରନାଥ ବେହେରା ଏବଂ ମୀନକେତନ ଦାସ କୋଷାଧ୍ୟକ୍ଷ ରବି ନାରାୟଣ ନନ୍ଦ କାର୍ଯ୍ୟକାରିଣୀ ସଦସ୍ୟ ଭୀମସେନ ଅଗ୍ରୱାଲ, ଯାଦବ ସୁବୁଦ୍ଧି ଜି.ଭି. ରାଓ, ମହେଶ ରାଓ, ନରସିଂହ ଚୌଧୁରୀ ଏବଂ ନରସିଂହ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲା କିନ୍ନର ସଂଘର ଆର୍ଥିକ ସହାୟତା



ନବରଙ୍ଗପୁର,୨୪।୯ (ସମିସ): ନବରଙ୍ଗପୁର ଜିଲ୍ଲା ସଦର ମହକୁମାରେ ଚାଲିଥିବା ଦଶହରା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ନିମନ୍ତେ କିନ୍ନର ସଂଘର ସଂପାଦକ ଚୁମୁକୀ କିନ୍ନର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ କ୍ରୀଡ଼ାର ବିକାଶ ନିମନ୍ତେ କିନ୍ନର ମାନଙ୍କ ଆର୍ଥିକ ଅନୁଦାନ ନିଶ୍ଚିତ ଭାବରେ ଫୁଟବଲ୍ କ୍ରୀଡ଼ାବିତ ନିମନ୍ତେ ଏକ ପ୍ରେରଣା ଦାୟକ ହେବ ବୋଲି କହିଥିଲେ। ମିଳୁଥିବା ଆର୍ଥିକ ସହାୟତାରୁ କିଛି ବଳକା କରି ସାମାଜିକ କାର୍ଯ୍ୟ କରାଯାଉଛି ବୋଲି ସଂଘର ପ୍ରୋଜେକ୍ଟ ଲିଡର ଏମ୍. ବାଲାକୃଷ୍ଣ ରାଓ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, କିନ୍ନର ସଂଘର ପାପଡାହାଣ୍ଡି ବ୍ଲକର ଉପଦେଷ୍ଟା ତଥା ବ୍ଲକ ଉପସଭାପତି ସୁଶାନ୍ତ କୁମାର ବେହେରା , ନବରଙ୍ଗପୁର ପୌରାଞ୍ଚଳର ଉପଦେଷ୍ଟା ନିନୀବାବୁ ତ୍ରିପାଠୀ, ସଂଘର କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ରକ୍ତ ଦାନ ଭଳି ମହାନ୍ କାର୍ଯ୍ୟ କରାଯିବା ସହ ଅସହାୟଙ୍କୁ ସାହାଯ୍ୟ ସହଯୋଗ ଏବଂ ବିଭିନ୍ନ ସମୟରେ ଗରିବ ମାନଙ୍କୁ ଛତା, କମ୍ବଳ ଇତ୍ୟାଦି ରୀତିମତ ବଣ୍ଟନ କରାଯାଉଛି। କିନ୍ନର ସଂଘର ଏପରି ସାମାଜିକ କାର୍ଯ୍ୟକଳାପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ

ନାରାୟଣପାଟଣା,୨୪।୯ (ସମିସ): ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠାନ ପରିସରରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠାନର ଅଧ୍ୟକ୍ଷ ସୁଧିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାରାୟଣପାଟଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨ ଜଣ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ତଥା ଅର୍ଥନୀତି ଅଧ୍ୟାପକ ସୁଶାନ୍ତ କୁମାର ପରିଡା ଏବଂ ଇଂରାଜୀ ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ରଙ୍କ ବଳିଷ୍ଠ ସହଯୋଗରେ କାର୍ଯ୍ୟକ୍ରମଟି ଉତ୍ସବମୁଖର ହୋଇଥିଲା।କ୍ରୀଡା ଶିକ୍ଷକ ରଜତ କୁମାର ହିଆଲ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀଣି ଡଃ. ତ୍ରିବେଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନକାରୀଙ୍କୁ ବ୍ଲକ୍ ଉପାଧ୍ୟକ୍ଷଙ୍କ ସମର୍ଥନ

ନନ୍ଦପୁର,୨୪।୯ (ସମିସ): ନବରାତ୍ର ଠାରୁ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ବାତାବରଣ ତଥା ଉତ୍ସବମୟ ପରିବେଶ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଘରଦ୍ୱାର ଛାଡ଼ି ପେଟପାଟଣା, ନିଜର ନ୍ୟାର୍ଯ୍ୟ ଦାବି, ସମାନ କାର୍ଯ୍ୟ ସମାନ ଦରମା ଦାବି ନେଇ ମିଶନ ଶକ୍ତିର କର୍ମଚାରୀମାନେ ଆନ୍ଦୋଳନ କରି ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ବୁଧବାର ତୃତୀୟ ଦିନରେ ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ ଧାରଣା ସ୍ଥଳରେ ପହଞ୍ଚି ଜିପିଏଲଏଫ୍ କର୍ମିଙ୍କ ନ୍ୟାଯ୍ୟ ଦାବିକୁ ସରକାର ତୁରନ୍ତ ମାନି ନେବାକୁ ଦାବି କରିଥିଲେ। ଯଦି ରାଜ୍ୟ ସରକାର ମହିଷାସୁର ସାଜିବେ, ତେବେ ଜିପିଏଲଏଫ୍ ସଂଘର ମା'ମାନେ ଦୁର୍ଗା ସାଜିବେ ବୋଲି ସେ କହିବା ସହ ସରକାର ତୁରନ୍ତ ସଂଘର ଦାବିକୁ ମାନି ନେବାକୁ ସେ କହିଥିଲେ।

# ଜାତୀୟ ସେବା ଯୋଜନା ପାଳିତ

ଲକ୍ଷ୍ମୀପୁର,୨୪।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ସଭାପତିତ୍ୱରେ ଏହା ଆରମ୍ଭ ହୋଇଛି। ଅଧ୍ୟକ୍ଷ ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ ଜଣାଇବା ସହ ସେବା ମନୋବୃତ୍ତି ନେଇ କାମ କରିବାକୁ ଆହ୍ୱାନ ଦେଇ ଥିଲେ। ମୁଖ୍ୟବକ୍ତା ତଥା ପୂର୍ବତନ ଜାତୀୟ ସେବା ଯୋଜନା ସଂଯୋଜିକା ବରିଷ୍ଠ ଅଧ୍ୟାପିକା ତିଳୋତ୍ତମା ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଯୋଜନାର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନିସ୍ୱାର୍ଥପର ଭାବେ ଅନ୍ୟକୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୁକ୍ତ ତିନି ଯୁବ ରେଡକ୍ରସ କାଉନ୍‌ସିଲର ତଥା ଅଧ୍ୟାପିକା ସନ୍ତୋସିନି ଦାସ, ଅଧ୍ୟାପକ ରମାକାନ୍ତ ଖରା, ମହିମା ରାଣୀ ରାଜୁ, ଜୟଶ୍ରୀ କରସୁଧା ପଟ୍ଟନାୟକ, ଅଙ୍କିତା ୱାଡେକା, ସଂଗୀତା ନାଗ, ବବୁଲୁ ବେନିଆ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନା ଦିବସ ପାଳିତ

ସୁନାବେଡା,୨୪।୯ (ସମିସ): ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ପୋଷ୍ୟଗ୍ରାମ ମାଳିଗୁଡ଼ାର କାଉନ୍‌ସିଲର ରାମ ବେନିୟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏନ୍‌ଏସ୍‌ଏସର ପତାକା ଉତ୍ତୋଳନ କରିଥିଲେ। ନିଜର ଅଭିଭାଷଣରେ ବେନୀୟା ସ୍ୱଚ୍ଛତା, ସମାଜସେବା , ସମାଜରେ ସଚେତନତାକୁ ଗୁରୁତ୍ୱ ଦେଇଥିଲେ ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରତ ସ୍କାଉଟ୍ ଗାଇଡ୍‌ର ରେଞ୍ଜର ଲିଡର ତଥା ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ନିର୍ଝରଣୀ ବିଶ୍ୱାଳ ଯୋଗଦେଇ ଉଦବୋଧନ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ମହାରଣାଙ୍କ ତତ୍ତ୍ୱାବଧାନରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳାର ଛାତ୍ରୀ ସନ୍ତୋଷୀ ତାଡ଼ିଙ୍ଗୀ ସଭା ପରିଚାଳନା କରିଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନର ଛାତ୍ରୀ ଦିବ୍ୟାଂଶି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ତନ୍ତ୍ର ଓ ମନ୍ତ୍ର ପୀଠ ପୁରୁଣାଗଡ଼ ଦେବୀ ଦକ୍ଷିଣକାଳୀ



ଜୟପୁର,୨୪।୯ (ସମିସ): ଜୟପୁର ରାଜାରାଜୁଡା ସମୟରେ ଅନ୍ୟତମ ଦେବୀପୀଠ ଭାବେ ପୁରୁଣାଗଡ ଠାରେ ଦକ୍ଷିଣକାଳୀ ମନ୍ଦିର ରହିଛି। ଏହି ଦେବୀ ପୀଠର ମୁଖ୍ୟତଃ ତନ୍ତ୍ରମନ୍ତ୍ର ପୂଜା ପାଇଁ ପ୍ରସିଦ୍ଧି ରହିଥିବା ନେଇ ସ୍ଥାନୀୟ ବୟଜ୍ୟେଷ୍ଠ ପ୍ରକାଶ କରିଛନ୍ତି। ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏଠାରେ ନରବଳି ରାଜା ରାଜୁଡା ସମୟରେ ଦିଆଯାଉ ଥିବା ନେଇ ଜନଶୃତି ରହିଛି। କିନ୍ତୁ ବର୍ତ୍ତମାନ ଆଶ୍ୱିନ ମାସ ଅଷ୍ଟମୀ ତିଥିରେ ଦେବୀଙ୍କ ମନ୍ଦିର ପରିସରରେ ଦୁଇଟି ଛାଗ ବଳି ଦିଆଯାଇଥାଏ। କିନ୍ତୁ ସ୍ଥାନୀୟ ବାସିନ୍ଦା କହିବା ଅନୁଯାୟୀ ଦେବୀ ମାଁ ଦକ୍ଷିଣକାଳୀଙ୍କ ମୁଖ୍ୟପୀଠ ଜୟପୁର ସହରରଠାରୁ ମାତ୍ର ୭ କିଲୋମିଟର ମାଲକାନଗିରି ରାସ୍ତାରେ ପଣସପୁଟ ବାଗ୍ରା ଗ୍ରାମର ପର୍ବତ ଉପରେ ପୀଠ ରହିଛି। ସେଠାରେ ପରଜା ଜନଜାତିଙ୍କ ପୂଜକଙ୍କ ଦ୍ୱାରା ଶହଶହ ବର୍ଷ ଧରି ଦେବୀ ପୂଜା ପାଉଛନ୍ତି। କିନ୍ତୁ ସ୍ଥାନୀୟ କିଛି ପୁରାତନ ବ୍ୟକ୍ତି ଏବଂ ଜୟପୁର ଇତିହାସର ବିଭିନ୍ନ ପୁସ୍ତକ ଅନୁଯାୟୀ, ପଣସପୁଟ ବାଗ୍ରା ନିକଟସ୍ଥ ଦୁର୍ଗାଡଙ୍ଗର (ପାହାଡ଼) ଉପରେ ବିରାଜିତ ଦକ୍ଷିଣକାଳୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଜୟପୁର ରାଜା ନିୟମିତ ଯାଇ ପୂଜାର୍ଚ୍ଚନା କରୁଥିଲେ। ଦେବୀଙ୍କ ଜୟପୁର ରାଜାଙ୍କୁ ସ୍ୱପ୍ନାଦେଶ ପରେ ଦେବୀଙ୍କୁ ପୂଜାର୍ଚ୍ଚନା ଏବଂ ବିଧିବିଧାନ ଅନୁଯାୟୀ ସ୍ଥାନୀୟ ପୁରୁଣାଗଡ ଠାରେ ମାଟି ଏବଂ ଚାଳ ଛପର ଗୃହ ନିର୍ମାଣ କରିବା ସହ ଦେବୀଙ୍କୁ ସ୍ଥାପନ କରିଥିଲେ। କିନ୍ତୁ ୧୯୧୫ ମସିହାରେ ପାରମ୍ପରିକ ଚୂନ ଓ ମାଟି ମିଶ୍ରିତ ଇଟା ଯୋଡାଇ ମନ୍ଦିର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇ ଦେବୀ ଦକ୍ଷିଣକାଳୀଙ୍କୁ ସେଠାରେ ସ୍ଥାପିତ କରାଯାଇ ହୋମଯଜ୍ଞରେ ବ୍ରାହ୍ମଣ ପୂଜକ ଓ ପୁରୋହିତଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଦେବୀଙ୍କ ପ୍ରତିମୂର୍ତ୍ତି ତଳେ ତନ୍ତ୍ର, ମନ୍ତ୍ରର ଯନ୍ତ୍ର ସ୍ଥାପନ କରାଯାଇଛି ଏବଂ ଦେବୀଙ୍କ ଶକ୍ତିପୀଠ ଭାବେ ଚଣ୍ଡୀପାଠ ଓ ହୋମଯଜ୍ଞ ଆଶ୍ୱିନ ଏବଂ ଚୈତ୍ର ମାସରେ ଆୟୋଜିତ ହୋଇଥାଏ। ଗତ ମୂଳାଷ୍ଟମୀ ଠାରୁ ଷୋଡଶ ଉପଚାରରେ ରୀତିନୀତିରେ ଦୈନିକ ହୋମଯଜ୍ଞ ସହିତ ପୂଜାର୍ଚ୍ଚନା କରାଯାଉଥିବା ବେଳେ ମୁଖ୍ୟ ପୂଜକ ଭାବେ କାଳୀ ପ୍ରସାଦ ରଥ ଏବଂ ଚଣ୍ଡୀପାଠ ଯୁଗଳ କିଶୋର ରଥଙ୍କ ଦ୍ୱାରା ଆସନ୍ତା ଅଷ୍ଟମୀ ତିଥି ପର୍ଯ୍ୟନ୍ତ ସମ୍ପାଦିତ ହୋଇଥାଏ। ନବମୀ ଏବଂ ଦଶମୀ ତିଥି ଶାନ୍ତି ଯଜ୍ଞ ଏବଂ ଦଶହରା ରାତିରେ ପରମ୍ପରା ଅନୁଯାୟୀ ଦେବୀ ବିମାନରେ ବସି ଭଗବତୀ ମନ୍ଦିରରେ ପହଞ୍ଚି ଆୟୋଜିତ ପଟୁଆରରେ ସାମିଲ ହେବାକୁ ଯାଇଥାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀପୀଠରୁ ଆସିଥିବା ଦେବୀ ମାନଙ୍କ ପ୍ରତୀକ ଲାଠି ଓ ଗାଦୀ ସହିତ ଭଗବତୀ ମନ୍ଦିରକୁ ଯାତ୍ରା କରିଥାନ୍ତି। ସେଠାରୁ ଦେବୀ ଭଗବତୀ, କନକ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ବସନ୍ତାୟୀଙ୍କ ବିମାନ ସହିତ ଏକ ବିରାଟ ଶୋଭାଯାତ୍ରାରେ ବିଳମ୍ବିତ ରାତ୍ରୀରେ ପାରାବେଢା ଦଶହରା ପଡିଆ ଠାରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ଅପରାଜିତା ପୂଜାପରେ ଦଶହରା ପକ୍ଷ ରାତି ୧୧ଟାରେ ଦଶହରା ପଡିଆକୁ ଯାତ୍ରା କରିଥାଆନ୍ତି। ସେଠାରେ ଦେବୀ ମାନଙ୍କ ସମ୍ମୁଖରେ ଅପରାଜିତା ପୂଜାର୍ଚ୍ଚନା ପରେ ଦଶହରା ପାର୍ବଣ ସମାପ୍ତ ହୋଇଥାଏ।





### ଶୂନ୍ୟକାଳରେ କ୍ଷୋଭ ପ୍ରକାଶ କଲା କଂଗ୍ରେସ

# ୨୦୦ ଗୁଣ୍ଡା ଲଗାଇ ଗୃହରେ ଜୁଲୁମ

**ବାହାର ଲୋକଙ୍କୁ ଗୃହ ଭିତରେ ପ୍ରବେଶ ଅନୁମତି ଦେଇଥିଲେ କି ବାଚସ୍ପତି ?**

**ଉତ୍ତର ନ ରଖିଲେ ଇତିହାସ ଆପଣଙ୍କୁ ନିନ୍ଦା କରିବ**

ଭୁବନେଶ୍ୱର, ୨୪।୯ (ସମିସ): ମହିଳା ସୁରକ୍ଷା ପ୍ରସଙ୍ଗରେ ବୁଧବାର ଶୂନ୍ୟକାଳରେ ଉଦବେଗ ପ୍ରକାଶ କରିଛି କଂଗ୍ରେସ। ମହିଳା ସୁରକ୍ଷା ପ୍ରସଙ୍ଗରେ ଗତ ଅଧିବେଶନରେ ଆମେ ୧୪ ବିଧାୟକ ସ୍ୱର ଉତ୍ତୋଳନ କରିଥିଲୁ। ମହିଳାଙ୍କ ସୁରକ୍ଷା ପାଇଁ ଆମେ ଗୃହ କମିଟି ଗଠନ ଦାବି କରୁଥିବା ବେଳେ ଅଧରାତିରେ ବାହାରୁ ଗୁଣ୍ଡା ଆଣି ଆମକୁ ମାଡ଼ ମରାଗଲା। ଆମ ସୁନାଚେନ, ମୁଦି, ଡ୍ରେସ ଛଡ଼ାଇନେବା ସହ ଆମକୁ ରାସ୍ତା ଉପରେ ନେଇ ଛାଡ଼ି ଦିଆଗଲା। ଆମେ ଏହି ଘଟଣା ତଦନ୍ତ ସହ ଆମ ଜିନିଷ ଫେରାଇବା ପାଇଁ ବାରମ୍ବାର ଦାବି କରି ଆସୁଛୁ। ମାତ୍ର ଆମ ଦାବିକୁ ଗ୍ରହଣ କରାଗଲା ନାହିଁ। ସେଦିନ ଏ ଗୃହକୁ ବାହାର ଲୋକ ଆସିବା ପାଇଁ ବାଚସ୍ପତି ଅନୁମତି ଦେଇଥିଲେ କି ବୋଲି ଶୂନ୍ୟକାଳରେ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ବିଧାୟକ। ଗୃହରେ ଆମର ସୁରକ୍ଷା ବାଚସ୍ପତିଙ୍କ ଦାୟିତ୍ୱ। ଏଥିପାଇଁ ଆପଣଙ୍କୁ ଗୃହରେ ଜବାବ୍ ଦେବାକୁ ପଡ଼ିବ। ନ ହେଲେ ଇତିହାସ ଆପଣଙ୍କୁ ନିନ୍ଦା କରିବ ବୋଲି କଂଗ୍ରେସ ବିଧାୟକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଆଜି ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗକୁ ଉତ୍ଥାପନ କରି କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଆମେ ଗତ ଅଧିବେଶନରେ ଗୃହ ମଧ୍ୟରେ ଥିବାବେଳେ ଆମକୁ ୧୫୦-୨୦୦ ଗୁଣ୍ଡା ଆସି ଜୁଲମ କଲେ। ଆମ ମୁଦି, ଘଡି, ଚଷମା ଛଡ଼ାଇ ନେଲେ। ତାଙ୍କ ପ୍ରତି କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ସେନେଇ ଏଯାବତ୍ କୁହାଗଲା ନାହିଁ। ଏହି ପବିତ୍ର ଗୃହରେ ବିଧାୟକଙ୍କ ସୁରକ୍ଷା ବାଚସ୍ପତିଙ୍କର ବୋଲି କହିଥିଲେ କଂଗ୍ରେସ ବିଧାୟକ ଦଳ ନେତା। ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ ବିଧାନସଭାରେ ଆମେ ଗୃହ କମିଟି ଗଠନ କରିବାକୁ ଦାବି କରିଥିଲୁ; ମାତ୍ର ଆମକୁ ନିଲମ୍ବନ କରାଗଲା। ଦୁର୍ଭାଗ୍ୟଜନକ ଭାବେ ଆମକୁ ରାତି ଅଧରେ ପୁଲିସ ଡ୍ରେସରେ ଗୁଣ୍ଡା ଲଗାଇ ମାଡ ମରାଗଲା। ସଂସଦୀୟ ମନ୍ତ୍ରୀ ଆମକୁ କିପରି ଗାଳି ଦେଲେ୍ ସାରା ଜଗତ ଜାଣନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆମ ଉପରେ କାର୍ଯ୍ୟାନୁଷ୍ଠାନ ଆମ ଉପରେ ଗ୍ରହଣ କରାଗଲା। ଏହା ବିଧାନସଭାରେ ଏକ କଳଙ୍କିତ ଅଧ୍ୟାୟ। ଏହାର ତଦନ୍ତ କରିବେ କି ନାହିଁ ବାଚସ୍ପତି କୁହନ୍ତୁ। ଗୃହରେ ଆମର ସୁରକ୍ଷା ଆପଣଙ୍କ ଦାୟିତ୍ୱ। ଦାୟିତ୍ୱ ନିର୍ବାହ ନ କଲେ, ଇତିହାସ ଆପଣଙ୍କୁ ନିନ୍ଦା କରିବ ବୋଲି ତାରା କହିଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋଷ ମଧ୍ୟ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରି କହିଥିଲେ ଯେ ରାଜ୍ୟରେ ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ନାରୀ ନିଜକୁ ସୁରକ୍ଷିତ ମଣିନାହିଁ, ସେଯାଏଁ କଂଗ୍ରେସ ନିଜ ସ୍ୱର ଉତ୍ତୋଳନ ଜାରି ରଖିବ। ଗତ ୧୩ ମାସରେ ରାଜ୍ୟରେ ୩୭ ୬୧୧ଟି ମହିଳା ବିରୋଧୀ ନିର୍ଯାତନା ମାମଲା ସାମ୍ନାକୁ ଆସିଛି। ସେହିପରି ମହିଳା ବିରୋଧୀ ହିଂସାରେ ଦଣ୍ଡହାର ମାତ୍ର ୨ ପ୍ରତିଶତ ରହିଛି। ଗତ ୫ ମାସରେ ୩୩ ଛାତ୍ରୀ ଗର୍ଭବତୀ ହୋଇଥିବା ବେଳେ, ୧୦ ଜଣ ମହିଳା ନିଜ ଦେହରେ ନିଆଁ ଲଗାଇଛନ୍ତି। ୨୬ ନାବାଳିକାଙ୍କ ମାତୃତ୍ୱ ଲାଭ କରିଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ କଂଗ୍ରେସ ବିଧାୟକମାନେ ଗୃହରେ ନାରାବାଜି କରିବା ସହ କକ୍ଷତ୍ୟାଗ କରିଥିଲେ।

**ଘୋଷଣାକୁ ବର୍ଷେ ବିତିଲା**

# ଗୋଟିଏ ବି ଶୀତଳ ଭଣ୍ଡାର ଖୋଲିଲାନି

ଭୁବନେଶ୍ୱର, ୨୪।୯ (ସମିସ): ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ନେଇ ବର୍ଷକ ତଳେ ସରକାର ଘୋଷଣା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଗୋଟିଏ ବି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହୋଇପାରିନି। ବର୍ତ୍ତମାନ ସୁଦ୍ଧା ମୋଟ ୧୨ଟି ଉପଖଣ୍ଡରେ ନୂଆ ଶୀତଳ ଭଣ୍ଡାର ସ୍ଥାପନ ଓ ଗୋଟିଏର ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଉତ୍ତର ଦେଇଛନ୍ତି। ମନ୍ତ୍ରୀ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ସମସ୍ତ ଉପଖଣ୍ଡରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ବିହିତ ପଦକ୍ଷେପ ନିଆଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଏବେ କଟକ ଜିଲ୍ଲା ଆଠଗଡ଼ ବ୍ଲକ୍‌ରେ ୧ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ଶୀତଳ ଭଣ୍ଡାର, ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ୧୭ଶହ ମେଟ୍ରିକ ଟନ୍, ବରଗଡ଼ ଭେଡେନ୍‌ରେ ୭ହଜାର ମେଟ୍ରିକ ଟନ୍, ମୟୂରଭଞ୍ଜ ବେତନଟୀରେ ୧ହଜାର ଟନ୍, ବୌଦ୍ଧ କଣ୍ଟାମାଳରେ ୫୦୦ ମେଟ୍ରିକ୍ ଟନ୍, ଯାଜପୁର କୋରେଇରେ ୧୩୬୦ ମେଟ୍ରିକ୍ ଟନ୍, କୋରାପୁଟ ବୈପାରୀଗୁଡ଼ାରେ ୫ହଜାର ମେଟ୍ରିକ୍ ଟନ୍, ପୁରୀ ନିମାପଡ଼ାରେ ୨୫୪୦ ମେଟ୍ରିକ୍ ଟନ୍, ରାୟଗଡ଼ାରେ ୫ହଜାର ମେଟ୍ରିକ୍ ଟନ୍, ସୋନପୁର ବିନିକାରେ ୧୫୦୦ ମେଟ୍ରିକ୍ ଟନ୍, ସୁନ୍ଦରଗଡ଼ ଲାଠିକଟାରେ ୫ହଜାର ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ ହେବ। ଏଥିସହ କେନ୍ଦୁଝର ଚମ୍ପୁଆରେ ପୂର୍ବରୁ ଥିବା ଏକ ୫ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ପୁରୁଣା ଶୀତଳ ଭଣ୍ଡାରର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଶୀତଳ ଭଣ୍ଡାର ଗୁଡ଼ିକ ହିତାଧିକାରୀଙ୍କ ଭିତରେ ବଣ୍ଟନ କରାଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଉଛି।

ଆଜି ବିଧାନସଭା ପ୍ରଶ୍ନକାଳରେ ମନ୍ତ୍ରୀ ଶ୍ରୀ ସିଂହଦେଓ ସୂଚନା ଦେଇ କହିଛନ୍ତି, ଆଗାମୀ ୫ ବର୍ଷ ଯାଏଁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ୨୫୨ କୋଟି ବଜେଟ୍ ପ୍ରାବଧାନ କରାଯାଇଛି। ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ପିପିପି ମୋଡ୍‌ରେ ନିର୍ମାଣ ହେବ। ଏନେଇ ଗୋ-ସୁଗମ ଆପ୍‌ରେ ୧୩ଟି ଆବେଦନ ଆସିଛି। ୩ ଆବେଦନକୁ ଅନୁମତି ପ୍ରଦାନ କରାଯାଇଛି। ଏଥିରୁ ପୁରୀ, ଯାଜପୁର ଓ ସୁବର୍ଣ୍ଣପୁର ଜିଲ୍ଲାର ଗୋଟେ ଲେଖାଏଁ ଅଛି ବୋଲି ଶ୍ରୀ ସିଂହଦେଓ ସୂଚନା ଦେଇଛନ୍ତି।



ବୁଧବାର ଲଘୁଚାପଜନିତ ଲଗାଣବର୍ଷାରେ ଜଳାର୍ଣ୍ଣବ ସମ୍ବଲପୁର ସହର



## ୭୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୪।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ପୁଲିସକୁ ମିଳିଛି ବଡ଼ ସଫଳତା। ମାଓ ସଂଗଠନ ଛାଡି ଏକା ଥରକେ ୭୧ ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୩୦ ଜଣଙ୍କ ନାମରେ ୬୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସମସ୍ତ ମାଓବାଦୀ ଦୀର୍ଘ ବର୍ଷ ଧରି ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ୭୧ ମାଓବାଦୀଙ୍କ ମଧ୍ୟରେ ୨୧ ଜଣ ମହିଳା ମାଓବାଦୀ ଅଛନ୍ତି। ଏମାନେ ଦନ୍ତେୱାଡ଼ା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତ୍ର ସଂସଦ ନିର୍ବାଚନ ନ ହେଲେ ଆନ୍ଦୋଳନ କରିବ ଏବିଭିପି

ଭୁବନେଶ୍ୱର, ୨୪।୯ (ସମିସ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ସାଧାରଣତଃ ପୂଜା ଛୁଟି ପୂର୍ବରୁ ନିର୍ବାଚନ ହେଉଥିବାରୁ ଚଳିତ ବର୍ଷ ନିର୍ବାଚନ ସମ୍ଭାବନା ଅତ୍ୟନ୍ତ କ୍ଷୀଣ ଜଣାପଡୁଛି। ଏପରି ସ୍ଥିତିରେ ଦୀର୍ଘ ଦିନରୁ ଛାତ୍ର ସଂସଦ ନିର୍ବାଚନ ଦାବି କରୁଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଚେତାବନୀ ଦେଇଛି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ତୁରନ୍ତ ଘୋଷଣା କରିବାକୁ ଦାବି କରିଛନ୍ତି। ଏହାସହ କ୍ୟାମ୍ପସରେ ଉପଯୁକ୍ତ ସୁରକ୍ଷା, ସମ୍ପୂର୍ଣ୍ଣ ପାଚେରୀ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ପୁଅ ଏବଂ ଝିଅଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଓ କମନ ରୁମ, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ଇ-ଲାଇବ୍ରେରୀ ସ୍ଥାପନ, ଠିକ୍ ସମୟରେ ପୋଷ୍ଟ ମାଟ୍ରିକ ମେଧାବୃତ୍ତି ପ୍ରଦାନ କରିବାକୁ ଦାବି ରଖିଛନ୍ତି। ଏହାସହ ଖାଲିପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦ ପୂରଣ କରିବାକୁ ମଧ୍ୟ ଦାବି କରିଛନ୍ତି। ଶିକ୍ଷାନୁଷ୍ଠାନର ଏସବୁ ଦାବି ନେଇ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାମାନେ ଅଧ୍ୟକ୍ଷଙ୍କ ମାଧ୍ୟମରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରିବେ। ପ୍ରତି କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ କରାଯିବ। ସରକାର ଦାବି ପୂରଣ ନ କଲେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉଗ୍ର ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି।

**ସିଏଜି ରିପୋର୍ଟ**

## ସିସିଟିଏନ୍‌ଏସ୍ ପାଇଁ ରାଜ୍ୟ ସରକାର ଦେଇଛନ୍ତି ୧୦୯ କୋଟି

ଭୁବନେଶ୍ୱର,୨୪।୯ (ସମିସ): ମାର୍ଚ୍ଚ ୨୦୨୩ରେ ସମାପ୍ତ ଆର୍ଥିକ ବର୍ଷ ପାଇଁ ପ୍ରକାଶ ପାଇଛି ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ ରିପୋର୍ଟ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବ୍ୟୟ ଉପରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ରାଜ୍ୟରେ ଆରମ୍ଭ କରାଯାଇଥିବା କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍)ଯୋଗୁ ପୁଲିସ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ନାଗରିକ କୈନ୍ଦ୍ରିକ ସେବାରେ ଉନ୍ନତି ଆସିଛି। ସିସିଟିଏନ୍ ପାଇଁ ପ୍ରକଳ୍ପ ରାଜ୍ୟ ସରକାର ୧୦୯ କୋଟି ଟଙ୍କା ପ୍ରଦାନ କରିଥିବା ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ସୁବ୍ରୁ ଆର୍ ଏବଂ ଅତୁଲ ପ୍ରକାଶ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍) ହେଉଛି ଭାରତ ସରକାରଙ୍କ ଜାତୀୟ ଇ-ଗଭର୍ଣ୍ଣାସ୍ ଯୋଜନା (ଏନଇଜିପି) ଅଧିନରେ ଏକ ମିଶନ୍ ମୋଡ୍ ପ୍ରକଳ୍ପ। ରାଜ୍ୟରେ ସିସିଟିଏନ୍‌ଏସ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଭାରତ ସରକାର ଏବଂ ଓଡିଶା ସରକାର ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସାକ୍ଷରିତ ହୋଇଥିଲା। ଏହି ପ୍ରକଳ୍ପ ୨୦୧୩ରେ ଆରମ୍ଭ କରାଯାଇଥିଲା। ମାର୍ଚ୍ଚ ୨୦୨୩ ସୁଦ୍ଧା ନବୀନ୍ ସରକାରଙ୍କ ଅମଳରେ ରାଜ୍ୟରେ ଏହି ପ୍ରକଳ୍ପ ଅଧିନରେ ଏହାର ପ୍ରାରମ୍ଭରୁ ମୋଟ ୧୭୬.୧୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିମଧ୍ୟରୁ କେନ୍ଦ୍ର ସରକାର ୬୬.୭୫ କୋଟି ଟଙ୍କା ପଦାନ କରିଥିବାବେଳେ ରାଜ୍ୟ ସରକାର ୧୦୯.୪୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି), ରାଜ୍ୟ



ସରକାର, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ((ଡିଆଇଟି), ଭାରତ ସରକାର ଏବଂ ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି) ସମେତ ସମସ୍ତ ହିତାଧିକାରୀଙ୍କ ସହ ପରାମର୍ଶ କରି ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍) ଦ୍ୱାରା ଏହା ସଂକଳିତ ହୋଇଥିଲା। ସିସିଟିଏନ୍ ଲାଗୁ ହେବା ପୂର୍ବରୁ କ୍ରାଇମ ଏବଂ କ୍ରିମିନାଲ ଇନ୍‌ଫର୍ମେସନ ସିଷ୍ଟମ (ସିସିଆଇଏସ) ଏବଂ କମନ ଇଣ୍ଟିଗ୍ରେଟେଡ ପୋଲିସ ଆପ୍ଲିକେସନ୍ (ସିଆଇପିଏ) ଯଥାକ୍ରମେ ୧୯ ୯୦ ଏବଂ ୨୦୦୪ରେ ଆରମ୍ଭ କରାଯାଇଥିଲା ।

କେବଳ ଅପରାଧ ଏବଂ ଅପରାଧ ସମ୍ବନ୍ଧୀୟ ଡାଟାବେସ ସୃଷ୍ଟି କରିବା ପାଇଁ ସିସିଆଇଏସ ଏକ ପଦକ୍ଷେପ ଥିଲା ଯାହା ସୁରକ୍ଷା ଏଜେନ୍ସି ଦ୍ୱାରା ଅପରାଧ ମନିଟରିଂ ପାଇଁ ବ୍ୟବହୃତ ହୋଇପାରୁଥିଲା। ସିସିଟିଏନ୍ ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ଯାହାକି ସମସ୍ତ ସ୍ତରରେ ପୋଲିସର ଦକ୍ଷତା ଏବଂ କାର୍ଯ୍ୟକାରିତାକୁ ବଢ଼ାଇବା ପାଇଁ ଏକ ବ୍ୟାପକ ତଥା ସମନ୍ୱିତ ବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛି, ବିଶେଷ କରି ଥାନା

**ଡିଜିଟାଇଜେସନ୍ ହୋଇଛି ପୁରୁଣା ରେକର୍ଡ**

ସ୍ତରରେ ଇ-ଗଭର୍ଣ୍ଣାନ୍ସ ନୀତି ଆପଣାଇବା ଏବଂ ଆଇଟି ସକ୍ଷମ ଟ୍ରାକିଂ ସିଷ୍ଟମର ବିବର୍ତ୍ତନ ପାଇଁ ଦେଶବ୍ୟାପୀ ନେଟୱାର୍କ ଭିତ୍ତିଭୂମି ସୃଷ୍ଟି କରିବା। ସିସିଟିଏନ୍‌ଏସ୍ କୋର ଆପ୍ଲିକେସନ ସଫ୍ଟୱେର (ସିଏଏସ) ରେ ପଞ୍ଜୀକରଣ, ଅନୁସନ୍ଧାନ ଏବଂ ପ୍ରବର୍ତ୍ତନ ପରି ମଡ୍ୟୁଲ ଅଛି। ସିଏଏସ୍ ବ୍ୟତୀତ, ଅଭିଯୋଗ ପଞ୍ଜୀକରଣ, ଚରିତ୍ର ସାର୍ଟିଫିକେଟ ଅନୁରୋଧ, ଆୟୋଜନ ପ୍ରଦର୍ଶନ ଅନୁରୋଧ, ବିରୋଧ/ ହରତାଳ/ ରାଲି ପଞ୍ଜୀକରଣ ଅନୁରୋଧ, ବିଦେଶୀ ପଞ୍ଜୀକରଣ ଅନୁରୋଧ ଇତ୍ୟାଦି ସେବା ପାଇଁ ନାଗରିକ ସେବା ପୋର୍ଟାଲ ଏନ୍‌ସିଆଇବି ଦ୍ୱାରା ବିକଶିତ ହୋଇଛି ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସେମାନଙ୍କ ସ୍ତରରେ ବିନ୍ୟାସ, କଷ୍ଟମାଇଜେସନ୍, ବୃଦ୍ଧି ଏବଂ ନିୟୋଜନ ପାଇଁ ପ୍ରଦାନ କରାଯାଇଛି।

## ୨୭ରୁ ଭୁବନେଶ୍ୱରରେ ଜାତୀୟ ମଧ୍ୟସ୍ଥତା କର୍ମଶାଳା

ଭୁବନେଶ୍ୱର, ୨୪।୯ (ସମିସ): ଆସନ୍ତା ୨୭ରୁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା କର୍ମଶାଳା। ଲୋକସେବା ଭବନରେ ଅନୁଷ୍ଠିତ ହେବାକୁଥିବା ଏହି ଦୁଇଦିନିଆ କର୍ମଶାଳାକୁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଉଦ୍‌ଘାଟନ କରିବେ। ପ୍ରାରମ୍ଭିକ ଅଧିବେଶନରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକ, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାରତର ଆଟର୍ଣ୍ଣି ଜେନେରାଲ ଆର୍.ଭେଙ୍କଟରମଣୀ ପ୍ରମୁଖ ଯୋଗଦେବେ। ସେହିପରି ବିଭିନ୍ନ ଅଧିବେଶନରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବିପୁଲ ଏମ୍ ପାଂଚୋଲି, ଜଷ୍ଟିସ ନାଗରତ୍ନା, ଜଷ୍ଟିସ ଅରବିନ୍ଦ କୁମାର, ଜଷ୍ଟିସ ଜେ.କେ. ମାହେଶ୍ୱରୀ, ଜଷ୍ଟିସ ଏନ୍.କୋଟିଶ୍ୱର ସିଂହ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଏମ.ଏମ୍.ଶ୍ରୀବାସ୍ତବଙ୍କ ସହ ମଣିପୁର, କେରଳ, କର୍ଣ୍ଣାଟକ, ଦିଲ୍ଲୀ ହାଇକୋର୍ଟର ବିଚାରପତିମାନେ ଯୋଗ ଦେବେ।

୨୮ ତାରିଖ ଉଦ୍‌ଯାପନୀ ଉତ୍ସବରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏମ୍.ଏମ୍.ସୁନ୍ଦରୟା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଜୁନରାମ ମେଘୱାଲଙ୍କ ସହ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ବିଚାରପତି ଜଷ୍ଟିସ ସଂଗ୍ରାମ କୁମାର ସାହୁ, ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ସଞ୍ଜିବ ପାଣିଗ୍ରାହୀ, ଭାରତର ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଓ ଓଡ଼ିଶାର ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୋଗଦେବାର ସୂଚନା ମିଳିଛି ।

# ୯ ମାସରେ ଗଲାଣି ୮୨ ଦାଦନ ଜୀବନ

### ପ୍ରତିଶ୍ରୁତି ପାଣିର ଗାର, ନିଧଡ଼କ ଚାଲିଛି ଶ୍ରମିକ ଚାଲାଣ

ଭୁବନେଶ୍ୱର,୨୪।୯ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ଦାଦନ ଏକ ବଡ଼ ସମସ୍ୟା ବୋଲି ଚିତ୍କାର କରୁଥିଲା। କ୍ଷମତାକୁ ଆସିଲେ ଦାଦନ ସମସ୍ୟାର ସମାଧାନ କରିଦେବୁ ବୋଲି ଦଳୀୟ ନେତାମାନେ ବାହାସ୍ଫୋଟ ବି ମାରୁଥିଲେ। ମାତ୍ର ସରକାର ଗଠନକୁ ଏହାରି ଭିତରେ ଦେଢ଼ ବର୍ଷ ବିତିଲାଣି, ଏଯାବତ୍ ଦାଦନ ନିରାକରଣ ଦିଗରେ ସରକାରଙ୍କ ପଦକ୍ଷେପ ଏକ ଟାସ୍କ ଫୋର୍ସ ଗଠନ ମଧ୍ୟରେ ସୀମିତ ରହିଛି। ଶାସକ ଦଳର ବିଧାୟକ ଅନ୍ୟପକ୍ଷରେ ଓଡ଼ିଶାରୁ ଦାଦନ ଶ୍ରମିକ ହୋଇ ଯାଉଥିବା ଲୋକମାନେ ବାହାର ରାଜ୍ୟରୁ ଶବ ହୋଇ ଫେରୁଛନ୍ତି। ରାଜ୍ୟରେ ଲକ୍ଷାଧିକ ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି ଓ ହେବ ବୋଲି ସରକାର ଜୋର୍‌ଦାର୍ ପ୍ରଚାର କରୁଥିଲେ ବି ଦାଦନ ରୋକିବା ନେଇ ସୁଦୂରପ୍ରସାରୀ ଯୋଜନା ସରକାର କରିପାରୁନାହାନ୍ତି।

ଗତ କିଛି ମାସ ଭିତରେ ଶ୍ରମିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଦାଦନ ଶ୍ରମିକ ଓ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାରେ ସର୍ବାଧିକ ଶ୍ରମିକ ପ୍ରାଣ ହରାଇଛନ୍ତି। ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ ୮୨ ଜଣ

**ଆଖିଦୃଶିଆ ହେଉନି ଦାଦନ ଟାସ୍କଫୋର୍ସ କାର୍ଯ୍ୟ**

ପ୍ରବାସୀଙ୍କ ମୃତ୍ୟୁ ହୋଇଥିବା ବେଳେ ନବରଙ୍ଗପୁରର ସର୍ବାଧିକ ୧୦ଜଣ ପ୍ରବାସୀ ଶ୍ରମିକ ଅଛନ୍ତି। ବର୍ତ୍ତମାନ ଆମ ଦେଶରେ ୪୧ କୋଟି ୪ଲକ୍ଷ ୨ ହଜାର ୯୧୭ ପ୍ରବାସୀ ଶ୍ରମିକ ଥିବାବେଳେ ଆମ ରାଜ୍ୟର ସଂଖ୍ୟା ୧୪ତମ ସ୍ଥାନରେ ରହିଥିବା ଜଣାପଡ଼ିଛି। ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁସାରେ କେବଳ ଅଗ୍ରୀମ ନେଇ ଠିକାଦାରଙ୍କ ଜରିଆରେ ୫ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବା ବ୍ୟବସ୍ଥାକୁ ଦାଦନ ଶ୍ରମିକ ବା ପ୍ରବାସିକ ଶ୍ରମିକ ଆଇନର ପରିସରଭୁକ୍ତ।



ଦାଦନଜନିତ ବିସ୍ଥାପନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଯେଉଁ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି ସେଥିରେ, ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ମହିଳା ଓ ଶିଶୁବିକାଶ, ମିଶନଶକ୍ତି, ପର୍ଯ୍ୟଟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବମାନେ ସଦସ୍ୟ ଭାବରେ ଅଛନ୍ତି। ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଓଡ଼ିଶାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଆଲୋଚନା କରିବା ସହ ସେସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସରକାର ଜୋର୍‌ଦାର ପ୍ରଚାର କଲେ। ମାତ୍ର ଗତ ଦେଢ଼ ବର୍ଷ ଭିତରେ ଏହାର କୌଣସି ସୁଫଳ ଶ୍ରମିକମାନଙ୍କୁ ମିଳିନି। ନିକଟ ଅତୀତରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇଁ ପାଳନ କରିବାକୁ ବାହାର ରାଜ୍ୟରୁ ହଜାର ହଜାର ଶ୍ରମିକ ଭିଟାମାଟି ମୁହାଁ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ପୁଣିଥରେ ଦଲାଲ୍‌ମାନଙ୍କ ସାହାଯ୍ୟରେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ମାତ୍ର ସରକାର ଏହାକୁ ରୋକିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇପାରୁନାହାନ୍ତି।

## ଓଡ଼ିଶା ଦ୍ରବ୍ୟ ଓ ସେବା କର (ସଂଶୋଧନ) ବିଧେୟକ ପାରିତ

ଭୁବନେଶ୍ୱର,୨୪।୯ (ସମିସ): ଓଡ଼ିଶା ଦ୍ରବ୍ୟ ଓ ସେବା କର (ସଂଶୋଧନ) ବିଧେୟକ, ୨୦୨୫ ବିଧାନସଭାରେ ପାରିତ ହୋଇଛି। ମୌସୁମୀ ଅଧିବେଶନର ଶେଷ ଦିନରେ ଏହି ବିଲ୍ ପାରିତ ହୋଇଛି। ସୋମବାର ଦିନ ଏହି ବିଲ୍‌କୁ ମୁଖ୍ୟମନ୍ତ୍ରୀ ଗୃହରେ ଆଗତ କରିଥିଲେ। ସେହିଦିନ

**■ ସିଲେକ୍ଟ କମିଟିକୁ ବିଲ୍ ପଠାଇବା ପାଇଁ ଦାବି କଲା କଂଗ୍ରେସ**

ଆଲୋଚନା ପରେ କାର୍ଯ୍ୟପରାମର୍ଶଦାତା କମିଟିକୁ ବିଲ୍‌ଟିକୁ ପଠାଯାଇଥିଲା। ଆଜି ପୁନିଶ୍ଚ ବିଲ୍‌ଟ୍ ଗୃହରେ ଉପସ୍ଥାପିତ ହୋଇଥିଲେ। ଏହା ଉପରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ନିଜ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବିଲଟି ଗୃହରେ ପାରିତ ହୋଇଛି। ବିରୋଧୀଙ୍କ ପକ୍ଷରୁ ପୂର୍ବତନ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ରଣେନ୍ଦ୍ରପ୍ରତାପ ସ୍ୱାଇଁ ବିଲ୍‌କୁ ବିରୋଧ କରିଥିବା ବେଳେ ଏଥିରେ ଜରିମାନା ରାଶି ୨୫ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ କରାଯିବାକୁ ନେଇ ସମାଲୋଚନା କରିଥିଲେ। ଶ୍ରୀ ପୂଜାରୀ ଜିଏସ୍‌ଟିକୁ ନେଇ କରାଯାଉଥିବା ପରୀକ୍ଷଣ ଉପରେ ପ୍ରଶ୍ନବାଚୀ ଉଠାଇଥିବା ବେଳେ ଏହାଦ୍ୱାରା ଯେଉଁ କ୍ଷତି ହେବ ତାହାର କିପରି ଭରଣା କରାଯିବ ସେନେଇ ପ୍ରଶ୍ନ କରିଥିଲେ। ଏହା ବ୍ୟତୀତ ଜିଏସ୍‌ଟିରେ ରହିଥିବା ବିଭିନ୍ନ ବିରୋଧୀ ରାଜ୍ୟଗୁଡ଼ିକ ଯେଉଁ ପ୍ରଶ୍ନ ଉଠାଉଛନ୍ତ ତାହା ମଧ୍ୟ ଶ୍ରୀ ପୂଜାରୀ ଗୃହରେ ଉତ୍ଥାପନ କରିଥିଲେ। କଂଗ୍ରେସ ପକ୍ଷରୁ ବିଧାୟିକା ସୋଫିଆ ଫିରଦୋସ୍ ଓ ଅଶୋକ ଦାସ ପ୍ରମୁଖ ବିଲକୁ ବିରୋଧ କରିବା ସହ ୮ ବର୍ଷ ପୂର୍ବରୁ ଭଲ କରାଯାଇଥିଲା ଓ ଏବେ ସରକାର ସ୍ୱୀକାର କରିଛନ୍ତି ବୋଲି କହିଛନ୍ତି। ଏହାସହିତ ୮ ବର୍ଷ ହେବ ଲୋକମାନେ ଯେଉଁ ଟଙ୍କା ଦେଇଛନ୍ତି ତାଙ୍କୁ ସରକାର ସୁଧ ସହ ଫେରାଇବେ କି ବୋଲି କହି ସେ ପ୍ରଶ୍ନ କରିଛନ୍ତି। ଆଗତ ବିଲ୍‌ରେ ଅନେକ ତ୍ରୁଟି ଦର୍ଶାଇ ଏହାକୁ ସିଲେକ୍ଟ କମିଟିକୁ ପଠାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା।

# କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ବ୍ଲକ୍ ଅଫିସ ସମ୍ମୁଖରେ ଗଣଧାରଣା

ଝାରବନ୍ଧ, ୨୪।୯ (ସମିସ)




ଓଡ଼ିଶା ଜୀବିକା ମିଶନ ଏବଂ ମିଶନଶକ୍ତି ଅଧୀନରେ ମହିଳା ମାନେ କିଭଳି ସ୍ୱାବଲମ୍ବୀ ଏବଂ ଉଦ୍ୟୋଗୀ ହୋଇ ପାରିବେ ସେ ଦିଗରେ ସରକାର ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି ଏସ୍‌ଏଚ୍‌ଜି ମହିଳା ମାନଙ୍କ ଯେମିତି କୌଣସି କାମରେ ବାଧା ସୃଷ୍ଟି ନ ହେବ, ସରଳରେ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ପାଇ ପାରିବେ ସେଥିପାଇଁ ସରକାର ୨୦୨୦ରୁ ଏମବିକେ, ସିଆରପି ନିଯୁକ୍ତି କରିଥିଲେ। ଏମବିକେ ଓ ସିଆରପି, ବ୍ୟାଙ୍କମିତ୍ର ମାନେ ଏସଏଚଜି ମହିଳାଙ୍କର ଋଣ କାଗଜପତ୍ର ସଂଗ୍ରହ କରିବା, ସେମାନଙ୍କ ଆଧାର ସିଡିଂ କରିବା, ସମସ୍ତ ସଦସ୍ୟ କାର୍ଯ୍ୟକଳାପ ଅପଲୋଡ କରିବା, ଜୀବନ ବୀମା କରିବା, ସିଆଇଏଫ ଲୋନ କରିବା ଇତ୍ୟାଦି ସରକାରଙ୍କ ସମସ୍ତ ଯୋଜନା ସେମାନଙ୍କ ପାଖକୁ ପହଞ୍ଚାଇଥାନ୍ତି। ଏହାସହ ଏମଆଇଏସରେ ଡାଟାଏଣ୍ଟ୍ରି କରିବା, ଭିପିଆରପିରେ ଡାଟାଏଣ୍ଟ୍ରି, ପୃଷ୍ଟି ମହୋତ୍ସବ ପାଳନ କରିବା ଭଳି ବିଭିନ୍ନ କାମ କରିଥାନ୍ତି। ଏହି ସବୁ କାମ କରିବା ପାଇଁ ସରକାର ସେମାନଙ୍କୁ ମାସିକ ପାରିଶ୍ରମିକ ମଧ ଦେଉଥିଲେ। କିନ୍ତୁ ଗତ ୬ ମାସ ହେବ ସରକାର ମାସିକ ପାରିଶ୍ରମିକ ବନ୍ଦ କରିଦେଇ ପରଫର୍ମାନ୍ସ ଇନସେଣ୍ଟିଭ ଦେଉଛନ୍ତି। ସେହି ଟଙ୍କାକୁ ଗ୍ରହଣ ନ କରି ମାସିକ ପାରିଶ୍ରମିକ ଦେବା ପାଇଁ ଝାରବନ୍ଧ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ଦାବି କରିଛନ୍ତି। ଏଥିପାଇଁ ଝାରବନ୍ଧ ବ୍ଲକ କାର୍ଯ୍ୟାଳୟରେ ଆଜକୁ ତିନି ଦିନ ହେବ ଶତାଧିକ କର୍ମଚାରୀ ଗଣଧାରଣାରେ ବସିଛନ୍ତି। ପରଫର୍ମାନ୍ସ ଇନସେଣ୍ଟିଭର ଅର୍ଥ ହେଉଛି ଯିଏ ଯେତେ କାମ ସେ ସେତିକି ପାଉଣା ପାଇବ, କାମର ପ୍ରକାର ହିସାବରେ କେତେ କାମ କଲେ କେତେ ଟଙ୍କା ଦିଆଯିବ ତାହା ନିର୍ଦ୍ଧାରିତ ହୋଇଥାଏ। ବିଗତ ଦିନରେ ସରକାରଙ୍କ ଯେକୌଣସି ଯୋଜନାକୁ ଲୋକମାନଙ୍କ ପାଖକୁ ପହଞ୍ଚାଇବା ତଥା ଯେକୌଣସି ସରକାରୀ କାର୍ଯ୍ୟରେ ଲୋକମାନଙ୍କୁ ସାମିଲ କରାଇବାରେ ଏହି ଏମବିକେ ସିଆରପିଙ୍କ ଭୂମିକା ରହିଆସିଛି। ଏଥିପାଇଁ ଏମବିକେ ସିଆରପି ମହିଳା ମାନେ ସରକାରଙ୍କ ଦ୍ୱାରା ମାସିକ ପାରିଶ୍ରମିକ ପାଉଥିଲେ। ସେହି ଟଙ୍କାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। କିଏ ସ୍କୁଟି କିଣିଛି ତ ଆଉ କିଏ କଣ କିଣିଛି। ହେଲେ ଏବେ ପରଫର୍ମାନ୍ସ ଇନସେଣ୍ଟିଭ ଯୋଗୁଁ ଏହାର ଋଣ ପରିଶୋଧ କେମିତି କରିବେ ବୋଲି ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି ସମସ୍ତ ମହିଳା। ମାସିକ ପାରିଶ୍ରମିକ ଦାବି ତଥା ସ୍ଥାୟୀ ନିଯୁକ୍ତି ଦାବିରେ ରାଜ୍ୟର ସମସ୍ତ ବ୍ଲକରେ ସେମାନେ ଗଣଧାରଣାରେ ବସିଛନ୍ତି। ପୂର୍ବରୁ ମାସିକ ଆକାରରେ ମିଳୁଥିଲା ଏବେ ପରଫର୍ମାନ୍ସ ଇନସେଣ୍ଟିଭ ଆକାରରେ ଦିଆଗଲେ ମହିଳାମାନଙ୍କ ମନୋବଳ ଭାଙ୍ଗିବା ସହ ଏହା ମହିଳା ମାନଙ୍କ ଆସ୍ଥା ଭରସା ତଥା ଜୀବିକା ଉପରେ ପ୍ରଭାବ ପଡ଼ିବ ବୋଲି ସଂଘ କହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ସୂଚନା ରହିଛି।

# ତୃତୀୟ ଦିନରେ ବ୍ଲକସ୍ତରୀୟ ମିଶନଶକ୍ତି କର୍ମୀ ସଂଘର ଧାରଣା



ପଦ୍ମପୁର, ୨୪।୯ (ସମିସ): ରାଜବୋଡାସମ୍ବର ବ୍ଲକ ମିଶନଶକ୍ତି କର୍ମୀ ସଂଘ ତରଫରୁ ରାଜବୋଡାସମ୍ବର ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବିରେ ଧାରଣା ଅବ୍ୟାହତ ରହିଛି। ସରକାର ଦାବି ପୂରଣ ନ କଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି। ଗଣଧାରଣାରେ ସଭାନେତ୍ରୀ ସୁପ୍ରଭା ମିଶ୍ର, ସମ୍ପାଦିକା ପୁଷ୍ପାଞ୍ଜଳୀ କାନୁନ୍‌ଗୋ, ଅନିତା ମେହେର, ଲକ୍ଷ୍ମୀପ୍ରିୟା ଅମରୀ, ସଂଯୁକ୍ତା ବେହେରା, ସଞ୍ଜୁଲତା ବେହେରା, ସନ୍ଧ୍ୟା ବନଛୋର, ଆନନ୍ଦିନୀ ବାରିକ, ଗୀତାଞ୍ଜଳି ବନଛୋର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପ୍ରବଳ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ



ପାଇକମାଳ, ୨୪।୯ (ସମିସ): ପାଇକମାଳ ବ୍ଲକରେ ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବିଶେଷ କରି ମାଣ୍ଡୋସିଲ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ବୁଧବାର ରାତିରେ ପ୍ରବଳ ବର୍ଷା ସହିତ ଝଡି ବର୍ଷା ଲାଗି ରହିଛି। ବର୍ଷା ଯୋଗୁଁ ପତ୍ରାଗୁଡା, ଡୁମ୍ବେରବାହାଲ ଓ ଭୁତମୁଣ୍ଡା ପୋଲ ଉପରେ ପାଣି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି।

# ଜିଲ୍ଲା ମୁଖ୍ୟଚିକିତ୍ସାଳୟରୁ ଚୋରି ଘଟଣାର ତଦନ୍ତ ଦାବି କଲା ଆମ୍ ଆଦମୀ ପାର୍ଟି

ବରଗଡ଼, ୨୪।୯ (ସମିସ): ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ପ୍ରାୟ ୧୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନିର୍ମାଣ କରାଯାଇଥିବା ଜଟିଳରୋଗ ଚିକିତ୍ସା କେନ୍ଦ୍ରରୁ ବହୁ ଆଧୁନିକ ଯନ୍ତ୍ରପାତି ଭଳି ଅନେକ ସାମଗ୍ରୀ ଚୋରି ହୋଇଛି। ଏହି ଚୋରି ଘଟଣାର ତଦନ୍ତ ଦାବି କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆମ୍ ଆଦମୀ ପାର୍ଟି ସ୍ମାରକ ପତ୍ର ଦେଇଛି। ଗତବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଏହି କ୍ରିଟିକାଲ କେୟାର ୟୁନିଟ ଉଦ୍‌ଘାଟିତ ହୋଇଥିଲା। ବର୍ଷେ ପୂରିବା ପରେ ମଧ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ମାତ୍ର ଚିକିତ୍ସାଳୟରେ ଥିବା ଆଧୁନିକ ଯନ୍ତ୍ରପାତି ଓ ବହୁମୂଲ୍ୟବାନ ସାମଗ୍ରୀ ଚୋରି ହେଇଯାଇଛି। ଅନ୍ୟପଟେ ଚିକିତ୍ସାଳୟରେ ବହୁ ସୁରକ୍ଷାକର୍ମୀ, ଦୁଇଜଣ ମ୍ୟାନେଜର ଓ ଗୋଟିଏ ପୁଲିସ ଫାଣ୍ଡି ରହିଥିଲେ ହେଁ କାହାରିକୁ କିଛି ଜଣା ନପଡ଼ିବା ସନ୍ଦେହ ସୃଷ୍ଟି କରିଛି। ଏଣୁ ଏହି ଘଟଣାର ତଦନ୍ତ କରି ଦୋଷୀ ମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମ୍ ଆଦମୀ ପାର୍ଟି ଦାବି କରିଛି। ଦଳର ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲ୍ଲା ସଭାନେତ୍ରୀ ମରୀୟମ ବାର୍ଲା, କାର୍ଯ୍ୟକାରିଣୀ ସଦସ୍ୟ ଅସିତ ସାହୁ, ଯୁବ ସମ୍ପାଦକ ପୌଲସ୍ତ୍ୟ ସାହା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନହେଲେ ବରଗଡ଼ରେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ବିକାଶ ଡିଗ୍ରୀ କଲେଜରେ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍ ଉଦ୍‌ଯାପିତ



ବରଗଡ଼, ୨୪।୯ (ସମିସ): ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ଦ୍ୱିଦିବସୀୟ ଓରିଏନ୍‌ଟେସନ୍ ପ୍ରୋଗ୍ରାମ (ଇଗନାଇଟ୍ ୟୋର୍ ଫ୍ୟୁଚର୍) ନାମକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବାଏଲଜିକାଲ ସାଇନ୍ସର ଅଧ୍ୟାପକ ସୁଦାମ ମିଶ୍ର ବିକାଶ ଉଚ୍ଚଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ୍, ସିଏଓ, ଚେୟାରମ୍ୟାନଙ୍କ ଉପଦେଷ୍ଟା, ଅଧ୍ୟକ୍ଷ ସମୂହ, ଡିନ୍, କଲେଜର ଅଧ୍ୟାପକ ଅଧ୍ୟାପିକାଙ୍କୁ ପାୱାରପଏଣ୍ଟ ମାଧ୍ୟମରେ ପରିଚିତ କରାଇଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ମନ୍ଦରଧର ନାୟକ, କଳା ବିଭାଗର ଅଧ୍ୟାପକ ସୁରଜ ପଣ୍ଡା, ସ୍ନାତକୋତ୍ତର ବିଭାଗର ଅଧ୍ୟାପକ ଅବଦୁଲ ଫରିଦ୍‌ଖାନ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ଅଧ୍ୟାପକ ଦେବାଶିଷ ରଥ ନୂତନ ଶିକ୍ଷାନୀତି ପରୀକ୍ଷା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। ଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ହୋଲିଷ୍ଟିକ ଡେଭଲପମେଣ୍ଟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଫିଜିକାଲ ସାଇନ୍ସର ଅଧ୍ୟାପକ ଆଦିତ୍ୟ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୋନୁ ପ୍ରଧାନ ଏବଂ ମିନା ବାରିକ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତିୟ ଦିବସରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ବଧିର ଦିବସ

ବରଗଡ଼, ୨୪।୯ (ସମିସ): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ବୁଧବାର ଆନ୍ତର୍ଜାତିକ ବଧିର ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡ.ଦିଲ୍ଲୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁରର ଅଡିଓଲୋଜିଷ୍ଟ ଓମ ପ୍ରକାଶ ସିଂ ସାମନ୍ତ, ବଧିର ବିଦ୍ୟାଳୟ ଜନକେଡାର ଶିକ୍ଷକ ଆକାଶ ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମାନସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ, ବଧିର ବିଦ୍ୟାଳୟ ବରଗଡ଼ର ଶିକ୍ଷକ ସନାତନ ସାହୁ ମଞ୍ଚାସୀନ ଥିଲେ। ଆନ୍ତର୍ଜାତିକ ବଧିର ଦିବସ ପାଳନ ଅବସରରେ ପୁରାତନ ବଧିର ଛାତ୍ର ତଥା ବଧିର ବିଦ୍ୟାଳୟ, ବରଗଡ଼ର କାରୁକଳା ଶିକ୍ଷକ ମଣ୍ଟୁ ପଣ୍ଡା ଓ ପୁରାତନ ଛାତ୍ରୀ ତଥା ସ୍ୱେଚ୍ଛାକୃତ ଶିକ୍ଷୟତ୍ରୀ ଲିପ୍ସା ପଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଷ୍ଟିହୀନ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଓ ବଧିର ବିଦ୍ୟାଳୟ ଜନକେଡାର ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ତରଫରୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ଏକ କାର୍ଯ୍ୟକ୍ରମରେ ଭିଜନ ଏମପିରେ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର, ଓଡ଼ିଶାର ମିଳିତ ସୌଜନ୍ୟରେ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀ ମାନଙ୍କର ଡିଜିଟାଲ ଶିକ୍ଷା ନିମନ୍ତେ ୨ଟି କମ୍ପ୍ୟୁଟର ମାଗଣାରେ ପ୍ରଦାନ କରାଯାଇଥିଲା। ଗତ ୨୩ ତାରିଖ ବଧିର ବିଦ୍ୟାଳୟର ୯୦ଜଣ ଛାତ୍ରଛାତ୍ରୀଙ୍କୁ ଡିଡିଆରସି ତରଫରୁ ଡିଜିଟାଲ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବରଗଡ଼ ତାହିର ହୁସେନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଶେଷରେ ବଧିର ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଶିଳା ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଣ ବିକ୍ରି ପାଇଁ ଧରପଗଡ଼

ବରପାଲି, ୨୪।୯ (ସମିସ): ବରପାଲି ଅଞ୍ଚଳରେ ବେଆଇନ ବାଣ ବିକ୍ରି ବଟା ଉପରେ ଧରପଗଡ଼ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଶାରଦୀୟ ପୂଜା ଅବସରରେ ଗ୍ରାମାଞ୍ଚଳଠୁ ନେଇ ସହର ପର୍ଯ୍ୟନ୍ତ ମାହୋଲ ସରଗରମ ହେବା ସହ ଭିଡ ଜମିବାରେ ଲାଗିଛି। ଏହି ଅବସରରେ ବେଆଇନ କାରବାର ଉପରେ ପୁଲିସର ଚଢ଼ଉ ଆରମ୍ଭ ହୋଇଯାଇଛି। ବରପାଲି ବ୍ଲକ ବଡ ଗାଁ ପଡ଼ିଆ ନିକଟରେ ବେଆଇନ ବାଣ ବିକ୍ରି ହେଉଥିବା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ବିନା ଲାଇସେନ୍ସରେ ଖୋଲାଖୋଲି ଭାବେ ବିକୁଥିବା ବିଭିନ୍ନ ଧରଣର ବ୍ୟାପକ ବାଣ ସମୂହକୁ ଜବତ କରିଥିଲା। ପରେ ପୁଲିସ ଜଣେ ଦୋକାନୀକୁ ଗିରଫ କରିଥିବା ବେଳେ ଜବତ ହୋଇଥିବା ବାଣ ଥାନାକୁ ଆଣି ଅଟକ ରଖିଥିଲା। ଜବତ ହୋଇଥିବା ବାଣର ଆନୁମାନିକ ମୂଲ୍ୟ ପ୍ରାୟ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରିବା ସହ ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ସୂଚନା ରହିଛି।

# ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜଳବନ୍ଦୀ, ପ୍ରଶାସନ ବେଫିକର

ଅମ୍ବାଭୋନା, ୨୪।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶ ଦ୍ୱାର ଓ ହସ୍ପିଟାଲ ପରିସରରେ ବର୍ଷା ପାଣି ଜମି ରହୁଛି। ସେଥିପାଇଁ ରୋଗୀ, ଜନସାଧାରଣ ଓ କର୍ମଚାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଯିବା ଆସିବାରେ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରୋଗୀ ମାନଙ୍କୁ ନେବା ଆଣିବାରେ କାଦୁଅ ପାଣି ଭିତରେ ପଶି ଯିବାକୁ ପଡୁଛି। ଦୂଷିତ ଓ କାଦୁଅ ପାଣି ଜମି ରହିବା ଦ୍ୱାରା ମଶା, ମାଛିଙ୍କ ଉତ୍ପତ୍ତି ହେବା ସହିତ ହଇଜା, ଡାଇରିଆ, ମାଲେରିଆ ହେବାର ସମ୍ଭାବନା ରହୁଛି। ସରକାର ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ମାନଙ୍କୁ ନେଇ ଲୋକଙ୍କୁ ସଚେତନ କରୁଥିବା ବେଳେ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷା ପାଣି ଜମି ରହୁଛି। ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଭଳି ଅବ୍ୟବସ୍ଥା ମଧ୍ୟରେ ରହିଲେ କିଏ କାହାକୁ ସଚେତନ କରିବ ବୋଲି ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିଛି। ଗୋଟେ ପଟେ ରୋଗ ଦାଉରୁ ରକ୍ଷା ପାଇବା ପାଇଁ ସରକାର ମଶାରୀ ବଣ୍ଟନ କରୁଛନ୍ତି ଅନ୍ୟପଟେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଶା ଉତ୍ପତ୍ତି ଅବ୍ୟବସ୍ଥା ପ୍ରତି ନିଦାବିଷ୍ଟୁ ସାଜିଛନ୍ତି। ପ୍ରକାଶ ଥାଉ କି, ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲଗାତାର ଭାବେ ତିନି ବର୍ଷ ହେବ କାୟାକଳ୍ପ ପୁରସ୍କାର ମିଳି ସାରିଛି। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମୁଖ୍ୟତଃ ପ୍ରାୟ ୧୦୪ ଟି ଗାଁର ଲୋକେ ନିର୍ଭର କରିଥାନ୍ତି। ଏହି ଅବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ କିଛି ସୁଫଳ ମିଳୁନାହିଁ।

# ବନ ମହୋତ୍ସବ କାର୍ଯ୍ୟକ୍ରମ

ବରଗଡ଼, ୨୪।୯ (ସମିସ): ସ୍ୱୟଂସିଦ୍ଧା ମାତୃ ନିକେତନ, ବରଗଡ଼ ଓ ସୁଇଟ୍ ସ୍ମାଇଲ୍ ଦିବ୍ୟାଙ୍ଗ ଟ୍ରଷ୍ଟ ବରପାଲିର ମିଳିତ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଭୟ ସଂସ୍ଥାର କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ନରେନ୍ଦ୍ର ହୋତା, ଶ୍ରୀନିବାସ ରାଓ, ମଞ୍ଜୁଲତା ଦାଶ, କବିତା ମେହେରଙ୍କ ସହ ସତ୍ୟବତୀ, ମାଧୁରୀ, ସାବିତ୍ରୀ, ସୁକାନ୍ତି, ରୀନା, ରୂପା, ନେହା, ଠାକୁର, ତୁଳସୀ, କ୍ଷୀରସିନ୍ଧୁ, ମହାଦେବ, ଆନନ୍ଦ, କିଶୋର, ଆଦି ଅନେକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ନୃସିଂହନାଥରେ ଆୟୁର୍ବେଦ ଦିବସ

ପାଇକମାଳ, ୨୪।୯ (ସମିସ): ଦଶମ ଆୟୁର୍ବେଦ ଦିବସ ପାଳନ ଅବସରରେ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ପାଇକମାଳରେ ଆୟୁର୍ବେଦ ଆହାର ଆଧାରିତ ଆୟୁର ଫୁଡ ଫେଷ୍ଟିଭାଲ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିବିଧ ଆୟୁର୍ବେଦ ସମ୍ମତ ସୁସ୍ଥ ଆହାର ସମୂହକୁ ପ୍ରଦର୍ଶନ କରିଥିଲେ। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନୀ ବୁଲି ଦେଖିବା ସହ ଆୟୁର୍ବେଦର ଉନ୍ନତି ପାଇଁ ମତାମତ ରଖିଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଏବଂ ଲୁମ୍ବିନୀ ଭେଷଜ ଉଦ୍ୟାନ ପରିଦର୍ଶନ କରିଥିଲେ। ପରିଚାଳନା କମିଟିର ସଭାପତି ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଏବଂ ଅଧ୍ୟକ୍ଷ ପ୍ର.ଡ.ଜଗବନ୍ଧୁ ମିଶ୍ର ଆୟୁର୍ବେଦ ଦିବସ ଉତ୍ସବରେ ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ। କମିଟିର ସଦସ୍ୟ ରୋହିତ ମିଶ୍ର ଏବଂ ବିନୋଦ କାଳିଆ ଉପସ୍ଥିତ ରହିଥିଲେ। ପ୍ର.ଡ.ଅଭିରାମ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦେଖିବାକୁ ଉତ୍ସାହର ସହିତ ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଆସିଥିଲେ। ଏହା ପୂର୍ବରୁ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୁର୍ବେଦର ପ୍ରସାର ପ୍ରଚାର ପାଇଁ ବିଗତ ଦୁଇ ସପ୍ତାହ ଧରି ସ୍ୱାସ୍ଥ୍ୟ ଶିବିର, ରାଲି, ପଥପ୍ରାନ୍ତ ନାଟକ ଆଦି ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କ ଆହାର ପ୍ରଦର୍ଶନୀକୁ ପୁରସ୍କୃତ କରାଯାଇଥିଲା।

# ପୁସ୍ତକ ପଠନ ବ୍ୟକ୍ତିର ଜୀବନକୁ ସାର୍ଥକ କରେ

ବରଗଡ଼, ୨୪।୯ (ସମିସ): ସମାଜର ସବୁ ବର୍ଗର ଲୋକେ ପୁସ୍ତକକୁ ଜୀବନର ବନ୍ଧୁ ଭାବେ ଗ୍ରହଣ କରିବା ଉଚିତ। କାରଣ ପୁସ୍ତକ ଏକ ସାର୍ଥକ ଜୀବନ ଗଠନରେ ସହାୟକ ହୋଇଥାଏ। ଛାତ୍ରଛାତ୍ରୀଙ୍କ ଜୀବନର ଆବଶ୍ୟକତା କେବଳ ପୁସ୍ତକ, ପୁସ୍ତକ ଆଉ ପୁସ୍ତକ ବୋଲି ସ୍ଥାନୀୟ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ କଲେଜ୍ ପରିସର ମଧ୍ୟରେ ଆୟୋଜିତ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ତରଫରୁ ଆୟୋଜିତ ୧୯୨ ତମ 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମରେ ସଭାପତି ମନୋରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସରୋଜ ଦେବତା ସମାଜର ସବୁ ବର୍ଗର ଲୋକେ ପୁସ୍ତକ ପଠନ ପ୍ରତି ଯତ୍ନବାନ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁଷମା ପଣ୍ଡା ଓ ଅଧ୍ୟାପିକା ସଙ୍ଗୀତା ଦାଶ ଛାତ୍ରଛାତ୍ରୀ କେବଳ ପୁସ୍ତକ, ପୁସ୍ତକ ଆଉ ପୁସ୍ତକ ପଠନ ଭିତରେ ବୁଡିରହି ଜୀବନର ଚଲାପଥ କୁସୁମିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରଜ୍ଞାରାଣୀ ସାହୁ, ନମିତା ବିଶି, ମାଳବିକା ମିଶ୍ର, ବିଦ୍ୟୁତପ୍ରଭା କ୍ଷେତି, ଗାୟତ୍ରୀ ଶତପଥୀ, ଅପର୍ଣ୍ଣା ସାହୁ, ଅଧ୍ୟାପକ ପ୍ରଦୀପ ପଣ୍ଡା, ଚେତନ ମିଶ୍ର ସ୍ୱାଧୀନ ସାହୁ ପ୍ରମୁଖ ଭଲ ପୁସ୍ତକ ପଢ଼ିବା ସହିତ ଉତ୍ସବ ମାନଙ୍କରେ ପୁସ୍ତକ ଉପହାର ଦେବାକୁ ପରାମର୍ଶ ଦେଇଥିଲେ। ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ନନ୍ଦିନୀ ବାରିକ, ଖୁସବୁ ବାବୁ ଓ ଗାୟତ୍ରୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶିଶୁଶ୍ରୀର ଆବାହକ ଡ.ରବିନାରାୟଣ ସାହୁ।

# ପାଇକମାଳରେ ରାସନ୍ ସାମଗ୍ରୀ ବଣ୍ଟନ

ପାଇକମାଳ, ୨୪।୯ (ସମିସ): ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ମହାଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ ରାସନ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ ଓଦୁ ଏବଂ ସମ୍ମାନିତ ଅତିଥି ଭାବେ ପାଇକମାଳ ସିଡିପିଓ ବାସନ୍ତୀ ଫୂର୍ତ୍ତୀ, ଉଗ୍ରସେନ ଭୋଇ, ସିଆରସିସି ରଞ୍ଜନ ବାଗ, ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଗରିବ ଶ୍ରେଣୀର ଲୋକମାନଙ୍କୁ ରାସନ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବ୍ଲକ ସଂଯୋଜକ ମିତ୍ରଭାନୁ ସାହୁ ସଭା ପରିଚାଳନା କରିଥିଲେ। ନଟବର ପ୍ରଧାନ, ରିତୁ ସାହୁ, କିରଣ ସେଠ, ଶିବାନୀ ହର୍ପଲ, ସାବିତ୍ରୀ ସାହୁ, ଦିଲ୍ଲୀପ କଳେଟ, ପ୍ରଶାନ୍ତ ପାଣ୍ଡେ, କାର୍ତ୍ତିକ ସିଂ ପ୍ରମୁଖ ସହଯୋଗ କରିଥିବା ବେଳେ ଅଜିତ୍ ପୁଟା ଧନ୍ୟବାଦ ଦେଇଥିଲେ। ସେହିପରି ମହାଶକ୍ତି ଫାଉଣ୍ଡେସନ ଓ ଏଲଟିଆଇ ମାଇଣ୍ଡଟ୍ରି ମିଳିତ ଆନୁକୂଲ୍ୟରେ ମାଣ୍ଡିଆଡ଼ିପା, ପାଇକମାଳ, ଛେତଗାଁ ଓ ଭୁବନେଶ୍ୱର ପଞ୍ଚାୟତକୁ ପୂର୍ବରୁ ରାସନ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାଂସଡ଼ା ପଞ୍ଚାୟତର ଗରିବ ଶ୍ରେଣୀର ପରିବାର ବର୍ଗଙ୍କୁ ମଧ ରାସନ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏପର୍ଯ୍ୟନ୍ତ ୩୮୦ ପରିବାରକୁ ରାସନ୍ ସାମଗ୍ରୀ ବଣ୍ଟନ କରାଯାଇଛି।

● ସୋହେଲା ଦୁର୍ଗାପୂଜା ଜିଲ୍ଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା

# କାଇଁଶିରକୁ ହରାଇ ସୋହେଲା ସେମିଫାଇନାଲରେ



ସୋହେଲା, ୨୪।୯ (ସମିସ): ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ଦିନରେ ଆୟୋଜକ ସୋହେଲା ଆଥଲେଟିକ ଆସୋସିଏସନ ଏବଂ କାଇଁଶିର ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋହେଲା ଦଳ ୫-୪ ଗୋଲରେ କାଇଁଶିର ଦଳକୁ ହରାଇ ବିଜୟୀ ହୋଇଛି। ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଚାଲିଥିବା ଫୁଟବଲ ପ୍ରତିଯୋଗିତାରେ ଆଜିର ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିବା ବେଳେ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସୋହେଲା ପକ୍ଷରୁ ସୁଭମ ପ୍ରଥମ ଗୋଲ କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। କିନ୍ତୁ ମ୍ୟାଚ୍‌ର ଅନ୍ତିମ ସମୟରେ କାଇଁଶିର ଦଳ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ ଗୋଲରେ ସମାପ୍ତ ହେବାରୁ ଫଳାଫଳ ପାଇଁ ଟାଇବ୍ରେକର ହୋଇଥିଲା। ଏଥିରେ ସୋହେଲା ୫-୪ ଗୋଲରେ ବିଜୟୀ ହୋଇ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗତକାଲିର ବିଜେତା ଅମୃତଧାରା ବରଗଡ଼ ଏବଂ ଆଜିର ବିଜେତା ସୋହେଲା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଆଜିର ମ୍ୟାଚ୍ ଆରମ୍ଭରେ ଦୁର୍ଗାପୂଜା କମିଟିର ଉପସଭାପତି ଗିରଜେଶ ଖାଡେଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ୍‌କୁ ରେଫରୀ ବିପୁଳ ବିଦ୍ୟାଧର ପରିଚାଳନା କରିଥିବା ବେଳେ ରେଫରୀ ଶିବୁ ଅଗ୍ରୱାଲ ଏବଂ ଅଭୟ ପଧାନ ତାଙ୍କୁ ଲାଇନରେ ସହଯୋଗ କରିଥିଲେ। ରଞ୍ଜିତ ଛତରିଆ ଚତୁର୍ଥ ରେଫରୀ ଦାୟିତ୍ୱରେ ରହିଥିଲେ।

ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ୍‌ଆଉଟ୍ ଫୁଟବଲ୍

# ଅଷ୍ଟମ ଦିନରେ କୁଚି ପାଲି ଓ ଅତାବିରା ଦଳ ବିଜୟୀ

ବରଗଡ଼, ୨୪।୯ (ସମିସ)



ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାରେ ବୁଧବାର ଅଷ୍ଟମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ କୁଚିପାଲି ଦଳ ଓ ଅତାବିରା ଦଳ ବିଜୟୀ ହୋଇଛନ୍ତି। ଆଜି ପ୍ରଥମ ମ୍ୟାଚ୍‌ରେ କୁଚିପାଲି ଦଳ ଓ ଜାଣ୍ଡୋଲ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କୁଚିପାଲି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବଣ୍ଟୁ ପଟେଲ ଏକ ମାତ୍ର ଗୋଲଟି ସ୍କୋର କରିଥିଲେ। ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଜାଣ୍ଡୋଲ ଦଳର ଲିଙ୍ଗରାଜ ଭୁଏଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍‌କୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶୁଭମ୍ ପାତ୍ର, ବଣ୍ଟି ପ୍ରଧାନ ସହଯୋଗ କରିଥିଲେ। ନିରଞ୍ଜନ ପଣ୍ଡା ଚତୁର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ଟି ଅତାବିରା ଦଳ ଓ ଡୁମ୍ବେରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତାବିରା ଦଳ ୪-୧ ଗୋଲରେ ମ୍ୟାଚ୍‌କୁ ଜିତିଥିଲା। ଏଥିରେ ଅତାବିରା ଦଳ ପକ୍ଷରୁ ଗୋବିନ୍ଦ ଭୁଏ ଦୁଇଟି ଗୋଲ ଦେଇଥିବା ବେଳେ ସୁରଜ୍ ମିର୍ଦ୍ଧା, ଚୁଡେଶ୍ୱର ମିର୍ଦ୍ଧା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରତିପକ୍ଷ ଡୁମ୍ବେର ପାଲି ଦଳ ପକ୍ଷରୁ ଜିତେନ୍ ବରିହା ଗୋଟିଏ ଗୋଲ ଦେଇଥିଲେ। ଅତାବିରା ଦଳର ଲୋକନାଥ ସୁରଜାଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଖେଳକୁ ଅନିଲ ବାଗ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଦିପେଶ ପ୍ରଧାନ, ଅନୁରୋଧ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ସତ୍ୟ ତରିଆ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଅଛନ୍ତି। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉଭୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ରାହୁଲ ବେହେରା, ଠାକୁର ବାବୁ, ଆକାଶ ରଥ, ଗୋପାଳ ନାୟକ ପୁରସ୍କୃତ କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ଚିଚିଣ୍ଡା ଦଳ ଓ ଜେଜେୱାଇଏସ ଦଳ ଓ ଦ୍ୱିତୀୟ ମ୍ୟାଚ୍‌ଟି ଡୁଙ୍ଗୁରି ଓ ଜଙ୍ଗେଡ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

## ପୋଲ ଉପରେ ଭାଙ୍ଗିଲା ଗଛ, ଯାତାୟାତ ବାଧାପ୍ରାପ୍ତ



ଝାରସୁଗୁଡ଼ା,୨୪।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଜପୁର ପଞ୍ଚାୟତ ଠାରୁ ଚାନ୍ଦନିମାଲ ସମେତ ସୁନ୍ଦରଗଡ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାର ଘୋଡାଡିଆଁ ପୋଲ ଉପରେ ଏକ ବିରାଟ ଗଛ ବୁଧବାର ଭାଙ୍ଗି ପଡିଛି। ଫଳରେ ରାସ୍ତାରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇ ଉଭୟ ପାଶ୍ୱରେ ଯାତ୍ରୀ ଅଟକି ରହିଥିଲେ। ମଙ୍ଗଳବାର ଠାରୁ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ବୁଧବାର ପ୍ରାୟ ୧୨ ଟାରେ ଘୋଡାଡିଆଁ ପୋଲ ଉପରେ ଗଛଟି ଭାଙ୍ଗି ପଡିଥିଲା। ଫଳରେ ବହୁ ସମୟ ଧରି ରାସ୍ତା ବନ୍ଦ ହୋଇ ଯାଇଥିଲା। ୩ ଘଣ୍ଟା ପରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଜନସାଧାରଣଙ୍କ ପ୍ରଚେଷ୍ଟା ଫଳରେ ରାସ୍ତା ଉପରୁ ଗଛକୁ କାଟି ହଟା ଯିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ତେବେ ଗଛଟି ଭାଙ୍ଗିବା ସମୟରେ ରାସ୍ତାରେ କେହି ନଥିବା କାରଣରୁ ଏକ ବଡ ଦୁର୍ଘଟଣାରୁ ଜନସାଧାରଣ ବର୍ତ୍ତି ଯାଇଥିବା ଚର୍ଚ୍ଚା ହୋଇଛି।

## ‘ଗଇଲୋ ଘାଟି’ ରାସ୍ତା ସାଜିଛି ଯନ୍ତ୍ରୀ ଓ ଠିକାଦାରଙ୍କ ପାଇଁ ଦୁଧିଆଳୀ ଗାଈ

ଦେବଗଡ଼,୨୪।୯(ସମିସ)




ଗଇଲୋ ଘାଟିରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ନ ସରୁଣୁ ପୁଣି ଥରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ଦେଖିବାକୁ ମିଳିଛି। ସୌଧ ଓ ରାସ୍ତା ନିର୍ମାଣ ବିଭାଗ ପକ୍ଷରୁ ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟରେ ବିନା ଟେଣ୍ଡରରେ ଚାଲିଥିବା ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସରିବା ପୂର୍ବରୁ ନିମ୍ନମାନ କାର୍ଯ୍ୟ ଯୋଗୁଁ ନଷ୍ଟ ହେବାକୁ ବସିଛି। ଏନେଇ ଏହିରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୮ ଟି ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରଶସ୍ତୀକରଣ କାର୍ଯ୍ୟ ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନାହାନ୍ତି। ଫଳରେ ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା ଠାକ୍ ଭାବେ କାର୍ଯ୍ୟ କରାଯାଉ ନଥିବାରୁ ନିର୍ମାଣ କାର୍ଯ୍ୟର କିଛିଦିନ ମଧ୍ୟରେ ସିମେଣ୍ଟ ଧୋଇହୋଇ ଗେଟି ବାହାରି ପଡିଥିବା ଦେଖାଦେଇଛି। ଅନେକ ସ୍ଥାନରେ ମାଟି ଉପରେ କଂକ୍ରିଟ ଢଳା ଯାଇଥିବା କାରଣରୁ ସେସବୁ ସ୍ଥାନରେ କଂକ୍ରିଟ ମଧ୍ୟ ବାହାରି ପଡିଥିବା ଦେଖିବାକୁ ମିଳିଛି। ସେହିପରି ସର୍ବାଧିକ ୨ରୁ ଅଢ଼େଇ ଇଞ୍ଚ କଂକ୍ରିଟ ଢଳା ଯାଉଥିବାରୁ ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିରୋଳା ଘାଟି ରାସ୍ତାରେ ଲକ୍ଷାଧିକ ଟଙ୍କାର ନିର୍ମାଣ କାର୍ଯ୍ୟକୁ କୌଣସି ଅଧିକାରୀ ଯାଞ୍ଚ କରୁ ନ ଥିବାରୁ ଜନସାଧାରଣ ଅର୍ଥ ପାଣିରେ ପଡୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସେହିପରି ଜନୈକ ଅବସରପ୍ରାପ୍ତ ଯନ୍ତ୍ରୀ ନିଜ ନାମ ଗୋପନ ରଖି ୧୮ ଲକ୍ଷ ଟଙ୍କା ବ୍ୟୟରେ ବର୍ତ୍ତମାନ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ମାନକୁ ଦେଖି ସର୍ବାଧିକ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଦୀର୍ଘ ବର୍ଷ ହେବ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଗଇଲୋ ଘାଟି ଯନ୍ତ୍ରୀ ଓ ଠିକାଦାରଙ୍କ ପାଇଁ ଦୁଧିଆଳୀ ଗାଈ ସାଜିଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ବିଭାଗ ପକ୍ଷରୁ ଏହି ଘାଟି ରାସ୍ତାର ମରାମତି, କେତେବେଳେ ଗାର୍ଡ ୱାଲ ତ ପୁଣି କେତେବେଳେ ପ୍ରସସ୍ତୀକରଣ ନାମରେ ସରକାରୀ ରାଜସ୍ୱରୁ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହେଉଥିବା ବେଳେ ଜନସାଧାରଣଙ୍କୁ କୌଣସି ସୁଫଳ ମିଳିପାରୁନାହିଁ। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ସୋରେନଙ୍କ ମତାମତ ମାଗିବାରୁ ଏଭଳି ଅଭିଯୋଗ ତାଙ୍କର ହସ୍ତଗତ ହୋଇ ନଥିବା ଏବଂ ଯେଉଁ କନିଷ୍ଠ ଯନ୍ତ୍ରୀ ସେହି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିଲେ ତାଙ୍କ ଅନ୍ୟତ୍ର ବଦଳି ହୋଇଥିବା ପ୍ରକାଶ କରିଥିଲେ। ଏବେ ସେ ନିଜେ ସେହିକାର୍ଯ୍ୟର ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି। ଏସବୁକୁ ଦେଖି ଗଇଲୋ ଘାଟିରାସ୍ତା ନିର୍ମାଣର ଭିଜିଲାନ୍ସ ତଦନ୍ତ କରାଯାଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ଲୋକ ଲୋଚନକୁ ଆଣିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିନା ଟେଣ୍ଡରରେ ଚାଲିଛି ୧୮ ଲକ୍ଷ ଟଙ୍କାରେ ରାସ୍ତା ପ୍ରଶସ୍ତୀକରଣ

### ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ବାହାରୁଛି ଗେଟି

## ପ୍ଲାଷ୍ଟିକ୍ ବର୍ଜନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା




ଦେବଗଡ଼,୨୪।୯(ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ରିଆମାଳ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଏକକ ବ୍ୟବହାର ପ୍ଲାଷ୍ଟିକ ପଲିଥିନ ଓ ବ୍ୟାଗ ବର୍ଜନ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗ ଦେଇ ବଜାରରେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟାଗ ଓ ପଲିଥିନ ବର୍ଜନ ପାଇଁ କହିବା ସହ ଏହାର କୁପ୍ରଭାବ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଆସନ୍ତା ସପ୍ତାହ ଠାରୁ ଜିଲ୍ଲା ବ୍ୟାପି ପ୍ଲାଷ୍ଟିକ ବ୍ୟାଗ ଓ ପଲିଥିନ ବ୍ୟବହାରକାରୀ ଓ ବିକ୍ରି କରୁଥିବା ଅନୁଷ୍ଠାନ ଉପରେ ଚଢ଼ଉ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ କରନ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ବଜାରରେ ପ୍ଲାଷ୍ଟିକ ବ୍ୟାଗରେ ସାମଗ୍ରୀ ଧରିଥିବା ବ୍ୟକ୍ତିଙ୍କୁ ସଚେତନ କରିବା ସହ ସେମାନଙ୍କୁ ଏକ କପଡା ବ୍ୟାଗ ପ୍ରଦାନ କରାଯାଇଥିଲା। ଲୋକଙ୍କ ହାତରୁ ପ୍ଲାଷ୍ଟିକ ବ୍ୟାଗକୁ ଆଣି ଡଷ୍ଟବିନରେ ଫିଙ୍ଗୁଥିବା ବେଳେ କପଡା ବ୍ୟାଗରେ ସାମଗ୍ରୀ ଧରିଥିବା ଲୋକଙ୍କୁ ଗୋଲାପ ଫୁଲ ଓ ଚକଲେଟ୍ ପ୍ରଦାନ କରାଯାଇଥିଲା।

## ୨୭ ତାରିଖରେ ହେବ ଗର୍ବା ଗୁଞ୍ଜ ସିଜନ୍-୨



ଝାରସୁଗୁଡ଼ା,୨୪।୯(ସମିସ): ନବରାତ୍ରି ଅବସରରେ ଭାଇରାଲ ମିଡିଆ ଗ୍ରୁପ ପକ୍ଷରୁ ଆସନ୍ତା ୨୭ ତାରିଖ ହେବାକୁ ଥିବା ଗର୍ବା ଗୁଞ୍ଜ ସିଜନ୍-୨ କୁ ନେଇ ଅପର୍ଣ୍ଣା ବଗିଚାରେ ରବିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗର୍ବା ଗୁଞ୍ଜ ସିଜନ୍-୨ରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ମହାଭାରତ ଧାରାବାହିକରେ ଶ୍ରୀକୃଷ୍ଣ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ସୌରଭରାଜ ଜୈନ ସେଲିବ୍ରିଟି ଗେଷ୍ଟ ଭାବେ ଯୋଗ ଦେବେ। ସୌରଭଙ୍କ ଉପସ୍ଥିତ ଏଥର ଗର୍ବା ଗୁଞ୍ଜ ସିଜନ୍ -୨ର ମୁଖ୍ୟ ଆକର୍ଷଣ ରହିବ। ଏହାସହ କାର୍ଯ୍ୟକ୍ରମରେ ରଖାଯାଇଥିବା ଲକି ଡ୍ର ବିଷୟରେ ମଧ୍ୟ ସୂଚନା ଦିଆ ଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ରବିଙ୍କ ସହ ସ୍ପନସର୍ ସୋନି ଜ୍ୱେଲର୍ସ ମାଲିକ ରିତେଶ ସୋନି, ସାମାଜିକ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନର ସଭାପତି ମାନସୀ ପଣ୍ଡା, ବ୍ରାହ୍ମଣ ମହିଳା ସମାଜର ସଭାପତି ମୌନୀ ମିଶ୍ର, ଅମ୍ବେ ଡିଜିଟାଲର ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଖବରକାଗଜ ବିତରକଙ୍କ ପିତାଙ୍କ ମୃତ୍ୟୁ

କୋଲାବିରା,୨୪।୯(ସମିସ): କୋଲାବିରା ଗାଁର ଖବର କାଗଜର ବିତରକ ସୁରେନ୍ଦ୍ର ରଣବିଡାଙ୍କ ପିତା ନିଲାମ୍ବର ରଣବିଡା(୭୮)ଙ୍କ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଛି। ମଙ୍ଗଳବାର ରାତିରେ ନିଲାମ୍ବର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ମାତ୍ର ଆଉ ଘରକୁ ଫେରି ନଥିଲେ। ରାତିସାରା ଭୀଷଣ ବର୍ଷା ସତ୍ତ୍ୱେ ଘରଲୋକେ ରାତି ୩ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ହେଁ ତାଙ୍କର କିଛି ଖୋଜଖବର ପାଇ ପାରି ନଥିଲେ। ବୁଧବାର ସକାଳୁ ସନ୍ୟାସୀପାଲି ବୁଲାଣି ନିକଟ ରାସ୍ତାକଡ଼ରୁ କ୍ଷତାକ୍ତ ଅବସ୍ଥାରେ ନିଲାମ୍ବରଙ୍କୁ ଉଦ୍ଧାର କରାଯାଇଥିଲା। ଗାଡି ଧକ୍କାରେ ସେ ଗୁରୁତର ହୋଇଥିବା ଆଖପାଖରୁ ଜଣାପଡ଼ିବା ବେଳେ ବର୍ଷାରେ ରାତିସାରା ପଡି ରହିଥିବାରୁ ତାଙ୍କ ଶରୀର ନିସ୍ତେଜ ହୋଇସାରିଥିଲା। କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୋଲାବିରା ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ପାଣିରେ ବୁଡ଼ି କର୍ମଚାରୀ ମୃତ

କୋଲାବିରା,୨୪।୯(ସମିସ): ସ୍ଥାନୀୟ ସେଭେନଷ୍ଟାର କାରଖାନାରେ କାର୍ଯ୍ୟରତ କୋଲାବିରା ଥାନା ଅଧୀନ କେଲେଣ୍ଡାମାଲ ଗାଁର ସୁବ୍ରତ ନାଏକ(୫୪) ନିଜ ପୋଖରୀରେ ଗାଧୋଇବାକୁ ଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ବୁଧବାର ଅପରାହ୍ଣ ୨ଟାରେ ସୁବ୍ରତ କାରଖାନାରୁ ଛୁଟିହେବା ପରେ ଘରକୁ ଫେରିଥିଲେ।

କେଲଡାମାଲ ପଞ୍ଚାୟତ ନିକଟରେ ଥିବା ନିଜ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ବେଳେ ପାଣିରେ ବୁଡିଯାଇ ସେ ମୃତ୍ୟୁ ମୁଖରେ ପଡିଥିବା ପରିବାର ଲୋକ କହିଥିଲେ। ଖବର ପାଇ ଗ୍ରାମବାସୀ କୋଲାବିରା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ସମୟ ପରିଶ୍ରମ କରି ପାଣିରୁ ମୃତଦେହକୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ କୋଲାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ରହିଛି।

## ଯୌତୁକ ପାଇଁ ବଧୂହତ୍ୟା ମାମଲାରେ ସ୍ୱାମୀକୁ ଆଜୀବନ କାରାଦଣ୍ଡ

### ଶାଶୂ ଶ୍ୱଶୁର ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୨୪।୯(ସମିସ): କୁଣ୍ଡେଇଗୋଳା ଥାନା ଅଧୀନ ସିଆରିମାଳିଆ ଗାଁରେ ୨୦୧୮ ମସିହାରେ ସଙ୍ଘଠିତ ଯୌତୁକ ପାଇଁ ବଧୂ ହତ୍ୟା ମାମଲାର ବିଚାର କରି ଆଜି ଜିଲ୍ଲା ତଥା ଦୌରା ଜଜ ଦେବାଶିଷ ରାଉତ ଅଭିଯୁକ୍ତ ସ୍ୱାମୀ ଯୋଗେଶ୍ୱର ପ୍ରଧାନଙ୍କୁ ଯୌତୁକ ନିରୋଧ ଆଇନର ଦଫା ୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାର ବିଚାର କରି ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଜିଲ୍ଲା ଓ ଦୌରା ଜଜ୍ ହତ୍ୟା ପାଇଁ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯୌତୁକ ନିର୍ଯ୍ୟାତନା ପାଇଁ ଅଭିଯୁକ୍ତକୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜୋରିମାନା ଏବଂ ଜରିମାନା ଅନାଦେୟ ହେଲେ ୩ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ସେହିପରି ଭାରତୀୟ ପିଙ୍ଗଳ କୋଡ ଦଫା ୩୦୪-ଖ ଅଧୀନରେ ଅପରାଧ ପାଇଁ ତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନାରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦୟେ ତାଙ୍କୁ ୩ ମାସ ସଶ୍ରମ କାରାଦଣ୍ଡା ଦେଶ ଦେଇଥିବା ଜଣାପଡିଛି। ଯୌତୁକ ନିରୋଧ ଆଇନ ଦଫା ୪ ଅନୁଯାୟୀ ଅପରାଧ ପାଇଁ ତାଙ୍କୁ ୧ ବର୍ଷ ଜେଲଦଣ୍ଡ ସହ ୧ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦୟେ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଏହି ମାମଲାରୁ ଅଭିଯୁକ୍ତ ଶାଶୁ ଏବଂ ଶ୍ୱଶୁରଙ୍କୁ ପ୍ରମାଣ ଅଭାବେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୭ ଏପ୍ରିଲ ୧୯ ତାରିଖ କୁଣ୍ଡେଇଗୋଳା ଥାନା ଅଧୀନ ସିଆରୀମାଳିଆ ଗାଁର ଲକ୍ଷ୍ମଣ ସାହୁଙ୍କ ଝିଅ ରଶ୍ମିତା ସାହୁଙ୍କ ମଲାରବାହାଲ ଗାଁର ବିନୋଦ ପ୍ରଧାନଙ୍କ ପୁଅ ଯୋଗେଶ୍ୱର ପ୍ରଧାନ ସହିତ ବିବାହ ହୋଇଥିଲା। ବିବାହର କିଛି ଦିନ ପରେ ଅଧିକ ଯୌତୁକ ଲୋଭରେ ରଶ୍ମିତାଙ୍କୁ ଅଭିଯୁକ୍ତ ସ୍ୱାମୀ ଯୋଗେଶ୍ୱର ସହ ଶାଶୁ ସ୍ୱଶୁର ମାନସିକ ଆଉ ଶାରୀରିକ ଯନ୍ତ୍ରଣା ଦେବା ସହ ୨୦୧୮ ଜୁଲାଇ ୧୭ ତାରିଖରେ ହତ୍ୟା କରିଥିବା ନେଇ କୁଣ୍ଡେଇଗୋଳା ଥାନାରେ ମୃତ ରଶ୍ମିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତ ଦାୟିତ୍ୱ କୁଣ୍ଡେଇଗୋଳା ଥାନାର ତତ୍କାଳୀନ ଇନସ୍ପେକ୍ଟର ରତ୍ନାକର ମଲ୍ଲିକ ଏବଂ ଏସ୍ଆଇ ବବିତା ଦେହୁରୀ ବହନ କରିଥିଲେ। ସରକାରଙ୍କ ତରଫରୁ କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର ମାମଲାର ପରିଚାଳନା କରିଥିଲେ।

● ଜାତୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା

## ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ୫ ଛାତ୍ରୀ ମନୋନୀତ



ଝାରସୁଗୁଡ଼ା,୨୪।୯(ସମିସ): କାଉନସିଲ ଫର ଦ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏଗଜାମିନେଶନ ବୋର୍ଡ (ସିଆଇଏସସିଇ) ଦ୍ୱାରା ଆୟୋଜିତ ହେଉଥିବା ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ବାଳିକା ବିଭାଗରେ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ୫ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଚଳିତ ମାସ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତାରେ ବିଇଏମ ବିଦ୍ୟାଳୟର ଛାତ୍ରୀ ନିବେଦିତା ଦାସ, ଶ୍ରେୟା ସଂଲଗ୍ନା, ନିୟତି ମଲ୍ଲିକ, ପଲକ ସିଂ ଓ ଅନ୍ୱେଶା ଭଏସେସି ଓଡ଼ିଶା ଦଳର ପ୍ରତିନିଧିତ୍ୱ କରୁଛନ୍ତି। ଏହା ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନିତା ଶର୍ମା ଦଳ ସହିତ ହାଇଦ୍ରାବାଦ ଯାଇଛନ୍ତି। ୧୭ ବର୍ଷରୁ କମ୍ ଦଳରେ ସ୍ଥାନ ପାଇଥିବା ଏହି ଛାତ୍ରୀ ମାନେ ଆଞ୍ଚଳିକ ପ୍ରତିଯୋଗିତାରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଓଡ଼ିଶା ଦଳ ପାଇଁ ଚୟନ ହୋଇଛନ୍ତି। ଛାତ୍ରୀ ମାନଙ୍କର ଏହି ସଫଳତା ପାଇଁ ବିଇଏମ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ଉପ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର, ଉପାଧ୍ୟକ୍ଷ ବିଜୟ ଗୌଡ, ଶାରୀରିକ ଶିକ୍ଷା ଶିକ୍ଷକ ହମିଦ ମହାପାତ୍ର, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ମେଳା

ଭଟଲି,୨୪।୯(ସମିସ): ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇ ଯାଇଛି। ଭଟଲି ବ୍ଲକ୍ ଚେୟାରମ୍ୟାନ ନିତ୍ୟାନନ୍ଦ ପ୍ରଧାନ, ବିଡିଓ ପ୍ରମୋଦ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.କୁବେର ମହନ୍ତ, ଡ.ଶ୍ରୀବଲ୍ଲଭ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ.ପ୍ରଣବ ପାଣିଗ୍ରାହୀ, ସ୍ତ୍ରୀ ଓ ପ୍ରସୂତି ଡ.ସୁସ୍ମିତା ଦାଶ, ଡ.ଚନ୍ଦ୍ରଭାନୁ ମହାଲିଙ୍ଗ, ଡ.ଲିସା ମିଶ୍ର, ଡ.ସୁଶାନ୍ତ ସାହୁ, ଡ.ରିତେଶ ସାହୁ, ଡ.ନିବେଦିତା ସାହୁ ପ୍ରମୁଖ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଗର୍ଭବତୀ ମହିଳା ମାନଙ୍କର ପରୀକ୍ଷା କରି ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମ ପରିଚାଳନାରେ ବିପିଏମ ଜୟପ୍ରକାଶ ପ୍ରଧାନ, ପିଏଚଇଓ ଝସକେତନ ଧରାଇ, ବିଏଏମ ଆଲୋକ ବିଶ୍ୱାଳ, ବିଡିଏମ ଦୁର୍ଗା ପ୍ରସାଦ ମହନ୍ତମ, ଫାର୍ମାସି ଅଫିସର ବିକାଶ ମହାପାତ୍ର, ଉଦିତ ନନ୍ଦ, ଖୁବିରାମ ସାହୁ, ରଶ୍ମି ସାହୁ, ଗଗନ ସାହୁ, ରେଶମା ମେହେର, ଅର୍ଚ୍ଚନା ଜାଲ ତଥା ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ତ ସମସ୍ତ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ।

## ଜନପ୍ରତିନିଧିଙ୍କ ଉଦାସୀନତା ମାଁ ପ୍ରଧାନପାଟେଶ୍ୱରୀଙ୍କ ପୀଠର ବିକାଶରେ ପ୍ରତିବନ୍ଧକ





ଦେବଗଡ଼,୨୪।୯(ସମିସ): ଦେବଗଡ଼ର ପ୍ରସିଦ୍ଧ ମାଁ ପ୍ରଧାନପାଟେଶ୍ୱରୀଙ୍କ ପୀଠ ଆଜି ବି ଅବହେଳିତ ଅବସ୍ଥାରେ ରହିଛି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ମାଁଙ୍କ ପୂଜାସ୍ଥଳୀରେ କୌଣସି ଉନ୍ନତି ମୂଳକ କାମ ହୋଇନାହିଁ। ଅଖୋଜ ବାମଣ୍ଡା ନାମରେ ଦେବଗଡ଼ ଅତୀତରେ ପରିଚିତ ଥିଲା। ଗଙ୍ଗ ବଂଶରାଜାଙ୍କ ଶାସନାଧୀନ ଅଖୋଜ ବାମଣ୍ଡାର ଆରାଧ୍ୟ ଦେବୀ ମାଁ ପଧାନୀ ବୁଢ଼ୀ ଥିଲେ। ମାଁଙ୍କ ଆସ୍ଥାନ ଘଞ୍ଚ ପ୍ରଧାନପାଟ ପାହାଡ ଉପରେ ରହିଥିଲା। ସେହି ସ୍ଥାନ ଆଜି ‘ସିନ୍ଦୂର ମଖା’ ନାମରେ ପରିଚିତ। କିମ୍ବଦନ୍ତୀ ଅନୁସାରେ ମାଁ ପଧାନୀ ବୁଢ଼ୀଙ୍କୁ ଜଣେ ଭୂୟାଁ ସମ୍ପ୍ରଦାୟର ଦେହୁରୀ ପ୍ରତିଦିନ ପୂଜା କରୁଥିଲେ। ପାହାଡ ପାଦ ଦେଶରୁ ପ୍ରାୟ ୧୫୦ ଫୁଟ ଉଚ୍ଚତାରେ ପ୍ରତ୍ୟହ ସେ ପୂଜା ଆରାଧନା କରୁଥିଲେ। ତେବେ ଦେହୁରୀ ଜଣକ ସାଥିରେ ନେଇ ଯାଉଥିବା ଡାଳକୁ ଦିନେ ପାହାଡ଼ ଉପରେ ଭୁଲି ଛାଡି ଆସିଥିଲେ। ପରେ ବାଟରେ ଡାଳ ନଥିବା ଜାଣିପାରି ପୁଣି ଥରେ ପୂଜା ସ୍ଥଳୀକୁ ଫେରି ସେଠାରେ ମାଁ ପ୍ରସାଦ ସେବନ କରୁଥିବା ଦେଖିବାକୁ ପାଇଥିଲେ। ଦେହୁରୀଙ୍କୁ ମାଁ ଆଉ ସେଠାକୁ ଆସି ପୂଜା ଆରାଧନା ପାଇଁ ମନା କରିବା ସହ ପାହାଡ ଉପରୁ ଉକ୍ତ ଡାଳକୁ ତଳକୁ ଗଡ଼ାଇ ଦେଇ ଯେଉଁ ଠାରେ ଡାଳ ରହିବ ସେଠାରେ ପୂଜା କରିବାକୁ ଆଦେଶ ଦେଇଥିଲେ। ମାଁ ସିନ୍ଦୂର ମଖା ଆସ୍ଥାନରୁ ଫିଙ୍ଗିଥିବା ଡାଳ ଯେଉଁ ସ୍ଥାନରେ ଆସି ପଡିଥିଲା, ସେବେଠାରୁ ସେହି ସ୍ଥାନରେ ପାହାଡ଼ ପାଦ ଦେଶରେ ମାଁ ପଧାନୀଙ୍କ ପୂଜା ଆରାଧନା ହୋଇ ଆସୁଛି। ଦଶହରା ସମୟର ନିଶାର୍ଦ୍ଧରେ ମାଁ ପ୍ରଧାନପାଟ ଠାରୁ ଘୋଡାରେ ଚଢ଼ି ନଗର ଭ୍ରମଣରେ ଆସୁଥିବା ଆଜି ମଧ୍ୟ ବହୁ ବୟସ୍କଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। କାହିଁ କେଉଁ ଆବାହନମାନ କାଳରୁ ପୂଜା ପାଉଥିବା ମାଁଙ୍କ ପ୍ରତି ଆଜି ମଧ୍ୟ ଜନସାଧାରଣଙ୍କ ଅଗାଢ଼ ଭକ୍ତିଭାବ, ବିଶ୍ୱାସ ଓ ଶ୍ରଦ୍ଧା ରହିଛି।କିଛି ଦଶନ୍ଧି ପୂର୍ବରୁ ମାଁ ପଧାନୀ ବୁଢ଼ୀ ବଦଳରେ ମାଁ ପ୍ରଧାନପାଟେଶ୍ୱରୀ ଭାବେ ପୂଜା ପାଉଥିବା ଦେଖିବାକୁ ମିଳିଛି। ଆଶ୍ୱିନ ଓ ଚୈତ୍ର ମାସରେ ମାଁଙ୍କ ବିଶେଷ ପୂଜା ହେଉଥିବା ବେଳେ ପଣା ଭୋଗ ମାଁଙ୍କ ପ୍ରିୟ। ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ଏକ ଗଛ ମୂଳରେ ଆବାହନମାନ କାଳରୁ ମାଁଙ୍କ ପୂଜା ଆରାଧନା ହେଉଛି। କିନ୍ତୁ କୌଣସି ଭବ୍ୟ ମନ୍ଦିର ନିର୍ମାଣ ହୋଇ ପାରିନାହିଁ। ଦେବଗଡ଼ ସହରର କେତେକ ସନାତନୀ ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ୨୦୧୩ ରୁ ଦଶହରା ଅବସରରେ ମାଁଙ୍କ ପୀଠରେ ନବ ଦିନାତ୍ମକ ଚଣ୍ଡୀ ପାଠ ସହ ହୋମ, ଯଜ୍ଞ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହେଇ ଆସୁଛି।

ଜଙ୍ଗଲ ମଧ୍ୟରେ ଝରଣା କୂଳରେ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ମାଁଙ୍କ ପୀଠର ବିକାଶ ନିମନ୍ତେ ଆଜି ପର୍ଯ୍ୟନ୍ତ ସରକାର ହୁଅନ୍ତୁ ବା ନିର୍ବାଚିତ ଜନ ପ୍ରତିନିଧି କେହି କେବେ ଚେଷ୍ଟା କରି ନାହାନ୍ତି। ଯଦ୍ୱାରା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ରହିଥିବା ମାଁଙ୍କ ପୀଠର ବିକାଶ ହୋଇ ପାରି ନାହିଁ।

## ପିଲାଙ୍କ ଝଗଡ଼ାରୁ ଦୁଇ ଗୋଷ୍ଠୀ ଗଣ୍ଡଗୋଳ ଘଟଣାରେ ୩ କୋର୍ଟଚାଲାଣ



ଝାରସୁଗୁଡ଼ା,୨୪।୯(ସମିସ): ଛୋଟ ଛୁଆଙ୍କ ଝଗଡ଼ାକୁ ନେଇ ଓରିଏଣ୍ଟ ଥାନା ଅଧୀନ ବୁଢ଼ୀଜାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳକୁ ନେଇ ତିନିଜଣ ଅଭିଯୁକ୍ତକୁ ଗିରଫ କରିକୋର୍ଟ ଚାଲାଣ କରାଯାଇଛି। ପିଲାଙ୍କ ଝଗଡ଼ାକୁ ନେଇ ଓରିଏଣ୍ଟ ଥାନା ଅଧୀନ ବୁଢ଼ୀଜାମର ମଦନ ସିଂହଙ୍କ ଘରେ ପଶି ତାଙ୍କୁ ଏବଂ ତାଙ୍କ ସ୍ତ୍ରୀ ଓ ଭାଉଜଙ୍କୁ ଗୁରୁବାର ବଜାର ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଦୁଇ ଭିନ୍ନ ସଂପ୍ରଦାୟର ବ୍ୟକ୍ତିଙ୍କ ମାଧରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ ହେବା ସହିତ ଗୋଟିଏ ସମ୍ପ୍ରଦାୟ ପକ୍ଷରୁ ଥାନା ଘେରଉ କରାଯାଇଥିଲା। ଏହି ଘଟଣାରେ ତିନିଜଣ ଅଭିଯୁକ୍ତ ଗୁରୁବାର ବଜାର ଅଞ୍ଚଳର ସବୀବ ଖାଁ(୪୬), ମହମ୍ମଦ ଅରବାଜ(୨୪), ଜାଭେଦ କ୍ୟୁରେସି (୧୯) କୁ ଗିରଫ କରି ଓରିଏଣ୍ଟ ଥାନା ପୁଲିସ କୋର୍ଟଚାଲାଣ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଘଟଣାକୁ ପରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ଥିବାରୁ ଥାନା ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ମୃଦୁ ଲାଠି ଚାଳନା ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ବ୍ରଜରାଜନଗର ଏସ୍ଡିପିଓ ଏହାକୁ ଖଣ୍ଡନ କରିଛନ୍ତି।

### ଶିକ୍ଷା ବିଭାଗର ବିକଳଚିତ୍ର

# କବାଡ଼ିଆ ହାତରେ ସିଲ୍ ଖୋଲି ନ ଥିବା ବସ୍ତା ବସ୍ତା ବହି

ମୋରଡ଼ା, ୨୪ା୯ (ସମିସ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସରକାର ମାଗଣା ବହି, ପୋଷାକ, ମଧ୍ୟାହ୍ନଭୋଜନ ଆଦି ବ୍ୟବସ୍ଥା କରିଥିଲେ ମଧ ଶୈକ୍ଷିକ ବାତାବରଣରେ କୌଣସି ଉନ୍ନତି ହୋଇପାରୁନାହିଁ। ଫଳରେ ସରକାରୀ ଯୋଜନାର ସୁଫଳ ରୂପାୟନ ହୋଇପାରୁନାହିଁ। ଏପରିସ୍ଥଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆଗ୍ରହ ମଧ କମିକମି ଯାଉଛି। ତେଣୁ ବିଭିନ୍ନ ସମସ୍ୟା ଦେଇ ପ୍ରାଥମି ଶିକ୍ଷା ବ୍ୟବସ୍ଥା ଗତି କରୁଛି। ସୋମବାର ଜଣେ ଫେରିବାଲା କବାଡ଼ିଆ ଗାଡ଼ିରେ ପ୍ଲାଷ୍ଟିକ ଏବଂ ଏକ ବସ୍ତାରେ ସିଲ ଖୋଲା ହୋଇ ନ ଥିବା ବହୁ ସରକାରୀ ବହି କିଣି ନେଇଯାଉଥିବା ଏକ ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋମବାର ଜଣେ କବାଡ଼ିଆ ମୋରଡ଼ା ବ୍ଲକ ପାଞ୍ଚଭାୟାରୁ ରାସଗୋବିନ୍ଦପୁର ବ୍ଲକକୁ ଉକ୍ତ ବହିନେଇଯାଉଥିବା ସମୟରେ ଛାତନା ପଞ୍ଚାୟତ ସମିତିସଭ୍ୟ ଦୁର୍ଗାଚରଣ ମହାନ୍ତ ଛାତନା ଛକ ନିକଟରେ ଅଟକାଇ ପଚରାଉଚରା କରିବାରୁ ସେ କୌଣସି ଉତ୍ତର ନ ଦେଇ ଦ୍ରୁତଗତିରେ ଚାଲିଯାଇଥିଲେ। ତେବେ ଫଟୋରେ ସିଲ ଖୋଲା ହୋଇନଥିବା ୪ଟି ବଡ ବଡ ବସ୍ତାରେ ବହି ଗୁଡିକୁ ଉକ୍ତ କବାଡ଼ିଆ ଜଣକ ନେଇ ଯାଉଥିବା ଜଣାପଡ଼ିଛି। ତେବେ ଦୁର୍ଗା ମହାନ୍ତଙ୍କ କହିବା ମୁତାବକ ଏପରି ବିଭିନ୍ନ ସ୍ଥାନରେ ସରକାରୀ ବହିଗୁଡିକୁ



**ଉଚ୍ଚସ୍ତରୀୟ ତଦନ୍ତ ଦାବି**

ଶିକ୍ଷକମାନେ ବିକ୍ରି କରି ରୋଜଗାର କରୁଥିବାରୁ ତାହାର ଉଚ୍ଚସ୍ତରୀୟ ତଦନ୍ତ କଲେ ବହୁ ରହସ୍ୟ ଜଣାପଡ଼ିବ। ଏ ନେଇ ମୋରଡ଼ା ଏବଂ ରାସଗୋବିନ୍ଦପୁର ବ୍ଲକ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କୌଣସି ଖବର ପାଇନାହାନ୍ତି। ବର୍ତ୍ତମାନ କେଉଁ ସ୍କୁଲକୁ କେତେ ବହି ପ୍ରଦାନ କରାଯାଇଛି ଏବଂ କେତେ ବହି ବଳକା ରହିଛି ତାହା ଅନୁଧାନ କରି ଦୋଷୀକୁ ଧରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ୟାଙ୍କରେ ଜେନେରେଟର ନ ଥିବାରୁ ଗ୍ରାହକ ହନ୍ତସନ୍ତ



ବହଳଦା, ୨୪ା୯ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଜେନେରେଟର ନ ଥିବାରୁ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ବିଜୁଳି ଚାଲିଗଲେ ବ୍ୟାଙ୍କ ସେବା ବନ୍ଦ ହୋଇଯାଏ। ଫଳରେ ଗ୍ରାହକମାନେ ବିଦ୍ୟୁତ ଆସିବା ଯାଏ ଅପେକ୍ଷା କରିବାକୁ ବାଧ ହୁଅନ୍ତି। ବ୍ୟାଙ୍କକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ଗରମ ଏବଂ ଗୁଳୁଗୁଳିରେ ଆଉଟପାଉଟ ହେଉଛନ୍ତି। ବିଶେଷକରି ବୃଦ୍ଧବୃଦ୍ଧା ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି। ଏ ନେଇ ଗ୍ରାହକମାନେ ଅଭିଯୋଗ କଲେ ବି କୌଣସି ଫଳ ମିଳୁନାହିଁ। ତେଣୁ ଏଠାରେ ଏକ ଜେନେରେଟର ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ● କାଦୁଅରେ ଫସିଗଲା ଜନନୀ ଏକ୍ସପ୍ରେସ

## ଅଟୋରେ ଗଲେ ଗୁରୁତର ନବଜାତ ଓ ପ୍ରସୂତି

ବୈଶିଙ୍ଗା, ୨୪ା୯ (ସମିସ): ଦେଢମାସର ନବଜାତ ଶିଶୁ ଗୁରୁତର ହେବାରୁ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସର ସହାୟତା ପାଇଁ ୧୦୮କୁ କଲ କରାଯାଇଥିଲା। ପରେ ଆମ୍ବୁଲାନ୍ସ ଆସି କାଦୁଅରେ ଫସିଯାଇଥିଲା। ଫଳରେ ଅଢେଇଘଣ୍ଟା ଧରି ଆମ୍ବୁଲାନ୍ସ ବାହାରିନପାରିବାରୁ ଶେଷରେ ଏକ ଅଟୋରେ ନବଜାତ ଏବଂ ପ୍ରସୂତିଙ୍କୁ ପରିବାର ଲୋକେ ଡାକ୍ତରଖାନା ନେଲେ। ବେତନଟୀ ବ୍ଲକ ଯୁଗୋଳ ପଞ୍ଚାୟତ ଅଧୀନ ଉଦିପୁରା ଉପକଣ୍ଠ ଶାଳବଣି ଗ୍ରାମରେ ଦେଖିବାକୁ ମିଳିଛି। ଶାଳବଣି ଗ୍ରାମର ଦୀପୁ ମୁର୍ମୁ ଏବଂ ବାସନ୍ତୀ ମାଣ୍ଡିଙ୍କ ଏକମାସର ନବଜାତ ଶିଶୁ ଗୁରୁତର ହେବାରୁ ୧୦୮କୁ କଲ୍ କରିଥିଲେ। ପରେ ଜନନୀ ଏକ୍ସପ୍ରେସ ଆସି ଶାଳବଣି ଗାଁରେ ପହଞ୍ଚିଥିଲା। ଗାଁ ଭିତରକୁ ପଶିବାପରେ ନବଜାତ ଏବଂ ପ୍ରସୂତି ଆମ୍ବୁଲାନ୍ସରେ ବସିଥିଲେ; ହେଲେ ଚାଳକ ଗାଡି ବୁଲାଉଥିବା ବେଳେ କାଦୁଅରେ ଫସି ଯାଇଥିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ ଆମ୍ବୁଲାନ୍ସ କାଦୁଅରୁ ବାହାରିପାରିନଥିଲା। ଶେଷରେ ପରିବାର ଏକ ଅଟୋରେ ଡାକ୍ତରଖାନା ନେଇଥିଲେ। ବର୍ଷା ଛାଡିବା ପରେ କାଦୁଅରୁ ଆମ୍ବୁଲାନ୍ସକୁ ଉଦ୍ଧାର କରାଯାଇଥିଲା।

## ଲାକୋ ବଦରାଙ୍କ ୧୦୬ତମ ଜୟନ୍ତୀ ପାଳିତ



ରାଇରଙ୍ଗପୁର, ୨୪ା୯ (ସମିସ): ମୟୂରଭଞ୍ଜ କୁସୁମୀ ବ୍ଲକ ଶ୍ୟାମସୁନ୍ଦର ଗ୍ରାମରେ ୱାରାଙ୍ଗିତି ଲିପି ସ୍ରଷ୍ଟା ଅତଗୁରୁ କଲ ଲାକୋ ବଦରାଙ୍କ ୧୦୬ତମ ଜୟନ୍ତୀ ଶ୍ୟାମସୁନ୍ଦର ଯୁବକ ସଂଘ ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ପାରମ୍ପରିକ ନୃତ୍ୟରେ ଦୁଲୁକି ଉଠିଛି ଲାକୋ ବଦରା। ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ତାଙ୍କ ସହଧର୍ମିଣୀ ପାର୍ବତୀ ପୂର୍ତ୍ତି, ଅନିଲ ବିରୁଆ, କମିଟି ସଭାପତି ସିଙ୍ଗେଶ୍ୱର ବିରୁଆ, ସେକ୍ରେଟାରୀ ହିନ୍ଦୁ ପୂର୍ତ୍ତି, ପଦ୍ମଚରଣ ବାନରା ପ୍ରେସିଡେଣ୍ଟ ସୁଶାର ଆକଳା ରାଇରଙ୍ଗପୁର, ଜୟପାଲ ସିଂ ନାଏକ, ଯୋଗେଶ୍ୱର ଚାତାର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଗେଲ୍ ଇଣ୍ଡିଆ ଅଧିକାରୀଙ୍କ ପାଇପ୍ କାମ ସମୀକ୍ଷା

ବୈଶିଙ୍ଗା, ୨୪।୯ (ସମିସ): ଧାମରା- ହଳଦିଆ ଗ୍ୟାସ ପାଇପ ଲାଇନ ସଂଯୋଗ କାର୍ଯ୍ୟ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ଗେଲ୍)ର ଅଧିକାରୀ ବିକାଶ ମିଶ୍ର ମଙ୍ଗଳବାର ବେତନଟୀ ଗସ୍ତ କରିଛନ୍ତି। ଏହି ଗ୍ୟାସ ପାଇପଲାଇନ ବେତନଟୀ ବ୍ଲକର ୧୬ କିମି ଅତିକ୍ରମ କରିବାପରେ ବାଲେଶ୍ୱର ଜିଲ୍ଲାରେ ପ୍ରବେଶ କରିଛି। ପଦ୍ମନାଭପୁର ଟୋଲଗେଟ ଠାରେ ଏହି ଗ୍ୟାସ ପାଇପ ଲାଇନ ୧୮ ନଂ ଜାତୀୟ ରାଜପଥ ଅତିକ୍ରମ କରିଥିବା ବେଳେ ପୁରୁଣିଆ-ଆମ୍ବଗଡ଼ିଆ ପଞ୍ଚାୟତ ସୀମାନ୍ତରେ ଏବେ ନିର୍ମାଣାଧୀନ ରହିଛି। ବର୍ଷା ଏବଂ ଚାଷକାମ ପାଇଁ ଏହି ମେଗା ଗ୍ୟାସ ପାଇପଲାଇନ କାମ ସାମୟିକ ଭାବରେ ବନ୍ଦ ରହିଛି। ଚାଷକାମ ଶେଷ ହେବାପରେ ପୁଣି କାମ ଆରମ୍ଭ ହେବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଧାମରା-ହଳଦିଆ ଗ୍ୟାସ ପାଇପଲାଇନ କାର୍ଯ୍ୟକ୍ଷମ ହେଲେ ବିଭିନ୍ନ ଅଞ୍ଚଳକୁ ପାଇପଲାଇନ ଯୋଗେ ଗ୍ୟାସ ସଂଯୋଗ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

## ପିତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ ଶିବିର

ବୈଶିଙ୍ଗା, ୨୪।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମର ବ୍ୟବସାୟୀ ଶୁଭ୍ରାଂଶୁ ଶେଖର ମହାର୍ଣ୍ଣାଙ୍କ ପିତା ଦୈତାରୀ ମହାର୍ଣ୍ଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଦୀପକ କୁମାର ସିଂହଙ୍କ ସଂଯୋଜନା ତଥା ଗିରିଶ ଚନ୍ଦ୍ର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରର ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀ ବାରିଣୀ ଦାସ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବୈଶିଙ୍ଗା ମଞ୍ଚର ସଭାପତି ସୀତାନାଥ ବେହେରା, ଡାକ୍ତର ନୀଲେଶ ଦାସ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୧୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦା ସ୍ଥିତ ଓଡ଼ିଶା ରକ୍ତଦାନ କେନ୍ଦ୍ର ତରଫରୁ ଡା ନିଲେଶ ଦାଶ, ରୁଚିକା ଖୁରାନା, ଛବି ମହାନ୍ତ, ଧିରେନ ମୁଖି, କରୁଣାକର ଜେନାପ୍ରମୁଖ ରକ୍ତ ସଂଗ୍ରହ କରିବା କରିଥିଲେ। ସାମ୍ବାଦିକ ଦୀପକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନା ଫଳକରେ ଚାଲିଛି ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ

ଶରତ, ୨୪ା୯ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ସରକାରୀ ପଶୁପାଳନ କେନ୍ଦ୍ରର ଗୃହ ନିର୍ମାଣ ବିନା ଫଳରେ ଚାଲିଛି। ପ୍ରାୟ ୪୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଗୃହରେ ଏହି କେନ୍ଦ୍ର ଚାଲୁଥିବାରୁ ଶରତ ଅଞ୍ଚଳବାସୀ ବହୁବାର ନୂତନ କୋଠା ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ। ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ସରକାର ଏକ ବିଲଡିଂ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରୁଛନ୍ତି; ହେଲେ ସୂଚନା ଫଳକ ଲଗାଯାଇ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ଷା ଋତୁରେ ଛାତ ପଡୁଥିବାରୁ ଗୃହର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ସ୍ଥାନକୁ କେବେ ମଧ ବିଭାଗୀୟ ଯନ୍ତ୍ରୀ ଆସୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯନ୍ତ୍ରୀ ଏବଂ ଠିକାଦାରଙ୍କ ସଲାସୁତୁରାରେ ଗୃହ ନିର୍ମାଣ ଚାଲିଛି ବୋଲି ଅଭିଯୋଗ ହୋଇଛି। ଶରତ ଗ୍ରାମ ପଞ୍ଚାୟତ ନାୟବ ସରପଞ୍ଚ ଦୁଲାରାମ ବାନାରା, ମହାନ୍ତି ଦେଓଗାମ, ଘନ ପାତ୍ର, କୁସୁନୁ ଗିଲୁଆ, ଯୁବ ସମାଜସେବୀ ନବୀନ ମୁଣ୍ଡରୀ, ଜାମାଦାର ବାଲମୁଚୁ ପ୍ରମୁଖ ଫଳକ ଲଗାଇବାକୁ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ନ କଲେ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ନାଏବ ସରପଞ୍ଚ ଶ୍ରୀ ବାନାରା ଚେତାବନୀ ଦେଇଛନ୍ତି।



### ଆନ୍ତଃ ମହାବିଦ୍ୟାଳୟ କବାଡି ପ୍ରତିଯୋଗିତା ଉଦଯାପିତ

## ପୁରୁଷ ଓ ମହିଳା ବର୍ଗରେ ଏମସିଏଏମ ଚାମ୍ପିଅନ

ବାରିପଦା, ୨୪।୯ (ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଦ୍ୱାରା ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ମହାରାଜା ବିଶ୍ୱବିଦ୍ୟାଳୟ କୁଳପତି ଡ଼ ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିରୂପେ ସ୍ପୋର୍ଟ୍ସ କାଉନସିଲର ନିର୍ଦ୍ଦେଶକ ପ୍ରଭଞ୍ଜନ ମଲ୍ଲିକ, ପ୍ରଫେସର ବିଶ୍ୱଜିତ ରଥ, କମ୍ପଟ୍ରୋଲର ଅଫ ଫାଇନାନ୍ସ ବିସି ଦେହୁରୀ ଓ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ ଚାମ୍ପିଅନ ହୋଇଛି। ପୁରୁଷ ବିଭାଗରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଓ ମହିଳା ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଉପବିଜେତା ଭାବେ ଘୋଷିତ ହୋଇଛନ୍ତି। ଉଭୟ ଚାମ୍ପିଅନ ଦଳକୁ ମୁଖ୍ୟଅତିଥି ସିଲ୍ଡ ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ୬ରୁ ୧୦ ଯାଏ ଛତିଶଗଡ଼ରେ ହେବାକୁ ଥିବା ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଥିବା ଉଭୟ ଦଳ ଗସ୍ତ କରିବ।



## ଯାତ୍ରୀ ବିଶ୍ରାମ ଗୃହରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବୈଶିଙ୍ଗା, ୨୪।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ଅଁଳା ଛକସ୍ଥିତ ଏକ ଯାତ୍ରୀ ବିଶ୍ରାମ ଗୃହରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପରେ ଶବ ବ୍ୟବଚ୍ଛେଦ କରାଯାଇ ଜିଲ୍ଲା ବାରିପଦା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ରିଚୟ ପାଇଲେ ପୁଲିସକୁ ଖବର ଦେବାକୁ ବୈଶିଙ୍ଗା ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନା ଅନୁଯାଇ ଗତ ୪୦ ବର୍ଷ ହେଲାଣି ବୃଦ୍ଧ ଜଣକ ଅଁଳା ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ସାମାନ୍ୟ ମାନସିକ ବିକାରଗ୍ରସ୍ତ ଥିଲା। ହେଲେ ସେ ତାର ପରିଚୟ ସଠିକ ଭାବେ କହି ପାରୁନଥିଲେ। ତେବେ ତାଙ୍କର ହାବଭାବରୁ ସେ ପଡୋଶୀ ପଶ୍ଚିମବଙ୍ଗର ବୋଲି ସନ୍ଦେହ କରାଯାଉଥିଲା। ପ୍ରତିଦିନ କିଛି ଦୋକାନ ଗୃହ ଓ ଆଖପାଖ ଅଞ୍ଚଳରେ ଝାଡୁ ମାରିଲେ ଦୋକାନୀମାନେ ତାଙ୍କୁ ଖାଇବାକୁ ଓ ପିନ୍ଧିବାକୁ ଦେଉଥିଲେ। ଗତ ୮-୧୦ ବର୍ଷ ପୂର୍ବରୁ ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ରୋଗାଗ୍ରସ୍ତ ହୋଇଯାଇଥିଲେ। ଫଳରେ ଦିନ ତମାମ ଅଁଳା ବଜାରରେ ଏଣେତେଣେ ବୁଲି ଭିକ୍ଷାବୃତ୍ତି କରି ଚଳୁଥିଲେ। ରାତି ହେଲେ ସ୍ଥାନୀୟ ଯାତ୍ରୀ ବିଶ୍ରାମ ଗୃହରେ ଅଳିଆ ଆବର୍ଜନା ଉପରେ ଶୋଇଯାଉଥିଲେ। ହେଲେ ସ୍ଥାନୀୟ ଲୋକେ ମଙ୍ଗଳବାର ସକାଳୁ ଯେତେ ଡାକିଲେ ବି ଆଉ ଉଠି ନ ଥିଲେ। ପରେ ସରପଞ୍ଚ ବୈଶିଙ୍ଗା ପୁଲିସକୁ ଦେଇଥିଲେ। ଏଏସଆଇ ପହଞ୍ଚି ଶବ ବ୍ୟବଚ୍ଛେଦ କରି ବାରିପଦା ଡାକ୍ତରଖାନା ଶବଗୃହରେ ମୃତଦେହକୁ ସଂରକ୍ଷିତ ରଖିଛନ୍ତି। ଯଦି କେହି ପରିଚୟ ପାଆନ୍ତି ତେବେ ପୁଲିସକୁ ଜଣାଇବାକୁ ନିବେଦନ କରାଯାଇଛି।



## ବହଳଦା ବ୍ଲକରେ ସମାଜିକ ସମୀକ୍ଷା ବୈଠକ



ବହଳଦା, ୨୪ା୯ (ସମିସ): ବହଳଦା ବ୍ଲକ ସମ୍ମିଳନୀ କକ୍ଷରେ ଏକ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଖାଦ୍ୟ ସୁରକ୍ଷା ଯୋଜନା ଓ ମନରେଗା ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ, ବହଳଦା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ରେଞ୍ଜର ଜ୍ୟୋତିରଞ୍ଜନ ସେନାପତି, ଉଦ୍ୟାନ କୃଷି ବିଭାଗ ଅଧିକାରୀ ସାଗର କୁମାର ମଣ୍ଡଳ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ମନରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ଶରତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଖାଦ୍ୟ ସୁରକ୍ଷା ଯୋଜନାରୁ ଯେପରି ଯୋଗ୍ୟ ହିତାଧିକାରୀ ବାଦ ନ ପଡ଼ିବେ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ସହିତ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଯେପରି ସ୍ୱଚ୍ଛ ଓ ପାରଦର୍ଶିତାର ସହ କାର୍ଯ୍ୟ ହୋଇପାରିବ ସେନେଇ ସମୀକ୍ଷା କରାଯିବା ସହିତ ମନରେଗା ଶ୍ରମିକଙ୍କୁ ଯେପରି ପର୍ଯ୍ୟାପ୍ତ ମାତ୍ରାରେ କାମ ଯୋଗାଇ ଦିଆଯାଇ ପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା।

## ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ




ରାଇରଙ୍ଗପୁର/ବିଜାତଳା, ୨୪ା୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଜାତଳା ବ୍ୟାଙ୍କ ନିକଟରେ ସରକାରଙ୍କ ୬୦ ଡେସିମିଲ ଜାଗା ରହିଥିଲା; ଯାହା ଦୀର୍ଘ ଦିନ ହେଲା ତହସିଲ୍ ଶ୍ରମିକ କାର୍ଯ୍ୟାଳୟ ନିମନ୍ତେ ଦେଇଥିଲେ। କିନ୍ତୁ ସେଠାରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିବା ସହିତ ଆଜବେଷ୍ଟର ଘର ନିର୍ମାଣ କରିଥିଲେ। ଉକ୍ତ ବ୍ୟକ୍ତିଙ୍କୁ ତହସିଲ ପକ୍ଷରୁ ବାରମ୍ବାର ନୋଟିସ ଦେବା ପରେ ବି ସେ ଅବମାନନା କରିଥିଲେ। ଫଳରେ ମଙ୍ଗଳବାର ବିଜାତଳା ତହସିଲ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା କର୍ମଚାରୀ ଏବଂ ବାରିପଦାରୁ ଆସିଥିବା ଏକ ପ୍ଲାଟୁନ୍ ପୁଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏଥିସହିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ଭୋଗ ଦୋକାନକୁ ସେଠାରୁ ଉଠାଇବାକୁ ଗ୍ରାମବାସୀ ଅଭିଯୋଗ କରିବା ପରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।







### ମୟୂରଭଞ୍ଜକୁ ଦକ୍ଷିଣପୂର୍ବ ରେଳବାଇର ଅଣଦେଖା

# ସାଂସଦ ଓ ଜନପ୍ରତିନିଧି ନିରବ; ତେଜୁଛି ଅସନ୍ତୋଷ

ବେତନଟୀ, ୨୪ା୯ (ସମିସ): ଅର୍ଥନୈତିକ କ୍ଷେତ୍ରରେ ଅବହେଳିତ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା କରି ଆସୁଥିବାବେଳେ ଦକ୍ଷିଣ ପୂର୍ବ ରେଳବାଇ ମଧ ଅଣଦେଖା କରୁଥିବା ନେଇ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ କରିଛନ୍ତି। ହାଓଡ଼ା-ଖଡଗପୁର ଭାୟା ରୁପ୍ସା ଜଙ୍କସନରୁ ବାଙ୍ଗିରିପୋଷିକୁ ସଂଯୋଗ କରୁଥିବା ରେଳପଥ ବାଙ୍ଗିରିପୋଷିଠାରେ ଅଟକି ରହିଛି। ସେହିପରି ଟାଟା ନଗର ସହିତ ଏହି ରେଳ ଡିଭିଜନର ଚକ୍ରାନ୍ତକାରୀ ଅଧିକାରୀଙ୍କ ପାଇଁ ବର୍ଷ ବର୍ଷ ଧରି ସଂଯୋଗ ହୋଇପାରିନାହିଁ। ଫଳରେ ଦିଲ୍ଲୀ ତଥା ଅନ୍ୟାନ୍ୟ ଦୂରଗାମୀ ଟ୍ରେନଗୁଡିକ ରୁପ୍ସା ଜଙ୍କସନରୁ ଭାୟା ଖଡଗପୁର ଦେଇ ଚଳାଚଳ କରିଥାଏ। ସେହିପରି ବାଙ୍ଗିରିପୋଷିରୁ ପୁରୀ ଭାୟା ବାଲେଶ୍ୱର-ଭଦ୍ରକ-କଟକ-ଭୁବନେଶ୍ୱର ଓ ପୁରୀକୁ ଖଣ୍ଡିଏ ମାତ୍ର ଟ୍ରେନ ଦୈନିକ ଚଳାଚଳ କରିଥାଏ। ଏହି ଟ୍ରେନରେ ଯାତ୍ରୀ ସଂଖ୍ୟା ବଢୁଥିଲେ ହେଁ ବାରମ୍ବାର ଦାବି ସତ୍ତ୍ୱେ ଆଉ ଏକ ଟ୍ରେନ ପୁରୀରୁ ବାଙ୍ଗିରିପୋଷିକୁ ଚଳାଚଳ କରିପାରିନାହିଁ। ସେହିପରି ବାରିପଦାର ଭଞ୍ଜପୁର ଷ୍ଟେସନ ରୁ ସାଲିମାର ଇଣ୍ଟରସିଟି ସୁପରଫାଷ୍ଟ ଟ୍ରେନ ନଂ ୧୮୦୦୭ ଅପ ଓ ୧୮୦୦୮ ଡାଉନ ଟ୍ରେନଟି ସାଲିମାର (କୋଲକାତା) କୁ ସପ୍ତାହରେ ତିନି ଦିନ ପାଇଁ ଚଳାଚଳ କରୁଛି। କିନ୍ତୁ ଏହାର ସମୟସାରଣୀରେ ଅବ୍ୟବସ୍ଥା ଯୋଗୁଁ ବ୍ୟବସାୟୀମାନେ ବାଧ ହୋଇ ବାରିପଦାରୁ ବସ ଯୋଗେ କୋଲକାତାକୁ ଯାଆନ୍ତି। ଯାତ୍ରୀଙ୍କ ସୁବିଧାକୁ ନେଇ ଟ୍ରେନ ଚଳାଚଳ କରିବା ବଦଳରେ ରେଲୱେ ଅଧିକାରୀଙ୍କ ମନମାନିରେ ଟ୍ରେନ ଚଳାଚଳ ଏବେ କରୁଛି। ଏହି ଖଣ୍ଡିଏ ମାତ୍ର ସୁପରଫାଷ୍ଟ ଟ୍ରେନ ଯିବା ସମୟରେ ବିଭିନ୍ନ ଷ୍ଟେସନରେ ଅଟକାଇ ଅନ୍ୟ ଟ୍ରେନକୁ ପାସ କରାଯାଉଥିବା ଯୋଗୁଁ ସାଲିମାର ଏବଂ ସାନ୍ତରାଗାଛି ଷ୍ଟେସନରେ ଅଟକାଇ ରଖି ଦିଆଯାଇଥାଏ। ବହୁ ବିଳମ୍ବରେ ସାଲିମାର ଷ୍ଟେସନରୁ ଅଥବା ସାନ୍ତରା ଗାଛି ଷ୍ଟେସନରୁ ବ୍ୟବସାୟୀ ପହଞ୍ଚିବାରେ ବିଳମ୍ବ ହେବା ଏବଂ ଫେରିବା ବେଳେ ମଧ ବିଳମ୍ବରେ ଅଥବା ବିଭିନ୍ନ ଷ୍ଟେସନରେ ବିନା କାରଣରେ ଅଟକାଇ ଦିଆଯିବା ଯୋଗୁଁ ବାରିପଦାରେ ପହଞ୍ଚିବାରେ ବହୁ ବିଳମ୍ବ ହୋଇଥାଏ। ଏହି ଟ୍ରେନର ଅନିୟମିତତା ଓ ବିଶୃଙ୍ଖଳା ପାଇଁ ମୟୂରଭଞ୍ଜର ଦୁଇ ସାଂସଦ ନବଚରଣ ମାଝୀ ଓ ପ୍ରତାପ ଷଡ଼ଙ୍ଗୀ କେବେ ବି ପ୍ରତିବାଦ କରିନାହାନ୍ତି। ଏହି ବିଶୃଙ୍ଖଳା ପାଇଁ ଯାତ୍ରୀ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା ଯୋଗୁଁ ଯାତ୍ରୀମାନେ ଯିବା ଆସିବା ପାଇଁ ଭୟ କରିଥାନ୍ତି। ଏହି ଟ୍ରେନଟି ମନଇଚ୍ଛା ଅଟକୁଥିବାରୁ ଅସମାଜିକ ଓ ନିଶା ଖୋରମାନେ ଛିନତାଇ କରିବା ସହିତ ମହିଳାଙ୍କୁ ଅସଦାଚରଣ କରିଥାନ୍ତି। କେବଳ ଦକ୍ଷିଣ ପୂର୍ବ ରେଳବାଇ ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ଘଟୁଛି। ଏଣୁ ଏହି ସାଲିମାର ଇଣ୍ଟରସିଟି ଟ୍ରେନ ନିୟମିତ ସମୟ ସାରଣୀ ଅନୁସାରେ ଚଳାଚଳ କରିବା ପାଇଁ ବେତନଟୀ ଓ ବାରିପଦାର ବଣିକ ସଂଘ ପକ୍ଷରୁ ଦାବି କରାଯାଇଛି। ଭଞ୍ଜପୁର ଶାଳିମାର ସୁପରଫାଷ୍ଟ ଟ୍ରେନ ବିଭାଗୀୟ ଅଧିକାରୀଙ୍କ ପାଇଁ ଚଳାଚଳରେ ଜାଣିଶୁଣି ବିଭ୍ରାଟ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି।



## ଆଗୁଆ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରୋଜେକ୍ଟ ଶିଲଡ୍‌ର ଶୁଭାରମ୍ଭ




ରାଉରକେଲା,୨୪ା୯ (ସମିସ): ଅପରାଧ ଘଟିବା ପୂର୍ବରୁ ଅପରାଧିକୁ ଠାବ କରିବା ତଥା ତାର ଗତିବିଧି, କାର୍ଯ୍ୟକଳାପ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ରାଉରକେଲା ଏନ୍‌ଆଇଟିର ବୈଷୟିକ ସହାୟତାରେ ରାଉରକେଲା ପୁଲିସ ପ୍ରଜେକ୍ଟ ଶିଲଡ୍(ସ୍ମାର୍ଟ ହାବିଚୁଆଲ ଅଫେଣ୍ଡର ଇଣ୍ଟେଲିଜେନ୍ସ ଏଣ୍ଡ ର୍ଲିଲ ଏନଫୋର୍ସମେଣ୍ଟ ଡିଟେନସନ) ନାମକ ଏକ ଅଭିନବ ଆପ୍ ପ୍ରସ୍ତୁତ କରିଛି। ଯାହାକି ରାଜ୍ୟ ପ୍ରଥମ ଓ ଦେଶରେ ଚତୁର୍ଥ ପଦକ୍ଷେପ ବୋଲି ସୂଚାଯାଇଛି। ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନୂତନ ଆପକୁ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଶୁଭାରମ୍ଭ କରିଛନ୍ତି। ଏହା କେବଳ ଅପରାଧୀଙ୍କୁ ଦମନ କରିବ ନାହିଁ ବରଂ ସମାଜରେ ସୁରକ୍ଷା ଏବଂ ବିଶ୍ୱାସ ଭାବନାକୁ ମଧ୍ୟ ସୁଦୃଢ଼ କରିବ। ଏହା ଲୋକମାନଙ୍କୁ ଅନଲାଇନ୍ ଠକେଇ, ପ୍ରତାରଣା ଏବଂ ଡିଜିଟାଲ୍ ଠକେଇରୁ ରକ୍ଷା କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ଡିଆଇଜି କହିଥିଲେ। ଏହି ଅବସରରେ ଏସ୍‌ପି ୱାଧୱାନୀ କହିଛନ୍ତି, ରାଉରକେଲା ପୁଲିସ ଜିଲ୍ଲାର ଅଭ୍ୟାସଗତ ଅପରାଧି, ହିଷ୍ଟ୍ରିସିଟିମାନଙ୍କ ସମ୍ପୂର୍ଣ୍ଣ ଅପରାଧିକ ଡାଟାବେସକୁ ଏହି ଆପ୍‌ରେ ଅପଲୋଡ କରାଯିବ। କେବଳ ସେତିକି ନୁହେଁ ରାଉରକେଲାକୁ ଅପରାଧ କରିବା ପାଇଁ ବାହାର ରାଜ୍ୟରୁ ଆସୁଥିବା ଅଭ୍ୟାସଗତ ଅପରାଧିମାନଙ୍କ ତଥ୍ୟ ମଧ୍ୟ ଉକ୍ତ ଆପରେ ଅପଲୋଡ କରାଯାଇ ଷ୍ଟୋର କରାଯିବ। ଏହାଦ୍ୱାରା ଜନସାଧାରଣଙ୍କୁ ଅପରାଧ ଏବଂ ବିପଦରୁ ରକ୍ଷା କରାଯିବା ସହ ଏହି ପ୍ରକଳ୍ପ ଅଧୀନରେ ନାଗରିକମାନଙ୍କୁ ସାଇବର ଅପରାଧ, ଅନଲାଇନ୍ ଠକେଇ, ସଡ଼କ ସୁରକ୍ଷା ଏବଂ ଅପରାଧ ନିବାରଣ ବିଷୟରେ ସଚେତନ କରାଯିବ ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଥିଲେ, ରାଉରକେଲା ସହରର ଅପରାଧ ନିୟନ୍ତ୍ରଣ ପାଇଁ ରାଉରକେଲା ପୁଲିସକୁ ବୈଷୟିକ ସେବା ପ୍ରଦାନ କରି ରାଉରକେଲା ଏନଆଇଟି ଧନ୍ୟ ମନେ କରୁଛି। ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆପ୍ ଶିଲଡ୍ ପ୍ରସ୍ତୁତ କରିବାରେ ସହାୟତା କରିଥିବା ଏନ୍‌ଆଇଟିର ପ୍ରଫେସର ମନ୍ମଥ ସାହୁ, ପ୍ରଫେସର ସମ୍ବିତ ବକ୍ସି ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ୱାଧୱାନୀଙ୍କ ଦ୍ୱାରା ରାଉରକେଲା ପୁଲିସ ଜିଲ୍ଲାର ଅପରାଧ ଓ ଅପରାଧିଙ୍କୁ ନେଇ ପ୍ରସ୍ତୁତ ଏକ ପୁସ୍ତକକୁ ଡିଆଇଜି ଉନ୍ମୋଚନ କରିଥିଲେ।

**ଓଡିଶାରେ ପ୍ରଥମ; ଦେଶରେ ଚତୁର୍ଥ ପଦକ୍ଷେପ**

### ଏମ୍‌ଏସ୍‌କ୍ୟୁ କମ୍ପାନୀ ଠକେଇ ଘଟଣା

# ମାଷ୍ଟରମାଇଣ୍ଡ ସମେତ ୩ ଗିରଫ

ରାଉରକେଲା,୨୪ା୯ (ସମିସ):




ବିଜ୍ଞାପନ ଆଳରେ ଏମ୍‌ଏସ୍‌କ୍ୟୁ କମ୍ପାନୀ କୋଟି କୋଟି ଟଙ୍କା ଠକେଇ କରିବା ଘଟଣାରେ ରାଉରକେଲା ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୋଗ ହେବାର ୩୬ ଘଣ୍ଟା ମଧ୍ୟରେ ସାଇବର ଥାନା ପୁଲିସ ମାଷ୍ଟରମାଇଣ୍ଡ ଅଶୋକ କୁମାର ବଡାଇକଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପୁରୁଣାପାଣିର ମୂଳବାସିନ୍ଦା ତଥା ଝିରପାଣି ଆରସି ଚର୍ଚ୍ଚ ନିକଟସ୍ଥ ମାଷ୍ଟରମାଇଣ୍ଡ ଅଶୋକ କୁମାର ବଡ଼ାଇକ, ରେଲୱେ କଲୋନୀ ମଧୁସୂଦନପାଲି ବସ୍ତିର ଦିବାକର ପରିମାଣିକ (୩୬) ଓ ସରକାରୀ ଆଇଟିଆଇ ନିକଟସ୍ଥ ରାମନଗର ସି/୫୪ର ବାସୀନ୍ଦା ପ୍ରବୋଧ କୁମାର ସିଂ ଓରଫ ପ୍ରେମ (୪୦)। ସେମାନଙ୍କ ଠାରୁ ଗୋଟିଏ କାର, ୫ ହଜାର ଟଙ୍କା, ୪ଟି ମୋବାଇଲ, ଆଧାର କାର୍ଡ, ଭୋଟର କାର୍ଡ, ପାନ୍ କାର୍ଡ, ଡେବିଟ କାର୍ଡ, ଚେକ୍ ବୁକ୍, ପାସ ବୁକ୍, କାଗଜପତ୍ର ଆଦି ଜବତ କରାଯାଇଛି। ଏନେଇ ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇ କହିଛନ୍ତି, ଜଗଦା ଅଞ୍ଚଳର ସରିତା ଟପ୍ପୋ ନାମ୍ନୀ ଜଣେ ମହିଳା ଏମ୍‌ଏସ୍‌କ୍ୟୁ କମ୍ପାନୀ ଦ୍ୱାରା ଠକାମୀର ଶିକାର ହୋଇଥିବା ନେଇ କମ୍ପାନୀ ନାଁରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ନକଲି କମ୍ପାନୀ ନୂତନ ସଦସ୍ୟଙ୍କୁ ହ୍ୱାଟ୍ସ ଆପ୍ ଲିଙ୍କ୍ ପଠାଉଥିଲା। କ୍ୟୁଆର୍ କୋଡ୍ ମାଧ୍ୟମରେ ରିଚାର୍ଜ କରି ଟଙ୍କା ନିବେଶ କରିବାକୁ କୁହାଯାଇଥିଲା। ଏହି ଯୋଜନାରେ ୧୫ ସେକେଣ୍ଡ ବିଜ୍ଞାପନ ଦେଖିବା ଭଳି କାର୍ଯ୍ୟ କରିବା ପାଇଁ ଲେଭଲ୍ ଏମ୍-୧ରେ ୧ ହଜାର ୭୫୦ ଟଙ୍କା ନିବେଶରେ ଦୈନିକ ୫୦ ଟଙ୍କା, ଏମ୍ ୬ ଲେଭଲ ୩ ଲକ୍ଷ ୫୨ ହଜାର ନିବେଶରେ ୧୧ ହଜାର ଟଙ୍କା ପର୍ଯ୍ୟନ୍ତ ଦୈନିକ ରିଟର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାରମ୍ଭରେ କିଛି ନିବେଶକ ଛୋଟ ରିଟର୍ଣ୍ଣ ମଧ୍ୟ ପାଇଥିଲେ। ଯାହା ବିଶ୍ୱାସ ସୃଷ୍ଟି କରିଥିଲା। ମାତ୍ର କିଛି ଦିନ ଠିକଠାକ୍ ଚାଲିବା ପରେ ଦିନେ ହଠାତ୍ ଉକ୍ତ ନକଲି ଆପ୍‌ଟି ଅନଲାଇନରୁ ଉଭାନ ହୋଇଯାଇଥିଲା। ଇତି ମଧ୍ୟରେ ରାଉରକେଲା ସହରର ବହୁ ନିବେଶକଙ୍କର ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବୁଡି ଯାଇଥିବା ସୂଚନା ମିଳିଥିବା ଏସ୍‌ପି କହିଥିଲେ। ଏନେଇ ରାଉରକେଲା ସାଇବର ଥାନାରେ ଅଭିଯୋଗ ହେବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇବର ପୁଲିସ ଏବେ ୩ ଜଣଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି। ତେବେ ନିବେଶକଙ୍କର ଟଙ୍କା କିପରି ଫେରି ପାଇବେ ତାକୁ ନେଇ ଉଠିଛି ପ୍ରଶ୍ନ। ସୂଚନାଯୋଗ୍ୟ, ଝିରପାଣିଠାରେ ଅଶୋକ ବଡାଇକ ନାମକ ଅଭିଯୁକ୍ତ ଯୁବକ ଏମ୍‌ଏସ୍‌କ୍ୟୁ ଆପ୍ କାର୍ଯ୍ୟାଳୟ ଖୋଲିବା ସହିତ ରାଉରକେଲାର ଭଞ୍ଜଭବନ, ପୁରୁଣାପାଣି ଏବଂ ଅନ୍ୟାନ୍ୟ ସ୍ଥାନରେ ମିଟିଂ କରି ଲୋକମାନଙ୍କୁ ସେଥିରେ ଅତିକମରେ ୧୭୫୦ ଟଙ୍କା ବିନିଯୋଗ କରିବାକୁ କହିଥିଲେ। ଏହାପରେ ସ୍ମାର୍ଟଫୋନ୍ ମୋବାଇଲରେ ୧୫ଟି କମ୍ପାନୀର ବିଜ୍ଞାପନ ଦେଖିଲେ ଦୈନିକ ୫୦ ଟଙ୍କା ଲେଖାଏଁ ୱାଲେଟ ମାଧ୍ୟମରେ ମିଳିବ, ଅନ୍‌ଲାଇନ୍ ମାଧ୍ୟମରେ ୧୭୫୦ ଟଙ୍କା ବିନିଯୋଗ କରିଥିବା ବିନିଯୋଗକାରୀ ନିଜର ବ୍ୟବସାୟକୁ ବଢାଇବା ପାଇଁ ତଳକୁ ତଳ ଡାଉନ୍ ଲାଇନ୍ ଯୋଗ କରାଇଲେ ସେଥିରୁ ମଧ୍ୟ କମିଶନ ହିସାବରେ ଲାଭ ପାଇପାରିବେ ବୋଲି ପ୍ରଲୋଭନ ଦେଖାଇଥିଲେ। କମ୍ପାନୀ କଥାରେ ପ୍ରଲୋଭିତ ହୋଇ ବିନିଯୋଗକାରୀ ୧୭,୫୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା, ୪୦ ହଜାର ଟଙ୍କା ସହିତ ନିଜେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିବା ବେଳେ ସେମାନଙ୍କ ତଳେ ଯୋଗ ଦେଇଥିବା ବିନିଯୋଗକାରୀ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ଅଭିଯୁକ୍ତମାନେ ନିବେଶକମାନଙ୍କୁ ପ୍ରଭାବିତ କରିବା ପାଇଁ ସେମିନାର ଏବଂ ବୈଠକ ଆୟୋଜନ କରିଥିଲେ। ଅଭିଯୁକ୍ତ ଅଶୋକ କୁମାର ବଡାଇକ ଅନ୍ୟୁନ ୧ ହଜାରରୁ ଅଧିକ ବ୍ୟକ୍ତିଙ୍କୁ ଏହି କମ୍ପାନୀର ଆପ୍‌ରେ ଯୋଗ କରାଇଥିଲେ। ଏହି ନକଲି ପ୍ଲାଟଫର୍ମ ମାଧ୍ୟମରେ ଲୋକମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଠକି ନିଆଯାଇଥିଲା। ଏବାବଦରେ ଅନ୍ୟୁନ ୧୦ କୋଟି ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

**କାର, ଟଙ୍କା, ମୋବାଇଲ ସମେତ ବିଭିନ୍ନ ସାମଗ୍ରୀ ଜବତ**

### ଷ୍ଟାନଫୋର୍ଡ-ଏଲସେଭିୟର ସର୍ବେକ୍ଷଣ

# ବିଶ୍ୱର ଶ୍ରେଷ୍ଠ ସ୍ଥାନରେ ଏନ୍‌ଆଇଟିର ୩୫ ବୈଜ୍ଞାନିକ

ରାଉରକେଲା,୨୪ା୯ (ସମିସ): ଗବେଷଣା ଉତ୍କର୍ଷତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପ୍ରତିପାଦିତ ଷ୍ଟାନଫୋର୍ଡ-ଏଲସେଭିୟର ସର୍ବେକ୍ଷଣ ଅନୁଯାୟୀ ବିଶ୍ୱସ୍ତରରେ ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଏନ୍‌ଆଇଟି ରାଉରକେଲାର ୩୫ ଜଣ ବୈଜ୍ଞାନିକ ସ୍ଥାନ ପାଇ ରାଉରକେଲା ଏନ୍‌ଆଇଟିକୁ ଗୌରବାନ୍ୱିତ କରିଛନ୍ତି। ଏହି ଶ୍ରେଷ୍ଠ ୩୫ ଜଣ ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ୩୩ ଜଣ ଅଧ୍ୟାପକ ଏବଂ ୨ ଜଣ ପିଏଚଡି ବିଦ୍ୱାନ ଅଛନ୍ତି। ଏହି ର‍୍ୟାଙ୍କିଂରେ ଦୁଇଟି ବର୍ଗ ରହିଛି। ୨ ବର୍ଷ ପାଇଁ କ୍ୟାରିଅର-ଲମ୍ବା ପ୍ରଭାବ ଓ ଏକକ-ବର୍ଷ ପ୍ରଭାବ ଏନ୍‌ଆଇଟି ରାଉରକେଲାର ୧୭ ଜଣ ଅଧ୍ୟାପକଙ୍କୁ ସେମାନଙ୍କର ଦୀର୍ଘକାଳୀନ ଗବେଷଣା (କ୍ୟାରିଅର-ଲମ୍ବା ପ୍ରଭାବ ତାଲିକା) ଅବଦାନ ପାଇଁ ସ୍ୱୀକୃତି ଦିଆଯାଇଛି। ପୂର୍ବରୁ ୨୦୨୪ରେ ୨୯ ଜଣ ଅଧ୍ୟାପକଙ୍କୁ ସେମାନଙ୍କ ଗବେଷଣା ପ୍ରଶଂସନ ପାଇଁ ସ୍ୱୀକୃତି ଦିଆଯାଇଥିଲା। ଉଲ୍ଲେଖନୀୟ ଯେ, ୧୩ ଜଣ ଅଧ୍ୟାପକ ଉଭୟ ତାଲିକାରେ ସ୍ଥାନ ପାଇଛନ୍ତି। ଅଧ୍ୟାପକଙ୍କ ସହିତ ପ୍ରତିଷ୍ଠାନର ଦୁଇ ଜଣ ପିଏଚଡି ବିଦ୍ୱାନ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱ ଶିକ୍ଷା ସମ୍ପ୍ରଦାୟରେ ବହୁଳ ଭାବରେ ସମ୍ମାନିତ ଏହି ର‍୍ୟାଙ୍କିଂ ବୈଜ୍ଞାନିକମାନଙ୍କୁ ସେମାନଙ୍କର ଗବେଷଣା କାର୍ଯ୍ୟ, ସାଇଟେସନ୍ ସୂଚକାଙ୍କ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ପାରାମିଟରର ପ୍ରଭାବ ଉପରେ ଆଧାର କରି ସ୍ୱୀକୃତି ଦେଇଥାଏ। ଷ୍ଟାନଫୋର୍ଡ-ଏଲସେଭିୟର ର‍୍ୟାଙ୍କିଂ ବୈଜ୍ଞାନିକମାନଙ୍କ କ୍ୟାରିଅର ଉପରେ ସେମାନଙ୍କର କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ସାମ୍ପ୍ରତିକ ଅବଦାନକୁ ମଧ୍ୟ ଗୁରୁତ୍ୱ ଦିଏ, ଯାହା ଏହି ମାନ୍ୟତାକୁ ମନୋନୀତ ବିଦ୍ୱାନମାନଙ୍କ ପାଇଁ ବିଶେଷ ଭାବରେ ଉଲ୍ଲେଖନୀୟ କରିଥାଏ। ଏହି ସଫଳତାକୁ ନେଇ ରାଉରକେଲା ଏନଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ଏହି ସଫଳତା ଗବେଷଣାକୁ ଆଗକୁ ବଢାଇବା ଏବଂ ନୂତନ ଜ୍ଞାନ ସୃଷ୍ଟି କରିବାରେ ଆମର ପ୍ରୟାସକୁ ପ୍ରତିଫଳିତ କରିବ। ଆମ ବୈଜ୍ଞାନିକମାନଙ୍କର ଉଚ୍ଚ ପ୍ରଭାବ ପ୍ରକାଶନ ଏବଂ ଅଗ୍ରଣୀ କାର୍ଯ୍ୟ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବୈଜ୍ଞାନିକମାନଙ୍କୁ ୨୨ଟି ବୈଜ୍ଞାନିକ କ୍ଷେତ୍ର ଏବଂ ୧୭୪ ଉପକ୍ଷେତ୍ରରେ ବର୍ଗୀକୃତ କରାଯାଇଛି। ଅତି କମରେ ୫ ଟି ପତ୍ର ସହିତ ସମସ୍ତ ବୈଜ୍ଞାନିକଙ୍କ ପାଇଁ କ୍ଷେତ୍ର ଏବଂ ଉପକ୍ଷେତ୍ର ନିର୍ଦ୍ଦିଷ୍ଟ ପ୍ରତିଶତ ମଧ୍ୟ ପ୍ରଦାନ କରାଯାଇଛି। କ୍ୟାରିଅର ଦୀର୍ଘ ତଥ୍ୟ ୨୦୨୪ ଶେଷ ପର୍ଯ୍ୟନ୍ତ ଅପଡେଟ୍ କରାଯାଇଛି ଏବଂ ଏକକ ସାମ୍ପ୍ରତିକ ବର୍ଷର ତଥ୍ୟ ୨୦୨୪ କ୍ୟାଲେଣ୍ଡର ବର୍ଷରେ ପ୍ରାପ୍ତ ଉଦ୍ଧୃତି ସହିତ ଜଡିତ।




# ଆର୍‌ଏସ୍‌ପିର ପୁରସ୍କାର ବିତରଣ ଉତ୍ସବ



ରାଉରକେଲା,୨୪ା୯ (ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ସେପ୍ଟେମ୍ବର ୨୩ ତାରିଖରେ ରାଜଭାଷା ପକ୍ଷ ପାଳନର ଅଂଶ ସ୍ୱରୂପ ଏକ ବିଶାଳ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ରାଜଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏହାର ପ୍ରସାର ଦିଗରେ ଆର୍‌ଏସ୍‌ପିର ପ୍ରତିବଦ୍ଧତା ତଥା ବିଭିନ୍ନ ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୃହ ମନ୍ତ୍ରଣାଳୟର ରାଜଭାଷା ଆଞ୍ଚଳିକ କାର୍ଯ୍ୟାନ୍ୱୟନ ଅଫିସ କୋଲକାତାର କାର୍ଯ୍ୟାନ୍ୱୟନ ବିଭାଗର ଉପ ନିର୍ଦ୍ଦେଶକ ଡକ୍ଟର ବିଚିତ୍ରସେନ ଗୁପ୍ତା ଅତିଥିବକ୍ତା ଭାବେ ଉକ୍ତ ଉତ୍ସବରେ ଯୋଗଦେଇ ସରକାରୀ କାର୍ଯ୍ୟରେ ହିନ୍ଦୀକୁ ପ୍ରୋତ୍ସାହିତ କରିବା ତଥା ରାଜଭାଷାକୁ ଆଗକୁ ବଢାଇବା ସମୟରେ ସମସ୍ତ ଭାଷାକୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ଉଦ୍ୟୋଗ ଓ ଇସ୍ପାତ ମନ୍ତ୍ରୀ ଏଚଡି କୁମାର ସ୍ୱାମୀ ଏବଂ ସେଲ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶଙ୍କ ବାର୍ତ୍ତାକୁ ଯଥାକ୍ରମେ ଆଇ ଆଣ୍ଡ ଏ ବିଭାଗର ଓସିଟି ଆୟୁଷୀ କୁମାରୀ, ପ୍ରକଳ୍ପ ବିଭାଗର ଏଜିଏମ ମନୀଷ କୁମାର ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ରୀଚା ସୁରିଡ ପାଠ କରିଥିଲେ। ରାଜଭାଷା ପକ୍ଷ ପାଳନ ଉପଲକ୍ଷେ କର୍ମଚାରୀ, ଠିକା ଶ୍ରମିକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାରଗୁଡିକୁ ମଧ୍ୟ ଶ୍ରୀ ମିଶ୍ର ଏବଂ ଅନ୍ୟ ସମସ୍ତ ଅତିଥି ପ୍ରଦାନ କରିଥିଲେ। ଏହି ଅବସରରେ ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ୧୦୦ ରୁ ଅଧିକ ବ୍ୟକ୍ତି ପୁରସ୍କୃତ ହୋଇଥିଲେ। ରାଜଭାଷାର ସର୍ବୋଚ୍ଚ କାର୍ଯ୍ୟକାରିତା ପାଇଁ ରାଜଭାଷା ଟ୍ରଫି ସି ଆଣ୍ଡ ଆଇଟି ବିଭାଗକୁ ପ୍ରଦାନ କରାଯାଇଥିଲା। ସିଆଣ୍ଡ ଆଇଟି ବିଭାଗର ସିଜିଏମ କେକେ ସେନଗୁପ୍ତା ଏବଂ ତାଙ୍କ ବିଭାଗୀୟ ଦଳ ଏହାକୁ ଗ୍ରହଣ କରିଥିଲେ। ଇ- ଓଡିଆ, ହିନ୍ଦୀ ଦ୍ୱିଭାଷୀ ପତ୍ରିକା "ଇସ୍ପାତ ଦର୍ପଣ' ଉନ୍ମୋଚିତ ହୋଇଥିଲା। କର୍ମୀମିତ୍ର ଆପ୍‌ରେ ହିନ୍ଦୀ ଜ୍ଞାନ ପରିମାପ ସେକ୍ସନ ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ସୁଶ୍ରୀ ବାସବଦତ୍ତା ମହାନ୍ତି ଆବାହନୀ ସଙ୍ଗୀତ ଗାନ କରିଥିଲେ। ଲୋକସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ପୁରସ୍କାର ବିତରଣ ସମାରୋହ ପରିଚାଳନା କରିଥିବା ବେଳେ ଲୋକସମ୍ପର୍କ ରାଜଭାଷା ବିଭାଗର ଏଜିଏମ ଲୋଲାଟି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




## ବ୍ୟାଟେରୀ ମରାମତି ଦୋକାନରୁ ଶବ ଉଦ୍ଧାର

ରାଉରକେଲା,୨୪ା୯ (ସମିସ): ବ୍ୟାଟେରୀ ମରାମତି ଦୋକାନ ଭିତରୁ ପ୍ଲାଣ୍ଟସାଇଟ ପୁଲିସ ଜଣେ ଯୁବକଙ୍କ ଶବକୁ ଉଦ୍ଧାର କରିଛି। ବୁଧବାର ସକାଳେ ପାୱାର ହାଉସ୍ ପାର୍କିଂ ଗଣେଶ ପୂଜା ପଡ଼ିଆ ସମ୍ମୁଖରେ ଥିବା ବନ୍ଦ ଦୋକାନରୁ ପ୍ରବଳ ଦୁର୍ଗନ୍ଧ ବାହାରି ଥିଲା। ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି। ଦୋକାନ ମାଲିକ ମୁସ୍ତାକ ସହର ବାହାରେ ଥିବାରୁ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ।



## ସାପ କାମୁଡ଼ାରେ ମା', ପୁଅ ମୃତ

ବଣାଇଁ,୨୪ା୯ (ସମିସ): ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ବଡଚୂଆଁ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ମା' ଓ ପୁଅଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ବଡଚୂଆଁ ଗ୍ରାମର ରଥ କୁଲହଙ୍କ ସ୍ତ୍ରୀ ଓ ଚାରି ବର୍ଷର ଶିଶୁ ପୁତ୍ର ଅବିନାଶ କୁଲହଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଉଭୟ ମା' ଓ ପୁଅକୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶୁ ପୁତ୍ର ଅବିନାଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ମା'କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

## ଭଞ୍ଜ ସାଂସ୍କୃତିକ ନ୍ୟାସ, ଆର୍‌ଏସ୍‌ପି ପକ୍ଷରୁ 'କୁମାର ଉତ୍ସବ' ୬ରେ

ରାଉରକେଲା,୨୪ା୯ (ସମିସ):

ଭଞ୍ଜ ସାଂସ୍କୃତିକ ନ୍ୟାସ ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଲୋକପ୍ରିୟ ଓଡ଼ିଆ ପର୍ବ 'କୁମାର ଉତ୍ସବ-୨୦୨୫' ଆସନ୍ତା ଅକ୍ଟୋବର ୬ ତାରିଖରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଆୟୋଜିତ ହେବ। ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ଏବଂ ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନଙ୍କର ସେପ୍ଟେମ୍ବର ୨୦ ତାରିଖ ଦିନ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଉପସ୍ଥିତ ଟ୍ରଷ୍ଟିମାନଙ୍କ ମଧ୍ୟରେ ମାନବ ସମ୍ବଳ ବିଭାଗର ସିଜିଏମ୍ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଉପାଧ୍ୟକ୍ଷ ମାନସ ରଞ୍ଜନ ରଥ, କଣ୍ଟ୍ରାକ୍ଟ ସେଲ୍‌ର ସିଜିଏମ୍ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଆଲୋକ କୁମାର ବେହେରା, ବିତ୍ତ ଓ ଲେଖା ବିଭାଗର ଜିଏମ୍ ଏଚ୍. କେ ସାଏ, ପରିବେଶ ଇଂଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି. ଦାଶ, ଲୋକସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଆଇନ ବିଭାଗର ଡିଜିଏମ୍ ଆର୍. କେ. ସାହୁ, ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ଆର୍.କେ. ମହାପାତ୍ରଙ୍କ ସମେତ ଆର୍‌ଏସ୍‌ପିରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ 'କୁମାର ଉତ୍ସବ' କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଜଗତର ପ୍ରଥିତଯଶା ବ୍ୟକ୍ତି ପ୍ରଶାନ୍ତ ନନ୍ଦ ଏବଂ ପ୍ରଖ୍ୟାତ ଗାୟିକା ତଥା କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଡକ୍ଟର ସଂଗୀତ ଗୋସାଇଁଙ୍କୁ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଷ୍ଣୁମୋହନ କବି ଓ ଅନ୍ୟାନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନା ନିକଟରେ ଭଞ୍ଜ ସାଂସ୍କୃତିକ ପରିସର ଦଖଲକୁ ନେଇଛି ଏବଂ ଖୁବ୍‌ଶୀଘ୍ର ଏହାର ପ୍ରମୁଖ ମରାମତି ଏବଂ ନବୀକରଣ କାର୍ଯ୍ୟ ଆରମ୍ଭ ହେବ। କିଛି ଲୋକଙ୍କ ଦ୍ୱାରା ଭଞ୍ଜ ସାଂସ୍କୃତିକ ପରିସରର ନାମ ରବୀନ୍ଦ୍ର ମଣ୍ଡପକୁ ପରିବର୍ତ୍ତନ ହେବାର କପୋଳକଳ୍ପିତ ଓ ଭିତ୍ତିହୀନ ଗୁଜବ ପ୍ରଚାରକୁ ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନେ ଦୃଢ଼ମତରେ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ଆଧାରହୀନ ଅଭିଯୋଗଗୁଡ଼ିକ ମନ୍ଦ ଉଦ୍ଦେଶ୍ୟ ରଖିଥିବା କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କ ଦ୍ୱାରା ଅପପ୍ରଚାର କରାଯାଉଛି ଏବଂ ଉଭୟ ଟ୍ରଷ୍ଟ ଓ ରାଉରକେଲା ଇସ୍ପାତ କାରଖାନାକୁ ବଦ୍‌ନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।



ସମ୍ମାନିତ ହେବେ ପ୍ରଶାନ୍ତ ନନ୍ଦ, ସଂଗୀତା ଗୋସାଇଁ






# ମା'ଙ୍କ ଚନ୍ଦ୍ରଘଣ୍ଟା ବେଶ


ମା ସମଲେଶ୍ୱରୀ


ମା କୁଶଙ୍ଗାଇ


ମା ଦୁର୍ଗା

## ମାଁ ପାଟଣେଶ୍ୱରୀଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜା

ବଲାଙ୍ଗିର,୨୪।୯ (ସମିସ): ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆୟୋଜିତ ହୋଇଯାଇଛି। ୨୧ ତାରିଖ ସୋମବାର ପ୍ରତିପଦା ନବଦିନାତ୍ମକ ପୂଜା ଆରମ୍ଭ ହୋଇ କଳସ ସ୍ଥାପନ ଓ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମାଁଙ୍କ ଶୈଳପୁତ୍ରୀ ବେଶ ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ ହୋଇଥିଲା। ମଙ୍ଗଳବାର ବ୍ରହ୍ମଚାରିଣୀ ବେଶ ସହ ଚଣ୍ଡିହୋମ ଓ ମହାଆଳତି ଆୟୋଜିତ ହୋଇଥିଲା। ବୁଧବାର ଚନ୍ଦ୍ରଘଣ୍ଟା ବେଶ ସହ



ଚଣ୍ଡିହୋମ ହୋଇଥିଲା। ମୁଖ୍ୟ ପୂଜକ ମଳୟ ଦିଶ୍ରୀ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଫକିର ଶତପଥୀ ଚଣ୍ଡିପାଠ କରୁଛନ୍ତି। ଗୁରୁବାର କୁଷ୍ମାଣ୍ଡା, ଶୁକ୍ରବାର ସ୍କନ୍ଦମାତା, ଶନିବାର କାତ୍ୟାୟନୀ, ରବିବାର କାଳରାତ୍ରୀ ବେଶ ହେବ। ସୋମବାର ମହା ଅଷ୍ଟମୀରେ ମହାଗୌରୀ ବେଶ, ମଙ୍ଗଳବାର ମହାନବମୀରେ ସିଦ୍ଧିଦାତ୍ରୀ ଓ ମାଁ ପାଟଣେଶ୍ୱରୀଙ୍କ ସନ୍ଧିପୂଜା ରହିଛି। ବୁଧବାର ମାଁ ବିଶ୍ରାମ। ୨ ତାରିଖ ଦଶହରା। ଅପରାଜିତା ପୂଜା ଓ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି।

# ହକ୍ ପାଇଁ ଗର୍ଜିଲେ ଜିପିଏଲଏଫ୍






ବଙ୍ଗୋମୁଣ୍ଡା,୨୪।୯ (ସମିସ)

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍‌ର ୨୬ଟି ପଞ୍ଚାୟତ ମହସଂଘ୍ ସ୍ତରରେ କାର୍ଯ୍ୟ କରୁଥିବା ୫ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ ଏମ୍‌ବିକେ, ବ୍ୟାଙ୍କ୍ ମିତ୍ର, ସିଆରପି, କୃଷି ମିତ୍ର, ପ୍ରାଣୀମିତ୍ର ନିଜର ବିଭିନ୍ନ ଦାବି ପୂରଣ ପାଇଁ ଜିପିଏଲଏଫ ମହିଳାମାନେ ଲଗାଣ ବର୍ଷା ସତ୍ତ୍ୱେ ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି।

ଦୀର୍ଘ ୧୦ ବର୍ଷ ହେଲା ଏମାନେ କାର୍ଯ୍ୟ କରୁଛନ୍ତି। ସରକାର ପରିବର୍ତ୍ତନ ହେବା ପରେ ଏମାନଙ୍କୁ ଅବହେଳିତ କରାଯାଉଥିବା ଅଭିଯୋଗ ଆଣିଛନ୍ତି। ପୂର୍ବ ସରକାର ସମୟରେ ଏମାନଙ୍କୁ ସ୍ଥାୟୀ ଦରମା ମିଳୁଥିଲା; କିନ୍ତୁ ସରକାର ପରିବର୍ତ୍ତନ ହେବା ପରେ ଏହା ବଦଳରେ ପରଫମାନ୍ସ ଇନ୍‌ସେଣ୍ଟିଭ କରି ଦିଆଯାଇଛି। ଏହାଫଳରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବପରି ସ୍ଥାୟୀ ଦରମା, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ, ୬ ମାସର ବକେୟା ରାଶି ଦେବା, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ଏହି ସବୁ ଦାବିକୁ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦେଇଛନ୍ତି।

**ଲୋଇସିଂହା:** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍‌ସ୍ତରୀୟ ଜିପିଏଲଏଫ କର୍ମୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଗତ ୩ ଦିନ ହେଲା ମହିଳା କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ୨୦୨୧ରେ ବିଜେଡି ସରକାର ସମୟରେ ଲୋଇସିଂହା ବ୍ଲକର ୧୮ ପଞ୍ଚାୟତରେ ମହାସଂଘସ୍ତରରେ କାର୍ଯ୍ୟ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ଏମବିକେ, ସିଆରପି, ସିଏମ, ବ୍ୟାଙ୍କ ମିତ୍ର ଭଳି ପଦବୀରେ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ମହିଳା କର୍ମଚାରୀଙ୍କୁ ମିଶନଶକ୍ତି ଦ୍ୱାରା ମହିଳା ସଶକ୍ତିକରଣ ପାଇଁ କାଯ୍ୟକାରୀ କରାଯାଉଥିବା ଯୋଜନାରେ ସାମିଲ କରାଯାଥିଲା। ଏଥିପାଇଁ ମହିଳାମାନଙ୍କୁ ନିୟମିତ ଭାବେ ନିର୍ଦ୍ଦିଷ୍ଟ ପରିମାଣର ବେତନ ପ୍ରଦାନ କରାଯାଉଥିଲା। ସରକାର ବଦଳିବା ପରେ ପୂର୍ବ ନିଷ୍ପତ୍ତିକୁ ବଦଳାଇ ସରକାର ନିର୍ଦ୍ଦିଷ୍ଟ ବେତନ ବଦଳରେ ପ୍ରଦର୍ଶନ ଇନସେଟିଭ ଭାବେ ପ୍ରଦାନ କରୁଥିବା ସଂଘ ଅଭିଯୋଗ କରିଛି।

ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଗଲେ ମଧ୍ୟ କେହି ଶୁଣୁ ନ ଥିବାରୁ ରାଜ୍ୟ ସଂଘ ନିର୍ଦ୍ଦେଶ କ୍ରମେ ଗତ ୨୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ବଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଥିବା ଲୋଇସିଂହା ବ୍ଲକ ସଂଘ ସଭାପତି କବିତା ବଡେଇ ସୂଚନା ଦେଇଛନ୍ତି।

# ବର୍ଷାରେ ବୁଡ଼ିଲା ବାଙ୍କିବାହାଲ ସ୍କୁଲ





ପାଟଣାଗଡ଼,୨୪।୯ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ପଣ୍ଡାମୁଣ୍ଡା ପଞ୍ଚାୟତ ବାଙ୍କିବାହାଲ ପ୍ରାଥମିକ ବିଦ୍ୟାଳୟ ମଙ୍ଗଳବାର ରାତିରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ବୁଡ଼ି ଯାଇଛି। ସ୍କୁଲ ଭିତରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇ ରହିଛି। ଏହାଫଳରେ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପ୍ରାୟ ୬୦ରୁ ଅଧିକ ଛାତ୍ରଛାତ୍ରୀ ବୁଧବାର ପରୀକ୍ଷା ଦେବାରୁ ବୁଧବାର ବଞ୍ଚିତ ହୋଇଛନ୍ତି। ଗାଁ ଲୋକଙ୍କ ସହାୟତାରେ ଗାଁ କ୍ଲବ ଘରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀ ତଥା ଅବିଭାବକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ଦୀର୍ଘ ବର୍ଷରୁ ଲାଗି ରହିଛି। ଏ ନେଇ ଗାଁ ଲୋକେ ଏହାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଛନ୍ତି। ତଥାପି ସମସ୍ୟା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବୁଧବାର ସକାଳୁ ସ୍କୁଲ ଭିତରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇଥିବା ଦେଖି ଗାଁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ; ହେଲେ କିଛି ଲାଭ ହୋଇ ନ ଥିଲା। ଏ ବିଷୟରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଲି

**● ଗାଁ କ୍ଲବରେ ମଧ୍ୟାହ୍ନ ଭୋଜନ ଖାଇଲେ ଛାତ୍ରଛାତ୍ରୀ, ପରୀକ୍ଷା ଦେଇ ପାରିଲେନି**

ତରିଆଙ୍କୁ ପଚାରିବାରୁ ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଓ ସ୍କୁଲ ଭିତରେ ବର୍ଷା ଜଳ ପଶୁଥିବା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି; କିନ୍ତୁ କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ବୁଧବାର ସକାଳେ ପାଚିକା ସ୍କୁଲ ଭିତରେ ପାଣି ଭର୍ତ୍ତି ହୋଇଥିବା ଜଣାଇଥିଲେ। ବର୍ଷା ପାଣି ପଶି ସ୍କୁଲ ଭିତରେ ଆଣ୍ଠୁଏ ପାଣି ରହିଛି। ଏହାଫଳରେ ସ୍କୁଲ କୋଠରୀ ଭିତରେ ଥିବା ଗୋଦରେଜ ଭିତରେ ପ୍ରଶ୍ନ ପତ୍ର ରହିଯାଇଛି। ପାଣି ଯୋଗୁଁ ପ୍ରଶ୍ନପତ୍ର ଅଣା ଯାଇପାରିନି। ତେଣୁ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏହି ଜରାଜୀର୍ଣ୍ଣ ସ୍କୁଲରେ ଆଉ ଶିକ୍ଷାଦାନ ପାଇଁ ବସାଇବେ ନାହିଁ ବୋଲି କହିଛନ୍ତି। ଏ ବିଷୟରେ ବିଇଓ ଶଙ୍କର ପ୍ରସାଦ ମାଝୀଙ୍କୁ ପଚାରିବାରୁ ସେ ସବୁ ଜାଣିଛନ୍ତି। ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବୁଧବାର ବାଙ୍କିବାହାଲ ଗାଁ ଲୋକେ ଏହି ସମସ୍ୟା ନେଇ ପାଟଣାଗଡ ଉପଜିଲ୍ଲାପାଳ, ପାଟଣାଗଡ଼ ତହସିଲଦାର ଓ ପୂର୍ତ୍ତ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ରାସ୍ତାରୋକ ସହ ଆନ୍ଦୋଳନ କରାଯିବ ବୋଲି ଗାଁ ଲୋକେ ଚେତାବନୀ ଦେଇଛନ୍ତି।

# ଖୁବ୍‌ଶୀଘ୍ର କଲ୍ୟାଣ ମଣ୍ଡପ ପୁନରୁଦ୍ଧାର ହେବ

ବଲାଙ୍ଗିର,୨୪।୯ (ସମିସ): ବଲାଙ୍ଗିର ସହର ସମ୍ବଲପୁର ରୋଡ ମହାଦେବ ମନ୍ଦିର ପାର୍ଶ୍ୱସ୍ଥ ବଲାଙ୍ଗିର ସହରର ସର୍ବପୁରାତନ କଲ୍ୟାଣ ମଣ୍ଡପ ଯଥାଶୀଘ୍ର ପୁନଃଉଦ୍ଧାର ଓ ମରାମତି ହେବ। ଏହି କଲ୍ୟାଣ ମଣ୍ଡପର ପୁନଃଉଦ୍ଧାର ପାଇଁ ଦାବି ଉଠାଇଥିବା କଂଗ୍ରେସକୁ ପ୍ରଶାସନ ଏହି ପ୍ରତିଶ୍ରୁତି ଦେଇଛି। ନଗର କଂଗ୍ରେସ କମିଟି ସଭାପତି ବୁଲୁ ଦାନୀଙ୍କ ସହ ଏକ ପ୍ରତିନିଧି ମଣ୍ଡଳିକୁ ଡାକି ଉପଜିଲ୍ଲାପାଳ ଆଲୋକ ପଟେଲ ଏହି ବିଷୟରେ ଆଲୋଚନା କରିଛନ୍ତି। ଏହି ସକାରାତ୍ମକ ପଦକ୍ଷେପ ପାଇଁ ବଲାଙ୍ଗିର ଜନସାଧାରଣ ଓ ନଗର କଂଗ୍ରେସ କମିଟି ତରଫରୁ ଉପଜିଲ୍ଲାପାଳଙ୍କୁ ଧନ୍ୟବାଦ ଦିଆଯାଇଛି। ମୀରା ମଣ୍ଡଳ, ଅନ୍ନପୂର୍ଣ୍ଣ ବରିହା, ଆରତିପ୍ରୀତି ନାଗ, ମନୀଷ ମିଶ୍ର, ଅସିତ ମିଶ୍ର, ଉମା ସାହୁ, ନାସିର ଖାନ, ସମୀର କୁମ୍ଭାର, ହିମାଂଶୁ ନାୟକ, ବର୍ଜ ସେଠି, ଜୁଲୁ ପଟ୍ଟନାୟକ, ଜ୍ୟୋତିଷ ମୁଗ୍ରୀ, ସୀତାରାମ କୁମ୍ଭାର ପ୍ରମୁଖ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ। ଦିନ ଥିଲା ଏହି କଲ୍ୟାଣ ମଣ୍ଡପରେ ବିବାହ, ବ୍ରତ, ଏକୋଇଶିଆଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ବଡ ବଡ ହୋଟେଲ ନ ଥିବା ସମୟରେ ସବୁ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ପାଇଁ ସହର ଲୋକଙ୍କ ପ୍ରଥମ ପସନ୍ଦ ଥିଲା। ଧୀରେ ଧୀରେ ପ୍ରଶାସନର ଅବହେଳା ଯୋଗୁଁ ଇତିହାସର ପୃଷ୍ଠା ପରି ଏହା କାଳଗର୍ଭରେ ଲୀନ ହେବା ଅବସ୍ଥାରେ ପହଞ୍ଚି ଯାଇଛି। ଏହି କଲ୍ୟାଣ ମଣ୍ଡପ ସହ ବଲାଙ୍ଗିର ସହରର ଐତିହ୍ୟ ଜଡିତ। ଏଣୁ ଗତ ୨୨ ତାରିଖରେ ଏହି ସମସ୍ୟା ନେଇ ନଗର କଂଗ୍ରେସ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜନ କରିଥିଲା। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲା।



**ଆନ୍ଦୋଳନ ପରେ କଥାଦେଲେ ଉପଜିଲ୍ଲାପାଳ**

## ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ

କଣ୍ଟାବାଞ୍ଜି,୨୪।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାସ୍ତା ଧାମନଡଙ୍ଗା ଗାଁ ନିକଟରେ ଏକ ଆମ୍ବୁଲାନ୍ସ ଓଲଟି ପଡିଛି। ଗାଡ଼ିଟି ବଙ୍ଗୋମୁଣ୍ଡା ପଟୁ କଣ୍ଟାବାଞ୍ଜି ଆସୁଥଲା। ଦିନ ୧୧ଟାରେ ଏହି ୧୦୮ ଆମ୍ବୁଲାନ୍ସଟି ଏକ ବାଇକ୍‌କୁ ସାଇଡ଼ ଦେବା ସମୟରେ ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତେବେ ଏଥିରେ କୌଣସି ରୋଗୀ ନ ଥିଲେ। ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।

## ଶ୍ରୀରାମ ଯାତ୍ରା ସେ ଜୀବନ ଯାତ୍ରା କାର୍ଯ୍ୟକ୍ରମ

ଟିଟିଲାଗଡ,୨୪।୯ (ସମିସ): ମହାବୀର ପଞ୍ଚାୟତି ଧର୍ମଶାଳାରେ ଟିଟିଲାଗଡ଼ ସନାତନ ମିତ୍ର ମଣ୍ଡଳ ପକ୍ଷରୁ 'ଶ୍ରୀରାମ ଯାତ୍ରା ସେ ଜୀବନ ଯାତ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀର ରସ କବି ସୁମିତ ଓଝା ଜୀ (ଝାନସୀ) ଯୋଗ ଦେଇ ପ୍ରବଚନ ଦେଇଥିଲେ। ପୌରାଧକ୍ଷା ମମତା ଜୈନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥଲେ। ଈଶ୍ୱର ଜୈନ, ରିଙ୍କୁ ଅଗ୍ରୱାଲ, ସିଏ ରାକେଶ ଜୈନ, ଅମର ଜୈନ, ଗୋବିନ୍ଦ ଜୈନ, ବୈରୀ ଗଞ୍ଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଶିବଶଙ୍କର ବେହେରା, ଡା. ଘନଶ୍ୟାମ ଜୈନ, ଡ. ଛାୟାକାନ୍ତ ଷଡ଼ଙ୍ଗୀ, ଉମେଶ ଚନ୍ଦ୍ର ଦାଶ, ବ୍ରହ୍ମାନନ୍ଦ ପୁହାଣ, ପ୍ରେମ ଜୈନ, ଲଳିତା ଲାଠ, ନରେଶ ଅଗ୍ରୱାଲ, ଆଇନଜୀବୀ କମ୍ଭପାଣି ପାଢ଼ୀ, ଟିକେଲାଲ ବେହେରା, ଶମ୍ଭୁ ପ୍ରସାଦ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି

ବଲାଙ୍ଗିର,୨୪।୯ (ସମିସ): ସ୍ଥାନୀୟ ରେଳଷ୍ଟେସନ ଛକସ୍ଥିତ କରାଟେ ସ୍କୁଲରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୧୯ରେ ଭୀମ ଭୋଇ ମେଡିକାଲ କଲେଜ ଅଡିଟରିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଅବସରରେ ଗତ ମେଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀ, ପ୍ରଶାସନିକ କ୍ଷେତ୍ରରେ କୃତକାର୍ଯ୍ୟ, କ୍ରୀଡା, ସାଂସ୍କୃତିକ, ଗାଳ୍ପିକ, ଲେଖକ, କୃଷି ଓ ବ୍ୟବସାୟ କ୍ଷେତ୍ରରେ ସଫଳତା ହାସଲ କରିଥିବା କୁଲୁତା ସମାଜର ବ୍ୟକ୍ତିବିଶେଷ ତଥା ବିଗତ ଦିନରେ ଯୁବ କୁଲୁତା ସମାଜ ତରଫରୁ ରକ୍ତଦାନ କରିଥିବା ଭାଇ ଭଉଣୀଙ୍କୁ ସମ୍ମାନିତ କରାଯିବ ବୋଲି ସ୍ଥିର ହୋଇଛି। ଅସୀମ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଭୋଇ, ଆକାଶ ବିଶ୍ୱାଳ, ଦିନେଶ ପ୍ରଧାନ, ବୃନ୍ଦାବନ ବେହେରା, ବିଦ୍ୟା ସାହୁ, ଅନିଲ ନାୟକ, ପ୍ରବୀଣ ଭୋଇ, ପ୍ରଶାନ୍ତ ପ୍ରଧାନ, ଅନଙ୍ଗ ଭୁଏ, ତେଜରାଜ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ତୀର୍ଥ ପ୍ରଧାନ ଓ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ ବେହେରା ହତ୍ୟାର ମୁଖ୍ୟ ଷଡ଼ଯନ୍ତ୍ରକାରୀ, ସହଯୋଗୀ ଗିରଫ





ବଲାଙ୍ଗିର,୨୪।୯ (ସମିସ): ବଲାଙ୍ଗିର ରାଜ୍ ବେହେରା ହତ୍ୟା ଘଟଣାର ଆଉ ଦୁଇ ଜଣ ଅଭିଯୁକ୍ତକୁ ବଲାଙ୍ଗିର ପୁଲିସ ଗିରଫ କରିଛି। ପୂର୍ବରୁ ୨ଜଣ ଗିରଫ ହୋଇଥିବା ବେଳେ ଏବେ ଏହି ସଂଖ୍ୟା ୪ରେ ପହଞ୍ଚିଛି। ତେବେ ବୁଧବାର ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ମୃତ ରାଜ୍‌ଙ୍କ ପ୍ରେମିକାଙ୍କ ଭାଇ ଖଦାଲପଡ଼ାର ଶିବୁ ଓରଫ୍ ରୋହିତ ବେହେରା (୧୯) ଓ ସଦର ଥାନା ଦାବକାନୀ ଗାଁର ରହିମ ନାଗ (୧୯)। ପୂର୍ବରୁ ଟାଉନ ପୁଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତ ବଲାଙ୍ଗିର ବିଭୂତିପଡ଼ାର ବିନିତ ସେନ (୨୦) ଓ ଗେଟସରୋବରପଡ଼ାର ମଣ୍ଟୁ କରନ୍ (୨୬) କୁ ଗତ ୨୧ରେ ଗିରଫ କରିଥିଲା। ମୃତ ରାଜ୍‌ର ପ୍ରେମିକାଙ୍କ ଭାଇ ଶିବୁ ହିଁ ଏହି ହତ୍ୟା ଷଡଯନ୍ତ୍ର ରଚିଥିବା ଜଣାପଡିଛି। ଗତ ଶନିବାର ଅପରାହ୍ନରେ ଖଦାଲପଡ଼ାର ରାଜ ବେହେରାଙ୍କୁ ଘର ନିକଟରେ ମା' ବାସନ୍ତୀଙ୍କ ସମ୍ମୁଖରେ କିଛି ଯୁବକ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ବାସନ୍ତୀଙ୍କ ଅଭିଯୋଗ ଅନୁସାରେ ବଲାଙ୍ଗିର ଟାଉନ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରାଜ୍ ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ଘଟଣାର ୨୪ ଘଣ୍ଟା ମଧ୍ୟରେ ବିନିତ ଓ ମଣ୍ଟୁକୁ ଗିରଫ କରିଥିଲା। ଏହି ହତ୍ୟା ତ୍ରିକୋଣୀୟ ପ୍ରେମରୁ ଘଟିଥିବା ବଲାଙ୍ଗିର ଏସ୍‌ପି ଅଭିଲାଷ ଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ମାମଲାରେ ବୁଧବାର ପ୍ରେମିକାଙ୍କ ବଡ଼ଭାଇ ଶିବୁ ଓ ଶିବୁର ସାଙ୍ଗ ରହିମକୁ ଗିରଫ କରିଛି। ରାଜ ଓ ଶିବୁର ଭଉଣୀ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବାରୁ ଶିବୁ ଏହାକୁ ଗ୍ରହଣ କରୁ ନ ଥିଲା। ପୂର୍ବରୁ ମଧ୍ୟ ଏହାକୁ ନେଇ ଶିବୁ ଓ ରାଜ ମଧ୍ୟରେ ଝଗଡ଼ା ହୋଇଥିବା ପୁଲିସ ସୂଚନା ଦେଇଛି। ପୂର୍ବରୁ ଗିରଫ ଅଭିଯୁକ୍ତ ବିନିତ ରାଜ୍‌ର ପ୍ରେମିକାକୁ ଏକ ତରଫା ଭାବେ ଭଲ ପାଉଥିଲା। ସେ ମଧ୍ୟ ରାଜକୁ ରାସ୍ତାରୁ ହଟାଇବାକୁ ଚାହୁଁଥିଲା। ଏହାଫଳରେ ସମସ୍ତେ ମିଶି ରାଜ୍‌କୁ ଟାର୍ଗେଟ କରି ହତ୍ୟା କରିଥିବା ପୁଲିସ ସ୍ପଷ୍ଟ କରିଥିଲା।

## ହାତୀପଲ ଦ୍ୱାରା ଧାନଚାଷ ନଷ୍ଟ

ମୁରିବାହାଲ,୨୪।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ତିଖାଲି ସଂରକ୍ଷିତ ଜଙ୍ଗଲ ତଥା ମୁରିବାହାଲ ବନାଞ୍ଚଳରେ ହାତୀପଲ ଆତଙ୍କ ଖେଳାଇଛନ୍ତି। ନିକଟରେ ଇଚ୍ଛାପଡା ଗାଁର ଜଣେ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ଜୀବନ ଯାଇଛି। ହାତୀପଲ ଧାନଚାଷ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗିଛନ୍ତି। ବୁଧବାର ମୁରିବାହାଲ ବ୍ଲକ ନିକଟସ୍ଥ ଡଙ୍ଗାବାଞ୍ଜି ରେଞ୍ଜ ତଥା ମାଳିଶିରା ଦେଶିଲ ଗାଁ ପାଖ ଅଞ୍ଚଳରେ ହାତୀପଲ ଆତଙ୍କ ସୃଷ୍ଟି କରିଛନ୍ତି। ଧାନବିଲରେ ପଶି ନଷ୍ଟ କରିଛନ୍ତି। ସେହିଭଳି ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ଏଣୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଦେଶିଲ ଗ୍ରାମର ହରେକୃଷ୍ଣ ଗନିଆର, ଦିବାକର ବାଗ, ବରୁଣ ବାଗ, ନରହରି ଘିଭେଲା, ନେତ୍ର ଘିଭେଲାଙ୍କ ସମତେ ଗ୍ରାମର ୧୦ ଜଣ ଚାଷୀଙ୍କ ଧାନକ୍ଷେତରେ ପଶି ହାତୀପଲ ନଷ୍ଟ କରିଛନ୍ତି। ଖବର ପାଇ ମୁରିବାହାଲ ବନ ବିଭାଗର କର୍ମଚାରୀ କ୍ଷୟକ୍ଷତି ଆକଳ କରିଛନ୍ତି। ହାତୀ ଉପଦ୍ରବରେ ଯେତେ କ୍ଷୟକ୍ଷତି ହୋଇଛି ସମସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।







# ପୁଇଁନ୍ତଲା ଥାନାରୁ ଅଭିଯୁକ୍ତ ଫେରାର

- ଫେରାର ଅଭିଯୁକ୍ତ ବିଶ୍ୱାମିତ୍ର ଦଳେଇ
- କୌଣସି ଏକ ମାମଲାରେ ଅଟକ ରଖିଥିଲା ପୁଲିସ
- ଖୋଜି ଖୋଜି ନୟାନ୍ତ ପୁଲିସ

ବଲାଙ୍ଗିର,୨୪।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନାରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛି। ଏକ ମାମଲାରେ ପୁଇଁନ୍ତଲା ପୁଲିସ ଥାନାରେ ପୁଲିସ ଅଟକ ରଖିଥିବା କୁଲଥିପାଲିର ବିଶ୍ୱାମିତ୍ର ଦଳେଇ ଥାନା ଭିତରୁ ଫେରାର ହୋଇଯାଇଥିବା ଘଟଣା ସାମ୍ନାକୁ ଆସିଛି। ତେବେ ଏହି ଘଟଣାର ପ୍ରାୟ ୪୮ ଘଣ୍ଟା ବିତି ଯାଇଛି। ଫେରାର ଅଭିଯୁକ୍ତକୁ କିନ୍ତୁ ପୁଲିସ ଠାବ କରିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ଏନେଇ କୌଣସି ସୂଚନା ନ ଦେଇ ଚପାଇ ଦେବାକୁ ଉଦ୍ୟମ ଚାଲିଥିବା ମଧ୍ୟ ଚର୍ଚ୍ଚା ହେଉଛି।

କୌଣସି ଏକ ମାମଲାରେ ଗତ ସୋମବାର ପୁଇଁନ୍ତଲା ପୁଲିସ କୁଲଥିପାଲି ଗାଁର ବିଶ୍ୱାମିତ୍ରକୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ମଙ୍ଗଳବାର ଭୋରରୁ ଥାନା ଭିତରୁ ସେ ଫେରାର ହୋଇଯାଇଥିବା ଜଣାପଡିଥିଲା। ବହୁ ଖୋଜାଖୋଜି ପରେ



ମଧ୍ୟ ସେ ମିଳି ନ ଥିବା ଜଣାପଡିଛି। ତେବେ ପୁଲିସ ତାକୁ କେଉଁ ମାମଲାରେ ଆଣି ଅଟକ ରଖିଥିଲା, ଯଦି ମାମଲା ରୁଜୁ ହୋଇଥିଲା ତେବେ କୋର୍ଟ ଚାଲାଣ ନ କରି କାହିଁକି ଥାନାରେ ରାତିରେ ଅଟକ ରଖିଥିଲା ଏହିଭଳି ଅନେକ ପ୍ରଶ୍ନ ଏବେ ସାମ୍ନାକୁ ଆସିଛି। ଏପରିକି ଫେରାର ଅଭିଯୁକ୍ତ ବିଷୟରେ କିଛି ବି ସୂଚନା କାହାକୁ ଦେବା ପାଇଁ ଥାନାର ସମସ୍ତଙ୍କୁ ଅଧିକାରୀ ମନା କରିଦେଇଥିବା ଜଣାପଡିଛି। ନିଜେ ଅଧିକାରୀ ମଧ୍ୟ ଏନେଇ କିଛି ସୂଚନା ଦେଉ ନ ଥିବା ବେଳେ ଜିଲ୍ଲା ପୁଲିସ ପକ୍ଷରୁ ଏହିଭଳି ଏକ ଅବହେଳା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡିଛି।



୨୪/୯/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨,୮୬,୩୫୯/- ସୁନା: ୦୦.୭୦୦ ଗ୍ରାମ୍ ରୁପା: ୮୮.୦୦୦ ଗ୍ରାମ୍








# ଏନ୍‌ଓସିରେ ଜାଲିଆତି ଅଭିଯୋଗ

ପୁରୀ,୨୪।୯ (ସମିସ)

ପୁରୀରେ ମାତିଛନ୍ତି ଜମି ମାଫିଆ। ବିଶେଷକରି ସରକାରୀ ଏବଂ ମହାପ୍ରଭୁଙ୍କ ଜମିକୁ ବିଭିନ୍ନ ଉପାୟରେ ମାଡ଼ି ବସୁଛନ୍ତି। ଏହି ଧାରା ଏବେ ବି ଚାଲିଛି। ଏହି ଜମିକୁ ଅନ୍ୟକୁ କମ୍ ଦରରେ ବିକ୍ରି କରୁଥିବାବେଳେ ଆଉ କେହି ନିଜ ନାମରେ ରେକର୍ଡ କରାଇବାକୁ ଉଦ୍ୟମ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ସହର ମଧ୍ୟରେ ଥିବା ଏହିଭଳି ଜମିକୁ ଜବରଦଖଲ କରି ନୋଟାରୀ ମାଧ୍ୟମରେ ବିକ୍ରି କରାଯାଉଛି। ଏହା ଜଣାପଡ଼ିବା ପରେ ଜିଲ୍ଲାପାଳ ଏବଂ ତହସିଲ୍‌ଦାରଙ୍କୁ ଫେରାଦ୍ ହୋଇଥିଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏହି ଜାଗାକୁ ଯେପରି ଲାଇଟ୍, ପାଣି ସଂଯୋଗ ନ ଦିଆଯିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାସତ୍ତ୍ୱେ ଏଠାକୁ ବିଦ୍ୟୁତ୍ ଏବଂ ପାଣି ସଂଯୋଗ ଦିଆଯାଇଛି। ସବୁଠୁ ବଡ଼ କଥା ହେଉଛି ବିଦ୍ୟୁତ୍ ଏବଂ ପାଣି ସଂଯୋଗ ପାଇଁ ତହସିଲ୍ ପକ୍ଷରୁ ଯେଉଁ ଏନ୍‌ଓସି ଦିଆଯାଇଛି ସେଥିରେ ଜାଲିଆତି କରାଯାଇଥିବା ଅଭିଯୋଗ ଆଣିଛି ଆପ୍। ମଙ୍ଗଳବାର ପୁରୀ ଜିଲ୍ଲା ଆପ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି।




ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଆପ୍‌ର ଦୀର୍ଘଦିନର ପ୍ରତିବାଦ ପରେ ପୂର୍ବତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମୟରେ ଏକ ଅର୍ଡର ପାସ୍ କରାଯାଇଥିଲା। ପୁରୀରେ ସରକାରୀ ଜମି ଜବରଦଖଲ ଏବଂ ନୋଟାରୀରେ ବିକ୍ରି କରାଯାଇଥିଲେ ସେ ଜାଗାକୁ ବିଜୁଳି ଓ ପାଣି ଦିଆଯିବ ନାହିଁ। ଏହାଦ୍ୱାରା ସରକାରୀ ଜମି ଦଖଲରେ କିଛି ମାତ୍ରାରେ ଅଙ୍କୁଶ ଲାଗିଥିଲା। ଏହା ଉପରେ ନଜର ରଖିଥିଲା ଆପ୍। ଏମିତି କିଛି ନିର୍ଦ୍ଦିଷ୍ଟ ବେଆଇନ ଜାଗାକୁ ବିଦ୍ୟୁତ୍, ପାଣି ସଂଯୋଗ ନ ଦେବା ପାଇଁ ଆପ୍ ଦାବି କରିଆସୁଥିଲା। ପ୍ରଥମତଃ ଏଭଳି ବେନିୟମ ଜମିକୁ ନ କିଣିବା ପାଇଁ କୁହାଯାଇଥିଲା। ଏହା ପରେ ଯଦି କେହି ନିୟମ ନ ମାନି କିଣେ ତେବେ ସେ ଯେଉଁ ନିର୍ମାଣ କରିବେ ତାକୁ ବିଜୁଳି ଓ ପାଣି ନେବା ପାଇଁ ତହସିଲ୍ ଅଫିସରୁ ଏନ୍‌ଓସି ଆଣିବାକୁ ପଡ଼ିବ। ଏହାଦ୍ୱାରା ବହୁତ ଦଖଲ

## ବେଆଇନ ନିର୍ମାଣ ସ୍ଥଳକୁ ପାଣି, ବିଦ୍ୟୁତ୍ ସଂଯୋଗ

## ବିରୋଧ କଲା ଆପ୍, କାର୍ଯ୍ୟାନୁଷ୍ଠାନ ଦାବି

ଓ ଗୁଣ୍ଡା ବଦ୍‌ମାସ ଜୋର୍ କରି ଆଉ ଜମି ବିକିପାରିଲେ ନାହିଁ। କିନ୍ତୁ ଗତ ୮ ମାସ ହେବ ଏହି ବେନିୟମ କାର୍ଯ୍ୟ ପୁଣି ସକ୍ରିୟ ଭାବେ ଚାଲିଛି। ଜାଲିଆତି କରି ଏନ୍‌ଓସି ଦ୍ୱାରା ଲାଇଟ୍, ପାଣି ଦିଆଯାଇଛି। ସେହି ଏନ୍‌ଓସି ଯାଞ୍ଚରୁ ଜଣାପଡ଼ିଥିଲା ଯେ, ଦସ୍ତଖତରେ ଷ୍ଟାମ୍ପ୍ ରହିନାହିଁ। କ୍ରମିକ ସଂଖ୍ୟାରେ ଗଡ଼ବଡ଼ି ଓ ପାରିତ ହେଇଥିବା ଏନ୍‌ଓସିର ତାରିଖ ତହସିଲ୍‌ଦାରଙ୍କ ଦସ୍ତଖତର ତାରିଖ ମେଳ ଖାଉନାହିଁ। ତେଣୁ ଏଥିରେ ଜାଲିଆତି ହୋଇଥିବା ଜଣାପଡୁଛି। ଏଭଳି ଜାଲିଆତି ପାଇଁ ଗୋଟିଏ ଏନ୍‌ଓସି ବାବଦ ୫୦ ହଜାର ଟଙ୍କା କାରବାର କରାଯାଇଛି। ଏଭଳି ଦେଖିଲେ ୮ ମାସରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି।

ଏଭଳି ଜାଲିଆତି ଏକ ଜଘନ୍ୟ ଅପରାଧ। ସରକାରୀ କାଗଜପତ୍ରକୁ ଯଦି ଜାଲିଆତି କରାଯାଇପାରୁଛି ତେବେ ଏମିତି ଅନେକ କାମରେ ବି କରାଯାଇଥିବ। ଜିଲ୍ଲାପାଳ ନିଜେ ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ଆପ୍ ଅନୁରୋଧ କରିବା ସହ ଦୋଷୀକୁ ଖୋଜି ବାହାର କରିବାକୁ ଦାବି ରଖିଛି। ଏଥିରେ ଯେଉଁମାନେ ସାମିଲ୍ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କୁ ବରଖାସ୍ତ କରାଯିବା ପାଇଁ ଦଳ ଦାବି କରିଛି। ସ୍ୱତନ୍ତ୍ର ଭାବେ ବଳିଆପଣ୍ଡା ମୌଜାର ବିଜୁଳି ବିଭାଗ ବର୍ତ୍ତମାନ ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଆପ୍ ଅଭିଯୋଗ କରିଛି। ଯଦି ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆମେ ଧାରଣା ଦେବାକୁ ବାଧ ହେବୁ ବୋଲି ଜିଲ୍ଲା ସଭାପତି ସଞ୍ଜୀବ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍‌ର ନଗର ସଭାପତି ରମାକାନ୍ତ ସ୍ୱାଇଁ ଓ କୃଷକ ସଭାପତି ଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅଭିଯୋଗ ସଂକ୍ରାନ୍ତରେ ପୁରୀ ତହସିଲ୍‌ଦାର ଅଭିଷେକ ଦାଶଙ୍କୁ ପଚାରିବାରେ, ଆପ୍ ଜିଲ୍ଲା ସଭାପତି ଏ ବିଷୟରେ ମୋର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଯେଉଁ ନମ୍ବରର ଏନ୍‌ଓସି ମୋତେ ପଠାଇଛନ୍ତି ତାହାର ଖୋଳତାଡ଼ କରିବା ପରେ ଏହାକୁ ଜାଲିଆତି କରାଯାଇଥିବା ଜଣାପଡ଼ିଛି। ତେଣୁ ଆମ କାର୍ଯ୍ୟାଳୟରୁ ଯେଉଁ ଏନ୍‌ଓସି ଟିପିସିଓଡିଏଲ୍‌କୁ ଦିଆଯାଉଛି ଏଣିକି ତାହା ଅଫ୍‌ଲାଇନ୍‌ରେ ଦିଆଯିବ ନାହିଁ। ଅଫ୍‌ଲାଇନ୍‌ରେ ଦିଆଯିବାରୁ କେହି ଏହାକୁ ଜେରକ୍ସ କିମ୍ବା କୌଣସି ଉପାୟରେ ଜାଲିଆତି କରିପାରୁଛନ୍ତି। ତେଣୁ ଯେଉଁମାନଙ୍କୁ ଦିଆଯିବା ପାଇଁ ନିଷ୍ପତ୍ତି ହେବ ସେହି ଏନ୍‌ଓସି ଟିପିସିଓଡିଏଲ୍ ମେଲ୍‌କୁ ପଠାଯିବ ବୋଲି ତହସିଲ୍‌ଦାର ଶ୍ରୀ ଦାଶ କହିଛନ୍ତି।

## ଲଜ୍‌ରେ ରଖି ନାବାଳିକାକୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ପୁରୀ,୨୪।୯ (ସମିସ): ନାବାଳିକାକୁ ଲଜ୍‌ରେ ରଖି ଦୁଷ୍କର୍ମ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନରେନ୍ଦ୍ରକୋଣ ମଙ୍ଗଳା ସାହିର ସୁନୀଲ ନାୟକ ଓରଫ ଗୁଡୁ (୨୮)। ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ପୂର୍ବାହ୍ନ ୧୦ଟାରେ ନାବାଳିକା ଜଣକ କୌଣସି ଏକ କାମରେ ଯାଇ ସୁଆର ସାହିରୁ ଫେରୁଥିଲେ। ବୁଡ଼ାପଟି ନିକଟରେ ହୋଇଥିବାବେଳେ ସେଠାରେ ଗୁଡୁ ପହଞ୍ଚିଥିଲେ। ତାଙ୍କ ବାଇକ୍‌ରେ ନାବାଳିକାକୁ ବସାଇ ସିଟି ରୋଡ୍‌ର ଏକ ଲଜ୍‌କୁ ନେଇଥିଲେ। ସେଠାରେ ତା' ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ନାବାଳିକାକୁ ରଖି ଦୁଷ୍କର୍ମ କରିଥିଲେ। ସେ ଜଣେ ନାବାଳିକା ଜାଣି ମଧ୍ୟ ଅଭିଯୁକ୍ତ ତା' ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏହାପରେ ନାବାଳିକା ଜଣକ ଘରକୁ ଫେରି ବୁଢ଼ୀ ମା' ଆଗରେ ସବୁକଥା କହିଥିଲେ। ଏହାପରେ ତାଙ୍କ ପରିବାର ଲୋକେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସଙ୍ଗେ ସଙ୍ଗେ ପୋକ୍ସୋ ଆଇନରେ ଏକ ମାମଲା (ନଂ.୪୪୮/୨୫) ରୁଜୁ କରିଥିଲା। ପୁଲିସ ଅଭିଯୁକ୍ତ ଗୁଡୁକୁ ଗିରଫ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଡାକ୍ତରୀ ପରୀକ୍ଷା କରି ବୁଧବାର ତାଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଠାରୁ ଗୋଟିଏ ବାଇକ୍ ଜବତ କରିଛି ପୁଲିସ। ତେବେ ଗୁଡୁ ନାଁରେ ପୂର୍ବରୁ କୁମ୍ଭାରପଡ଼ା ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

## ଭୂମି ମାଲିକଙ୍କୁ ସତ୍ୱଲିପି ପ୍ରଦାନ

ପୁରୀ,୨୪।୯ (ସମିସ): ବ୍ରହ୍ମଗିରି ତହସିଲ୍ ଅନ୍ତର୍ଗତ ବୁଧଙ୍ଗ ମୌଜାର ଜମି ମାଲିକମାନଙ୍କୁ ସତ୍ୱଲିପି ବା ଖତିଆନା ବଣ୍ଟନ ଆରମ୍ଭ ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଚକବନ୍ଦୀ ଉପନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଉପଜିଲ୍ଲାପାଳ ତଥା ଚକବନ୍ଦୀ ଅଧିକାରୀ ନୀଳମାଧବ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ବୁଧବାର ପୂର୍ବାହ୍ଣରେ ଚକବନ୍ଦୀ କାର୍ଯ୍ୟାଳୟ ପରିସରରେ ଚୂଡ଼ାନ୍ତ ସତ୍ୱଲିପି ବା ଖତିଆନା ସମ୍ପୃକ୍ତ ଜମି ମାଲିକମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ସହକାରୀ ଚକବନ୍ଦୀ ଅଧିକାରୀ ରତ୍ନାକର ସ୍ୱାଇଁ ଓ କର୍ମଚାରୀ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଚୂଡ଼ାନ୍ତ ବନ୍ଦୋବସ୍ତ ସତ୍ୱଲିପି ବା ଖତିଆନା ୯.୪.୧୯୭୬ରେ ପ୍ରକାଶନ ହୋଇଥିଲା। ଚକବନ୍ଦୀ କାର୍ଯ୍ୟ ୧୯୯୦ ମସିହାରେ ଆରମ୍ଭ ହୋଇ ୨୪.୯.୨୦୨୫ରେ ଚକବନ୍ଦୀ ଧାରା ୧୩(୪) ମୁତାବକ ଚୂଡ଼ାନ୍ତ ସତ୍ୱଲିପି ପ୍ରକାଶନ କରାଯାଇ ଭୂମି ମାଲିକମାନଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଅନେକ ଦିନ ଧରି ସତ୍ୱଲିପିର ସଂଶୋଧନ ହୋଇପାରି ନ ଥିବାରୁ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ଏହି ସତ୍ୱଲିପି ପାଇଥିବାରୁ ଭୂମି ମାଲିକମାନେ ସେମାନଙ୍କ ଖୁସିବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

ପୁରୀ,୨୪।୯ (ସମିସ): ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ କିନ୍ତୁ ଏହାର ସଫଳ ମୁକାବିଲା କରି ଧନ ଜୀବନ ଓ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିବ। ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଓ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଗୋପ, ପିପିଲି ଓ ଡେଲାଙ୍ଗ ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କର ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗଦେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କିପରି ବିପର୍ଯ୍ୟୟ ସମୟରେ ଗ୍ରାମବାସୀଙ୍କୁ ସହାୟତା କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ତାଲିମ ଶିବିର ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ତାଲିମ ଶିବିରରେ ଓସ୍‌ଡମା ଦ୍ୱାରା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ତାଲିମ ପ୍ରଦାନ କରିଥିଲେ ଏବଂ ଜିଲ୍ଲା ଆପଦକାଳୀନ ବିଭାଗ ଶିବିର ସୁପରିଚାଳନା କରିଥିଲେ।

● ଜାତୀୟ ଆୟୁର୍ବେଦ ଦିବସ ପାଳିତ

## 'ସନ୍ତୁଳିତ ଆହାର ଆମକୁ ସୁସ୍ଥ ରଖିପାରିବ'

ପୁରୀ,୨୪।୯ (ସମିସ): ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ସ୍ଥାନୀୟ ତ୍ରିଦେବ ଭିଲ୍ଲାଠାରେ ଜାତୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଶାଖା ଅଧ୍ୟକ୍ଷ ତଥା ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଡ. ନାରାୟଣ ଚନ୍ଦ୍ର ଦାଶ ମଣିଷର ଦିନଚର୍ଯ୍ୟା ଓ ଋତୁଚର୍ଯ୍ୟା ବ୍ୟାଖାନ କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ଓ ତା' ପୃଥିବୀ ପାଇଁ ଆୟୁର୍ବେଦର ଉପାଦେୟତା ସମ୍ପର୍କରେ ଯୁକ୍ତି ରଖିଥିଲେ। ଉତ୍ତରାଖଣ୍ଡ ଏବଂ ରାଜସ୍ଥାନରୁ ଆସିଥିବା ଡ. ପ୍ରିୟା ମେହେରା ଓ ଡ. ଅଙ୍କିତ କୁମାର ମଣିଷର ସ୍ୱାସ୍ଥ୍ୟ ରକ୍ଷା ପାଇଁ ସୁଷମ ଖାଦ୍ୟ ଓ ନିୟମିତ ବ୍ୟାୟାମର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା ଆୟୁର୍ବେଦ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଆମ ଚାରିପଟେ ଥିବା ପ୍ରକୃତିଦତ୍ତ ଜଡ଼ିବୁଟି ସମେତ ସନ୍ତୁଳିତ ଆହାର ସମ୍ପର୍କିତ ସଚେତନତା ହିଁ ଆମକୁ ସୁସ୍ଥ ରଖିପାରିବ ବୋଲି କହିଥିଲେ। ପରିଷଦର କ୍ଷେତ୍ରୀୟ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏପରି ଆଲୋଚନାଚକ୍ର ସୁସ୍ଥ ଭାରତ ଗଠନ ଦିଗରେ ସହାୟକ ହେବ ଏବଂ ସେଥିପାଇଁ ପରିଷଦ ନିରନ୍ତର ପ୍ରୟାସ ଜାରି ରଖିଥିବା ସୂଚନା ଦେଇଥିଲେ। ପ୍ରାନ୍ତୀୟ ସଂଗଠନ ସଚିବ ରାମଚନ୍ଦ୍ର ଦଳାଇ, ଶାଖା ଅର୍ଥ ସଚିବ ହରପ୍ରସାଦ ମହାପାତ୍ର, ସେବା ପ୍ରମୁଖ ରାଜେଶ୍ୱର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂସ୍କାର ପ୍ରମୁଖ ବୁଦ୍ଧଦେବ ମହାପାତ୍ର, ସମ୍ପର୍କ ପ୍ରମୁଖ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ପର୍ଯ୍ୟାବରଣ ପ୍ରମୁଖ ପତିତପାବନ ସାମନ୍ତରାୟଙ୍କ ସମେତ ଲାଲା ଅନନ୍ତ କୁମାର ସିଂ, କିଶୋର କୁମାର ପଟ୍ଟନାୟକ, ମୁକ୍ତିକାନ୍ତ ଦାସ, ହରିହର ତ୍ରିପାଠୀ, ରମାକାନ୍ତ ସାହୁ, ପିତାମ୍ବର ମହାପାତ୍ର, ମମତା ପାତ୍ର, ନଳିନୀପ୍ରଭା ମଲ୍ଲିକ, ନିମାଇଁ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସଂଯୁକ୍ତା ଦାଶ, ସ୍ନେହଲତା ଦାଶ, ମୀରା ମହାରଣା ଓ କିଶୋର ପାତ୍ର ପ୍ରମୁଖ ମିଳିତ ଭାବେ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ପୁରୀ,୨୪।୯ (ସମିସ): ଜାତୀୟ ସେବା ଯୋଜନାର ୫୬ତମ ଦିବସ ଅବସରରେ ବୁଧବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇ ଜାତୀୟ ସେବା ଯୋଜନା ଦିବସ ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସରକାରୀ ଆଶ୍ରୟସ୍ଥଳୀ 'ଆଶ୍ରୟ'କୁ ଯାଇ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ମହାବିଦ୍ୟାଳୟର ପ୍ରାକ୍ତନ ସ୍ୱେଚ୍ଛାସେବୀ ପ୍ରତିନିଧି ଓମ୍ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସେବା ଯୋଜନାର ବିଜୟଲକ୍ଷ୍ମୀ ବରାଳ, ତୃପ୍ତିମୟୀ ଶତପଥୀ, ପ୍ରଦୀପ ସାହୁ, ସୌମ୍ୟରଞ୍ଜନ ବାରିକ ଉପସ୍ଥିତ ଥିଲେ।

ସେହିପରି ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥିମାନଙ୍କୁ ସମ୍ମାନିତ କରି ରକ୍ତଦାନର ମହତ୍ୱ ଓ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ରକ୍ତ ଭଣ୍ଡାର କଟକର ଡା. କିଶୋର ଚନ୍ଦ୍ର ବେହେରା ଯୋଗଦେଇଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ. ରବିଶଙ୍କର ମିଶ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ଅଭିଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅଭିଜିତ୍ ରାୟ, ଚନ୍ଦ୍ରଶେଖର ମହାନ୍ତି, ମୀନାରାଣୀ ସ୍ୱାଇଁ, ସୌମିତ୍ରୀ ଦାସ, ବିସ୍ମିତା ମିଶ୍ର, ବବ୍‌ଲି ମେହେର, ଜ୍ୟୋତିସ୍ନିଗ୍ଧା ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଶ୍ରୀସଦାଶିବ ପରିସରରେ କର୍ମଶାଳା

## ସଂସ୍କୃତ ନୂତନ ଜ୍ଞାନର ଏକ କାରଖାନା

ପୁରୀ,୨୪।୯ (ସମିସ): ସଂସ୍କୃତ ଆଉ ସଂଗ୍ରହାଳୟରେ ସାଇତି ରଖିବା ଭଳି ବସ୍ତୁ କିମ୍ବା ପୋଥି ହୋଇ ନାହିଁ। ବରଂ ଆଜି ଦିନରେ ସଂସ୍କୃତ ହେଉଛି ଉତ୍ପାଦକ ଅର୍ଥାତ୍ ସଂସ୍କୃତ ଲୋକଙ୍କ ଚାହିଦା ମେଣ୍ଟାଉଛି। ତାହା କେମିତି ଓ କିପରି ଭାବେ ସେ ବିଷୟରେ ବିସ୍ତୃତ ଚର୍ଚ୍ଚା ଓ ସରଳ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇଛନ୍ତି ପ୍ର. ତିରୁମାଲା ପି. କୁଲ୍‌କର୍ଣ୍ଣି। ମଙ୍ଗଳବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରରେ 'ସଂସ୍କୃତ କ୍ଷେତ୍ରେ ସଂଶୋଧନସ୍ୟ ନବୀନାଃ ବିଷୟାଃ ତଥା ପ୍ରକଳ୍ପାଃ' ବିଷୟରେ ଦ୍ୱିଦିବସୀୟ କର୍ମଶାଳାର ଉଦ୍‌ଘାଟନୀରେ ମୁଖ୍ୟବକ୍ତା ଭାବେ ମୈଶୂର ନଗରର ପୂର୍ଣ୍ଣପ୍ରଜ୍ଞ ଶୋଧ ବିଦ୍ୟାପୀଠର ପ୍ର. ପି. କୁଲକର୍ଣ୍ଣି ଯୋଗଦେଇଥିଲେ। ପରିସରର ନିର୍ଦ୍ଦେଶକ ପ୍ର. ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷ ଭାବେ ଯୋଗଦେଇ ସଂସ୍କୃତ ସର୍ବ ପୁରାତନ ଓ ସର୍ବାଧିକ ନୂତନ ବୋଲି ପ୍ରମାଣ ସହ ପ୍ରତିପାଦନ କରିଥିଲେ। କର୍ମଶାଳାରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ କେମିତି ତାଙ୍କ କ୍ୟାରିୟର ଗଢ଼ିବାରେ ସହାୟକ ହୋଇଥିଲା ସେ ବିଷୟରେ ଉପସ୍ଥାପନ କରିଥିଲେ।



କର୍ମଶାଳାର ଉଦ୍‌ଘାଟନୀରେ ବେଦାନ୍ତ ବିଭାଗର ଛାତ୍ର ଶୁଭାଶିଷ ମିଶ୍ର ବେଦ ଧ୍ୱନିରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳଗୀତ ସହ ସଭା ଆରମ୍ଭ ହୋଇଥିଲା। ପ୍ର. କିଶୋର କୁମାର ଦଳାଇ ସଭା ସଞ୍ଚାଳନ କରିଥିଲେ। ପ୍ର. ବିଜୟପାଳ କଚ୍ଛୱା, ଭଗବାନ ସାମନ୍ତରାୟ, ଡ. ନବୀନ କୁମାର ପ୍ରଧାନ, ଡ. ବିଶ୍ୱନାଥ ମିଶ୍ର, ଡ. ଜ୍ୟୋତି ପ୍ରସାଦ ଦାଶ, ଡ. ଜ୍ୟୋତି ପ୍ରକାଶ ନନ୍ଦ ଓ ଡ. ଅଜୟ କୁମାର ଗନ୍ଧା ଉପସ୍ଥିତ ଥିଲେ। ପରିଶେଷରେ ପ୍ର. ଶମ୍ଭୁନାଥ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପୂର୍ଣ୍ଣ କର୍ମଶାଳାକୁ ସଂଯୋଜନା କରିଥିଲେ ଡ. ବିଭୁଦତ୍ତ ମିଶ୍ର।

## 'ସିକ୍ତ ସମ୍ପର୍କ' ପୁସ୍ତକ ଉନ୍ମୋଚିତ

ପୁରୀ,୨୪।୯ (ସମିସ): ମିନତୀ ମିଶ୍ରଙ୍କ ରଚିତ କ୍ଷୁଦ୍ର ଗଳ୍ପ ସଂକଳନ 'ସିକ୍ତ ସମ୍ପର୍କ' ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭା ଗୃହରେ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ନୀଳକଣ୍ଠ ପତି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ହରପ୍ରିୟା ସାହୁ, ନ୍ୟାସନାଲ ବୁକ୍ ଟ୍ରଷ୍ଟର ପୂର୍ବତନ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ପ୍ରକାଶକ ଶରତ କୁମାର ମିଶ୍ର ମଞ୍ଚାସିନ ରହି ଗଳ୍ପ ସଙ୍କଳନ 'ସିକ୍ତ ସମ୍ପର୍କ'କୁ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଲେଖିକା ଶ୍ରୀମତୀ ମିଶ୍ର ନିଜର ସଂକଳନ ପ୍ରସ୍ତୁତି ସହିତ ଜଡ଼ିତ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶ୍ୟାମ ପ୍ରକାଶ ସେନାପତି, ଡ. ସସ୍ମିତା ମିଶ୍ର, ପ୍ରତିଭା ଦାସ, କ୍ରିଷ୍ଣା ମହାପାତ୍ର, ପ୍ରବାସିନୀ ମିଶ୍ର ପ୍ରମୁଖ। ଏହି ଉତ୍ସବରେ ଲେଖିକାଙ୍କ ବନ୍ଧୁ ପରିଜନ, ପୁରୀ ସହରର ଶତାଧିକ ସାହିତ୍ୟପ୍ରେମୀ ଯୋଗଦେଇଥିଲେ।

# ରେଳଧାରଣାରୁ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ପୁରୀ,୨୪।୯ (ସମିସ): ଟ୍ରେନ୍ ଲାଇନ୍‌ରୁ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରିଛି ଜିଆର୍‌ପି ଥାନା ପୁଲିସ। ମୃତ ଛାତ୍ରୀ ଜଣକ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁର ଖୁସି ରାଉତ। ସେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇ ଟ୍ରେନ୍ ଲାଇନ୍‌ରେ ଫିଙ୍ଗି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ମୃତ୍ୟୁର କାରଣ ଜାଣିବା ପାଇଁ ଜିଆର୍‌ପି ପୁଲିସ ଏବଂ ଆର୍‌ପିଏଫ୍ ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେମାନେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ଜେନାସାହି ପାଖାପାଖି ଜଣେ ଯୁବତୀଙ୍କ ମୃତଦେହ ଟ୍ରେନ୍ ଲାଇନ୍‌ରେ ପଡ଼ିଥିଲା। ଏହା ଦେଖି

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

## କ୍ଲାସ୍ କରିବାକୁ ଆସି ଘରକୁ ଫେରି ନ ଥିଲେ

## ସ୍ୱତନ୍ତ୍ର ଟିମ୍ ଗଠନ, ସିସିଟିଭି ଯାଞ୍ଚ କରୁଛି ପୁଲିସ

ସ୍ଥାନୀୟ ଲୋକେ ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୁଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବତୀଙ୍କ ଗୋଡ଼ କଟିଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନ ଖଣ୍ଡିଆଖାବରା ହୋଇଯାଇଥିଲା। ଟ୍ରେନ୍ ଲାଇନ୍ ମଝିରେ ସେ ମୋଡ଼ିହୋଇ ପଡ଼ିଥିଲେ। ନିକଟରେ ତାଙ୍କ କଲେଜ ବ୍ୟାଗ୍ ଏବଂ ମୋବାଇଲ୍ ଫୋନ୍ ମଧ୍ୟ ପଡ଼ିଥିଲା। ଏହାକୁ ମଧ୍ୟ ପୁଲିସ ଜବତ କରିଛି। ଏ ନେଇ ମୃତା ଛାତ୍ରୀଙ୍କ ମାଆ ଜିଆର୍‌ପି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସବୁଦିନେ ସକାଳ ୯ଟାରେ ଘରୁ ଯାଇ କଲେଜ ଏବଂ କମ୍ପ୍ୟୁଟର କ୍ଲାସ୍ ସାରି ରାତି ୮ଟା ସୁଦ୍ଧା ଘରେ ପହଞ୍ଚିଯାଏ। ମଙ୍ଗଳବାର ସେ ଘରକୁ ଫେରି ନ ଥିଲା। ତେଣୁ ସେମାନେ ଖୋଜାଖୋଜି କରିବା ସହ ଝିଅ ମୋବାଇଲକୁ ଫୋନ୍ କରିଥିଲେ। କିନ୍ତୁ କେହି ବାରମ୍ବାର ଫୋନ କାଟି ଦେଉଥିଲା। ରାତି ପ୍ରାୟ ସାଢ଼େ ୨ଟାରେ କଲ୍ କରିବାବେଳେ ଫୋନ୍ ସୁଇଚ୍ ଅଫ୍ ଥିଲା ଏବଂ କିଛି ସମୟ ପରେ ପୁଣି ଅନ୍ ହୋଇଥିଲା। ବୁଧବାର ସକାଳ ସାଢ଼େ ୬ଟାରେ କଲ୍ କଲାବେଳେ କେହି କାଟି ଦେଉଥିଲା। ସକାଳେ ଥାନାରେ ଅଭିଯୋଗ କରିବା ପାଇଁ ଯିବାବେଳେ ଜେନାସାହି ନିକଟ ରେଳ ଲାଇନ୍‌ରେ ତା'ର ମୃତଶରୀର ଦେଖି ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଆମେ ପହଞ୍ଚିଲା ବେଳକୁ ଜିଆର୍‌ପି ପୁଲିସ ପହଞ୍ଚି ସାରିଥିଲା। ତେବେ କେହି ଦୁର୍ବୃତ୍ତ ଝିଅକୁ ହତ୍ୟା କରି ରେଳ ଲାଇନ୍‌ରେ ଫିଙ୍ଗି ଦେଇଥିବା ତାଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନୀପତି କହିଛନ୍ତି, ସକାଳେ ଖବର ପାଇବା ପରେ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଶବ ଜବତ କରିଥିଲୁ। ଏଥିସହ ତାଙ୍କ ବ୍ୟାଗ୍, ମୋବାଇଲ୍ ଫୋନ୍ ମଧ୍ୟ ଜବତ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ତାହାର ତଦନ୍ତ ଚାଲିଛି। ରେଳବାଇ ଏସ୍‌ପିଙ୍କ ନିର୍ଦ୍ଦେଶ ମତେ ଜିଆର୍‌ପି ଏବଂ ଆର୍‌ପିଏଫ୍ ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଘଟଣା ଘଟିଥିବା ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଘଟଣା ସମୟରେ ସେହି ଲାଇନ୍ ଦେଇ ଯାଇଥିବା ଟ୍ରେନ୍‌ର ଚାଳକ ଏବଂ ଗାର୍ଡଙ୍କ ମଧ୍ୟ ତାଲିକା ପ୍ରସ୍ତୁତ କରାଯାଉଛି। ସେମାନେ ଝିଅକୁ ଲାଇନ୍‌ରେ ଦେଖିଥିଲେ ନା ନାହିଁ ତାହାର ମଧ୍ୟ ଖୋଳତାଡ଼ ଜାରି ରହିଛି। ପ୍ରାଥମିକ ଭାବେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଜିଆର୍‌ପି ଥାନାଧିକାରୀ ଶ୍ରୀ ବାହିନୀପତି କହିଛନ୍ତି।



# ଭୁବନେଶ୍ୱର ସିଟି

## ଆସ ବୁଲିଯିବା ପୂଜାମଣ୍ଡପ







### ପଟିଆ ଗଡ଼ ମହାବୀର ଦୁର୍ଗାପୂଜା କମିଟି

## ଅକ୍ଷରଧାମରେ ବିରାଜିବେ ମା'

ଭୁବନେଶ୍ୱର, ୨୪।୯ (ସମିସ): ଆଉ ୨ ଦିନ ପରେ ଧରା ପୃଷ୍ଠକୁ ବିରାଜିବେ ମା' ଦଶଭୂଜା। ପଟିଆଗଡ଼ ମହାବୀର ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ଦିଲ୍ଲୀର ଅକ୍ଷରଧାମ ଶୈଳୀରେ ତୋରଣ ନିର୍ମାଣ

### ପିନ୍ଧିବେ ୬ କେଜିର ଚାନ୍ଦି ମୁକୁଟ



ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କମିଟି ୨୮ ତମ ସାର୍ବଜନୀନ ଦୁର୍ଗାପୂଜା ସମାରୋହରେ ୮୦ଫୁଟ ଉଚ୍ଚତା ଏବଂ ୧୨୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ମା'ଙ୍କର ୧୫ ଫୁଟର ମୃଣ୍ମୟୀ ମୂର୍ତ୍ତି ପୂଜାପାଇବ। ଏହାସହ ୧୮ ଫୁଟର ତାରକସୀ ମେଢ଼ ମଧ୍ୟ ଭକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ। ତେବେ ଏଥର ବିଶେଷ ଆକର୍ଷଣ ସାଜିବ ମା'ଙ୍କ ଚାନ୍ଦି ମୁକୁଟ। ଏହି ମୁକୁଟ ୬ କେଜି ରୁପାରେ ଅତ୍ୟନ୍ତ ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହୋଇଥିବା ବେଳେ ମାନସିଂ ପାଟଣାର କାରିଗରମାନେ ଏହି ମୁକୁଟ ନିର୍ମାଣ କରିଛନ୍ତି। ମା'ଙ୍କ ସହ ପାର୍ଶ୍ୱ ଦେବାଦେବୀ ମଧ୍ୟ ଚାନ୍ଦି ମୁକୁଟ ଓ ରୁପା ଗହଣା ପରିଧାନ କରିବେ। ବିଧି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସପ୍ତମୀରେ ଭଜନ ସନ୍ଧ୍ୟା, ଅଷ୍ଟମୀ, ନବମୀ ଓ ଦଶମୀରେ ମେଲୋଡି ପରିବେଷଣ କରାଯିବ। ମଣ୍ଡପ ବୁଲା ସାଙ୍ଗକୁ ପୂଜା ପଡ଼ିଆରେ ମୀନା ବଜାର, ଚକିରି ଦୋଳି ଓ ରାମଦୋଳିର ସହ ଭଳି କି ଭଳି ସୁସ୍ୱାଦୁ ଖାଦ୍ୟର ମଜା ନେବେ ଦର୍ଶକ। ଏଥରର ପୂଜା ବଜେଟ୍ ୩୫ ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି।



ଏଥର ମା'ଙ୍କ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରାଯାଇ ନାହିଁ। ପାରମ୍ପରିକ ବାଦ୍ୟରେ ଧୁମ୍‌ଧାମରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଶୋଭାଯାତ୍ରାରେ ମା'ଙ୍କୁ ପଟିଆ ଗ୍ରାମ ପରିକ୍ରମା କରାଯାଇ ମେଲାଣି ଦିଆଯିବ।

-ମହେନ୍ଦ୍ର ପରିଡ଼ା, ସଭାପତି

## ଚିତ୍ରରେ ଚିତ୍ରରେ ଏନ୍‌ଏସ୍‌ଏସର ଉପାଦେୟତା

ଧଉଳି/ ଭୁବନେଶ୍ୱର, ୨୪।୯ (ସମିସ): ଏନ୍‌ଏସ୍‌ଏସ ଦିବସ ପାଳନ ଅବସରରେ ଆମ ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ଧଉଳି ଚାରୁକଳା ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଧଉଳି ଶାନ୍ତିସ୍ତୂପ ନିକଟରେ ଚିତ୍ର ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀମାନେ 'ଐତିହ୍ୟ ସୁରକ୍ଷା' ଶୀର୍ଷକ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ ଫୁଟ୍ ଓସାର ଓ ୧୮ ଫୁଟ ଲମ୍ବର ଏକ କ୍ୟାନଭାସ ଉପରେ ଭାରତର ଐତିହ୍ୟ ଓ ସଂସ୍କୃତି ସୁରକ୍ଷାର ବାର୍ତ୍ତା ସୁନ୍ଦର ଭାବେ ଅଙ୍କା ଯାଇଥିଲା। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ ପ୍ରୋଗ୍ରାମ ଅଫିସର ଚନ୍ଦନ କୁମାର ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ

ଭୁବନେଶ୍ୱର, ୨୪।୯ (ସମିସ): ଚିନ୍ତା ବଢ଼ାଉଛି ପରିବର୍ତ୍ତିତ ଜଳବାୟୁ। ଗାଁ ତୁଳନାରେ ସହରରେ ବ୍ୟାପକ ପ୍ରଭାବ ପଡୁଛି।



ଦୁର୍ବିସହ ଜୀବନକୁ ମୁକାବିଲା କରିବା ପାଇଁ ବିଭିନ୍ନ ବର୍ଗର ଲୋକେ ଓ ସରକାରଙ୍କ ପ୍ରତିନିଧି ଏକାଠି ହୋଇଛନ୍ତି। ନୂତନ ଆହ୍ୱାନକୁ ଆଖିରେ ରଖି ରଣନୀତି ପ୍ରସ୍ତୁତ କରିବା ସହ ସରକାରଙ୍କ ନୀତିକୁ ସମୀକ୍ଷା କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଆଣ୍ଡ କେୟାର ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ସଂଗଠନର ନିର୍ଦ୍ଦେଶକ ଡ. ଶିଶିର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ରଣନୀତି ପ୍ରସ୍ତୁତ ହୋଇଛି। ଚାରା ରୋପଣ ଏବଂ ତାର ଯତ୍ନ ନେବା ସହ ଗଛର ଆଧାର କାର୍ଡ କରି ୟୁରୋପୀୟ ଦେଶ ଢ଼ାଞ୍ଚାରେ ସହର ବିକାଶ ସହ ପରିବେଶକୁ ଗୁରୁତ୍ୱ ଦେବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ଯୋଜନା ହୋଇଛି। ଉଦଘାଟନୀ ସତ୍ରର ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ତଥା ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଡ. ଅମ୍ବିକା ପ୍ରସାଦ ନନ୍ଦ, ପ୍ରୋସିନ୍ ଘୋଷ ଓ ବୈଜ୍ଞାନିକ ଡ. ସୁଜିତ ସାହୁ ଯୋଗଦେଇ ପରିବର୍ତ୍ତିତ ଜଳବାୟୁ ଗରିବ ଶ୍ରେଣୀର ଲୋକଙ୍କୁ ସର୍ବାଧିକ ପ୍ରଭାବିତ କରୁଥିବା କହିଛନ୍ତି। ପରିବେଶ ବିଜ୍ଞାନୀ ଜୟକୃଷ୍ଣ ପାଣିଗ୍ରାହୀ ସରକାରଙ୍କ ନୀତି ଉପରେ ବିଶ୍ଳେଷଣ କରିଥିବାବେଳେ ବିଦ୍ୟାଧର ମହାରଣା, ଡ. ପି ଶ୍ରୀନିବାସ, ଡ. ସୁକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ମେଘନାଦ ବେହେରା ପ୍ରମୁଖ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଯୋଜନା ଉପସ୍ଥାପନ କରିଛନ୍ତି।

## ମୁକ୍ତଚିନ୍ତନ ମଞ୍ଚ, ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର




ଭୁବନେଶ୍ୱର, ୨୪।୯ (ସମିସ): 'ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ'ର ମିଳିତ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ଶକ୍ତି ପରମ୍ପରା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗ ଦେଇ ଶ୍ରୀମନ୍ଦିରର ରତ୍ନସିଂହାସନ ସ୍ୱୟଂ ଏକ ଶକ୍ତିପୀଠ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି ଶକ୍ତିପୂଜାର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରି ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣକାଳିକା ଭାବେ ଉପାସନା କରାଯାଏ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ଆରତୀ କର, ବିଜୟଲକ୍ଷ୍ମୀ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ପ୍ରକାଶିତ ପୁସ୍ତକ 'ଆଦି ଓ ମଧ୍ୟପର୍ବର ମହୀୟସୀ ଲେଖିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସ୍ମିତା ବିଶ୍ୱାଳ ଭକ୍ତି ସଙ୍ଗୀତ ଗାନ କରିଥିଲେ।

● ସରକାରଙ୍କ ମଦ ପାଇଁ ଦୋମୁହାଁ ନୀତିକୁ ବିରୋଧ

## ମୋନା ପକ୍ଷରୁ ବିଧାନସଭା ଆଗରେ ଗଣଧାରଣା

ଭୁବନେଶ୍ୱର, ୨୪।୯ (ସମିସ): ରାଜ୍ୟରେ ବିଜେପି ସରକାର ୧୫ମାସ ହେବ କ୍ଷମତାକୁ ଆସିଲେଣି। ବିଜେପି ସରକାର ନିର୍ବାଚନୀ ସଂକଳ୍ପପତ୍ରରେ ଜନସାଧାରଣଙ୍କ ଆସ୍ଥାଭାଜନ ହେବାପାଇଁ ବହୁ ଆଦର୍ଶ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ନିଶାମୁକ୍ତ ଭାରତ ଭଳି ମହତ୍ ବାର୍ତ୍ତା ପ୍ରଚାର ଲାଗି ଗଣ ଦୌଡକୁ ପତାକା ଦେଖାଇ ଉତ୍ସାହିତ କରୁଥିବା ମୋହନ ଚରଣ ମାଝିଙ୍କ ସରକାର ନିକଟରେ ୭୦ଟି ବନ୍ଦ ଥିବା ମଦ ଦୋକାନ ଖୋଲିବା, ପୁରୀରେ ୩ଟି ଓ ଭୁବନେଶ୍ୱରରେ ଗୋଟିଏ ଖୋଲିବା ଓ ଢେଙ୍କାନାଳରେ ୨ଟି ଓ କଟକରେ ଗୋଟିଏ ମଦ କାରଖାନା ଖୋଲିବା ପ୍ରସ୍ତାବ ବିଧାନସଭାରେ ପ୍ରକାଶ କରିବା ଦଳ ଓ ସରକାରଙ୍କର ଲୋକାଭିମୁଖି ଆଭିମୁଖ୍ୟକୁ ପଦାରେ ପକାଇଛି। ଏହାକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ବିଧାନସଭା ସମ୍ମୁଖ ଲୋୟର ପିଏମଜିଠାରେ ମଙ୍ଗଳବାର ଏକ ଗଣଧାରଣା ଦିଆଯାଇଛି। ନୂଆ ମଦ ଦୋକାନ ଓ ମଦ କାରଖାନା ଖୋଲିବାକୁ ଆଗାମୀ ଦିନରେ ଜନତା ଏହାର ବିଚାର କରିବେ ବୋଲି ମୋନାର ସଭାପତି ପଦ୍ମଚରଣ ନାୟକ କହିଛନ୍ତି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟର କୋଣଅନୁକୋଣରୁ ଶହଶହ ନିଶା ନିବାରଣକର୍ମୀଙ୍କ ସମେତ ରାଜ୍ୟ ସଂଗଠନର କାହ୍ନୁଚରଣ ବେହୁରା, ପ୍ରଫେସର ଅଦ୍ୱୈତ ପାତ୍ର, ପ୍ରଫେସର ବିଜୟ ସ୍ୱାଇଁ, ମଳୟ କୁମାର ତ୍ରିପାଠୀ, ଅରୁଣ କୁମାର ସ୍ୱାଇଁ, ଖଗେଶ୍ୱର ବଳ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା



ଭୁବନେଶ୍ୱର, ୨୪।୯ (ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଏମଜିଏମ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଇସ୍ପାତ ଡିଭିଜନ-୨ ପୁରୁଣାପାଣି, କେଉଁଝରଠାରେ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜିତ ହୋଇଛି। ବିପିଏନଏସଆଇ ପକ୍ଷରୁ ବରିଷ୍ଠ ୱେଲ୍ଡିଂ ଡେମୋନଷ୍ଟ୍ରେଟର ଭରତ ପ୍ରସାଦ ଶର୍ମା ସେମାନଙ୍କ ପ୍ଲାଣ୍ଟ ସାଇଟରେ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜନ କରିଥିଲେ। ଆଇଆଇଟି ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡ. ରାମ କୃଷ୍ଣ ସାବତା, ଡିଆରଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଇଣ୍ଡକ୍ସନ ଫର୍ଣ୍ଣେସ୍ ଏବଂ ଏଲଆରଏଫ ଦ୍ୱାରା ଇସ୍ପାତ ତରଳାଇବା ଏବଂ ଧାତୁ କାର୍ଯ୍ୟ ବା ରୋଲିଂ ଉପରେ ତାଙ୍କର ବକ୍ତୃତା ଦେଇଥିଲେ।

### ୫୬ତମ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

## ଚାରାରୋପଣ ସରିଲା; ଏବେ ଯତ୍ନ ନେବାର ସମୟ

ଭୁବନେଶ୍ୱର, ୨୪।୯ (ସମିସ): ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ମା ପାଇଁ ଗଛଟିଏ ଅଭିଯାନ ଅଧୀନରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାୟ ଦେଢ଼ ଲକ୍ଷ ଚାରା ଲଗାଯାଇଛି। ଏହାର ଯତ୍ନ ନେଇ ବଞ୍ଚାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ସଶକ୍ତ ସମାଜ ଗଠନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ବଳିଷ୍ଠ ଭୂମିକା ରହିଛି। ଓଡ଼ିଆ ପକ୍ଷ ସମୟରେ ଏନଏସ୍‌ଏସ୍ ପକ୍ଷରୁ ପ୍ରାୟ ୪, ୮୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହାକୁ ପ୍ରଶଂସା କରି ନିଷ୍ଠାର ସହ ସେବା କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ସିଏସ୍‌ୱାଇଡ଼ି ଭୁବନେଶ୍ୱରର କୋ-ଫାଉଣ୍ଡର ଡ଼. ଜଗଦାନନ୍ଦ, ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ୍




ଅଧିକାରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ସ୍ୱେଚ୍ଛାସେବୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଫାର୍ମାସିଷ୍ଟ ଦିବସ ଅବସରରେ ସମ୍ ପକ୍ଷରୁ ୱାକାଥନ୍




ଭୁବନେଶ୍ୱର, ୨୪।୯ (ସମିସ): ବିଶ୍ୱ ଫାର୍ମାସିଷ୍ଟ ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ବୁଧବାର ୱାକାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ଏବଂ ସୋଆ ଫାର୍ମାସୀ ବିଭାଗର ମୁଖ୍ୟ ଡାକ୍ତର ଜସ୍ମିନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୪।୯ (ସମିସ): ଭୁବନେଶ୍ୱର ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୯ତମ ଜୟନ୍ତୀ ଓ ସପ୍ତଦଶ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରାଧାଶ୍ୟାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଅନୁଭୂତିରେ ଗୁରୁ ମହାରାଜ ଶ୍ରୀଚିଦାନନ୍ଦ ସରସ୍ୱତୀ' ଶୀର୍ଷକ ଆଲୋଚନାରେ ସ୍ୱାମୀ ଧର୍ମପ୍ରକାଶାନନ୍ଦ, ସ୍ୱାମୀ ରାମସରଣାନନ୍ଦ, ସ୍ୱାମୀ ଓଁକରା ନନ୍ଦ, ସ୍ୱାମୀ ବ୍ରହ୍ମାତ୍ମାନନ୍ଦ, ସ୍ୱାମୀ ଭାଗବତପ୍ରକାଶାନନ୍ଦ, ସ୍ୱାମୀ ଗୋପାଳାନନ୍ଦ, ସ୍ୱାମୀ ଗୁରୁଶରଣାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, କ୍ୟାପିଟାଲ ହାସ୍ପିଟାଲ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ହରିହାଟ ସହ ଭାଗବତ ପଠନ ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଓ ଉପସଭାପତି ନରସିଂହ ଆଚାରୀ ସଂଯୋଜନା କରିଥିଲେ।

### ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଆକର୍ଷଣ

# ଭୁବନେଶ୍ୱରରେ ଦୁବାଇ ମିଠା; କେଜି ତିନି ହଜାର

ଭୁବନେଶ୍ୱର, ୨୪।୯ (ସମିସ): ରାଜଧାନୀରେ ରହି ମଧ୍ୟ ଆପଣ ଦୁବାଇ ଖାଦ୍ୟର ସ୍ୱାଦ ନେଇପାରିବେ। ଦୁବାଇର ପ୍ରସିଦ୍ଧ ମିଠା 'ବକଲାଭା' ବିଭିନ୍ନ ଭେରାଇଟି ପାଇଁ ଆଉ ଦୁବାଇ ଯିବାକୁ ପଡ଼ିବନି ବରଂ ଜନତା ମୈଦାନରେ ହିଁ ମିଳିଯିବ।

### 'ବକଲାଭା' ମିଠା ଗୋଟାକୁ ଶହେ ଟଙ୍କା

ପୂଜା ପାଇଁ ରାଜଧାନୀ ହାଟବଜାର ଅଧିକ ଚଳଚଞ୍ଚଳ। ଜନତା ମୈଦାନଠାରେ ଚାଲିଥିବା ଦ୍ୱାଦଶ ଭୁବନେଶ୍ୱର ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ମଧ୍ୟ ସନ୍ଧ୍ୟା ହେବା ମାତ୍ରେ ଜମୁଛି ପୂଜାବଜାର। ଫର୍ଣ୍ଣିଚର କିଣାବିକାଠାରୁ ପୋଷାକ ଏବଂ ଖାଦ୍ୟ ସବୁଥିର ଭେରାଇଟି ଏବେ ଗୋଟିଏ ଜାଗାରେ। ବିଭିନ୍ନ ଦେଶ ଏବଂ ରାଜ୍ୟର ଜିନିଷ ସାଧାରଣତ ଅନଲାଇନରେ ହିଁ ଲୋକ ଅର୍ଡର କରିଥାନ୍ତି। ହେଲେ ବାହାର ଦେଶର ଖାଦ୍ୟ ସାମଗ୍ରୀ ରାଜଧାନୀରେ ସେତେଟା ମିଳି ନଥାଏ। ଏବେ କିନ୍ତୁ ଜନତା ମୈଦାନରେ



ଦୁବାଇର ପ୍ରସିଦ୍ଧ ମିଠାର ସମ୍ଭାର ଦେଖିବାକୁ ମିଳୁଛି। ସମସ୍ତଙ୍କ ପକ୍ଷେ ଦୁବାଇ ଯିବା ଏବଂ ସେଠାକାର ପ୍ରସିଦ୍ଧ ମିଠା ଖାଇବା ସମ୍ଭବ ହୋଇନଥାଏ। ତେଣୁ ରାଜଧାନୀରେ ଏବେ ଦୁବାଇର ସବୁପ୍ରକାରର ମିଠା ମିଳୁଛି। ସେ ପୁଣି ଭିନ୍ନଭିନ୍ନ ସ୍ୱାଦ ସାଙ୍ଗକୁ ଟେକ୍ସଚରର ଅଟେ। ଏହା କୌଣସି ଚିନି ଶିରାରେ ପ୍ରସ୍ତୁତ ନୁହଁ ବରଂ ସବୁଯାକ ମହୁରେ ପ୍ରସ୍ତୁତ ହେବା ସହ ସମସ୍ତ ମିଠା ନିରାମିଷ ବୋଲି କହିଛନ୍ତି ଦୁବାଇରୁ ଆସିଥିବା ଏହି ମିଠା ବ୍ୟବସାୟୀ। ଏହା ସୁସ୍ୱାଦୁ ସହ ତାର ମୂଲ୍ୟ ମଧ୍ୟ ସେହିଭଳି ରହିଛି। ଗୋଟିଏ ପିସ୍ ଶହେ ଟଙ୍କାରେ ବିକ୍ରି ହେଉଥିବାବେଳେ କେଜି ତିନି ହଜାର ଟଙ୍କା ରହିଛି ଏବଂ ହାଫ କେଜିକୁ ୧୫ ଶହ ଥିବାବେଳେ ଅଢ଼େଇ ଶହ ଗ୍ରାମ୍‌କୁ ୮ ଶହ ଟଙ୍କାର ପ୍ୟାକେଟ ମଧ୍ୟ ମିଳୁଛି। ଏହି ଶୁଖିଲା ମିଠାକୁ ଦୁବାଇରେ 'ବକଲାଭା' ବୋଲି କୁହାଯାଏ। ଡ୍ରାଏ ଫ୍ରୁଟସ୍, ଦେଶୀ ଘିଅ ଏବଂ ମହୁକୁ ନେଇ ଏହା ପ୍ରସ୍ତୁତ ହୁଏ। ଏହା ସୁଗାର ଫ୍ରି ହୋଇଥିବା ଯୋଗୁଁ ସବୁ ବର୍ଗର ଲୋକ ଏହାକୁ ଖାଇ ପାରିବେ। ଏହି ମିଠା ମଧ୍ୟରେ ଆଲମଣ୍ଡ ଟାର୍ଟ, ମିକ୍ସଡ ଡ୍ରାଏ ଫ୍ରୁଟ୍, ପିସ୍ତା ଟାର୍ଟ, ଡାଇମଣ୍ଡ ବକଲାଭା, କାଜୁ ରୋଲ, ମିକ୍ସଡ ଡ୍ରାଏ ଫ୍ରୁଟ ରିଙ୍ଗ ବକଲାଭା, ସ୍କୋୟାର, କାଜୁ ଟାର୍ଟ, ମିକ୍ସଡ ଡ୍ରାଏ ଫ୍ରୁଟ ପିରାମିଡ୍ ଆଦି ୨୦ରୁ ଅଧିକ ଭେରାଇଟି ରହିଛି। ଏହି ମିଠାକୁ ଚାଖିବା ପାଇଁ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ଆଗ୍ରହ ପରିଲକ୍ଷିତ ହେଉଛି।



ଶାରଦୀୟ ମହାପୂଜାର ଏକାଦଶ ସନ୍ଧ୍ୟାରେ ମା' ଶାରଳା ଠାକୁରାଣୀଙ୍କ ଦିବ୍ୟ ସନ୍ଧ୍ୟା ବେଶ ଦର୍ଶନ ।

# କୋଲଡିଆ ଗାଁରେ ପାଗଳ କୁକୁର ଆତଙ୍କ

କୁଜଙ୍ଗ,୨୪।୯ (ସମିସ): କୁଜଙ୍ଗ ବ୍ଲକ୍ ବିଶ୍ୱାଳି ପଞ୍ଚାୟତ କୋଲଡିଆ ଗାଁରେ ପାଗଳ କୁକୁରର ଆତଙ୍କ ଦେଖିବାକୁ ମିଳିଛି । ଯାହାକୁ ପାଉଛି ତାକୁ ଝୁଣି କାମୁଡ଼ି ପକାଉଛି ବୋଲି ଅଭିଯୋଗ ହେଉଛି । ଏନେଇ ଗ୍ରାମବାସୀଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଛି । କେତେବେଳେ କିଏ କୁକୁରର ଆକ୍ରମଣର ଶୀକାର ହବ କେହି କହିପାରିବେ ନାହିଁ । ପିଲାମାନଙ୍କୁ ଗାଁ ଦାଣ୍ଡକୁ ଛାଡୁ ନାହାଁନ୍ତି ପିତା ମାତା । ବୁଧବାର ସକାଳୁ ସକାଳୁ ଏକ ପାଗଳା କୁକୁର ଗାଁ ମନ୍ଦିରକୁ ଯାଉଥିବା ରବିନ୍ଦ୍ର ପତିଙ୍କୁ ଗୋଡେଇ ଗୋଡେଇ କାମୁଡିବାରୁ ସେ ଗୁରୁତର ଆହତ ହୋଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ତାଙ୍କ ହାତରେ ଆଠଟି ଷ୍ଟିଜ୍ ପଡ଼ିଥିବା ଜଣାପଡ଼ିଛି ।

# ପୋଷାକ ବିତରଣ ଉତ୍ସବ



ଏରସମା,୨୪।୯ (ସମିସ): ଏରସମା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧୀନ ଓଲରା କ୍ଲଷ୍ଟରର ବଡବେଲାରି ପିତାପାଣି ସ୍କୁଲରେ ପୋଷକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସମୀର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସିଆର୍‌ସିସି ଲକ୍ଷ୍ମୀଲତା ବେହେରା ଯୋଗଦେଇ ପିଲାମାନଙ୍କୁ ପୋଷକ ବଣ୍ଟନ କରିଥଲେ । ସ୍କୁଲ୍ ପରିଚାଳନା କମିଟି ସଭାପତି ତାପସ ମାଇତୀ, ସହକାରୀ ଶିକ୍ଷୟିତ୍ରି ମିଲି ବିଶ୍ୱାଳ ଉପସ୍ଥିତ ରହି ପିଲାମାନଙ୍କୁ ପୋଷକ ବଣ୍ଟନ କରିଥଲେ ।

# ବିଦ୍ୟାଳୟରେ ୱାଟର ପ୍ୟୁରିଫାୟର ସ୍ଥାପନ

ପାରାଦ୍ୱୀପ,୨୪।୯ (ସମିସ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ସିଏସ୍ଆର୍ ପଦକ୍ଷେପ 'ତୃପ୍ତି' ପ୍ରକଳ୍ପ ଅଧୀନରେ ପାରାଦ୍ୱୀପର ୬ଟି ବିଦ୍ୟାଳୟରେ ୱାଟର ପ୍ୟୁରିଫାୟର୍ ସ୍ଥାପନ କରିଛି । ଯାହା ବିଦ୍ୟାଳୟର ପିଲାମାନଙ୍କ ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ଦିଗରେ ପ୍ରମୁଖ ପଦକ୍ଷେପ । ଉପକୃତ ହେଉଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ନୂଆଗଡ଼ ୟୁପି ସ୍କୁଲ, ମୁଷାଡିଆ ୟୁପି ସ୍କୁଲ, ପିପଳ ୟୁପି ସ୍କୁଲ, ଚକ୍ରଧରପୁର ହାଇସ୍କୁଲ, ଶ୍ରୀମା ହାଇସ୍କୁଲ ଏବଂ ବାଲଡିଆ ୟୁପି ସ୍କୁଲ ଅନ୍ତର୍ଭୁକ୍ତ । ଏହାର ନିୟମିତ ରକ୍ଷଣାବେକ୍ଷଣ କରାଯିବା ସହିତ ଏହାସମ୍ପର୍କରେ ସଚେତନ ମଧ କରାଯିବ । ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି ଯେ, "ପ୍ରକଳ୍ପ ତୃପ୍ତି ମାଧ୍ୟମରେ ଆମେ କେବଳ ନିରାପଦ ପାନୀୟ ଜଳ ଯୋଗାଉ ନାହୁଁ ବରଂ ଗୋଷ୍ଠୀମାନଙ୍କ ସୁସ୍ଥ ଭବିଷ୍ୟତ ଦିଗରେ ଏକ ପଦକ୍ଷେପ ଗ୍ରହଣ କରିଛୁ । ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଭଳି ଛୋଟ ଛୋଟ ପଦକ୍ଷେପ ପରିବର୍ତ୍ତନକାରୀ ପ୍ରଭାବ ପକାଇପାରେ ଏବଂ ଆମେ ଏହିପରି ସାର୍ଥକ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ ।



# ବାଲିଘର ସାହିତ୍ୟ ପତ୍ରିକାର ଶାରଦୀୟ ପୂଜା ସଂଖ୍ୟା ଉନ୍ମୋଚିତ



ତିର୍ତ୍ତୋଲ,୨୪।୯ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଇଦ୍ରିସିଂ ପଞ୍ଚାୟତସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରେଶ୍ୱରୀଙ୍କ ମନ୍ଦିର ପରିସରରେ ଜିଲ୍ଲାର ସର୍ବ ପୁରାତନ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନ ପକ୍ଷରୁ ବାଲିଘରର ପୂଜା ସଂଖ୍ୟା ୨୦୨୫ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ସମାଜସେବୀ ନିର୍ଲିପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟଅତିଥି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନାରାୟଣ ନାୟକ, ଅତିଥି ଶିକ୍ଷାବିତ ପଣ୍ଡିତ ନାଗମଣି କର, ଗାଳ୍ପିକ କୈଳାସ ଚନ୍ଦ୍ର ପ୍ରଧାନ, କବି ହୃଷୀକେଶ ଜେନା, ଶ୍ୟାମସୁନ୍ଦର ବେହେରା, ସାମ୍ବାଦିକ ଶ୍ରୀକାନ୍ତ ଦାଶ, ଗୌରାଙ୍ଗ ଚରଣ ସ୍ୱାଇଁ, ଶିକ୍ଷକ ବୃନ୍ଦାବନ ନାୟକ, କବି ବିଜୟ ଖଟେଇ, ମହମ୍ମଦ ମନସୁର୍ ଅଲ୍ଲୀ, କୁଳମଣି ଦାସ, କବୟିତ୍ରୀ ଗୀତା ଦାସ ଓ ହେମନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବାଲିଘର କେବଳ ପତ୍ରିକା ବା ଅନୁଷ୍ଠାନ ନୁହେଁ ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ବାଲିଘରର ଶାରଦୀୟ ପୂଜା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୭୭ ଗ୍ରାମ ବ୍ରାଉନସୁଗର ଜବତ; ୩ ଗିରଫ

ଜଗତସିଂହପୁର,୨୪।୯ (ସମିସ): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଥାନା ପୁଲିସ ତାଳଦଣ୍ଡା କେନାଲ ଶନିମନ୍ଦିର ନିକଟରୁ ୩ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୨୭୭ ଗ୍ରାମ ବ୍ରାଉନସୁଗର ସହିତ ୫ ହଜାର ଟଙ୍କା ଜବତ କରିଛି । ସୂତ୍ରରୁ ଖବର ପାଇ କୁଜଙ୍ଗ ଥାନା ଆଇଆଇସିଙ୍କ ନିର୍ଦ୍ଦେଶରେ ଏସଆଇ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା । ଜଗତସିଂହପୁର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଅଙ୍କିତ ବର୍ମା ଏହି ସୂଚନା ଦେଇଛନ୍ତି । ଏବାବଦରେ କୁଜଙ୍ଗ ଥାନା କେସ ନଂ ୩୫୩ରେ ଦଫା ୧୧୧(୨)(ବି) ବିଏନଏସ ୨୧(ସି)୨୯(୧) ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଷଣ୍ଢପୁର ଗ୍ରାମର ଅମର କୁମାର ସ୍ୱାଇଁ, ପ୍ରହ୍ଲାଦ ପରିଡା ଏବଂ ବଣିକୁଦ ଗ୍ରାମର ସଂଗ୍ରାମ ଲେଙ୍କା । ଅଭିଯୁକ୍ତମାନଙ୍କ ଠାରୁ ପଲିଥିନ ବ୍ୟାଗରେ ଥିବା ୨୭୭ ଗ୍ରାମ ବ୍ରାଉନସୁଗର ଓ ୩ଟି ଫୋନ ଜବତ କରାଯିବା ସହିତ ନଗଦ ୫ ହଜାର ଟଙ୍କା ଜବତ କରିବାରେ ପୁଲିସ ସଫଳ ହୋଇଛି ।

## ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ଭସାଣି ଉତ୍ସବ

# ଶୋଭାଯାତ୍ରାରେ ୧୦ ମେଢ଼; କମ୍ପିଲା ବନ୍ଦରସହର

ପାରାଦୀପ,୨୪।୯ (ସମିସ):

* ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼
* ପ୍ରଶାସନର ବାରଣ ସତ୍ତ୍ୱେ ଡିଜେ ବାଜିବାକୁ ନେଇ ଅସନ୍ତୋଷ





ରାଜ୍ୟ ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜାର ବୁଧବାର ଥିଲା ଭସାଣି ଉତ୍ସବ । ଏନେଇ ସକାଳୁ ବନ୍ଦର ସହର ଚଳଚଞ୍ଚଳ ହୋଇ ଉଠିଥିଲା । ୭ ଦିନ ଧରି ଦିନରାତି ନିଦ ନଥିବା ଆୟୋଜକମାନେ ବିଶ୍ୱକର୍ମାଙ୍କୁ ସୁସଜ୍ଜିତ ଗାଡିରେ ବାଜାବାଣ ଫୁଟାଇ, ନାଚି, ଗୀତ ଗାଇ ସହର ପରିକ୍ରମା କରି ମେରାଇନ ରାସ୍ତାରେ ଥିବା ପୁଷ୍କରିଣୀରେ ବିସର୍ଜନ କରିଥିଲେ । ଏହି ଭସାଣି ଉତ୍ସବରେ ୧୦ଟି ମେଢ ଯୋଗ ଦେଇଥିବା ବେଳେ ସଂଗଠନର ସମସ୍ତ କର୍ମକର୍ତ୍ତାମାନେ ବିଭିନ୍ନ ରଙ୍ଗର ବସ୍ତ୍ର ପରିଧାନ କରି ଉପସ୍ଥିତ ଥିଲେ । ଶୋଭାଯାତ୍ରାକୁ ଦେଖିବା ପାଇଁ ସହରରେ ବସବାସ କରୁଥିବା ଅନ୍ତେବାସୀମାନେ ରାସ୍ତାରେ ଭିଡ ଜମାଇଥିଲେ । ଅପରାହ୍ଣ ପର୍ଯ୍ୟନ୍ତ କିଛି ବ୍ୟବସାୟୀ ସହରରେ ବ୍ୟବସାୟର ପସରା ମେଲାଇ ଥିବାର ଦେଖିବାକୁ ମିଳିଥିଲା । ଆଜି ଭସାଣି ଉତ୍ସବ ପରେ ୭ ଦିନ ଧରି ଚାଲିଥିବା ପୂଜା ଗହଳିର ଅବସାନ ଘଟିଛି । ଏମ୍ପାୟାର୍ସ ହୋଟେଲଠାରୁ ବଡପଡ଼ିଆ ଥାନାଛକ ସବୁଆଡେ ଖାଁ ଖାଁ ଲାଗୁଥିବାର ଦେଖିବାକୁ ମିଳିଛି । ତେବେ ଉଠା ଦୋକାନୀଙ୍କ ସମେତ ମେଢ ଗୁଡିକ ଧୀରେ ଧୀରେ ଖୋଲା ଚାଲିଛି । ଡମ୍ଫର ମାଲିକ ସଂଘର ଭସାଣି ଯାତ୍ରାରେ ଏକ ନୂଆ ରୂପରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରାସ୍ତାରେ ଚାଲି ଚାଲି ମହିଳା ମାନେ ସୁନ୍ଦର ଗୀତ ପରିବେଷଣ କରି ମେଢ ପଛେ ପଛେ ନୃତ୍ୟ କରୁଥିବାର ଦେଖିବାକୁ ମିଳିଛି । ସେହିପରି ଭାରତୀୟ ମଜଦୂର ୟୁନିୟନ ପକ୍ଷରୁ ଦୁଇବାଘ ଓ ଭାଲୁ ରୂପରେ ସଜାଯାଇ ଡ୍ୟାନ୍ସ କରିବା ସମସ୍ତଙ୍କୁ ଖୁସି ଦେଇଥିଲା । ତେବେ ପ୍ରଶାସନ ପକ୍ଷରୁ ଡିଜେ ବଜାଇବା ଉପର ବାରଣ କରାଯାଇଥିବା ବେଳେ ଏହାକୁ ନ ମାନି ଡିଜେ ବଜା ଯାଇଥିବାରୁ ଅନ୍ୟ ସଂଗଠନ ମାନେ ଏହାକୁ ଘୋର ବିରୋଧ କରିଥିଲେ । ପୁଲିସର କଡ଼ା ନଜର ସତ୍ତ୍ୱେ କିଭଳି ଡିଜେ ବାଜୁଥିଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

# ସାହିତ୍ୟିକ ରାମଚନ୍ଦ୍ର ବେହେରାଙ୍କ ସ୍ମୃତିସଭା

ବାଲିକୁଦା,୨୪।୯ (ସମିସ): ବାଲିକୁଦା ବ୍ଲକ୍ ମାଛଗାଁ ପଞ୍ଚାୟତ ସେହି ଗ୍ରାମର ସମାଜସେବୀ, ସାହିତ୍ୟକ ତଥା ଆଶୁ କବି ରାମଚନ୍ଦ୍ର ବେହେରାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭାରେ ବାଲିକୁଦାର ପ୍ରାକ୍ତନ ବିଧାୟକ ଡା ଲଲାଟେନ୍ଦୁ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡା, ଓଡିଶା ସଂଗ୍ରାମ ସମିତି ସମ୍ପାଦକ କ୍ଷେତ୍ରମୋହନ ଦାସ, ସମିତି ସଭ୍ୟ ନିରଞ୍ଜନ ଦାସ, ସମାଜସେବୀ ସଞ୍ଜୟ କୁମାର ପାଳ, ପ୍ରାକ୍ତନ ଶିକ୍ଷାବିତ ରବୀନ୍ଦ୍ର କୁମାର ନାୟକ, ଅରୁଣ କୁମାର ମହାନ୍ତି,



ଶରତ ଚନ୍ଦ୍ର ଦାସ, ପବିତ୍ର କୁମାର ସ୍ୱାଇଁ, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସମାଜସେବୀ ନକୁଳ ସେଠୀ, ସାମ୍ବାଦିକ ପ୍ରଣବ କୁମାର ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଗୋପ ସ୍ୱାଇଁ, ରବି ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ରମେଶ ଚନ୍ଦ୍ର ବହିରା ପ୍ରାରମ୍ଭିକ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବ୍ଲକ୍ ତଥା ଜିଲ୍ଲାର ଯାଦବ ଭାଇମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନିତ୍ୟାନନ୍ଦ ବେହେରା, ଜିତେନ୍ଦ୍ର ବେହେରା, ଅଲେଖ ଦାସ, ନରେଶ ଦାସ, ସୁରେଶ ଦାସ ଓ ଦାରିଦ୍ର୍ୟ ଭଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ସାପ୍ତାହିକ ସଫେଇ କାର୍ଯ୍ୟ ଉଦ୍‌ଯାପିତ

ପାରାଦ୍ୱୀପ,୨୪।୯ (ସମିସ): ରାଜ୍ୟ ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜାରେ ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ସପ୍ତାହେ ଧରି ଚାଲିଥିବା ସଫେଇ କାର୍ଯ୍ୟ ଶେଷ ହୋଇଛି । ଟ୍ରଷ୍ଟର ଉପଦେଷ୍ଟା ତଥା କଂଗ୍ରେସ ନେତା ନିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏହି ସେବାକାର୍ଯ୍ୟ ବଡପଡିଆଠାରୁ ଏମ୍ପାୟାର୍ସ ପର୍ଯ୍ୟନ୍ତ ସମ୍ପାଦନ କରାଯାଇଥିଲା । ବିଶ୍ୱକର୍ମା ପୂଜା ହେତୁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ ।



ତେଣୁ ସଫେଇ କାର୍ଯ୍ୟରେ ନିୟୋଜିତ ପାରାଦ୍ୱୀପ ପୌରପାଳିକାଙ୍କ ପକ୍ଷରେ ଏତେ ଆବର୍ଜନା ସଫା କରିବା କଷ୍ଟସାଧ ହୋଇଥାଏ । ଏହି ଅବସରରେ ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପ୍ରତିଦିନ ସମୂହ ସଫେଇ କାର୍ଯ୍ୟ କରାଯାଉଥିଲା । ଗତ ସେପ୍ଟେମ୍ବର ୧୮ ତାରିଖଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଟ୍ରଷ୍ଟ ପକ୍ଷରୁ ସମୂହ ସଫେଇ କାର୍ଯ୍ୟ କରାଯାଇଥିଲା । କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ସରୋଜ ପ୍ରଧାନ, ଟ୍ରଷ୍ଟି କେଦାର ବିଶ୍ୱାଳ, ତ୍ରିନାଥ ମହାନ୍ତି, ଧ୍ରୁବ ଚରଣ ମହାପାତ୍ର, କୃପାସିନ୍ଧୁ ଦାସ, ସୁଶାନ୍ତ ବାରିକ, ସୁନାକର ସେଠୀ, ବିଜୟ ସେଠୀ, ଧରିତ୍ରୀ ସାମଲ, ପୁଷ୍ପା ଦାସ, ବିନତି ପଡ଼ିଆରୀ, କୌଶଲ୍ୟା ମହାନ୍ତି, ପ୍ରେମଲତା ବାରିକ, ଚନ୍ଦ୍ରଶେଖର ମହାପାତ୍ର, ଲାଲା ସଞ୍ଜୟ ରାୟ ପ୍ରମୁଖ ଏହି ମହତ ସେବା କାର୍ଯ୍ୟରେ ସହଯୋଗ କରିଥିଲେ ।

# ଆସନ୍ତା ୧୨ରେ ପାରାଦୀପରେ ଗୀତା ଆବୃତ୍ତି ପ୍ରତିଯୋଗିତା

ପାରାଦୀପ,୨୪।୯ (ସମିସ): ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ପାରାଦୀପ ଠାରେ ସପ୍ତମ ବାର୍ଷିକ ଗୀତା ଆବୃତ୍ତି ପ୍ରତିଯୋଗିତା ଅକ୍ଟୋବର ୧୨ ତାରିଖ ରବିବାର ଦିନ ସକାଳ ୮ଟା ୩୦ରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ୩ୟ ଶ୍ରେଣୀଠାରୁ ସ୍ନାତକ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇ ପାରିବେ । ସେହିପରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ସ୍ତରରେ ବିଜେତାମାନଙ୍କ ପାଇଁ ପୁରସ୍କାର ସହିତ ଆର୍ଥିକ ପୁରସ୍କାର ବ୍ୟବସ୍ଥା କରାଯାଇଛି । ତେଣୁ ପାରାଦ୍ୱୀପ ଅଞ୍ଚଳର ଛାତ୍ରଛାତ୍ରୀ ଏହାର ସୁଯୋଗ ନେବାକୁ ପ୍ରଜ୍ଞାନ ମିଶନର କର୍ମକର୍ତ୍ତାମାନେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ବୈଠକରେ ପଣ୍ଡିତ ବାସବ କୁମାର ନନ୍ଦ, ପ୍ରଫେସର ପ୍ରଦୀପ କୁମାର ଶତପଥୀ, ଜଗତସିଂହପୁର ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ, ରମେଶ ଚନ୍ଦ୍ର ବହିରା, ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ପ୍ରତିଯୋଗିତାରେ ପାରାଦୀପ ସମେତ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୨୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ଓ ବୈଧିକ ଶକ୍ତିର ବିକାଶ ଘଟିବ । ଏବଂ ମେଧା ଶକ୍ତି ବୃଦ୍ଧି ପାଇବ ବୋଲି ପ୍ରଫେସର ଶ୍ରୀଯୁକ୍ତ ଶତପଥୀ କହିଛନ୍ତି ।



## ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ

ବାଲିକୁଦା,୨୪।୯ (ସମିସ): ବାଲିକୁଦା ବ୍ଲକ ଅଳାଭର ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ନିଜ ପଞ୍ଚାୟତର ଅନେକ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି । ପ୍ରମୁଖ ସମସ୍ୟା ମଧ୍ୟରେ ପମ୍ପ ଡ୍ରାଇଭରଙ୍କ ମାସିକ ବେତନ ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗ ପ୍ରଦାନ କରିବା, ଦ୍ୱିତୀୟରେ ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ ଦେୟ ପାଇଁ ସିଏଫସି ଓ ଏସଏଫସି ବ୍ୟତୀତ ଗ୍ରାମ ପଞ୍ଚାୟତକୁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା । ତୃତୀୟରେ କେବଳ ଷ୍ଟ୍ରିଟ ଲାଇଟ ବିଦ୍ୟୁତ ଦେୟ ଗ୍ରାମ ପଞ୍ଚାୟତର ୧୫ ସିଏଫସିରୁ ଦିଆଯିବା ପାଇଁ ଅନୁମତି ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି । ଅଭିଯୋଗରେ ଉଲ୍ଲେଖ କରିଛନ୍ତିକି ୯ଟି ରାଜସ୍ୱ ଗ୍ରାମର ୨୩ ଟି ୱାର୍ଡକୁ ନେଇ ଅଳାଭର ଗଠିତ । ପୂର୍ବରୁ ଏହି ପଞ୍ଚାୟତ ଅଧୀନରେ ୩ଟି ପାନୀୟ ଜଳ ପ୍ରକଳ୍ପ ଓ ବର୍ତ୍ତମାନ ବସୁଧା ଯୋଜନାରେ ୩ଟି ପ୍ରକଳ୍ପକୁ ମିଶାଇ ମୋଟ ୬ଟି ପ୍ରକଳ୍ପ ଅନ୍ତର୍ଭୂକ୍ତ । ବର୍ତ୍ତମାନ ଏଥିମଧ୍ୟରୁ ୪ଟି ପ୍ରକଳ୍ପ ପଞ୍ଚାୟତ ଅଧୀନରେ କାର୍ଯ୍ୟକ୍ଷମ ଥିବା ବେଳେ ଆସନ୍ତା ଅକ୍ଟୋବରରେ ଅନ୍ୟ ୨ଟି ପ୍ରକଳ୍ପ ଦାୟିତ୍ୱ ପଞ୍ଚାୟତ କାର୍ଯ୍ୟାଳୟ ଅଧୀନକୁ ଆସିବ । ଏହାର ସୁପରିଚାଳନା ପାଇଁ ୪ ଜଣ ପମ୍ପ ଡ୍ରାଇଭର, ନଳକୂପ ମରାମତି ନିମନ୍ତେ ୪ ଜଣ ପାଇପ ମିସ୍ତ୍ରୀ, କାର୍ଯ୍ୟ କରିବାସହ ସେମାନଙ୍କୁ ପଞ୍ଚାୟତ ଅନୁଦାନ ୧୫ ସିଏଫସି ଓ ୫ ସିଏଫସି ଅନୁଦାନରୁ ବେତନ ପ୍ରଦାନ କରାଯାଇଥାଏ । ଏହାବ୍ୟତୀତ ଷ୍ଟ୍ରିଟ ଲାଇଟ ବିଦ୍ୟୁତ ଦେୟ ମଧ ପଞ୍ଚାୟତ ଅନୁଦାନରୁ ବହନ କରାଯାଇଥାଏ । ଯାହା ପୂର୍ବରୁ ନଥିଲା ବୋଲି ଅଭିଯୋଗ କରିଛନ୍ତି ସରପଞ୍ଚ । ତେବେ ୬ ପାନୀୟ ଜଳ ପ୍ରକଳ୍ପ ପାଇଁ ୮ ଲକ୍ଷ ୭୬ ହଜାର ଓ ପମ୍ପ ମିସ୍ତ୍ରୀମାନଙ୍କ ପାଇଁ ୧ ଲକ୍ଷ ୫୬ ହଜାର ଟଙ୍କା, ଷ୍ଟ୍ରିଟ ଲାଇଟ ବାବଦ ୨ ଲକ୍ଷ ୪ ହଜାର ଟଙ୍କା ଆବଶ୍ୟକ । ଏଣୁ ପଞ୍ଚାୟତକୁ ଆସୁଥିବା ସ୍ୱଳ୍ପ ଅନୁଦାନ ୨୦ ଲକ୍ଷ ୬୭ ହଜାର ୬୦ ଟଙ୍କା ଓ ମରାମତି ବିଦ୍ୟୁତ ଦେୟ ପାଇଁ ୬ ଲକ୍ଷ ୨୦ ହଜାର ୧୧୮ ଟଙ୍କା ଆସୁଥିବା ବେଳେ ୧୨ ଲକ୍ଷ ଟଙ୍କା ବ୍ୟୟ ବରାଦ ହେଲେ ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ । ଏଣୁ ମୁଖ୍ୟମନ୍ତ୍ରୀ ଉପରୋକ୍ତ ଅଭିଯୋଗକୁ ଗ୍ରହଣ କରିବାସହ ପଞ୍ଚାୟତକୁ ଅଧିକ ଅନୁଦାନ ଯୋଗାଇ ଦେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଦାବି କରିଛନ୍ତି । ତେବେ ଏହି ସମସ୍ୟା ସମସ୍ତ ପଞ୍ଚାୟତରେ ଥିବା ନେଇ ଆଲୋଚନା ହେଉଛି ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ଜଗତସିଂହପୁର,୨୪।୯ (ସମିସ): ଜଗତସିଂହପୁର ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ପୁଲିସ ଅଧିକାରୀ ସୁରେନ୍ଦ୍ରନାଥ ରାଉତରାୟଙ୍କ ଧର୍ମପତ୍ନୀ ପ୍ରମିଳା କୁମାରୀ ରାଉତରାୟ (୭୨) ଙ୍କ ନିଜ ପାଣିସାଳିଆସ୍ଥିତ ବାସଭବନରେ ପରଲୋକ ଘଟିଛି । ସେ ଜଣେ ପରୋପକାରୀ ଏବଂ ଧର୍ମପରାୟଣ ମହିଳା ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ବୋହୂ, ଝିଅ ଜ୍ୱାଇଁ ଏବଂ ନାତିନାତୁଣୀମାନେ ଉପସ୍ଥିତ ଥିଲେ ।



# ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀଙ୍କ ପରଲୋକ

ବାଲିକୁଦା,୨୪।୯ (ସମିସ): ବାଲିକୁଦା ବ୍ଲକର ତିତିରା ପଞ୍ଚାୟତର କେଉଟପାଳ ଗ୍ରାମର ପୁଲିସ ଭିଜିଲାନ୍ସ ବିଭାଗରେ ସେବା ନିବୃତ୍ତ ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ (୬୮) ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି କଟକ ପୁଲିସ ମୁଖ୍ୟ କାର୍ଯ୍ୟାଳୟର ଭିଜିଲାନ୍ସ (ଦୁର୍ନୀତି ନିବାରଣ) ବିଭାଗରେ ଦକ୍ଷତାର ସହିତ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ଅବସର ପରେ ନିଜ ଗ୍ରାମ କେଉଟପାଳରେ ରହି ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରି ଅଞ୍ଚଳରେ ବେଶ ଲୋକପ୍ରିୟ ହୋଇପାରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠପୁତ୍ର ରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଥିଲା ବେଳେ, ସାନପୁତ୍ର ମିଳନ ବିଶ୍ୱାଳ, ଝିଅ, ଜ୍ୱାଇଁଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ରହିଥିଲେ । ଶ୍ରୀ ବିଶ୍ୱାଳଙ୍କ ବିୟୋଗରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ଆଇନଜୀବୀ ଡଃ. ବୀର ନାରାୟଣ ପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଥିଲେ । ।



## ଏସ୍‌ଭିଏମ୍ କଲେଜରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା

# ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଲେ ଛାତ୍ରଛାତ୍ରୀ

ଜଗତସିଂହପୁର,୨୪।୯ (ସମିସ):




ନିଶା କବଳରୁ ଯୁବପିଢ଼ିଙ୍କୁ ଦୁରେଇ ରଖି ସେମାନଙ୍କୁ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଦେବା ଉଦ୍ଦେଶ୍ୟରେ ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଜଗତସିଂହପୁର ଏସଭିଏମ୍ କଲେଜରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ. ସୁଜାତା ଓତାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଯୁବ ଆଇପିଏସ ଅଧିକାରୀ ତଥା ଜଗତସିଂହପୁର ଏସଡିପିଓ ଆଜିଙ୍କ୍ୟ ମାନେ ବାବୁରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଦେଶର ସର୍ବବୃହତ ଶକ୍ତି ହେଉଛନ୍ତି ଯୁବସମାଜ । ଜୀବନରେ ସଫଳତା ଏବଂ ବିଫଳତା ଆସିବା ସ୍ୱାଭାବିକ । ସବୁ ପରିସ୍ଥିତିକୁ ଛାତ୍ରଛାତ୍ରୀ ଏବଂ ଯୁବକଯୁବତୀ ମାନେ ଧୈର୍ଯ୍ୟର ସହିତ ମୁକାବିଲା କରି ଆଗକୁ ବଢ଼ିବା ପାଇଁ ଏସଡିପିଓ ଶ୍ରୀ ମାନେ ପରାମର୍ଶ ଦେଇଥିଲେ । ଭୟମୁକ୍ତ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ପୁଲିସର ସହଯୋଗ ରହିଛି ଏବଂ ଆଗକୁ ମଧ ଜାରୀରହିବ ବୋଲି ଏସଡିପିଓ ପ୍ରତିଶ୍ରୁତି ଦେଇଥିଲେ । ନିଜେ ନିଶା ସେବନରୁ ଦୁରେଇ ରହିବା ସହିତ ନିଜ ପରିବାର ଓ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା. ସରୋଜ କୁମାର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଶାସେବନର କୁପରିଣତି ଏବଂ ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ପ୍ରକାର ନିଶାସେବନ ଶରୀର ଉପରେ କଣ ପ୍ରଭାବ ପକାଇଥାଏ ସେ ସମ୍ପର୍କରେ ଡା. ଜେନା ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହିତ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଳକା ଆଶ୍ରମର ବରିଷ୍ଠ କର୍ମକର୍ତ୍ତା ଶିକ୍ଷ୍ୟାବିତ ବିଜୟ କୁମାର ରଥ ଅଳକା ଆଶ୍ରମର ଇତିହାସ ଏବଂ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ । ସେହିପରି ଅଧ୍ୟକ୍ଷା ଶ୍ରୀମତୀ ଓତା ଅଳକା ଆଶ୍ରମ ପକ୍ଷରୁ ଏଭଳି କର୍ମଶାଳା ଆୟୋଜନ ପାଇଁ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏଥିରେ ଯୋଗଦେଇ ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବେ ଗଢ଼ି ତୋଳିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ ଏବଂ ଦିଲ୍ଲୀପ କୁମାର ମୁଦୁଲି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



**କିଲର୍ ଦୀପକ ଗିରଫ ଘଟଣା**

# ଡିସିପି ଅଫିସରେ ଅପର୍ଣ୍ଣା ହତ୍ୟା ଅଭିଯୁକ୍ତ !

ଭୁବନେଶ୍ୱର, ୨୪।୯ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ହତ୍ୟା ମାମଲାରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ଏବେ ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ହତ୍ୟା ମାମଲାର ତଦନ୍ତକୁ ସାମ୍ନା କରୁଛି। ତଦନ୍ତ ଯେତିକି ଆଗକୁ ବଢୁଛି ସେତିକି ନୂଆନୂଆ କଥା ପଦାକୁ ଆସୁଛି। ଶୁଭମିତ୍ରାଙ୍କୁ ହତ୍ୟାକରି ମୃତଦେହ ଭର୍ତ୍ତି

**ସିପି ଅଫିସରେ ରଖିଥିଲା ଶୁଭମିତ୍ରାଙ୍କ ମୃତଦେହ**

କାର୍ ସିପି ଅଫିସରେ ରଖିବା ପରେ ପୁଲିସର ଭୂମିକା ସନ୍ଦେହ ଘେରକୁ ଆସିବା ପରେ ଏବେ ଅନ୍ୟଏକ ଘଟଣା ପଦାକୁ ଆସିଛି। ଅପର୍ଣ୍ଣା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଥିବା ଜଣେ ମହିଳା କନେଷ୍ଟବଳ ଏବେ ଡିସିପି ଅଫିସରେ କାମ କରୁଛନ୍ତି। ଯଦିଓ ସେ ଏଥିରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସ୍ପଷ୍ଟ ହୋଇନାହିଁ ହେଲେ ହତ୍ୟା ମାମଲାର ଅଭିଯୁକ୍ତ ଥାଇ ମଧ୍ୟ ଡିସିପି ଅଫିସରେ କାମ କରିବା ତଦନ୍ତର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ମୃତ ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନଙ୍କ ଅଭିଯୋଗ ଅନୁଯାୟୀ, ଦୀପକ ସିପି ଅଫିସରେ କାମ କରୁଥିବା ବେଳେ ଜଣେ ମହିଳା କନେଷ୍ଟବଳ ମଧ୍ୟ ସେଠାରେ କାର୍ଯ୍ୟରତ ଥିଲେ। ସେହିଠାରୁ ହିଁ ଉଭୟଙ୍କ ମଧ୍ୟରେ ପରିଚୟ ହେବାପରେ ପରବର୍ତ୍ତୀ ସମୟରେ ସମ୍ପର୍କ ନିବିଡ଼ ହୋଇଥିଲା। ୨୦୧୮ ମସିହା ଏପ୍ରିଲ ମାସରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ବିବାହ କରିଥିଲେ। ବିବାହର ଆରମ୍ଭରୁ ସବୁକିଛି ଠିକ୍‌ଠାକ୍ ଚାଲିଥିଲେ ମଧ୍ୟ କିଛିଦିନ ପରେ ଅପର୍ଣ୍ଣାଙ୍କୁ ନିର୍ଯାତନା ଦିଆଯାଉଥିଲା। ଦୀପକ, ତା'ର ମାଆ ବାସନ୍ତୀ ରାଉତ ଓ ସମ୍ପୃକ୍ତ ମହିଳା କନେଷ୍ଟବଳ ଜଣ ମିଶି ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣି ଥାନା ଅଧୀନସ୍ଥ ରାଧାକିଶୋରପୁର ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଦୀପକ କାର ରଖିଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଦୀପକ କହିଥିଲା। ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିଥିଲା। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲେ ମଧ୍ୟ ଘଟଣା ଦିନ ଟ୍ରକଟି ରାଉରକେଲାରେ ଥିଲା ବୋଲି ଜାଣିବାକୁ ପାଇଥିଲା। ଦୀପକ ଦେଇଥିବା ଟ୍ରକର ସମ୍ପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ହେଲେ ଏବେ ଶୁଭମିତ୍ରା ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିବା ପରେ ଅପର୍ଣ୍ଣାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ସନ୍ଦେହ କରିଥିଲେ।

ଅପର୍ଣ୍ଣାଙ୍କୁ ହତ୍ୟା କରିଥିବା ନେଇ ରୋଜାଲିନ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ସେତେବେଳେ ସିପି ଅଫିସରେ କାମ କରୁଥିବା ସମ୍ପୃକ୍ତ ମହିଳା କନେଷ୍ଟବଳ ଓ ଦୀପକର ମାଆ ମିଶି ଅପର୍ଣ୍ଣାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଦୀପକ ରାଉତ, ମାଆ ବାସନ୍ତୀ ରାଉତ ଓ ସମ୍ପୃକ୍ତ ମହିଳା କନଷ୍ଟେବଳଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି। ସେତେବେଳେ ସିପି ଅଫିସରେ କାମ କରୁଥିବା ମହିଳା କନଷ୍ଟେବଳ ଏବେ ଡିସିପି ଅଫିସରେ କାମ କରୁଛନ୍ତି। ପୁଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ଗହଣରେ ହତ୍ୟା ଅଭିଯୁକ୍ତ କାମ କରୁଥିବାରୁ କମିସନରେଟ ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଏପରିସ୍ଥଳେ ଅପର୍ଣ୍ଣା ହତ୍ୟା ମାମଲାରେ ତଦନ୍ତ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

**ଇନ୍‌ଫୋସିଟି ଥାନା ନିକଟରେ ସରକାରୀ ଜମି ନିଲାମ ମାମଲା**

## ବିଲଡର୍ ଓ ହୋଟେଲ ମାଲିକଙ୍କ ଭାଇ ମାଷ୍ଟରମାଇଣ୍ଡ

ଭୁବନେଶ୍ୱର, ୨୪।୯ (ସମିସ): ଇନ୍‌ଫୋସିଟି ଥାନା ଅଞ୍ଚଳରେ ପାର୍ଲେଜୀ ଗଳିରେ ଦଲାଲମାନେ ଦିନ ଦ୍ୱି ପହରେ ମୁଖ୍ୟ ରାସ୍ତାକଡ ସରକାରୀ ଜମିକୁ ଜବରଦଖଲ ପଛରେ ବିଲ୍‌ଡର ଏବଂ ହୋଟେଲ ମାଲିକଙ୍କ ଭାଇଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଦଲାଲଙ୍କ ଲଗାଇ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ଚୁନ ପକାଇ ପ୍ଲଟିଂ କରୁଥିବାର ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ଜବରଦଖଲ ପରେ ଅଧିକ ଟଙ୍କା ପାଇବାକୁ ନିଲାମ୍ କରୁଥିବା ଜଣାପଡ଼ିଛି।

ଭାଇରାଲ ଭିଡିଓରୁ ଜଣାପଡୁଛି ଯେ ସରକାରୀ ଜମି ଜବରଦଖଲରେ ରାଜଧାନୀର ଜଣେ ପ୍ରତିଷ୍ଠିତ ବିଲଡର ତଥା ହୋଟେଲ ମାଲିକଙ୍କ ହାତ ରହିଛି। ସେ ତାଙ୍କ ଭାଇଙ୍କ ଦ୍ୱାରା ଏଭଳି ନିଲାମୀ କରାଇଛନ୍ତି। ଗୁଳା ପକାଇ ତାଙ୍କ ଭାଇ ସରକାରୀ ଜମିକୁ ନିଲାମ କରୁଛନ୍ତି। ନିଲାମରେ ବୋଲି ବି ଡାକୁଥିଲେ ଦେଖିବାକୁ ମିଳିଛି। ତାଙ୍କର କେତେକ ପ୍ରଶାସନିକ ଅଧିକାରୀଙ୍କ ସହ ସମ୍ପର୍କ ରହିଥିବାରୁ କାର୍ଯ୍ୟାନୁଷ୍ଠାନ କୋହଳ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଥାଉ କି ପାର୍ଲେଜି ଗଳିରେ ମାଫିଆମାନେ ରାସ୍ତାକଡ ଜମି କବଜା କରି ତାକୁ ୭୦ଟି ପ୍ଲଟ୍‌ରେ ବିଭକ୍ତ କରି ଗତ ଶୁକ୍ରବାର ନିଲାମ ଡାକୁଥିଲେ। ଏହାକୁ ଦଲାଲ୍ ୩.୫ କୋଟି ଟଙ୍କା କମାଇଲେ। ଇନ୍‌ଫୋସିଟି ଥାନା ପାଖରେ ଏଭଳି ଘଟଣା ଘଟିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଇଡକୋ ପକ୍ଷରୁ ଥାନାରେ ଏତଲା ଦିଆଯାଇ ନାହିଁ। ପୁଲିସ ମଧ୍ୟ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରୁନାହିଁ। କର୍ପୋରେଟରଙ୍କ ଅଭିଯୋଗ ପରେ ବିଏମ୍‌ସିର ଉତ୍ତର ଜୋନ୍ କେବଳ ସେମାନଙ୍କୁ ବନ୍ଦ କରି କାମ ସାରିଦେଲା।

## ଝରକା ତାଡ଼ି ଲୁଟିନେଲେ ୫ ଲକ୍ଷର ସୁନାଗହଣା

ଭୁବନେଶ୍ୱର, ୨୪।୯ (ସମିସ): ବିଧାନସଭା ପାଇଁ ସହରରେ ମାଳ ମାଳ ପୁଲିସ। ଏହାର ସୁଯୋଗ ନେଇ ଉପକଣ୍ଠକୁ ଟାର୍ଗେଟ କରିଛନ୍ତି ଦୁର୍ବୃତ୍ତ। ରାତି ଅଧରେ ଝରକା ତାଡ଼ି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଚନ୍ଦକା ଥାନା ଠାରୁ ମାତ୍ର ୪ ଶହ ମିଟର ଦୂରରେ ଏଭଳି ଘଟଣା ଘଟିଥିବା ବେଳେ ସୂର୍ଯ୍ୟକାନ୍ତ ସାମନ୍ତରାୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଚନ୍ଦକାର ସୂର୍ଯ୍ୟକାନ୍ତଙ୍କ ପରିବାର ମଙ୍ଗଳବାର ୧୨ଟାରେ ମଧ୍ୟ ଖିଆପିଆ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ହତା ଭିତରେ ପଶିଥିଲେ। ଘରର ସାମ୍ନା ପଟରେ ସିସିଟିଭି ଲାଗିଥିବାରୁ ଦୁର୍ବୃତ୍ତମାନେ ପଛପଟୁ ପ୍ରବେଶ କରିଥିଲେ। ପରିବାର ଲୋକେ ଉପର ମହଲାରେ ଶୋଇଥିବା ବେଳେ ଚୋରମାନେ ତଳ ମହଲାର ଝରକା ତାଡ଼ି ଘରେ ପଶିଥିଲେ। ଘର ଭିତରେ ଥିବା ଦୁଇଟି ଆଲମିରାର ଲକ୍ ଭାଙ୍ଗି କଳାକନା ବୁଲାଇଥିଲେ। ସେଥିରେ ଥିବା ଗୋଟିଏ ସୁନା ଚେନ, ୫ଟି ସୁନା ମୁଦି ଓ ଅନ୍ୟାନ୍ୟ ଅଳଙ୍କାର ଲୁଟି ନେଇଥିଲେ। ଆଲମିରା ଭିତରେ ଥିବା ନଗଦ ଏକଲକ୍ଷ ଟଙ୍କା ମଧ୍ୟ ଛାଡ଼ି ନଥିଲେ ଦୁର୍ବୃତ୍ତ। ପରିବାର ଲୋକେ ସକାଳୁ ଉଠିବା ପରେ ଝରକା ତଡ଼ା ହୋଇଥିବା ବେଳେ ଆସବାବପତ୍ର ଏଣେତେଣେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଘର ଭିତରୁ ପ୍ରାୟ ୫ ଲକ୍ଷର ସୁନାଗହଣା ଓ ଏକ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସୂର୍ଯ୍ୟକାନ୍ତ ଏନେଇ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଲୁଟେରାଙ୍କ ଟେର୍ ପାଇ ପାରିନାହିଁ।

● ଜମି ବିକ୍ରି ଦେଲେ; ରାସ୍ତା ଦେଉନାହାନ୍ତି ବିଲ୍‌ଡର

## ଥାନା ଘେରିଲେ ଜମି କିଣିଥିବା ଲୋକେ

ଭୁବନେଶ୍ୱର, ୨୪।୯ (ସମିସ): ସତ୍ୟବିହାର ଅଞ୍ଚଳରେ ଚାଲିଥିବା ରାଜଧାନୀ ସବୁଠାରୁ ବଡ଼ ପ୍ଲଟିଂ ପ୍ରୋଜେକ୍ଟରେ ଜମି କିଣିଥିବା ନିବେଶକାରୀ ଏବେ ସଂକଟରେ। ଜୀବନ ଯାକର ଜମାପୁଞ୍ଜି ଖଟାଇ ପ୍ଲଟ୍ ଖଣ୍ଡେ କିଣି ଦେଇଛନ୍ତି। ହେଲେ ଘରୁ ବାହାରିବାକୁ ରାସ୍ତା ନାହିଁ। ଅନ୍ୟମାନଙ୍କ ଜମିକୁ ରାସ୍ତା ବୋଲି କହି ବିଲଡର ସଂସ୍ଥା ୩ ଶହ ଏକର ଜମି ବିକ୍ରି କରିଦେଲା। କୋଟି କୋଟି ଟଙ୍କା କମାଇଲା। ହେଲେ ଲୋକେ ଏବେ ରାସ୍ତା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ବିରୋଧ ବଢ଼ିବାରେ ଲାଗିଛି। ଠକେଇର ଶିକାର ହୋଇଥିବା ଲୋକେ ବୁଧବାର ସତ୍ୟବିହାର ଅଞ୍ଚଳରେ ଏକ ବୈଠକ କରି ବିଲଡରଙ୍କ ବିରୋଧରେ ବିରୋଧାଭାଷ ଜାହିର କରିଥିଲେ। ପରବର୍ତ୍ତୀ ସମୟରେ ଥାନାରେ ଏତଲା ଦେବା ସହ ଜମି ବିକ୍ରି କରିଥିବା ଦୁଇ ବିଲଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଘେରାଉ କରିଥିଲେ।

ଅଭିଯୋଗ ଅନୁଯାୟୀ, ସତ୍ୟବିହାର ଅଞ୍ଚଳରେ ଏକ ବିଲଡର ସଂସ୍ଥା ପ୍ରାୟ ୩୦୦ଏକର ଜମି ଲୋକଙ୍କୁ ବିକ୍ରି କରିଛି। ୮ ହଜାର ଲୋକଙ୍କୁ ଉକ୍ତ ସଂସ୍ଥା ଠାରୁ ଜମି କିଣିଥିଲେ। ଜମି କିଣିଲା ବେଳେ ଜଣେ ବ୍ୟକ୍ତିଙ୍କ ଜମିକୁ ନିଜ ପ୍ଲଟିଂ ପ୍ରୋଜେକ୍ଟର ରାସ୍ତା ଦର୍ଶାଇ ଜମି ବିକ୍ରି କରିଦେଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ରାସ୍ତା ବନ୍ଦ କଲା ପରେ ଜଣାପଡ଼ିଥିଲା ରାସ୍ତା ଦର୍ଶାଯାଉଥିବା ଜମିଟି ବିଲଡରଙ୍କ ପ୍ରକଳ୍ପର ନୁହେଁ ଜଣେ ଘରୋଇ ବ୍ୟକ୍ତିଙ୍କର। ଲୋକେ ନୂଆ ଏବଂ ପୁରୁଣା ବିଲଡରଙ୍କୁ ଜଣାଇବାରୁ ସେମାନେ କେବଳ ସବୁକିଛି ଠିକ୍ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି।

## ଅପହରଣ ବେଳେ ଅଟୋରୁ ଡେଇଁ ପଡ଼ିଲେ ଯୁବତୀ

ଭୁବନେଶ୍ୱର, ୨୪।୯ (ସମିସ): ରାଜଧାନୀରେ ଅପରାଧ ଉପରମୁହାଁ ହେଉଥିବା ବେଳେ ଅପହରଣ ଘଟଣା ମଧ୍ୟ ଥମିବାର ନାଁ ଧରୁନାହିଁ। ଅପହରଣ କରୁଥିବା ବେଳେ ଜଣେ ଯୁବତୀ ଅଟୋରୁ ଡେଇଁ ପଡ଼ିଛନ୍ତି। ମଙ୍ଗଳବାର ଜୟଦେବ ବିହାର ଓଭରବ୍ରିଜରେ ଏଭଳି ଘଟଣା ଘଟିଛି। ସେପଟେ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାରେ ରହୁଥିବା ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ବୁଧବାର କେନ୍ଦ୍ରାପଡ଼ାର ଇତିଶ୍ରୀ ରାଉତ ଅଟୋ ଯୋଗେ ଆଚାର୍ଯ୍ୟ ବିହାରରୁ ନୂଆପଲ୍ଲୀ ଯାଉଥିଲେ। ଅଟୋ ଚାଳକଙ୍କ ବାଦ୍ ଗାଡ଼ିରେ ଜଣେ ମହିଳା ମୁହଁରେ ଓଢ଼ଣି ଘୋଡ଼ାଇ ହୋଇ ବସିଥିଲେ। ଗାଡ଼ିଟି ଜୟଦେବ ବିହାର ଓଭରବ୍ରିଜରେ ପାଇଥିବା ବେଳେ ମହିଳା ଜଣକ ଇତିଶ୍ରୀଙ୍କ ମୁହଁରେ ରୁମାଲ୍ ଲଗାଇ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ଇତିଶ୍ରୀ କୌଣସି ଉପାୟ ନ ପାଇ ଚଳନ୍ତା ଅଟୋରୁ ଡେଇଁପଡ଼ିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୁଧବାର ଇତିଶ୍ରୀଙ୍କ ମାଆ ସ୍ନେହଲତା ରାଉତ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ପୁଲିସ କହିବା ମୁତାବକ, ଇତିଶ୍ରୀ ଆଚାର୍ଯ୍ୟ ବିହାରରୁ ଅଟୋ ଯୋଗେ ନୂଆପଲ୍ଲୀ ଆସୁଥିଲେ। ଅଟୋ ଚାଳକ ସର୍ଭିସ୍ ରାସ୍ତାରେ ନ ଯାଇ ଓଭରବ୍ରିଜ ଉପରେ ଯାଇଥିଲେ। ଇତିଶ୍ରୀ ରାସ୍ତାଘାଟ ବାବଦରେ ସେତେଟା ଜାଣି ନ ଥିବାରୁ ଅପହରଣ ସନ୍ଦେହରେ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଇତିଶ୍ରୀଙ୍କୁ ଉଦ୍ଧାର କରିଥିବା ଲୋକେ ଏଭଳି ବୟାନ ଦେଇଥିବା ପୁଲିସ କହିଛି।

ସେପଟେ ଜାଗମରା ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲ୍ଲା କେ ନୂଆଗାଁ ଥାନା ଅଞ୍ଚଳର ହରିଶ୍ଚନ୍ଦ୍ର ସାହୁ ପୋଖରୀପୁଟ ଅଞ୍ଚଳରେ ଏକ କମ୍ପାନୀରେ ପିଅନ ଭାବେ କାମ କରନ୍ତି। ଗତ ସୋମବାର ରାତିରେ ସାଙ୍ଗମାନେ ଭୋଜି କରୁଥିବା କହି ହରିଶ୍ଚନ୍ଦ୍ର ଘରୁ ବାହାରି ଯାଇଥିଲେ। ହେଲେ ମଙ୍ଗଳବାର ରାତି ସୁଦ୍ଧା ଘରକୁ ଫେରି ନ ଥିବାବେଳେ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ଆସିଥିଲା। ଗତକାଲି ଅପରାହ୍ଣରେ ପତ୍ନୀ ଟିକି ସାହୁଙ୍କ ହ୍ୱାଟ୍ସଆପକୁ ଏକ ମେସେଜ ଆସିଛି। ୨୦ ଲକ୍ଷ ଟଙ୍କା ନ ଦେଲେ ମାରିଦେବାକୁ ଧମକ ମିଳିଛି। ଏନେଇ ଟିକି ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**୨୦ ଲକ୍ଷ ପାଇଁ ଯୁବକଙ୍କୁ ଅପହରଣ ଅଭିଯୋଗ**



● ଚଳନ୍ତା ଅଟୋରେ ଯାତ୍ରୀଙ୍କୁ ଲୁଟ୍

## ଧରାପଡ଼ିଲେ ୩ ମହିଳା ବଞ୍ଜାରା

ଭୁବନେଶ୍ୱର, ୨୪।୯ (ସମିସ): ଚଳନ୍ତା ଅଟୋରେ ଯାତ୍ରୀଙ୍କୁ ଲୁଟ୍ କରିଥିବା ଅଭିଯୋଗରେ ୩ ବଞ୍ଜାରା ମହିଳାଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମହାରାଷ୍ଟ୍ର ମୋଣ୍ଡିକଟାର ରିନା ବିଷ୍ଟେ (୪୫), ରାମ୍ ଶିଳା ଉମେ (୩୫) ଓ ଅଞ୍ଜଳି ବିଷ୍ଟେ (୩୫)।

ପୁଲିସ ସୂଚନାନୁସାରେ, ବୁଧବାର ପୂର୍ବାହ୍ଣରେ ଜଣେ ମହିଳା ପାସେଞ୍ଜର ଅଟୋ ଯୋଗେ କଳ୍ପନା ଛକରୁ ବିଜେବି କଲେଜ ଅଭିମୁଖେ ଯାଉଥିଲେ। ସେହି ସମୟରେ ରୀନା, ରାମ୍ ଶିଳା ଓ ଅଞ୍ଜଳି ଅଟୋକୁ ଅଟକାଇ ସେଥିରେ ଚଢ଼ିଥିଲେ। ଭଞ୍ଜକଳା ମଣ୍ଡପ ନିକଟରେ ଅଟୋଟି ଅଟକିବା ପରେ ସେମାନେ ହଠାତ୍ ଗାଡ଼ିରୁ ଓହ୍ଲାଇ ଅଭିଯୋଗକାରିଣୀଙ୍କ ପର୍ସ୍ ଛଡ଼ାଇ ନେଇ ପଳାଇଥିଲେ। ଲୁଟ୍ ହୋଇଥିବା ପର୍ସରେ ହଳେ, ସୁନା କାନଫୁଲ, ସୁନା ମୁଦି ଓ ନଗଦ ଟଙ୍କା ଥିଲା। ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଯାଞ୍ଚରୁ ୩ ମହିଳା ଦୁଇଟି ବ୍ୟାଗ୍ ଓ ଏକ ଲାଲ ପର୍ସ ଧରି ବସ୍ ଯୋଗେ ଯାଉଥିବା ଜଣାପଡ଼ିଥିଲା। ମହିଳା ପୁଲିସ କର୍ମଚାରୀମାନେ ଗ୍ୟାରେଜ ଛକରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଥିଲେ। ତଲାସି ବେଳେ ସେମାନଙ୍କର ହେପାଜତରୁ ଗୋଟିଏ ଯୋଡ଼ା ସୁନା କାନଫୁଲ, ଗୋଟିଏ ସୁନା ମୁଦି, ନଗଦ ୧୫୦୦ ଟଙ୍କା ଓ ଗୋଟିଏ ଲାଲ ପର୍ସ ଜବତ କରାଯାଇଥିଲା।

● କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

## ଫେସ୍‌ବୁକ ବ୍ଲଗର୍ ଗିରଫ

ଭୁବନେଶ୍ୱର, ୨୪।୯ (ସମିସ): ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଘଟଣାରେ ଫେସବୁକ ବ୍ଲଗରଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଜିଲ୍ଲା ନାୟକାଣୀଡ଼ିହି ଥାନା ଦୀପକ ନାହାକ (୨୭)।

ପୁଲିସ ସୂଚନା ମୁତାବକ, ଗତ ସୋମବାର ଦ୍ୱିପହରରେ କ୍ୟାପିଟାଲ ହସ୍ପିଟାଲ ଶିଶୁର ମୃତ୍ୟୁ ପରେ ଆନ୍ଦୋଳନକାରୀମାନେ ମେଡିସିନ୍ ଓପିଡି ଆଡକୁ ଦୌଡ଼ିଥିଲେ। ଭିଡ଼ ମଧ୍ୟରେ ଫେସବୁକ୍ ବ୍ଲଗର ଦୀପକ ଭିଡିଓ କରିବା ସହ ସୁରକ୍ଷାକର୍ମୀ ସୁବ୍ରତଙ୍କୁ ଇଙ୍ଗିତ କରି 'ୟାକୁ ଜୀବନରୁ ମାରିଦିଅ' କହି ଉସୁକାଇଥିଲା। ଏହା ପରେ ସ୍ମାର୍ଟ ସିଟି ଅଟୋ ଆସୋସିଏସନର ସଦସ୍ୟମାନେ ଦୀପକ ସହିତ ମିଶି ସୁବ୍ରତଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସୁବ୍ରତଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ସନ୍ଧ୍ୟାରେ ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀପକ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ସମାନ ପ୍ରକୃତିର ଅନ୍ୟ ତିନୋଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ମହିଳାଙ୍କୁ ଅସଦାଚରଣ; ଜଣେ ଗିରଫ

ଭୁବନେଶ୍ୱର, ୨୪।୯ (ସମିସ): ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବ୍ରହ୍ମକୁଣ୍ଡଳ ଭୋଇ ସାହିର ଅକ୍ଷୟ ଭୋଇ (୨୫)।

ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ ସମୟରେ ବ୍ରହ୍ମକୁଣ୍ଡଳ ଅଞ୍ଚଳର ଜଣେ ମହିଳା ଶୌଚ ହେବାପାଇଁ କେନାଲ ବନ୍ଧକୁ ଯାଉଥିଲେ। ସେହି ସମୟରେ ଅକ୍ଷୟ ହଠାତ୍ ତାଙ୍କୁ ପଛରୁ ଜାବୁଡ଼ି ଧରିଥିଲା। ତାଙ୍କର ପୋଷାକକୁ ମଧ୍ୟ ଟଣାଓଟରା କରି ଅସଦାଚରଣ କରିଥିଲା। ମହିଳା ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଫଳରେ ଅକ୍ଷୟ ସେଠାରୁ ଖସି ପଳାଇ ଯାଇଥିଲେ। ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ବିଳମ୍ବିତ ରାତିରେ ପୁଲିସ ଅକ୍ଷୟକୁ ଥାନାକୁ ଉଠାଇ ଆଣିଥିବା ବେଳେ ଆଜି ଗିରଫ କରିଛି। ସେ ପ୍ରାୟତଃ କେନାଲ ବନ୍ଧରେ ମହିଳାମାନଙ୍କୁ ପିଛା କରି ଅସଦାଚରଣ କରେ। ୨୦୨୨ ମସିହାରେ ମଧ୍ୟ ଏୟାରଫିଲ୍ଡ ଥାନାରେ ଅକ୍ଷୟ ନାଁରେ ସମାନ ମାମଲା ରୁଜୁ ହୋଇଥିଲା।

## ଅସ୍ତ୍ରୋପଚାର ପରେ ତମ୍ପ ପେଟରୁ ବାହାରିଲା ବନିସି କଣ୍ଟା

ଭୁବନେଶ୍ୱର, ୨୪।୯ (ସମିସ): ଓୟୁଏଟି ପରିସରରେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ବନିସୀ କଣ୍ଟା ଗିଳି ଦେଇଥିବା ସାପର ଅସ୍ତ୍ରୋପଚାର କରାଯାଇଛି। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଗାଡିଆରେ ମାଛ ଧରିବା ପାଇଁ ପକାଯାଇଥିବା ବନିସୀରେ ଏକ ୪ ଫୁଟ ଲମ୍ବର ତମ୍ପ ସାପ ଲାଗିଥିଲା। ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ସଞ୍ଜୟ କୁମାର ପଣ୍ଡା ବନସୀ କଣ୍ଟାରେ ଲାଗିଥିବା ସାପକୁ ଉଦ୍ଧାର କରିବା ସହ କେନ୍ଦୁଝର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସହାୟତାରେ ଅପରେସନ ପାଇଁ ଭୁବନେଶ୍ୱରରେ ଓୟୁଏଟିରେ ଥିବା ଭେଟେରିନାରୀ କଲେଜକୁ ପଠେଇଥିଲେ। ଆଜି ସକାଳେ ଓୟୁଏଟି ଭେଟେରିନାରୀ କଲେଜର ସର୍ଜରୀ ଓ ରେଡ଼ିଓଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବିଶ୍ୱଦୀପ ଜେନାଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରାଣୀ ଚିକିତ୍ସକଙ୍କ ଟିମ୍ ଦୀର୍ଘ ଦେଢ଼ ଘଣ୍ଟା କାଳ ଅପରେସନ କରି ତମ୍ପ ସାପ ବେକରୁ କଣ୍ଟାକୁ ବାହାର କରିଛନ୍ତି। ସାପକୁ ଆଣ୍ଟିବାୟୋଟିକ ଏବଂ ପେନ୍ କିଲର ଇଞ୍ଜେକସନ ଦିଆଯାଇଛି ବୋଲି କହିଛନ୍ତି ଡାକ୍ତର ବିଶ୍ୱଦୀପ ଜେନା। ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ସାପଟି ଯେଉଁ ଭଳି ଅବସ୍ଥାରେ କଣ୍ଟା ଟିକୁ ଗିଳିଥିଲା, ଅନ୍ୟ ସ୍ଥାନରେ ତାହାର ଅପରେସନ୍ କରିବା ବିପଦଜନକ ଥିଲା।



● ହିଟ୍ ଆଣ୍ଡ ରନ୍ ମାମଲା

## ପୁରୀରୁ ଧରାପଡ଼ିଲା କିଲର୍ ଥାର୍ ଚାଳକ

ଭୁବନେଶ୍ୱର, ୨୪।୯ (ସମିସ): ପାତ୍ରପଡ଼ା ଭିଠ ଦୁର୍ଘଟଣାରେ ମାଆ ଓ ଝିଅଙ୍କ ମୃତ୍ୟୁ ଘଟଣାରେ କିଲର୍ ଥାର୍ ଚାଳକ ଓ ସହଯୋଗୀକୁ ପୁରୀରୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଜଟଣୀ ଥାନା ଛଣଘରର ସୋମନାଥ ବେହେରା ଓ ସହଯୋଗୀ ତଥା ଖୁଣ୍ଟୁଣୀ ଥାନା ରାଧାକିଶୋରପୁରର ସନ୍ଦୀପ କୁମାର ନସ୍କର। ସନ୍ଦୀପର ପୁରୀସ୍ଥିତ ଘରୁ ଉଭୟଙ୍କୁ ଗିରଫ କରାଯାଇଛି।



ପୁଲିସ ସୂଚନା ଅନୁସାରେ, ରାକ୍ଷୀ ପୂର୍ଣ୍ଣିମା ଦିନ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗୃହରକ୍ଷୀ (ଚାଳକ) ମାନସ ରାଉଳଙ୍କ ପତ୍ନୀ ରେବତୀ ରାଉଳ, ଝିଅ ଜାଗୃତି ରାଉଳ ଓ ପୁଅ ମାହିଙ୍କୁ ଧରି ପାତ୍ରପଡ଼ା ଭି-୨ ନିକଟରେ ରାସ୍ତା ପାରି ହେଉଥିଲେ। ସେହି ସମୟରେ ସ୍କୋର୍ପିଓ ଓ ଥାର୍ ଗାଡ଼ି ରେସିଂ କରି ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଥାର୍ ଗାଡ଼ିଟି ମାଆ, ଝିଅ ଓ ପୁଅଙ୍କୁ ଧକ୍କା ଦେଇଥିଲା। ୮ ବର୍ଷୀୟା ଜାଗୃତି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପରଦିନ ମାଆ ରେବତୀ ମଧ୍ୟ ପ୍ରାଣ ହରାଇଥିଲେ। ମାନସଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ଥାର୍ ଓ ସ୍କୋର୍ପିଓ ଗାଡ଼ିରେ ସୋମନାଥ, ଲିପୁନ, ସାନୁ, ଅଙ୍କିତ ସମେତ ୫ ଜଣ ବନ୍ଧୁ ପଟିଆରୁ ଖୋର୍ଦ୍ଧା ଆଡ଼କୁ ଯାଉଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା।

ପୂର୍ବରୁ ସାନୁ ଓ ଲିପୁନକୁ ଦିଲ୍ଲୀରୁ ଗିରଫ କରିଥିଲା। ଏଥିସହିତ ଅଙ୍କିତ ଓ ତାକୁ ଆଶ୍ରୟ ଦେଇଥିବା କୃଷ୍ଣକୁ ମଧ୍ୟ ଗିରଫ କରିଥିଲା। ସ୍କ?ର୍ପିଓ ଓ ଥାର୍ ଗାଡ଼ି ଜବତ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ସୋମନାଥର ପତ୍ତା ପାଉନଥିଲା। ଗତକାଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୀରେ ଚଢ଼ଉ କରିଥିଲା। ସୋମନାଥ ଫେରାର ଥିବା ଜାଣି ଆଶ୍ରୟ ଦେଇଥିବାରୁ ସନ୍ଦୀପକୁ ମଧ୍ୟ ଗିରଫ କରିଥିଲା। ସୂଚନାଯୋଗ୍ୟଯେ, ଗାଡ଼ି ଚାଳକଙ୍କୁ ଗିରଫ କରିବା ପାଇଁ ଫୁଲେଶ୍ୱରୀ ବସ୍ତିର ଲୋକମାନେ ଦୁଇ ଥର ଜାତୀୟ ରାଜପଥ ଅବରୋଧ କରିଥିଲେ।

# ବେନାମୀ ପିଟିସନ୍ ପାଇଁ ଘାଣ୍ଟି ହେଉଛି ପୁଲିସ

**ମାସକୁ ଆସୁଛି ୫୦୦ ରୁ ଅଧିକ**

**ଚିନ୍ତା ବଢ଼ାଉଛି ଭୁଲ୍ ନାମ ଓ ଠିକଣା**

**ବେଫିକର ବୁଲୁଛନ୍ତି ବେନାମୀ ପିଟିସନର୍**

ଭୁବନେଶ୍ୱର, ୨୪।୯ (ସମିସ): ଆଇନଶୃଙ୍ଖଳା ଓ ତଦନ୍ତକୁ ଅଲଗା କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା କମିସନରେଟ ପୁଲିସ ଏପର୍ଯ୍ୟନ୍ତ ତାହା କରିପାରିନାହିଁ। ଥାନାରେ ଡିସିଓ, ପାଟ୍ରୋଲିଂ ଠାରୁ ଆରମ୍ଭ କରି ତଦନ୍ତ ଓ କେସ୍ କ୍ଲୋଜ୍ ବୋଝ ବୋହୁଥିବା ପୁଲିସ ପାଇଁ ବେନାମୀ ପିଟିସନ୍ ଏବେ ଚିନ୍ତା ବଢ଼ାଇଛି। କେତେବେଳେ ପରିବା ବେପାର କରୁଥିବା ଲୋକଟି ନାଁରେ ଗଞ୍ଜେଇ ବେପାର କରୁଥିବାର ଅଭିଯୋଗ ଆସୁଛି ତ କେତେବେଳେ ଥାନାର କୌଣସି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ କଳା କାରନାମା ବିଷୟରେ ପିଟିସନରେ ଲେଖା ଯାଉଛି। ନିକଟରେ ରାଜଧାନୀର ଜଣେ ମହିଳା ଇନ୍ସପେକ୍ଟରଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆସିଥିଲା। ସେ ଦୁର୍ନୀତି ଓ ଅନୈତିକ କାର୍ଯ୍ୟରେ ଲିପ୍ତଥିବାରୁ ଥାନା ଭିତରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି ବୋଲି ଉଲ୍ଲେଖ ରହିଥିଲା। ଜଣେ ସବ୍ ପୁରୁଷ ଇନ୍ସପେକ୍ଟରଙ୍କ ସହ ତାଙ୍କର ଅଧିକ ମିଳାମିଶାକୁ ନେଇ ପିଟିସନରେ ଅଭିଯୋଗ ହୋଇଥିଲା। ଏମିତିକି ବେଆଇନ ମୋରମ୍, ପଥର ଓ ବାଲି ଚୋରା ଚାଲାଣକାରୀଙ୍କ ଠାରୁ ମାସିକିଆ ଟଙ୍କା ନେଉଥିବା ଭଳି ସାଙ୍ଘାତିକ କଥା ସେଥିରେ ଲେଖା ଯାଇଥିଲା। ଘଟଣାର ତଦନ୍ତ ପାଇଁ ନିର୍ଦ୍ଦିଷ୍ଟ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ତଦନ୍ତ ପରେ ଏହି ବେନାମୀ ଚିଠିରେ ଲେଖାଥିବା ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ।

ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବେନାମୀ ଚିଠି ବା ପିଟିସନର ଧାରା କ୍ରମାନ୍ୱୟ ଭାବେ ବଢ଼ିବାରେ ଲାଗିଛି। ପୁଲିସକୁ ବିଭ୍ରାନ୍ତ କରିବା ସହିତ ତଦନ୍ତକୁ ଗୁରୁତ୍ୱପୂର୍ଣ୍ଣ ଘଟଣାର ତଦନ୍ତକୁ ବାଟ ବଣା କରିବା ଲାଗି କିଛି ବ୍ୟକ୍ତି ଏଭଳି ନୂଆ ତରିକା ଆପଣାଇଛନ୍ତି। ବ୍ୟକ୍ତିଗତ ଆକ୍ରୋଶ ନଚେତ୍ ପୁଲିସ ଅସାମାଜିକ ତତ୍ତ୍ୱଙ୍କ କୌଣସି ଅନୈତିକ କାର୍ଯ୍ୟକୁ ସମର୍ଥନ କରୁନଥିବାରୁ ଏଭଳି ଚିଠି ପଠାଯାଉଥିବା ପୁଲିସର ତଦନ୍ତରୁ ଜଣାପଡ଼ିଛି। ଏମିତିକି ଅନେକ କ୍ଷେତ୍ରରେ ନିଜ ଉଚ୍ଚ ଅଧିକାରୀଙ୍କ ବେଆଇନ କାର୍ଯ୍ୟକଳାପ ଓ ଭୁଲ୍ ନିଷ୍ପତ୍ତି ପାଇଁ କର୍ମଚାରୀମାନେ ସିଧାସଳଖ କହି ନ ପାରି ଏଭଳି ପନ୍ଥା ଆପଣାଉଛନ୍ତି। ଯାହା ପୁଲିସର କାର୍ଯ୍ୟରେ ଏକ ବଡ଼ ଅନ୍ତରାୟ ସୃଷ୍ଟି କରୁଛି। ତମାଣ୍ଡୋ, ଧଉଳି, ଚନ୍ଦକା, ଇନଫୋଭ୍ୟାଲି, ବାଲିଅନ୍ତା, ବାଲିପାଟଣା ଇନଫୋସିଟି ଭଳି ଥାନାକୁ ପ୍ରତି ମାସରେ ୫ରୁ ଅଧିକ ବେନାମୀ ପିଟିସନ ଆସୁଛି। ସେହିପରି ସହିଦନଗର, ମଞ୍ଚେଶ୍ୱର, ନୂଆପଲ୍ଲୀ, ଖଣ୍ଡଗିରି, କ୍ୟାପିଟାଲ, ଲକ୍ଷ୍ମୀସାଗର, ବଡ଼ଗଡ଼, ଚନ୍ଦ୍ରଶେଖରପୁର ଆଦି ଥାନାକୁ ମାସିକ ପ୍ରାୟ ୨୦ରୁ ଅଧିକ ପିଟିସନ ଆସୁଛି। ପୂର୍ବରୁ ଭୁବନେଶ୍ୱରରେ ଥିବା ଥାନାଗୁଡ଼ିକୁ ସର୍ବମୋଟ ୨୦୦ରୁ ୩୦୦ ବେନାମୀ ପିଟିସନ ଆସୁଥିଲା ମାତ୍ର ଏବେ ତା ୨ଗୁଣାରୁ ଅଧିକ ବଢ଼ି ୫୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଲାଣି। ଅଭିଯୋଗ ହେଉଥିବାରୁ ପୁଲିସ କାଳ ବିଳମ୍ବ ନ କରି ଘଟଣାର ତଦନ୍ତ କରୁଛି। ହେଲେ ପ୍ରତି ଆକ୍ରୋଶ ମନୋବୃତ୍ତି ପାଇଁ ପୁଲିସ ଏବେ ହରଡ଼ଘଣାରେ ପଡୁଛି। ଅପରପକ୍ଷରେ ଏଭଳି ବେନାମୀ ପିଟିସନ ଦେଉଥିବା ବ୍ୟକ୍ତି ପାଖରେ ପୁଲିସ ପହଞ୍ଚି ପାରୁନାହିଁ। ଅଧିକାଂଶ ପିଟିସନରେ ଭୁଲ୍ ନାମ ଓ ଠିକଣା ଦିଆଯାଉଛି। ଆଉ କେତେକ ପିଟିସନରେ ପୁଲିସ ପିଟିସନର ପାଖରେ ପୁଲିସ ପହଞ୍ଚୁଛି। ହେଲେ ସେମାନେ ପୁଲିସକୁ ସହଯୋଗ କରୁ ନ ଥିବାରୁ ସଠିକ ଅନୁସନ୍ଧାନ ହୋଇ ପାରୁନାହିଁ। ସମୟ ଅଭାବ ସାଙ୍ଗକୁ ମିଛ ଠିକଣା ଯୋଗୁଁ ପୁଲିସ ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯେଉଁଥି ପାଇଁ ଏଭଳି ବେନାମୀ ପିଟିସନର ମାତ୍ର କ୍ରମାଗତ ବଢ଼ିଚାଲିଛି।

ସକାଳ THE SAKALA



# ଲଗାଣ ବର୍ଷାରେ ସମ୍ବଲପୁର ବେହାଲ



ସମ୍ବଲପୁର, ୨୪।୯ (ସମିସ)

ଲଘୁଚାପ ଜନିତ ବର୍ଷାରେ ସମ୍ବଲପୁର ସହର ଜଳାର୍ଣ୍ଣବ ହୋଇପଡ଼ିଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ପ୍ରାୟ ୧୮୦ ମିମି ବର୍ଷା ହୋଇଛି । ସମ୍ବଲପୁର ସହରର ରାସ୍ତାଘାଟରେ ପାଣି ଚାଲୁଥିବାବେଳେ ସହରର ତଳି ଅଞ୍ଚଳ ସମ୍ପୂର୍ଣ୍ଣ ରୂପେ ବୁଡ଼ି ଯାଇଥିଲା । ଘରେ ଘରେ ପାଣି ପଶିଯିବା ଫଳରେ ଲୋକେ ରାତିତମାମ ହଇରାଣ ହରକତ ହୋଇଛନ୍ତି । କେତେକ ସ୍ଥାନରେ ଲୋକେ ଦୀର୍ଘ ସମୟ ଧରି ପାଣି ଘେରରେ ଫଶି ଯାଇଥିଲେ । ଅନ୍ୟପକ୍ଷରେ ଉପରମୁଣ୍ଡ ଏବଂ ହୀରାକୁଦ କେଚ୍‌ମେଣ୍ଟ ଏରିଆରେ ବର୍ଷା ହେବା ଫଳରେ ହୀରାକୁଦ ଜଳସ୍ତର ବୃଦ୍ଧି ପାଇଛି ।ହୀରାକୁଦ ଜଳଭଣ୍ଡାରର ଅଧିକ ସଂଖ୍ୟାରେ ସ୍ଲୁଇସ୍ ଗେଟ୍ ଖୋଲାଯାଏ ତେବେ ପଛୁଆପାଣି ଦ୍ୱାରା ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ।

## ୬ ଘଣ୍ଟାରେ ୧୮୦ ମିମି ବର୍ଷା

ସମ୍ବଲପୁର ସହରରେ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୧୮୦ ମିମି ବର୍ଷା ହୋଇଛି । ମୁଖ୍ୟତଃ ମଙ୍ଗଳବାର ସନ୍ଧ୍ୟାଠାରୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ୬ରୁ ୭ ଘଣ୍ଟା ଲଗାଣ ବର୍ଷା ହୋଇଥିଲା । ଏହି ବର୍ଷା ଫଳରେ ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହେବାସହ ବିଭିନ୍ନ ସ୍ଥାନରେ ନାଳମାନଙ୍କରେ ପାଣି ଯାଇନପାରି ଘର ମାନଙ୍କରେ ପଶିଥିଲା । ଗତ ୨୪ ଘଣ୍ଟାରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲିରେ ସର୍ବାଧିକ ୨୫୦.୬ ମିମି ବର୍ଷା ହୋଇଥିବାବେଳେ ଯୁଯୋମୁରାରେ ୭୬.୮ ମିମି, ଧନକଉଡ଼ାରେ ୧୭୮.୨ ମିମି, ମାନେଶ୍ୱରରେ ୧୫୫.୬ ମିମି, କୁଚିଣ୍ଡାରେ ୬୦.୨ ମିମି, ଜମନକିରାରେ ୬୬.୬ ମିମି, ବାମରାରେ ୫୦.୪ ମିମି, ରେଢ଼ାଖୋଲରେ ୭୨.୦ ମିମି ଏବଂ ନାକଟିଦେଉଳରେ ୧୭.୦ ମିମି ବର୍ଷା ହୋଇଥିବା ସୂଚନା ମିଳିଛି ।



ମାଳତୀ ଗୁଣ୍ଡେରପୁର ରାସ୍ତା ଉପରେ ପାଣି



ହରଡ଼ ଯୋର ଓ ପୁଟିବନ୍ଧ ଅଞ୍ଚଳ ଏକାକାର



ଚାରଭାଟି ଅଞ୍ଚଳ ଜଳାର୍ଣ୍ଣବ



## ପଦାରେ ପଡ଼ିଲା ମହାନଗର ନିଗମର ପ୍ରସ୍ତୁତି

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବର୍ଷା ପୂର୍ବରୁ ନାଳରୁ ମାଟି କାଢ଼ିବା ସହ ଜଳସ୍ରୋତ ଅବରୋଧ ହେଉଥିବା ସ୍ଥାନଗୁଡ଼ିକ ଅବରୋଧମୁକ୍ତ କରାଯାଇଥାଏ । ଉପରୋକ୍ତ କାର୍ଯ୍ୟ ବର୍ଷା ଋତୁ ଆସିବା ପୂର୍ବରୁ କରାଯାଏ । ତେବେ, ଗତକାଲି କେଇଘଣ୍ଟାର ବର୍ଷାରେ ସମ୍ବଲପୁର ସହରର ସଂଖ୍ୟାଧିକ ସ୍ଥାନରେ ଜଳସ୍ରୋତ ଅବରୋଧ ହୋଇ ପାଣି ଜମି ରହିବା ଏବଂ ଘରେ ଘରେ ପାଣିପଶିବା ମହାନଗର ନିଗମର ବିଫଳତାକୁ ଦର୍ଶାଉଛି । କେତେକ ସ୍ଥାନରେ ନାଳ ଗୁଡ଼ିକର ମାଟି କଢ଼ା ଯାଇନଥିବାବେଳେ ଆବର୍ଜନା ଜମା ହୋଇ ବର୍ଷାଜଳ ନିଷ୍କାସିତ ହୋଇପାରିନଥିଲା । ପ୍ରତି ମାସରେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ସମ୍ବଲପୁରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ।

## ନାଳ ଓ ଜଳସ୍ରୋତ ଜବରଦଖଲ ହଟାଉନି ପ୍ରଶାସନ

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ନାଳ ଉପରେ ଘର ଓ ଦୋକାନ ତିଆରି କରାଯାଇଛି । ଏହାସହ ବୁଢ଼ାରଜା, ଚାରବାଟି, କ୍ଷେତରାଜପୁର ଭଳି କେତେକ ସ୍ଥାନରେ ପ୍ରାକୃତିକ ଜଳସ୍ରୋତ ରହିଥିବା ସ୍ଥାନ ମାନଙ୍କରେ ଜବରଦଖଲ କରି ବଡ଼ ବଡ଼ କୋଠା ନିର୍ମାଣ କରାଯାଇଛି । ମହାନଗର ନିଗମ ପ୍ରଶାସନ ପକ୍ଷରୁ ପ୍ରାକୃତିକ ଜଳସ୍ରୋତ ଗୁଡ଼ିକୁ ପୁଣିଥରେ ଅବରୋଧ ମୁକ୍ତ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି ।



## ଜାତୀୟ ରାଜପଥରେ ବୁଡ଼ିଲା କାର୍

ସମ୍ବଲପୁର ସହର ଉପକଣ୍ଠସ୍ଥ ଅଇଁଠାପାଲି ଅନୁଗୁଳିଆପଡ଼ା ଓ ଟାଙ୍ଗରପାଲି ପୋଲ ମଝିରେ ନିର୍ମାଣାଧୀନ ଜାତୀୟ ରାଜପଥ ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ହୋଇଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୩ଟାରେ ଛତିଶଗଡ଼ରୁ ଆସୁଥିବା ଏକ ଟ୍ରାଭେରା ଗାଡ଼ି ନିର୍ମାଣାଧୀନ ଏନ୍‌ଏଚ୍ ଭିତରକୁ ପଶିଯିବାରୁ ପାଣିରେ ଫସି ଯାଇଥିଲା । ଗାଡ଼ିରେ ଦୁଇଜଣ ବ୍ୟକ୍ତି ଥିବାବେଳେ କାର୍ ଭିତରେ ସିଟ୍‌ପର୍ଯ୍ୟନ୍ତ ବୁଡ଼ି ଯାଇଥିଲା । ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରିବାସହ ଘଟଣାସ୍ଥଳକୁ ଅଗ୍ନିଶମ ବାହିନୀ ପହଞ୍ଚି କାରଟିକୁ ବାହାର କରିଛି । ସମ୍ବଲପୁରରେ ଲଗାଣ ବର୍ଷା ଯୋଗୁଁ ନିର୍ମାଣାଧୀନ ଜାତୀୟ ରାଜପଥ ଅଞ୍ଚଳରେ ଜଳ ନିଷ୍କାସନ ହୋଇପାରିନାହିଁ ।



ଡୁମେରସିଂହାରେ ଘରେ ପଶିଲା ପାଣି



ଜାତୀୟ ରାଜପଥ-୫୩

# ପ୍ରଶାସନିକ ଅବହେଳାରୁ କୃତ୍ରିମ ବନ୍ୟା

**ସମ୍ବଲପୁର, ୨୪।୯ (ସମିସ):** ମଙ୍ଗଳବାର ସନ୍ଧ୍ୟା ଓ ରାତ୍ରିରେ କ୍ରମାଗତ ଭାବରେ ସମ୍ବଲପୁରରେ ପ୍ରାୟତଃ ୧୮୦ ମିମି ପ୍ରବଳ ବର୍ଷା ବିପ୍ଳାତ ଫଳରେ ସହରରୁ ବିଭିନ୍ନ ପଡ଼ା, ସାହି ଓ ବସ୍ତି ମାନଙ୍କରେ ଶହ ଶହ ପରିବାର ଦୁର୍ଦ୍ଦଶାଗ୍ରସ୍ତ ହୋଇଥିବା ଓ ବିଭିନ୍ନ ସ୍ଥାନରେ ରାସ୍ତାଘାଟ ବିଚ୍ଛିନ୍ନ ହୋଇଥିବା ସମସ୍ୟା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କହିଛନ୍ତି । ଆଜି ଓ କାଲି ମଧ୍ୟରେ ଆହୁରି ବର୍ଷାର ପରିମାଣ ବୃଦ୍ଧି ଓ ମହାନଦୀରେ ଆହୁରି ଅଧିକ ଜଳ ପ୍ରବାହିତ ହେବା ଫଳରେ ଦୁର୍ଦ୍ଦଶା ତଥା ସମସ୍ୟା ବୃଦ୍ଧି ହେବା ସମ୍ଭାବନା ଥିବା ଦୃଷ୍ଟିକୋଣରୁ ଜିଲ୍ଲା ପ୍ରଶାସନ ତଥା ମହାନଗର ନିଗମ ସତର୍କ ରହି ପ୍ରତିକାର ମୂଳକ ପଦକ୍ଷେପ ନେବା ଆବଶ୍ୟକ ରହିଛି । ଗୋଟିଏ ଦିନର ବର୍ଷା ବିପ୍ଳାତରେ ଏପରି ଦୁର୍ଦ୍ଦଶା ହୋଇଥିବା ବେଳେ ଆହୁରି ଦୁଇଦିନ ବର୍ଷା ବୃଦ୍ଧି ଓ ପୁନରାୟ ଆଜି ଅପରାହ୍ନରୁ ବର୍ଷା ଆରମ୍ଭ ହୋଇଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଗତକାଲି ବର୍ଷା ବିପ୍ଳାତରେ ଜଗନ୍ନାଥ କଲୋନୀ ଓ ସାକ୍ଷୀପଡ଼ା ମଧ୍ୟରେ ଜଳର ପରିମାଣ ବୃଦ୍ଧି ପାଇବା ଯୋଗୁଁ ରାସ୍ତାଟି ବିଚ୍ଛିନ୍ନ ହୋଇଯାଇଛି । ସେହିପରି ଜାତୀୟ ରାଜପଥର ସରଲାକାନିରୁ ଅଇଁଠାପାଲି ପର୍ଯ୍ୟନ୍ତ କୃତ୍ରିମ ବନ୍ୟାରେ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାତାୟାତ ମଧ୍ୟ ଠପ୍ ହୋଇ ସ୍କୁଲକଲେଜ ଛାତ୍ରୀମାନେ ସ୍କୁଲ ମାନଙ୍କୁ ଯାଇପାରିନାହାନ୍ତି । ଗତକାଲିର ଏତିକି ମାତ୍ର ବର୍ଷା ବିପ୍ଳାତରେ ଜଗନ୍ନାଥ କଲୋନୀ, ପ୍ରଧାନପଡ଼ା, ପୁଟିବନ୍ଧ, କୁଲୁଥକାନି, ଗୋପାଲମାଲ, ଠାକୁରପଡ଼ା, ଏସଆଇଆରଟି କଲୋନୀ, ହୀରାକୁଦ କଲୋନୀ ସହଯୋଗ ନଗର, ସାରସ୍ୱତ କଲୋନୀ ପ୍ରଭୃତି ଅନେକ ପଡ଼ା ଓ ନୂତନ ବସ୍ତି ମାନଙ୍କରେ ଜଳ ଜମିବା ଦ୍ୱାରା ସହରବାସୀ ପାନୀୟ ଜଳରେ ଦୁର୍ଦ୍ଦଶା ଭୋଗୁଛନ୍ତି । ସମ୍ବଲପୁରରେ ଆଜି ଓ କାଲି ପ୍ରବଳ ବର୍ଷା ହେବା ସମ୍ଭାବନା ଥିବା ପାଣିପାଗ ବିଭାଗ ସତର୍କବାଣୀ ଏବଂ ହୀରାକୁଦରେ ଜଳଧାରଣର ଶେଷସୀମା ୬୨୯ - ୩୦ ଫୁଟ ହୋଇସାରିଥିଲା । ବର୍ତ୍ତମାନ ୧୬ଟି ଗେଟ ଖୋଲିଥିବା ଏବଂ ଆହୁରି ଅଧିକ ଗେଟ ଖୋଲିବା ସମ୍ଭାବନା ରହିଥିବା ବେଳେ ମହାନଦୀର ଠେଲାପାଣି ମଧ୍ୟ ବିଭିନ୍ନ ନାଳ ଓ ଜୋର ଦେଇ ସହରର ବସ୍ତି ମାନଙ୍କରେ ପଶିବ । ପୁନରାୟ ମହାନଗର ନିଗମ ନାଳ ନର୍ଦ୍ଦମାକୁ ବର୍ଷା ଋତୁ ପୂର୍ବରୁ ପରିଷ୍କାର କରିନଥିବାରୁ ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି । ଡ୍ରେନେଜ୍ ସିଷ୍ଟମ ମଧ୍ୟ ଅବ୍ୟବସ୍ଥା ମଧ୍ୟରେ ରହିଛି । ଏହି କାରଣରୁ ଜଳ ନିଷ୍କାସନ ନହୋଇ ଆହୁରି କ୍ଷତି ଓ ଦୁର୍ଦ୍ଦଶା ବୃଦ୍ଧି ପାଇବା ସମ୍ଭାବନା ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ହେବା ଜରୁରୀ ବୋଲି ବିଜେଡି ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରେସବାର୍ତ୍ତାରେ ମତବ୍ୟକ୍ତ କରିଛନ୍ତି ।

# ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଖାରଜ ଦାବି

**ସମ୍ବଲପୁର, ୨୪।୯ (ସମିସ) :** ମାନେଶ୍ୱର ବ୍ଲକ ଅନ୍ତର୍ଗତ ରାସନପୁର ମାର୍କେଟୟାର୍ଡ଼ଠାରେ ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ୬୯ତମ ବାର୍ଷିକ ସାଧାରଣ ବୈଠକ ଗତ ୨୨ ତାରିଖ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିବି)କୁ ଖାରଜ କରାଯିବାକୁ ସମିତି ସଭ୍ୟ ସଞ୍ଜୟ କୁମାର ଛୁରିଆ, ସୁଦର୍ଶନ ମହାପାତ୍ର, ଜଗନ୍ନାଥ ରାଉତ ପ୍ରମୁଖ ଏଆର୍‌ସିଏସ୍‌ଙ୍କଠାରେ ଦାବି ଜଣାଇଛନ୍ତି । ଦାବିପତ୍ର ଅନୁଯାୟୀ ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଓଡ଼ିଶା ସମବାୟ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରିଛନ୍ତି । କ୍ରମାଗତ ଭାବେ ୩ଟି ବୋର୍ଡ ବୈଠକ ହୋଇନାହିଁ । ୨୦୨୪ ମସିହାରେ ଏଜିବି ହୋଇନାହିଁ । ଏଆରସିଏସ୍ ପତ୍ରସଂଖ୍ୟା ୧୭୯୮ ତା ୧୫.୯.୨୦୨୫ ଓସିଏସ୍ ଆକ୍ଟ ଅନୁସାରେ ଏଜିବି କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଉଚ୍ଚ ପଦାଧିକାରୀ ଏଆରସିଏସ୍‌ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଓସିଏସ୍ ଆକ୍ଟ ଅନୁଯାୟୀ ଏଜିବି ହେଲାନାହିଁ । ବାଏ-ଲ ଅନୁସାରେ ୬ଜଣ ସଭ୍ୟଙ୍କ ଉପସ୍ଥିତ ବିନା ସମିତି ବୈଠକର କୋରମ୍ ହେବନାହିଁ । ସମିତି ବୈଠକ ବିନା କୋରମ୍‌ରେ କରାଯାଉଥିବା ଓ ୨୦୨୪ ଏଜିବି ନକରିବା ଯୋଗୁଁ ଡିଆରସିଏସ୍ ସମ୍ବଲପୁର ପତ୍ରସଂଖ୍ୟା ୧୨୭୬ ତା ୨୧.୭.୨୦୨୫ରେ ସଭାପତିଙ୍କୁ କାରଣ ଦର୍ଶାଅ ନୋଟିସ ବି କରିଛନ୍ତି । ବିନା ସମ୍ପାଦକରେ ଜଣେ କର୍ମଚାରୀଙ୍କୁ ସମ୍ପାଦକ ଦାୟିତ୍ୱ ନେଇ ଏଜିବି କରିବା ଓଏସିଏସ୍ ଆକ୍ଟର ଉଲ୍ଲଂଘନ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ମୋଟ ଚାଷୀ ସଭ୍ୟ ସଂଖ୍ୟାର ୧୦% ଭାଗ ନହେଲେ ଏଜିବି ବୈଠକ କୋରମ୍ ବୋଲି ଗ୍ରହଣ କରାଯିବ ନାହିଁ, ବାଏ ଲ ଅନୁସାରେ ଆବଶ୍ୟକ ଚାଷୀ ସଭ୍ୟ ଉପସ୍ଥିତ ନଥିଲେ ବୋଲି ସ୍ମାରକପତ୍ରରେ ଅଭିଯୋଗ କରାଯାଇଛି ।

# ଏମ୍‌ସିଏଲ୍‌ର ଜମି ଅଧିଗ୍ରହଣ ସମସ୍ୟା ସମାଧାନ

**ସମ୍ବଲପୁର, ୨୪।୯ (ସମିସ):** ଦୀର୍ଘଦୀନରୁ ପଡ଼ିରହିଥିବା ଜମି ଅଧିଗ୍ରହଣ ସମସ୍ୟା ଏମସିଏଲ ଦ୍ୱାରା ସଫଳ ହୋଇଛି । ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ରିଟ୍ ଅପିଲ ନଂ୩୪. ୨୦୧୫ର (ଗଦାଧର ବିଶ୍ୱାଳ ଓ ଅନ୍ୟ ବନାମ ଏମ୍‌ସିଏଲ୍) ଏମ୍‌ସିଏଲ୍. ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମିକୁ ଅଧିକାର କରିବା ପାଇଁ ଏକ ଆଦେଶ ପାରିତ କରିଛନ୍ତି । ଏମ୍‌ସିଏଲକୁ ଏକ ମାସ ମଧ୍ୟରେ ୨୫ ଜଣ ବ୍ୟକ୍ତିଙ୍କୁ ସାମୂହିକ ଆବାସ ପ୍ରଦାନ କରିବା ଏବଂ ପୁନର୍ବାସ ସ୍ଥଳର ବଳକା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଯାଇଛି । ସେହିପରି ଗ୍ରାମବାସୀଙ୍କୁ ଏକମାସ ମଧ୍ୟରେ ଅଧିଗ୍ରହଣ କରାଯାଇଥିବା ଜମିକୁ ଏମସିଏଲ୍‌କୁ ହସ୍ତାନ୍ତର କରିବାକୁ କୋର୍ଟ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହେନ୍ସମୂଳ ଗ୍ରାମ ଅଧୀନରେ ଥିବା ତଳସାହିର ଦୀର୍ଘ ଦିନ ଧରି ବିଚାରାଧୀନ ପ୍ରସଙ୍ଗ ହେତୁ ୨୦୧୫ ମସିହାରୁ ଭୁବନେଶ୍ୱରୀ ଓପନକାଷ୍ଟ ପ୍ରକଳ୍ପର ସମ୍ପ୍ରସାରଣ ପ୍ରଭାବିତ ହୋଇଥିଲା । ୨୦୧୪ରେ ହେନ୍ସମୂଳ, ତଳସାହିର ୧୦୨ ଜଣ ଗ୍ରାମବାସୀ ଅତିରିକ୍ତ ସୁବିଧା ଦାବି କରି ଆଇନର ଆଶ୍ରୟ ନେଇଥିଲେ । ଏମ୍.ସି.ଏଲ୍. ଦ୍ୱାରା ଓଡ଼ିଶା ସରକାରଙ୍କ 'ଆର୍ ଆଣ୍ଡ ଆର୍' ବ୍ୟବସ୍ଥା ଅନୁଯାୟୀ ସମସ୍ତ ଯୋଗ୍ୟ ଜମି ହରାଇଥିବା ଲୋକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ, ନିଯୁକ୍ତି ଏବଂ ପୁନର୍ବାସ ପ୍ଲଟ୍ ପ୍ରଦାନ କରାଯାଇଥିଲା । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଖଣି ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହାର କୋଇଲା ଉତ୍ପାଦନ ବୃଦ୍ଧି କରିପାରିବ ।

# ବେଦାନ୍ତ ଆଲୁମିନିୟମ୍ ମହିଳାଙ୍କୁ ସଶକ୍ତ କରିବାରେ ସକ୍ଷମ

ସମ୍ବଲପୁର, ୨୪।୯ (ସମିସ)

ଭାରତରେ ଦୁର୍ଗାପୂଜା ଏବଂ ନବରାତ୍ରି ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଉତ୍ସବ । ଦେଶ ଦେବୀ ଦୁର୍ଗାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ, ବେଦାନ୍ତ ଆଲୁମିନିୟମ୍ ମଧ୍ୟ ଉତ୍ପାଦନ କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତିକରଣ କରିଛି । କମ୍ପାନୀ ନାରୀ ଶକ୍ତିକୁ ଏକ ମୁଖ୍ୟନୀତି ଭାବରେ ଗ୍ରହଣ କରି କାର୍ଯ୍ୟ ଏବଂ ସମ୍ପ୍ରଦାୟରେ ମହିଳାମାନଙ୍କୁ ସଶକ୍ତ କରିଛି । ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମ୍‌ର ମେଗା ଆଲୁମିନିୟମ୍ ପ୍ଲାଂଟରେ ପ୍ରକଳ୍ପ ଶ୍ରୀ ଶକ୍ତି ସମାନ ବିପ୍ଳବକୁ ପ୍ରତିନିଧିତ୍ୱ କରେ । ବର୍ଷ ବର୍ଷ ଧରି, ଧାତୁ ଏବଂ ଆଧୁନିକ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ କାର୍ଯ୍ୟକ୍ଷମ ଭୂମିକା ମହିଳା ବୃତ୍ତିଗତମାନଙ୍କ ପାଇଁ ଅତ୍ୟଧିକ ଶାରୀରିକ ରୁପରେ ଚ୍ୟାଲେଞ୍ଜିଂ ଭାବରେ ବିବେଚିତ ହେଉଥିଲା । ଶ୍ରୀ ଶକ୍ତି ପଦକ୍ଷେପ ଏହି ଭୁଲ ଧାରଣାଗୁଡ଼ିକୁ ସାହସିକ ଭାବରେ ମୁକାବିଲା କରିବା ଲକ୍ଷ୍ୟ ରଖିଛି । ୨୦୨୩ ମସିହାରୁ, ଅନେକ ମହିଳା ପଟ୍ ଟେଣ୍ଡିଂ ମେସିନ୍ (ପିଟିଏମ) ଅପରେଟର, ପ୍ରକ୍ରିୟା ପର୍ଯ୍ୟବେକ୍ଷକ ଏବଂ ଲ୍ୟାବ ବିଶେଷଜ୍ଞ ଭାବରେ ଏହାର ରାତ୍ରି ସିଫ୍ଟ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରଥମ ଥର ପାଇଁ, ମହିଳାମାନଙ୍କ ପାଖରେ ରାତ୍ରି ସିଫ୍ଟରେ କାମ କରିବାର ବିକଳ୍ପ ରହିଛି ।ପ୍ରତି ସନ୍ଧ୍ୟାରେ ମହିଳାମାନେ ପ୍ଲାଣ୍ଟକୁ ଯାଆନ୍ତି । ସେମାନଙ୍କର ସୁରକ୍ଷା ଏବଂ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ପ୍ଲାଂଟ ଭିତିଭୂମି ଏବଂ ପ୍ରକ୍ରିୟାଗୁଡ଼ିକୁ ବୃଦ୍ଧି କରାଯାଇଛି ।



ସାମ୍ପ୍ରଦାୟ କ୍ଷେତ୍ରରେ, ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ଶୁଭଲକ୍ଷ୍ମୀ ଉଦ୍ୟୋଗୀ ଝାରସୁଗୁଡାର ହଜାର ହଜାର ମହିଳାଙ୍କ ପାଇଁ ସମାନ ଦୃଷ୍ଟିକୋଣକୁ ମୂର୍ତିମନ୍ତ କରେ । ୨୦୦୮ ମସିହାରୁ, ଏହି ପଦକ୍ଷେପ ଅକ୍ଲାନ୍ତ ଭାବରେ ସୁଭଲକ୍ଷ୍ମୀ ସମବାୟ ଗଠନ କରିଛି, ଯାହା ଆଜି ୫୦୦୦ରୁ ଅଧିକ ମହିଳାଙ୍କୁ ଉଦ୍ୟୋଗୀତା ଏବଂ ଆତ୍ମନିର୍ଭରଶୀଳତା ଭଳି ପୂର୍ବରୁ ଅପହଞ୍ଚ କ୍ଷେତ୍ରରେ ପାଦ ଦେବାରେ ସାହାଯ୍ୟ କରୁଛି । ଯାହା ବେଦାନ୍ତ ଦ୍ୱାରା ଏକ ଟେରାକୋଟା କାରିଗରଙ୍କ ସମଷ୍ଟି, ଯାହା ସଂରଚିତ ତାଲିମ ଏବଂ ସ୍ଥାୟୀ ବଜାର ପ୍ରବେଶ ପ୍ରଦାନ କରେ । ଝାରସୁଗୁଡାର ନକ୍ସାପାଲି ଗ୍ରାମର ଅନେକ ମହିଳା କାରିଗର ଏବେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବାରେ ସାହାଯ୍ୟ କରୁଛନ୍ତି । ସେହିପରି, ସମ୍ବଲପୁରୀ ବସ୍ତ୍ର ଉତ୍ପାଦନ ଏବଂ ପ୍ରୋତ୍ସାହନକୁ ଉତ୍ସାହିତ କରିବା ପାଇଁ ଏକ ପଦକ୍ଷେପ, ବେଦସୁତା, ରାଗୁନାଥପାଲି ଗାଁର ମହିଳାମାନଙ୍କୁ ଯୋଗାଇଦିଆଯାଇଛି । କମ୍ପାନୀ ଆଲୁମିନିୟମ ତରଳାଇବା, ଖଣି, ଲଜିଷ୍ଟିକ୍ସ, ବିଦ୍ୟୁତ୍ ଉତ୍ପାଦନ ଏବଂ କ୍ରୟରେ ମୁଖ୍ୟ ବୈଷୟିକ, କାର୍ଯ୍ୟକ୍ଷମ ଏବଂ ରଣନୈତିକ ଭୂମିକାରେ ଶହ ଶହ ମହିଳାଙ୍କୁ ନିଯୁକ୍ତି ଦିଏ ।







# ସାହସପୁରରେ ଅଜଗର ଉଦ୍ଧାର

**ସମ୍ବଲପୁର, ୨୪।୯ (ସମିସ):** ମାନେଶ୍ୱର ବ୍ଲକ ଧମାରେଞ୍ଜି ଅନ୍ତର୍ଗତ ସାହାସପୁର ବଡଯୋର ଆମ୍ବ ବୁରେଇ ନିକଟ ରାସ୍ତାକଡ଼ରୁ ସାତ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି । ସାପଟି ସାମାନ୍ୟ ଆଘାତ ହୋଇଥିବା ଦେଖିବାକୁ ମିଳିଥିଲା । ରାସ୍ତା ପାରି ହେଉଥିବା ବେଳେ କୌଣସି ଗାଡି ଚକରେ ଆହତ ହୋଇଥିବା ଅନୁମାନ କରାଯାଉଛି ।ଗ୍ରାମବାସୀଙ୍କ ଠାରୁ ଖବର ପାଇ ଜଙ୍ଗଲ ବିଭାଗର ଉଦ୍ଧାରକାରୀ ଦଳ ଆସି ସାପକୁ ଉଦ୍ଧାର କରିଛନ୍ତି ।








# ଭାଲୁପାଲିବାସୀଙ୍କ ରାସ୍ତାରୋକ

**ସମ୍ବଲପୁର, ୨୪।୯ (ସମିସ):** ଜଣେ ବ୍ୟବସାୟୀଙ୍କୁ ରାସ୍ତା ଯୋଗାଇବାକୁ ଯାଇ ହରଡ଼ଘଣାରେ ପଡ଼ିଛି ସମ୍ବଲପୁର ମହାନଗର ନିଗମ। ସ୍କୁଲର ପାଚେରୀକୁ ଭାଙ୍ଗି ଦେଇ ରାସ୍ତା ଯୋଗାଇ ଦେଇଥିଲେ। ହେଲେ ଲୋକେ ଏହା ଜାଣିବା ପରେ ରାସ୍ତାରୋକ କରିଥିଲେ। ଭାଲୁପାଲି ପଡ଼ାବାସୀ ବିଦ୍ୟାଳୟ ଜମି ଦେଉଥିବା ଅଭିଯୋଗରେ ବିଜୁ ଏକ୍ସପ୍ରେସ୍ ୱେକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ପ୍ରାୟ ଦିନ ୧୨ଟାରୁ ସାଢେ ୩ଟା ଯାଏଁ ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାର ଭାଲୁପାଲି ଠାରେ ରାସ୍ତା ଅବରୋଧ କରିଥିଲେ। ଶହ ଶହ ଲୋକ ରାସ୍ତା ଉପରେ ବସିରହିଥିଲେ। ଟାୟାର ଜାଳି ପ୍ରତିବାଦ କରିଥିଲେ। ଦିନ ପ୍ରାୟ ୧୨ଟାବେଳେ ସମ୍ବଲପୁର ମହାନଗର ନିଗମର ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଗୋଟିଏ ଦଳ ଜବରଦଖଲ ହଟାଇବାକୁ ପହଞ୍ଚିଥିଲେ। ରାସ୍ତା କଡ଼ରେ ଲାଗିଥିବା ଭାଲୁପାଲି ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ପାଚେରିକୁ ଭାଙ୍ଗିଦେଇଥିଲେ। ଯାହାକୁ ସ୍ଥାନୀୟ ଲୋକ ଜୋରଦାର ବିରୋଧ କରିଥିଲେ। ଲୋକଙ୍କ ବିରୋଧକୁ ଦେଖି ସେଠାରୁ ସୁଶାନ୍ତ ସାହୁଙ୍କ ସହ ତାଙ୍କ ଦଳ ଫେରାର ମାରିଥିଲେ। ଫଳରେ ସ୍ଥାନୀୟ ଲୋକ ସମ୍ବଲପୁର-ଝାରସୁଗୁଡ଼ାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ୍ ୱେକୁ ବନ୍ଦ କରିଦେଇଥିଲେ। ଅଳ୍ପ ସମୟ ମଧ୍ୟରେ ଶହ ଶହ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିଲା। ରାସ୍ତା ସମ୍ପୂର୍ଣ୍ଣ ଅଚଳ ହୋଇପିଥିଲା। ବ୍ୟବସାୟ କରିଡରର ମୁଖ୍ୟ ରାସ୍ତା ବନ୍ଦ ହେବା ଫଳରେ ହଜାର ହଜାର ଲୋକ ପ୍ରଭାବିତ ହୋଇଥିଲେ। ସମ୍ବଲପୁରରେ ଝାରସୁଗୁଡ଼ାକୁ ଯାଉଥିବା ଗାଡ଼ି ଭାଲୁପାଲିରେ ଅଟକିଥିଲା। ତେଣୁ ଅଇଁଠାପାଲି ତଳି ଛକରେ ପ୍ରବଳ ଭିଡ଼ ହୋଇଥିଲା। ଏପଟେ, ଲଗାଣ ବର୍ଷା ପାଇଁ ରାଜରାସ୍ତା ମଧ୍ୟ ବେହାଲ ହୋଇଯାଇଥିଲା। ତେଣୁ ଛକରେ ୩ ଘଣ୍ଟା ଧରି ଅଚଳାବସ୍ଥା ଲାଗିରହିଥିଲା। ଅନେକ ସ୍କୁଲ ବସ୍ ମଧ୍ୟ ଅଟକି ରହିଥିଲା। କିନ୍ତୁ ପ୍ରାୟ ଦେଢ ଘଣ୍ଟା ପରେ ସ୍କୁଲ ବସକୁ ଛାଡ଼ିଦିଆଗଲା। ଦୀର୍ଘ ସମୟ ଧରି ରାସ୍ତା ଜାମ ରହିବାରୁ ପୁଲିସ୍ ବାଧ ହୋଇ ପଧାନପାଲି ଟୋଲ୍ ଗେଟ୍ ପୂର୍ବରୁ କାଇଁସିର ରାସ୍ତା ଦେଇ ଅନ୍ୟ ଗାଡିକୁ ଛାଡିଥିଲା। ଏପଟେ, ପୁଲିସ୍ ଓ ଏସ୍‌ଏମ୍‌ସି ଅଧିକାରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଥିଲେ। ଏସଏମ୍‌ସିର ୨ ଜଣ ଡେପୁଟି କମିଶନର ଉପସ୍ଥିତ ରହି ଭଙ୍ଗା ଯାଇଥିବା ପାଚେରିକୁ ପୁନଃ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ଓ ଡେପୁଟି କମିଶନର ବୁଝାସୁଝା ପରେ ଭାଲୁପାଲୀବାସୀ ଆନ୍ଦୋଳନରୁ ଓହରିଥିଲେ।




# ରାସ୍ତାଖାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

**ଭେଡେନ, ୨୪।୯ (ସମିସ):** ଭେଡେନ ବ୍ଲକ ଚିଚିଣ୍ଡା ଚାଲଟିକିରା ରାସ୍ତାରେ ଥିବା ପାଣି ଭର୍ତ୍ତି ହୋଇଥିବା ଖାଲରେ ପଡ଼ି ଜଣେ ଯୁବକର ମୃତ୍ୟୁ ହୋଇଥବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଯୁବକ ଚାଲଟିକିରାର ପିଣ୍ଟୁ ରାଉତିଆ ବୋଲି ଜଣାପଡ଼ିଛି। ପିଣ୍ଟୁ ମଙ୍ଗଳବାର ରାତିରେ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ଗ୍ରାମବାସୀ ଅନେକ ଖୋଜାଖୋଜି କଲାପରେ ରାତି ୩ଟାରେ ରାସ୍ତା ଉପର ପାଣି ଭର୍ତ୍ତି ଖାଲରୁ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ପାଣିରେ ପଡ଼ିବା ପରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପିଣ୍ଟୁଙ୍କୁ ବଞ୍ଚାଇବାକୁ ଆଶାରେ ଗ୍ରାମବାସୀ ଅନେକ ଗାଡିକୁ ଫୋନ କରିଥିଲେ ହେଲେ ସେହି ରାସ୍ତାରେ ଗାଡି ଯିବା ସମ୍ଭବ ନଥିବାରୁ କେହି ମଧ୍ୟ ଆସି ନଥିଲେ। ରାସ୍ତାର ଖରାପ ଅବସ୍ଥା ଯୋଗୁଁ ପିଣ୍ଟୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଚିଚିଣ୍ଡା ସରପଞ୍ଚଙ୍କ ସ୍ୱାମୀ ମକରଧ୍ୱଜ ମେହେର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ସେନ ଖବର ପାଇଲା ପରେ ଗାଁକୁ ଯାଇ ଘଟଣା ବିଷୟରେ ଆଲୋଚନା କରିଥିଲେ। ଆସନ୍ତା କାଲି ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏହିରାସ୍ତାଟି ଚିଚିଣ୍ଡା ପଞ୍ଚାୟତ ଚାଲଟିକିରାରୁ ବାହାରି ବକଟି ପଞ୍ଚାୟତ ଧୂବା ଟିକିରା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ରାସ୍ତାର ଓସାର କମ ଥିବା ବେଳେ ଉଭୟ ପାର୍ଶ୍ୱରେ ଧାନକ୍ଷେତ ରହିଛି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ଥିବା ବେଳେ ସେଥିରେ ପାଣି ଭର୍ତ୍ତି ହୋଇ ରହିଛି। ରାସ୍ତାରେ ଯିବା ଆସିବା କରିବା ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ରାସ୍ତାର ମରାମତି କରିବାକୁ ଦାବି ହେଉଛି। ନଚେତ ଆଗାମୀ ଦିନରେ ପୁଣି କାହାର ଜୀବନ ଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।



# ‘ଜନଗଣନାବେଳେ ଲେଖିବା ମାତୃଭାଷାର ନାଁ ସମ୍ବଲପୁରୀ’

**ସମ୍ବଲପୁର, ୨୪।୯ (ସମିସ)**

ସମ୍ବଲପୁରୀ ଏକ ସ୍ୱତନ୍ତ୍ର ଭାଷା ଅଟେ। ସମ୍ବଲପୁରୀ ଭାଷାର ଗୀତ ଓ ଲେଖାକୁ ମିଳିଛି ସମ୍ମାନଜନକ ପଦ୍ମ ପୁରସ୍କାର। ଆକାଶବାଣୀ ଓ ଦୂରଦର୍ଶନରୁ ପ୍ରସାରିତ ହେଉଛି ସମ୍ବଲପୁରୀ ଖବର। ରାଜ୍ୟରେ ଓଡ଼ିଆକୁ ଛାଡ଼ିଦେଲେ ସମ୍ବଲପୁରୀ ସବୁଠୁ ବେଶୀ କଥିତ ଭାଷା ଏବଂ ଏହି ଭାଷାରେ ଦ୍ୱିତୀୟ ସର୍ବାଧିକ ପୁସ୍ତକ ପ୍ରକାଶିତ ହୋଇଛି। ଏପରିସ୍ଥଳେ ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ସମସ୍ୟା ରହିବା କଥା ନୁହେଁ। ଏହି ଦାବିକୁ ଉପସ୍ଥାପନ ପାଇଁ ଆଗାମୀ ଜନଗଣନା ସମୟରେ ନିଜର ମାତୃଭାଷାକୁ ସମ୍ବଲପୁରୀ ଭାବେ ଉଲ୍ଲେଖ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଉ। ପୂର୍ବରୁ ସମ୍ବଲପୁରୀ ଭାଷା ସକାଶେ ଦେଶର ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ହୋଇସାରିଛି। ବର୍ତ୍ତମାନ ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ସେହିଭଳି ଏକ ଉଲଗୁଲାନ୍ (ଆନ୍ଦୋଳନ)ର ଆବଶ୍ୟକତା ରହିଛି ବୋଲି ଓଡ଼ିଶା ସାଂସ୍କୃତିକ ସମାଜରେ ବିଭିନ୍ନ ଅନୁଷ୍ଠାନକୁ ନେଇ ବୁଧବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ମତପ୍ରକାଶ ପାଇଥିଲା। ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଖୁବ ଶୀଘ୍ର ସମସ୍ତ ଅନୁଷ୍ଠାନକୁ ନେଇ ଏକ ମିଳିତ ମଞ୍ଚ ଗଠନ କରାଯିବ ଏବଂ ଏଥିସକାଶେ ରାଜନୈତିକ ସହଯୋଗ ମଧ୍ୟ ନିଆଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା।

ବରିଷ୍ଠ ନାଗରିକ ପ୍ରଫୁଲ୍ଲ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ଡଃ ଦ୍ୱାରିକା ନାଥ ନାୟକ ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ସମ୍ବଲପୁରୀ କଳା, ସଂସ୍କୃତି, ସାହିତ୍ୟ ଓ ତାହାର ଇତିହାସକୁ ନେଇ ସମ୍ପୂର୍ଣ୍ଣ ଦଲିଲ୍ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ବୈଠକରେ ବକ୍ତାମାନଙ୍କ ମତ ଅନୁଯାୟୀ, ସମ୍ବଲପୁରୀ ଏକ ବହୁ ପୁରୁଣା ଭାଷା ଓ ଏହାର ଇତିହାସ ରହିଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଯୋଜନା ପ୍ରସ୍ତୁତି ସହ ବ୍ୟାପକ ଭାବେ ସମ୍ବଲପୁରୀ କାର୍ଯ୍ୟକ୍ରମ କରାଯାଉ। ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ଧାରଣା ସହ ଦାବି ଉପସ୍ଥାପନ କରାଯାଉ। ସାହିତ୍ୟିକମାନେ ଅଧିକ ସକ୍ରିୟ ହୁଅନ୍ତୁ। ଗବେଷଣା ପାଇଁ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତିଷ୍ଠାନ କାର୍ଯ୍ୟକାରୀ ହେଉ। ପ୍ରତି ଗାଁରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ କରାଯାଉ। ଏହି ପ୍ରସଙ୍ଗରେ ସ୍ଥାନୀୟ ଜନପ୍ରତିନିଧିମାନେ ମଧ୍ୟ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ମତପ୍ରକାଶ ପାଇଥିଲା। ଶେଷରେ କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜୁହାର୍ ପରିବାରର ସତ୍ୟନାରାୟଣ ଠାକୁର, ଓଡ଼ିଶା ସାଂସ୍କୃତିକ ସମାଜର ପ୍ରଶାନ୍ତ ପାଟଯୋଶୀ, ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦର ଆଭାସ ପଣ୍ଡା ଓ ପ୍ରଭଞ୍ଜନ ପୁରୋହିତ, ସମ୍ବଲପୁରୀ ସାହିତ୍ୟ ଏକାଡେମୀର ହେମକାନ୍ତ ସାହୁ, ପ୍ରଦୀପ କୁମାର ପଣ୍ଡା, ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଅମୀର ଖୁସ୍ରୋ ଫାଉଣ୍ଡେସନର ନାସିର ଫରାଜ, ସମ୍ବଲପୁରୀ ଲେଖକ ସଂଘର ବିଭୁତି ଭୂଷଣ ମିଶ୍ର, କଲମ ପରିବାର ଟ୍ରଷ୍ଟର କ୍ଷେତ୍ରମଣି ବିଭାର ଓ ଜୟକୃଷ୍ଣ ବେହେରା, ଭାଷା ସଙ୍ଗମର ତ୍ରିଲୋଚନ ତ୍ରିପାଠୀ, ନାଟ୍ୟକଳା ପରିଷଦର ଡଃ ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ବହୁ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।



ସମସ୍ତଙ୍କୁ ନେଇ ମିଳିତ ମଞ୍ଚ ଗଠନ

ଆନ୍ଦୋଳନାତ୍ମକ ପଦକ୍ଷେପ ଜରୁରୀ

ରାଜନୈତିକ ସହଯୋଗ ନିଆଯିବ

# ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨୪।୯ (ସମିସ):** କୁଚିଣ୍ଡା ଥାନା ଅନ୍ତର୍ଗତ ମହଦା ପଞ୍ଚାୟତ ବିଞ୍ଜିପାଲି ଗ୍ରାମର ସ୍ୱର୍ଗତ ଗଣ୍ଡା ମାଝୀଙ୍କର ପତ୍ନୀ ସୁମିତ୍ରା ମାଝୀ ବୁଧବାର ସକାଳୁ ପୋଖରୀ ପାଣିରେ ଭାସୁଥିବା ଦେଖି ଗ୍ରାମରଲୋକେ ଜମନକିରା ଦମକଳ ବାହିନୀକୁ ଖବର ଦେଇଥିଲେ ଖବର ପାଇ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲେ। କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। କୁଚିଣ୍ଡା ପୁଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରି କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲେ। କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ଘଟଣା ଅନୁସନ୍ଧାନ ଚଳାଇଥିବା ପୁଲିସ ପକ୍ଷରୁ ପ୍ରକାଶ।

# ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ମା’

**ସମ୍ବଲପୁର, ୨୪।୯ (ସମିସ):**ମହାଳୟା ପରେ ଗତ ୨୨ ତାରିଖ ନବରାତ୍ର ଆରମ୍ଭ ହୋଇଥିବା ବେଳେ ପ୍ରତିଦିନ ଦେବୀପୀଠ ଗୁଡ଼ିକରେ ମା’ ନବଦୁର୍ଗା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ସୋମବାର ପ୍ରଥମ ଦିନ ଶୈଳପୁତ୍ରୀ ଏବଂ ମଙ୍ଗଳବାର ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଥିଲେ। ଆଜି ନବରାତ୍ରର ତୃତୀୟ ଦିବସରେ ମା’ ପାଟଣେଶ୍ୱରୀ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ଭକ୍ତମାନେ ବିଭିନ୍ନ ଦେବୀ ପୀଠ ବୁଲି ମା’ଙ୍କୁ ଏହି ଭବ୍ୟ ରୂପରେ ଦର୍ଶନ କରୁଛନ୍ତି।

ଅଇଁଠାପାଲିସ୍ଥିତ କାମାକ୍ଷା ପୀଠରେ ଶାରଦୀୟ ନବରାତ୍ର ପୂଜାର ତୃତୀୟା ତିଥିରେ ମା’ କାମାକ୍ଷା ଦେବୀ ଚନ୍ଦ୍ରଘଣ୍ଟା ବେଶରେ ପୂଜା ପାଉଛନ୍ତି। ସୁଜିତ ବେହେରା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଓ ସାଥୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଛନ୍ତି। ନବରାତ୍ର ପୂଜା କମିଟିର ସଭାପତି ଚିତ୍ତରଞ୍ଜନ ଭୋଇ ସମ୍ପାଦକ ବିନାୟକ ରାମ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ରାମଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଘନଶ୍ୟାମ ସାହୁ, ଡିଲେଶ୍ୱର ରଣା, ନରେନ୍ଦ୍ର ବେହେରା, ଚିତ୍ତରଞ୍ଜନ ଦାସ, ଭୀମ ରାଉଳ, ସୁବ୍ରତ ସାହୁ, ରାଜେଶ, ସୁବ୍ରତ ଦାସ, ପୁରୁଷୋତ୍ତମ, ଶିଶିର ବିନ୍ଦୁ ଦାସ, ଶାନ୍ତନୁ କୁମାର ପଣ୍ଡା ସହଯୋଗ କରିଥିଲେ।





# ପୋଲ ତଳକୁ ଖସିଲା ସେଓ ବୋଝେଇ ଟ୍ରକ୍

**ରେଢ଼ାଖୋଲ, ୨୪।୯ (ସମିସ):** ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତ ନିକଟ ଥିବା ବ୍ରିଜରେ ସେଓ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସି ପଡ଼ିଥିଲା। ସୂଚନା ଯୋଗ୍ୟ ଯେ ସେଓ ବୋଝେଇ ଟ୍ରକ୍ ଡ୍ରାଇଭର ଗାଡ଼ି ଚଳାଉଥିବା ସମୟରେ ଶୋଇ ପଡ଼ିବାରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଯାଇଥିଲା। ଟ୍ରକ୍ ହିମାଚଳ ପ୍ରଦେଶ ରାଜ୍ୟରୁ ସେଓ ବୋଝେଇ ହୋଇ ଯାଜପୁର ଜିଲ୍ଲାକୁ ଯାଉଥିଲା। ଚାରମାଳ ଥାନା ପାଖରୁ ମାତ୍ର ୩ କିମି ଦୂରରେ ଥିବା ସୁଖନାଳ ବ୍ରିଜ ତଳକୁ ଭାରସାମ୍ୟ ହରାଇ ଖସି ପଡ଼ିଥିଲା ବେଳେ ଡ୍ରାଇଭର ଗାଡ଼ିରୁ ଡେଇଁ ଦେଇଥିଲେ। ଡ୍ରାଇଭରସୁସ୍ଥ ଥିବା ବେଳେ ଗାଡ଼ିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଘଟଣାସ୍ଥଳରେ ଚାରମାଲ ପୁଲିସ ପହଞ୍ଚିବା ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଲାଗିଥିବା ଗାଡ଼ିକୁ ନିଆଁ କବଳରୁ ମୁକ୍ତ କରିଥିଲେ।

## ରାସ୍ତା ନିର୍ମାଣରେ ଦୁର୍ନୀତି

# ନୂଆଁ କୁରୁମକେଲରେ ବିସ୍ଥାପିତଙ୍କ ଦୁଃଖ ଶୁଣିବ କିଏ

**ଅମ୍ବାଭୋନା, ୨୪।୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ନୂଆ କୁରୁମକେଲରେ ବିସ୍ଥାପିତ ଅଞ୍ଚଳବାସୀଙ୍କ ଦୁଃଖ ସରୁ ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ ନୂତନ କରି ଗଢ଼ି ଉଠିଥିବା ବିସ୍ଥାପିତଙ୍କ ଏହି ଗ୍ରାମର କଂକ୍ରିଟରାସ୍ତା ପାଇଁ ବିଗତ ସରକାର ୨.୫ କୋଟି ଟଙ୍କାର ଅଟକଳ ପରିମାଣରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ଦୁର୍ଭାଗ୍ୟ ଜନକ କଥା ଯେ, ଜେଇ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ରାସ୍ତା ଅତି ନିମ୍ନମାନର ହୋଇଛି। ଅପହଞ୍ଚ ଇଲାକାରେ ନୂତନ କରି ଗଢ଼ି ଉଠିଥିବା ଏହି କୁରୁମକେଲ ଗାଁରେ ବସବାସ କରୁଥିବା ଲୋକଙ୍କ ନିରୀହ ପଣିଆର ସୁଯୋଗ ନେଇ ବାଲି, ମେଟାଲ, ଚିପ୍ସ ଓ ସିମେଣ୍ଟ ନର୍ଦ୍ଧାରିତ ପରିମାଣରେ ନ ଦେଇ ଅତ୍ୟନ୍ତ ତରବରିଆ ଭାବେ ରାସ୍ତା ନିର୍ମାଣ ଓ ଡ୍ରେନ ତିଆରି ହୋଇଥିବା ଗ୍ରାମବାସୀ ପ୍ରତିକ୍ରିୟା ରଖିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ ଜେଇଙ୍କ ଉପସ୍ଥିତିରେ କିପରି ଏଭଳି ଦୁର୍ନୀତି ହୋଇପାରୁଛି ଏବଂ କାହା ଛତ୍ରଛାୟାରେ ଏଭଳି ନିମ୍ନମାନର କାମ କରିବା ପାଇଁ ପ୍ରଶ୍ରୟ ଦିଆଯାଉଛି। ରାସ୍ତା ଓ ଡ୍ରେନ ନିର୍ମାଣର ଦୁଇ ମାସ ପରେ ରାସ୍ତା ଦବି ଫାଟ ସୃଷ୍ଟି ହେଲାଣି। ଗ୍ରାମବାସୀ ଯିବା ଆସିବା ପାଇଁ ଏବେ ଠାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ନିମ୍ନମାନର କାମ ପାଇଁ କିପରି ଠିକାଦାର ମାନଙ୍କ ବିଲ୍ ହୋଇପାରୁଛି। ଏଥିପ୍ରତି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଦୃଷ୍ଟି ଦେଇ ଦୋଷୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟା ବିକାଶରେ ଜାତୀୟ ସେବା ଯୋଜନା ଦିବସ

**ସମ୍ବଲପୁର, ୨୪।୯ (ସମିସ) :** ସମ୍ବଲପୁର ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ଯୁଗ୍ମ ବିଭାଗ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟା ବିକାଶ ଅନୁଷ୍ଠାନ ସମ୍ବଲପୁରର ମୁଖ୍ୟ ପ୍ରାଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ତଥା ସେମାନଙ୍କ ନୈତିକ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ସ୍ୱରଚିତ କବିତା ଆବୃତ୍ତି ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶର ଏନଏସ୍‌ଏସ୍ ସଂଯୋଜକ ମନୋରଞ୍ଜନ ମିଶ୍ର ବିଗତ ବର୍ଷରେ ବିକାଶ ଏନଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଜି ଭାସ୍କର ରାଓ, ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ନର୍ସିଙ୍ଗ କଲେଜ ଅଧ୍ୟକ୍ଷ ପ୍ରଫେସର ଇଶ୍ୱର ନାଗ ପ୍ରମୁଖ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପିକା ନନ୍ଦିନୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।




# ଭୀମଭୋଇ କଲେଜରେ ଜାତୀୟ ସେବା ଯୋଜନା ଦିବସ

**ରେଢାଖୋଲ, ୨୪।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ଭୀମଭୋଇ ମହାବିଦ୍ୟାଳୟରେ ବୁଧବାର ଦିନ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ଜାତୀୟ ସେବା ଯୋଜନାରେ ଯୋଗଦାନ ପୂର୍ବକ ସମାଜ ସେବାରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ଯୁବ ରେଡ୍‌କ୍ରସର ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର ଓ ଏନ୍‌ଏସ୍‌ଏସ ଅଧିକାରୀ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏନଏସ୍‌ଏସର ମହିଳା ଶାଖାର ଅଧିକାରୀ ସନ୍ଧ୍ୟାରାଣୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ଡ. ବିରଞ୍ଚି ଖଡିଆ, ଏନ୍‌ସିସି ଅଧିକାରୀ ସୁଶାନ୍ତ କେରକେଟ୍ଟା, ଏନଏସ୍‌ଏସ ସ୍ୱେଚ୍ଛାସେବୀ, ଏନସିସି କ୍ୟାଡେଟ ଏବଂ ଅନ୍ୟ ଛାତ୍ରଛାତ୍ରୀଙ୍କ ସମେତ ଅନେକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦାନ କରିଥିଲେ।




# ମାଓବାଦୀଙ୍କ ଦ୍ୱାରା ନିହତ ଗୃହରକ୍ଷୀଙ୍କ ପୁଅକୁ ନିଯୁକ୍ତି ପାଇଁ ଗୁହାରି

**ପାଇକମାଲ, ୨୪।୯ (ସମିସ):** ୨୦୧୨ ମସିହାରେ ମାଓବାଦୀଙ୍କ ଦ୍ୱାରା ନିହତ ବରଗଡ଼ ଜିଲ୍ଲା ପାଇକମାଲ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ନାରାୟଣ ସୁନାଙ୍କ ପୁଅ ଲମ୍ବୋଦର ସୁନାଙ୍କୁ ତାଙ୍କ ବାପାଙ୍କ ସ୍ଥାନରେ ନିଯୁକ୍ତି ଦେବାକୁ ମୃତ ନାରାୟଣଙ୍କ ପତ୍ନୀ ଲକ୍ଷ୍ମୀ ସୁନା ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଗୁହାରି କରିଛନ୍ତି। ୨୦୧୨ ମସିହା ଅଗଷ୍ଟ ୧୩ ତାରିଖ ଥାନାରୁ ଡ୍ୟୁଟି ସାରି ସ୍ୱର୍ଗତ ସୁନା ତାଙ୍କ ମାଝୀପାଲି ସ୍ଥିତ ଘରେ ଥିବା ବେଳେ ରାତି ପ୍ରାୟ ୧୦ଟାରେ ୫୦ରୁ ୬୦ ଜଣ ମାଓବାଦୀ ତାଙ୍କ ଗାଁକୁ ଆସି ତାଙ୍କୁ ହତ୍ୟା କରିଥିଲେ। ଗାର୍ଡ ଅଫ୍ ଅନର୍ ପ୍ରଦାନ ସହ ସ୍ୱର୍ଗତ ସୁନାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେହି ସମୟରେ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବା ନେଇ ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଅନୁପ କୃଷ୍ଣା ଓ ଏସଡିପିଓ ନୃପ ଚରଣ ଦଣ୍ଡସେନା ପ୍ରତିଶ୍ରୁତି ଦେଇଥିଲେ। ତେବେ ପୁଅ, ଝିଅ ଛୋଟ ଛୋଟ ଥିବାରୁ ତାହା ହୋଇପାରି ନଥିଲା। ବର୍ତ୍ତମାନ ପ୍ରତିଶ୍ରୁତି ମୁତାବକ ପାଇକମାଳ ଥାନାରେ ଗୃହରକ୍ଷୀ ପଦରେ ପୁଅ ଲମ୍ବୋଦରଙ୍କୁ ଅବସ୍ଥାପିତ କରିବାକୁ ସ୍ୱର୍ଗତ ନାରାୟଣଙ୍କ ବିଧବା ପତ୍ନୀ ଲକ୍ଷ୍ମୀ ବରଗଡ଼ ଏସପିଙ୍କୁ ନିବେଦନ କରିଛନ୍ତି। ତାଙ୍କ ସ୍ୱାମୀ ଦେଶପାଇଁ ଜୀବନ ଦେଇଥିଲେ ଓ ପରିବାରର ଜଣଙ୍କୁ ନିଯୁକ୍ତି ପାଇଁ କୁହାଯାଇଥିଲା। ଏଥିପ୍ରତି ସହୃଦୟତାର ସହ ବିଚାର କରିବାକୁ ଲକ୍ଷ୍ମୀ ଲିଖିତ ଭାବେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ମୀନାଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



# ହାତୀ ଆକ୍ରମଣରେ ୱାଚରଙ୍କ ମୃତ୍ୟୁ; ୧୪ଘଣ୍ଟା ଶବ ପଡ଼ି ରହିଲା

**ନାକଟିଦେଉଳ, ୨୪।୯ (ସମିସ)**

୧୪ ଘଣ୍ଟା ହେଲା ଅସ୍ଥାୟୀ ବନ ବିଭାଗ ନର୍ସରୀ ୱାଚର ଦିବାକର ପ୍ରଧାନଙ୍କ ମୃତଦେହ ନାକଟିଦେଉଳ ରେଞ୍ଜ ସରାପାଲି ବିଟ ଟିକିଲିପଡ଼ା ଗାଁ ଘରେ ପଡ଼ି ରହିଥିଲା। ସୂଚନା ଅନୁସାରେ ରେଢ଼ାଖୋଲ ବନଖଣ୍ଡ, ନାକଟିଦେଉଳ ରେଞ୍ଜ, ସରାପାଲି ବିଟ ଟିକିଲିପଡ଼ା ଗାଁର ୫୦ ବର୍ଷୀୟ ଦିବାକର ପ୍ରଧାନ ଯିଏକି ନର୍ସରୀ ୱାଚର ଭାବରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ହାତୀ ଗତିବିଧି ଲକ୍ଷ କରିବା ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣ କରିଥିଲା। ତାଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ଅଣା ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ଦିବାକରଙ୍କ ମୃତ୍ୟୁ ହୋଇଥିଲା।ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ପରେ ଶବ ବ୍ୟବଛେଦ କରି ମଙ୍ଗଳବାର ରାତି ୮ଟାରେ ବନବିଭାଗ ଘରେ ଆଣି ଶବକୁ ରଖି ଛାଡି ଯାଇଥିଲେ। ମୃତକଙ୍କ କ୍ଷତି ପୂରଣ ସହ ପରିବାର ଲୋକଙ୍କୁ ନିଯୁକ୍ତି, ଦାବୀ ପୂରଣ କରିବା ସହିତ ଦାୟିତ୍ୱହୀନତା ଉପରିସ୍ଥ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପରିବାର ଲୋକ ଏବଂ ଗ୍ରାମବାସୀ ଶବକୁ ନାକଟିଦେଉଳ ରେଞ୍ଜ ଅଫିସକୁ ନେଉଥିଲେ। ଏ ସମ୍ପର୍କରେ ଖବର ପାଇ ବନବିଭାଗ ଓ ପୁଲିସ ଅଧା ବାଟରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାପାଇଁ ପ୍ରତିଶ୍ରୁତି ଦେବା ପରେ ପରିବାର ତଥା ଗ୍ରାମବାସୀ ଶବ ସତ୍କାର ପାଇଁ ରାଜି ହୋଇଥିଲେ। ତେବେ ଜଣେ ଅଣ ତାଲିମପ୍ରାପ୍ତ ନର୍ସରୀ ୱାଚରଙ୍କୁ କିଭଳି ହାତୀ ଗତିବିଧି କାର୍ଯ୍ୟରେ ବିଭାଗ ନିୟୋଜିତ କରିଥିଲା ଏବଂ ଏଥିପାଇଁ ଆଦେଶ ଦେଇଥିବା ଫରେଷ୍ଟର କିମ୍ବା ରେଞ୍ଜର ଦାୟୀ ହେବେ ତାହା ସାଧାରଣରେ ଚର୍ଚ୍ଚା ଚାଲିଛି।








ଦୋବଲ ପଞ୍ଚାୟତ ସୋଧ ଗ୍ରାମର ମା' ସୁବର୍ଣ୍ଣମୁଖୀଙ୍କ ନବରାତ୍ରର ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା ବେଶ

# ଆବାସ ଖଣ୍ଡେ ଲାଗି ସଂଘର୍ଷ ଅବିରାମ

ଅସୁରାଳି,୨୪।୯(ସମିସ): ଧାମନଗର ବ୍ଲକ୍ ଗଡିଆଳୀ ପଞ୍ଚାୟତ ଉଛପଦା ଗାଁର ପ୍ରଶାନ୍ତ ସ (୪୮)ଙ୍କ ପରିବାର ଅତ୍ୟନ୍ତ ଦୁଃଖ ଓ ଦାରିଦ୍ର୍ୟତା ଭିତରେ ଦିନ ବିତାଉଛନ୍ତି। ତାଙ୍କ ପିତା ଭରତ ଚନ୍ଦ୍ର ସ(୬୬) ଜଣେ ଦିନ ମଜୁରିଆ। ପ୍ରଶାନ୍ତ ସ ପରଘରେ ବିଲବାଡିରେ ମଜୁରୀ ଖଟି ନିଜର ପରିବାର ଅଭାବ ଅନଟନ ଭିତରେ ପ୍ରତିପୋଷଣ କରୁଛନ୍ତି। ଆବାସ ଖଣ୍ଡିଏ ନଥିବାରୁ ଭଙ୍ଗା କୁଡିଆରେ ଜରି ପାଲ ଟାଣି ପରିବାର ରହୁଛନ୍ତି। ଝଡ଼ବାତ୍ୟା ସମୟରେ ଦୁଃଖ କହିଲେ ନସରେ। ବର୍ତ୍ତମାନ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ କାଦୁଅ ପାଣିରେ ସରସର ଅବସ୍ଥାରେ ରହିବାକୁ ପଡୁଚି ପରିବାର ସଦସ୍ୟଙ୍କୁ। ସ୍ଥାନୀୟ ନେତାଙ୍କଠୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କଠାରେ ଅନେକ ନେହୁରା ହୋଇଥିଲେ ବି କେହି ସେମାନଙ୍କ ନାହାନ୍ତି। ପ୍ରତିଶ୍ରୁତି ଆଉ ପ୍ରତାରଣା ଭିତରେ ତାଙ୍କ ଦୁଃଖ ଚାପି ହୋଇଯାଇଛି। ସରକାରଙ୍କ ମାଳ ମାଳ ଯୋଜନା



ଥିଲେ ବି ଏମାନଙ୍କ ଲାଗି ଏହା ସାତ ସପନ ପାଲଟିଛି। ସାଧାରଣ ଦିନ ମଜୁରିଆ ହେଇଥିବାରୁ ସେମାନଙ୍କର ସମ୍ବଳ କି ସାମର୍ଥ୍ୟ ନାହିଁ ନାହିଁ ପ୍ରଶାସନିକ ଅଧିକାରୀଙ୍କୁ ଖୁସି କରି କାର୍ଯ୍ୟ ହାସଲ କରିବାକୁ। ପ୍ରଶାନ୍ତଙ୍କ ଭଳି ପରିବାର ଅତି ଅସହାୟରେ ଏବେ ଦିନ କାଟୁଛନ୍ତି। ଆଜି ପର୍ଯ୍ୟନ୍ତ ବାସହରା ହେଲେ ମଧ୍ୟ ସରକାରଙ୍କ ଦୃଷ୍ଟି ପଡ଼ି ନାହିଁ। ସରକାରଙ୍କ ପାଖରେ ବାସଘର ପାଇଁ ଗୁହାରି କରୁଛନ୍ତି ପ୍ରଶାନ୍ତ। ଆବାସ ଖଣ୍ଡିଏ ଲାଗି ବହୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ ଏତେ ପର୍ଯ୍ୟନ୍ତ ନାମ ଅନ୍ତର୍ଭୁକ୍ତ ହୋଇ ପାରିଲାନି। ଯଦି ପ୍ରଶାସନ ତାଙ୍କ ଦୁଃଖ ନ ବୁଝେ ତେବେ ସେ ପରିବାର ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଡିଆଳି ପଞ୍ଚାୟତର ପିଇଓ ଚିତ୍ତରଞ୍ଜନ ନାୟକ କହିଲେ ଯେ ଅନଲାଇନ ହୋଇଯାଇଛି ଖୁବ୍ ଶୀଘ୍ର ଆବାସ ଯୋଗାଇ ଦିଆଯିବ।

## ଦାବି ପୂରଣ ଯାଏ ଜିପିଏଲ୍ଏଫ୍ ସଂଘର ଧାରଣା ଜାରି ରହିବ

ବାସୁଦେବପୁର, ୨୪।୯(ସମିସ): ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏମବିକେ, ସିଆରପି, ମିତ୍ର ଓ ପ୍ରାଣୀ ମିତ୍ରମାନେ ୬ ଦଫା ଦାବି ନେଇ ଦୁଇ ଦିନ ଧରି ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବାଯାଏଁ ହଟିବୁ ନାହିଁ ବୋଲି ବାସୁଦେବପୁର ବ୍ଲକ ଆଗରେ ଆନ୍ଦୋଳନକାରୀମାନେ କହିଛନ୍ତି। ପୁରୁଣା ସରକାର ଯୁଗାନ୍ତକାରୀ ପଦକ୍ଷେପ ଗାଁ ଗାଁର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କଲେ। ଦୀର୍ଘ ୨୪ ବର୍ଷ ଶାସନ କାଳରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଯାଇ ଏକ ଆନ୍ଦୋଳନରେ ପରିଣତ କରିଦେଇଥିଲେ। ହଜାର ହଜାର ମହିଳା ନିଯୁକ୍ତି ପାଇଲେ। ଗାଁର ମହାଜନ କବଳରୁ ମୁକ୍ତ ହେଲେ। ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ମହିଳାଙ୍କ ଦକ୍ଷତା ବୃଦ୍ଧିକରି ଭଳିକି ଭଳି ସାମଗ୍ରୀ ଉତ୍ପାଦନ କରି ଆର୍ଥିକ ସ୍ୱାବଲମ୍ବୀ ହେଲେ। ଘର କୋଣରୁ ବାହାରି ଉଡାଜାହାଜର ବସି ବିଦେଶ ବୁଲିଲେ। ସମସ୍ତଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଲା। ଏବେ ସମସ୍ତ ଭିତ୍ତିଭୂମିକୁ ଭାଙ୍ଗି ଦେଉଛନ୍ତି ନୂଆ ସରକାର। ବର୍ତ୍ତମାନ ବିଜେପି ସରକାର ମହିଳାମାନଙ୍କ ଦାବିକୁ ସହୃଦୟତାର ସହିତ ବିଚାର କରି ପୂରଣ କରନ୍ତୁ; ନଚେତ ସମସ୍ତ କାମ ବନ୍ଦ କରି ବ୍ଲକ ଆଗରେ ଧାରଣାରେ ବସି ରହିବୁ ବୋଲି ରୋକ୍ ଠୋକ୍ ଭାବେ କହିଛନ୍ତି ଆନ୍ଦୋଳନକାରୀ ମହିଳା। ଗତକାଲିଠାରୁ ଆଜି ଅଧିକ ସଂଖ୍ୟକ ଏମବିକେ, ସିଆରପି, କୃଷିମିତ୍ର, ପ୍ରାଣୀ ମିତ୍ର ଯୋଗଦେଇ ବିଭିନ୍ନ ଦାବିରେ ସ୍ଲୋଗାନ ଦେଇ ପରିବେଶକୁ ଗରମ କରି ଦେଇଥିଲେ। ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପୂର୍ବ ସରକାରଙ୍କ ପରି ନିୟମିତ ଦରମା, ଆକାଉଣ୍ଟ ପେ ଦରମା ପ୍ରଦାନ, ପ୍ରୋଫାର୍ମସ ବନୋସ ବନ୍ଦ କରିବା, ଛଅ ମାସର ବକେୟା ପ୍ରାପ୍ୟ ପ୍ରଦାନ କରିବା, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଧାରଣା ଜାରି ରଖିବା ସହିତ ଆନ୍ଦୋଳନକୁ ଦ୍ୱିଗୁଣିତ କରାଯିବ ବୋଲି ସଂଘର ସଭାପତି ରଶ୍ମିତା ପାଢୀ, ସମ୍ପାଦକ ଶାନ୍ତିଲତା ସାହୁ କହିଛନ୍ତି।




## ଶିଳ୍ପ ଘୋଷିତ ସ୍ଥାନରେ ଅଧିକାରୀଙ୍କ ଅନୁଧ୍ୟାନ

ବାରିକପୁର, ୨୪।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟସ୍ଥ ଇଡକୋ ଅଧିକୃତ ଜମିରେ ଶିଳ୍ପ ପ୍ରତିଷ୍ଠା ପାଇଁ ସମୟ ଘୁଞ୍ଚି ଘୁଞ୍ଚି ଯାଉଛି। ଜମି ଅଧିଗ୍ରହଣକୁ ୩୦ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏଯାଏଁ ଉକ୍ତ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ପାଇଁ ଇଟା ଖଣ୍ଡିଏ ଯୋଡ଼ା ଯାଇନାହିଁ। କେବଳ ପାଚେରି ଓ ୬୦୦ମିଟର ରାସ୍ତା ନିର୍ମାଣ ପରେ ଏକର ଏକର ଜମି ସେହିଭଳି ବର୍ଷ ବର୍ଷ ହେବ ପଡ଼ିଆ ପଡିଛି। କିଛି ବର୍ଷ ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ନେଇ ସବୁଜ ସଂକେତ ମିଳିବା ପରେ ସ୍ଥାନୀୟ ଲୋକଙ୍କ ଭିତରେ ଟିକିଏ ଆଶା ସଞ୍ଚାର ହୋଇଥିଲା। ଏହାରି ଭିତରେ ଅନେକ ଛୋଟ ବଡ଼ ଶିଳ୍ପପତି ଓ ସରକାରୀ ବାବୁ କ୍ଷେତ୍ରକୁ ବାରମ୍ବାର ଆସି ପରିଦର୍ଶନ କରିଥିଲେ ସୁଦ୍ଧା କେବେ ଶିଳ୍ପ ପ୍ରତିଷ୍ଠା ହେବ ତାହାର କୌଣସି ନିଷ୍ପତ୍ତି ଏଯାଏଁ ହୋଇ ପାରିନାହିଁ। ଅନୁରୂପ ଭାବେ ଆଜି ମଧ୍ୟ ଇଡ଼କୋ ଓ ଜିଲ୍ଲା ପ୍ରଶାସନର କିଛି ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର କେତେକ ପ୍ରତିନିଧି ଉକ୍ତ ଜମି ଉପରେ ଠିଆ ହୋଇ କିଛି ଅନୁଧ୍ୟାନ କରୁଥିବା ଦେଖାଯାଇଛି। କ୍ଷେତ୍ରରେ ବିଭିନ୍ନ ପ୍ରକାର ନକ୍ସା ଦେଖି କିଛି ଗୁପ୍ତ ମନ୍ତ୍ରଣା ମଧ୍ୟ କରିଛନ୍ତି। ପାଖାପାଖି ଘଣ୍ଟାଏ ସମୟ ଧରି ୨୦ରୁ ଅଧିକ ଅଧିକାରୀମାନେ ଇଡକୋ ଅଧିକୃତ ଜମିକୁ ପରିଦର୍ଶନ କରି କିଛି ଅନୁଧ୍ୟାନ କରିଥିଲେ। କେଉଁ କେଉଁ ବିଷୟରେ ଆଲୋଚନା ହୋଇଛି ତାହା ଜଣାପଡ଼ି ନଥିଲେ ସୁଦ୍ଧା ବିଦ୍ୟୁତ ସବଷ୍ଟେସନ ଓ ଅନ୍ୟାନ୍ୟ କିଛି ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତାବ ଆସିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।



ଜବରଦଖଲ ଉଚ୍ଛେଦ

## ମାଟି ତଳୁ ବାହାରିଲା ଟନ୍ ଟନ୍ ଲୁହା ଚେନ୍

ଭଦ୍ରକ, ୨୪।୯(ସମିସ): ଜବରଦଖଲ ଉଚ୍ଛେଦ ବେଳେ ମାଟିତଳୁ ବାହାରିଲା ଟନ ଟନ ଓଜନର ଲୁହା ଚେନ। ଏସବୁ ବ୍ରିଟିଶ ସମୟର ଜାହାଜର ଚେନ ବୋଲି କୁହାଯାଉଛି। ଏହା ଭଦ୍ରକ ଜିଲ୍ଲା ବନ୍ଦର ନଗରୀ ଚାନ୍ଦବାଲି ତହସିଲ ସମ୍ମୁଖର ଘଟଣା। ଜବରଦଖଲ ଉଛେଦ ବେଳେ ମାଟିତଳୁ ବାହାରିଛି ଏମିତି ଲୁହା ଚେନ ସାଙ୍ଗକୁ ଜାହାଜର ଅନେକ ଯନ୍ତ୍ରାଂଶ। ଜେସିବି ସାହାଯ୍ୟରେ ଏସବୁ ଖୋଳାଯାଇ ବାହାର କରାଯାଉଛି। ଏହା ଏତେ ଓଜନର ଯେ ଜେସିବି ଟାଣି ବାହାର କରିବା କଷ୍ଟକର ହୋଇ ପଡୁଛି। ଯାହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିଡ଼ ଲାଗିରହିଛି। ଇତିହାସ କହେ, ବ୍ରିଟିଶ ଅମଳର ଚାନ୍ଦବାଲିରେ ଲାଗୁଥିଲା ବଡ଼ ବଡ଼ ଜାହାଜ, ସେହି ଜାହାଜକୁ ଅଟକାଇବା ପାଇଁ ଏହି ଚେନଗୁଡ଼ିକୁ ବ୍ୟବହାର କରାଯାଉଥିଲା।




## ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର




ଭଦ୍ରକ, ୨୪।୯(ସମିସ): ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚବିଦ୍ୟାଳୟରେ ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରୁ ମନୋନୀତ ହୋଇଥିବା ୨୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମିନାରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋରୋଜ କୁମାର ଦତ। ସଭାପତିତ୍ୱ କରିଥିଲେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ। ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜକ ହିମାଦ୍ରି ନନ୍ଦିନୀ ବିଶ୍ୱାଳ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁ, ଅଧ୍ୟାପକ ଡ. ସନ୍ତୋଷ କୁମାର ନନ୍ଦ ଯୋଗ ଦେଇଥିଲା ବେଳେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେମିନାରରେ ପ୍ରଥମ ସ୍ଥାନ ଅଂଶୁମାନ ପଣ୍ଡା, ବୈଭବ କୁମାର ସାହୁ ଦ୍ୱିତୀୟ ସ୍ଥାନ, ସୁଶ୍ରୀ ତୁଳସୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭାକାର୍ଯ୍ୟ ପରିଚାଳନରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହାୟତା କରିଥିଲେ। ଶିକ୍ଷକ ସନ୍ତୋଷ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

## ଷଣ୍ଢ ମୁଣ୍ଡରେ ଗଳିଗଲା ହାଣ୍ଡି



ବାସୁଦେବପୁର, ୨୪।୯(ସମିସ): ଦିନକୁ ଦିନ ବାସୁଦେବପୁର ପୌରପାଳିକାରରେ ଷଣ୍ଢ ଓ ବୁଲା ଗୋରୁଗାଈଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତାର ଶୋଇ ରହିବା ଫଳରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏକ ଷଣ୍ଢ ଅଟଳ ବିହାରୀ କଲେଜ ଛକରେ ଏକ ହୋଟେଲ ଆଗରେ ବସିଥିବା ହାଣ୍ଡିରେ ମୁହଁ ପୁରାଇ ଦେଇଥିଲା। ମୁଣ୍ଡରେ ହାଣ୍ଡି ପୁରାଇ ଷଣ୍ଢ ବୁଲିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ଦମକଳ ଗାଡି। ଷଣ୍ଢ ମୁଣ୍ଡରୁ ହାଣ୍ଡି ବାହାର କରିବାକୁ ଅଗ୍ନିସେବା ବିଭାଗର କର୍ମଚାରୀଙ୍କୁ ନାକେଦମ ହେବାକୁ ପଡିଥିଲା। ଶେଷରେ ହାଣ୍ଡିକୁ କାଟି ଷଣ୍ଢ ମୁଣ୍ଡରୁ ବାହାର କରିଥିଲେ। କଲେଜ ଛକର ଏହି ହୋଟେଲ ହାଣ୍ଡିର ପାଣି ରଖନ୍ତି। ଗ୍ରାହକ ହାତ ଧୋଇଥାନ୍ତି। ଷଣ୍ଢଟି ଖାଦ୍ୟ କିମ୍ବା ପାଣି ପିଇବା ଉଦ୍ଦେଶ୍ୟରେ ମୁହଁ ପୁରାଇ ଫେରାଇ ପାରିନାହିଁ। କେବଳ ଏହି ଷଣ୍ଢ ନୁହଁ; ଏମିତି କିଛି ଷଣ୍ଢ ଅଛନ୍ତି, ବାଇକରେ ବ୍ୟାଗରେ ବନ୍ଧା ହୋଇଥିବା ଅଟା, ଚାଉଳ, ଚୁଡା ଖାଇଦେଉଛନ୍ତି।

## ପୋଷାକ ବିତରଣ ଉତ୍ସବ

ଧାମନଗର,୨୪।୯(ସମିସ): ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଇଛଦା ତପନେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ବୁଧବାର ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ସିଆରସିସି ସୁଜୟ ମାଝୀ, କମିଟିର ଉପସଭାପତି ଓ ସଭ୍ୟସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ



ବିଦ୍ୟାଳୟର ଶିଶୁ ବାଟିକାରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୨ଜଣ ଛାତ୍ରଛାତ୍ରୀଙ୍କୁ ୨ ହଳ ଡ୍ରେସ୍, ୧ ହଳ ହାଉସ ଡ୍ରେସ୍, ଜୋତା ୧ ହଳକରି ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପ୍ରଶାନ୍ତ ଦାସ, ବଳରାମ ଘୋଷ, ସୁଦର୍ଶନ ବେହେରା, ସୁଚିତ୍ରା ଦେ, ଲୀଳାବତୀ ମହାଳିକ ସହଯୋଗ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରହଲ୍ଲାଦ ବେହେରା ଧନ୍ୟବାଦ ଦେଇଥିଲେ।

## ମା' ଶାରଦାଦେବୀ ବିଦ୍ୟାଳୟରେ ଏନ୍ଏସ୍ଏସ୍ ପ୍ରତିଷ୍ଠା ଦିବସ




ଅସୁରାଳି, ୨୪।୯(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା (ଏନଏସଏସ)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ମା' ଶାରଦାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ବରିଷ୍ଠ ଅଧ୍ୟାପକ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜନା କାର୍ଯ୍ୟ ନିର୍ବାହ କରିଥିଲେ ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀଧର ସାହୁ। ଅତିଥି ଭାବେ ଉପସ୍ଥିତ ଥିଲେ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କାର୍ଯ୍ୟକ୍ରମ ଅଧିକାରୀ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଅଧ୍ୟାପିକା ମନୋରମା ନାୟକ, ଲାୟନ ପ୍ରଭାତ କୁମାର ଧଳ, ଅଧ୍ୟାପକ କାଳନ୍ଦୀ ଚରଣ ସାହୁ, ନାରାୟଣଚନ୍ଦ୍ର ରାଉତରାୟ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗ। ଏନଏସଏସ ଦିବସର ତାତ୍ପର୍ଯ୍ୟ ବିଷୟରେ ଅନୁପ୍ରେରଣାଦାୟକ ଉଦ୍ବୋଧନ ଦେଇ ଅତିଥିମାନେ 'ମୁଁ ନୁହେଁ ଆମେ'ର ସ୍ଲୋଗାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ମା, ମାଟି ଓ ମଣିଷ ପାଇଁ ସେବା ଦେବା ଆହ୍ୱାନ ଜଣାଇଥିଲେ। ଅନୁଷ୍ଠାନରେ ଛାତ୍ରୀ ସୁଶ୍ରୀ ସ୍ୱର୍ଣ୍ଣଶ୍ରୀ ନାୟକ ଦେଶାତ୍ମବୋଧକ ସଂଗୀତ ଗାନ କରି ମନମୋହକ ପରିବେଶ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାତ ଧଳ ଧନ୍ୟବାଦ ଜଣାଇଥିଲେ।

# ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ତାଳ ବୃକ୍ଷ ରୋପଣ

ଭଦ୍ରକ, ୨୪।୯(ସମିସ)

ବଜ୍ରପାତଜନିତ ମୃତ୍ୟୁକୁ ହ୍ରାସ କରେ ତାଳ ବୃକ୍ଷ; ମାତ୍ର ତାଳ ବୃକ୍ଷର ଘୋର ଅଭାବ କାରଣରୁ ଦିନକୁ ଦିନ ବୃଦ୍ଧି ପାଉଛି ବଜ୍ରାଘାତଜନିତ ମୃତ୍ୟୁ। ଏହାକୁ ଦୃଷ୍ଟିରେ ରଖି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ସହର ନିକଟ ଗେଲଟୁଆଠାରେ ୫ଶହ ତାଳ ବୃକ୍ଷ ରୋପଣ କରାଯାଇଛି। ପର୍ଯ୍ୟାବରଣର ସୁରକ୍ଷା ପାଇଁ ତାଳ ବୃକ୍ଷର ଆବଶ୍ୟକତା ରହିଛି। ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ଜିଲ୍ଲାତମାମ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ୧ ହଜାର ତାଳ ବୃକ୍ଷ ରୋପଣ କରାଯିବ ବୋଲି ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତି ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦଚନ୍ଦ୍ର ରାଉତ, ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବରିଷ୍ଠ ଉପଦେଷ୍ଟା ବଦ୍ରିନାରାୟଣ ଧଳ, ପ୍ରଦୀପ୍ତ ବିଶ୍ୱାଳ, ଅମ୍ବିକାପ୍ରସନ୍ନ ଦାସ, ରଘୁନାଥ ସାହୁ, ବରିଷ୍ଠ ସଦସ୍ୟ ବିଜୟ ଭୂଷଣ ନାୟକ, ହେମନ୍ତ କୁମାର ପାଢ଼ୀ, କୈଳାସ ଦାସ, ପ୍ରେମାନନ୍ଦ ବେହେରା, ସୁରେଶ ସାମଲ, ପ୍ରଭାତ ମହାନ୍ତି, ଅମରେଶ ନାୟକ, ବିମଳ ମିଶ୍ର, ରାଜେଶ ନାୟକ ଯୁବ ସଦସ୍ୟ ସରୋଜ ରାଉତ, ସୁବାସ ମିଶ୍ର, ମାନସ ବାରିକ, ରଶ୍ମିରଞ୍ଜନ ସାହୁ ଏବଂ ଜ୍ୟୋତି ପ୍ରକାଶ ସାହୁଙ୍କ ସମେତ ସମସ୍ତ ଯୋଗ ଦେଇଥିଲେ।



## ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ

ବାରିକପୁର,୨୪।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ପଟାପୋଲଠାରୁ ଧାମନଗରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତାର ଉତରାଗଡିଆ ଗ୍ରାମ୍ୟ ଜଙ୍ଗଲଠାରୁ କଟିଂ ସ୍କୁଲ ଯାଏଁ ଅବସ୍ଥା ଅତ୍ୟନ୍ତ ଦୟନୀୟ ଭାବେ ପଡ଼ିରହିଛି। ରାସ୍ତାତମାମ ଖାଲଖମାରେ ଭର୍ତ୍ତି ହୋଇଯାଇଥିବା ବେଳେ ସାଇକଲ, ମୋଟର ସାଇକଲ ତ ଦୂରର କଥା ଚାଲିଚାଲି ଯିବା ମଧ୍ୟ କଷ୍ଟକର ହୋଇଯାଉଛି। ସାମାନ୍ୟ ବର୍ଷା ହେଲେ ଏକ କିମି ଯାଏଁ କେଉଁଠି ଆଣ୍ଠୁଏ ତ କେଉଁଠି ହାତେ ପାଣି ଜମି ଯାଉଛି। ପାଖାପାଖି ଦୁଇବର୍ଷ ହେବ ରାସ୍ତାର ଅବସ୍ଥା ଏହିଭଳି ହୋଇଛି। ଏହି ପଥ ଦେଇ ବେଲ ଗଡିଆ, ବୋଧପଡା, କଟିଂ, କୁରିଗାଁ, ମଣିବାଜି, ବାଇଗଡ଼ିଆ ପ୍ରମୁଖ ଗ୍ରାମର ହଜାର ହଜାର ଜନସାଧାରଣ ଦୈନିକ ଭଣ୍ଡାରିପୋଖରୀକୁ ଯାତାୟାତ କରିଥାନ୍ତି। ଏହାଛଡା ଧାମନଗର ବ୍ଲକର ଜନସାଧାରଣ ମାନେ ଏହି ବାଟଦେଇ ପୂର୍ତ୍ତ ରାସ୍ତାକୁ ଆସି ଭଣ୍ଡାରିପୋଖରୀ ଓ ଯାଜପୁରକୁ ମଧ୍ୟ ଯାଇଥାନ୍ତି। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ରାସ୍ତା ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ମାନେ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦାବି କରିଥିଲେ। ଏହାଛଡା ବ୍ୟକ୍ତିଗତ ଭାବେ ବିଧାୟକ, ସାଂସଦ, ଜିଲ୍ଲାପାଳ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଜଣାଯାଇଛି। ପରିତାପର ବିଷୟ ଏଯାଏଁ ରାସ୍ତାଟିର ମରାମତି କିମ୍ବା ନବୀକରଣ କାର୍ଯ୍ୟ ହୋଇପାରିନାହିଁ। ଏବେ ରାସ୍ତାଟିରେ ଏକ ଘାଇ ସୃଷ୍ଟି ହୋଇଥିବା ଜଣାପଡିଛି। ତେଣୁ ବର୍ତ୍ତମାନ ସାଇକଲ ଓ ମୋଟର ସାଇକଲରେ ଯାତାୟାତ କରିବା ସମ୍ଭବ ହେଉନାହିଁ। ଏପରିକି ଯଦି କୌଣସି ଦୈବ ଦୁର୍ଘଟଣା ଘଟେ ତା'ହେଲେ ଜରୁରିକାଳୀନ ଯାନବାହନ ଯିବା ବି ସମ୍ଭବ ନୁହେଁ। ଏକପ୍ରକାର ଗମନାଗମନ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯାଇଥିବା ଜଣାପଡିଛି। ହଜାର ହଜାର ଜନସାଧାରଣ ଏବେ ଯାତାୟାତରୁ ବଞ୍ଚିତ ହୋଇଛନ୍ତି। ତେଣୁ ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ଆକ୍ରମଣ

ଡୁରୁମୁଙ୍ଗା, ୨୪।୯ (ସମିସ): ଡୁରୁମୁଙ୍ଗା ଥାନା କାଶୀପୁର ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଘରେ ପଶି ବୃଦ୍ଧାଙ୍କୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ ନେଇ ବୃଦ୍ଧାଙ୍କ ବୋହୂ ମଲ୍ଲି ନାଏକ ଅଭିଯୋଗ କରିଛନ୍ତି। ପୁଲିସ ୨୩୯/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଲ୍ଲୀଙ୍କ ଶାଶୂ କସ୍ତୁରୀ ନାଏକ ଘରେ ଥିବା ସମୟରେ ମଙ୍ଗଳବାର ସେହି ଗ୍ରାମର ନବୀନ ନାଏକ, ୱାର୍ଡମେମ୍ବର ବିପିନ ବିହାରୀ ନାଏକ, ଗୁରୁଚରଣ ନାଏକ, ଧ୍ରୁବଚରଣ ନାଏକ ମିଶି ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ନବୀନଙ୍କ ପୁଅ ଗୋପବନ୍ଧୁ ଜଗତସିଂହପୁର ଜିଲ୍ଲାରେ ପୁଲିସ କନେଷ୍ଟବଳ ଅଛନ୍ତି। ଗୋପବନ୍ଧୁଙ୍କ ଦୁଇମାସ ହେବ ଦେହ ଅସୁସ୍ଥ ସହ ଦେହରେ ଅସ୍ୱାଭାବିକ ଲକ୍ଷଣ ଦେଖାଦେଉଛି। ନବୀନ କସ୍ତୁରୀଙ୍କୁ ଗୁଣିଗାରେଡି କରିଥିବା ସନ୍ଦେହ କରି ମଙ୍ଗଳବାର ସହଯୋଗୀଙ୍କ ସହ କସ୍ତୁରୀଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି।

# ନାଳରେ ବୁଡ଼ି ଯୁବକ ମୃତ

ଡୁରୁମୁଙ୍ଗା, ୨୪।୯ (ସମିସ): ପାଟଣା ଥାନା ଟଭାସରୁଆ ଗ୍ରାମଘୁଳା ବନ୍ଧସାହିର ସୋନୁ ମହାକୁଡ଼ଙ୍କ ପୁଅ ଦୁଷ୍ମନ୍ତ (୩୮)ଙ୍କ ବୁଧବାର ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ଦୁଷ୍ମନ୍ତ ଗାଁ ନିକଟ କଚମି ନାଳକୁ ଗାଧୋଇବାକୁ ଯାଇ ପାଣିରେ ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲେ। ସାହାରପଡ଼ା ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ପୁଅ, ଝିଅ ବେସାହାରା ହୋଇଥିବାରୁ ଏହି ଅଭାବୀ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ପାଟଣା ଥାନାରେ ୨୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିବା ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝି କହିଛନ୍ତି।

# ସୁଲୋଚନା ଜେନାଙ୍କ ପରଲୋକ



ଆନନ୍ଦପୁର, ୨୪।୯ (ସମିସ): ଘସିପୁରା ବ୍ଲକ ତରିମୂଳ ପଞ୍ଚାୟତ ରେକୁଟିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ଜେନାଙ୍କ ପତ୍ନୀ ଧର୍ମପରାୟଣା ମହିଳା ସୁଲୋଚନା ଜେନା (୭୦)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ରହିଥିବାବେଳେ ଗତକାଲି ଦିନ ୧ଟା ବେଳେ ବାସଭବନରେ ଦେହାନ୍ତ ହୋଇଥିଲା। ପରଲୋକ ଖବର ପାଇ ଗ୍ରାମର ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ବେଆଇନ ବାଣ ଜବତ, ଅଭିଯୁକ୍ତ ଫେରାର୍



ରାମଚନ୍ଦ୍ରପୁର, ୨୪।୯ (ସମିସ): ରାମଚନ୍ଦ୍ରପୁର ଥାନା ସାଇଁକୁଳ ଗ୍ରାମରେ ବେଆଇନ ଭାବେ ବାଣ ତିଆରି ହେଉଥିବା ଖବର ପାଇ ରାମଚନ୍ଦ୍ରପୁର ଏବଂ ସାଇଁକୁଳ ଫାଣ୍ଡି ପୁଲିସ ଅତର୍କିତ ଚଢ଼ଉ କରିଥିଲେ। ଗାଁର ମାନସ ଜେନାଙ୍କ ଘରେ ଚଢଉ କରି ୧୦ କେଜି ପାଖାପାଖି କଳା ବାରୁଦ, କିଛି ବାଣ ଏବଂ ବାଣ ତିଆରିରେ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଛି। ରାମଚନ୍ଦ୍ରପୁର ପୁଲିସ୍ ୨୯୧/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ମନୋଜ ସ୍ୱାଇଁ କହିଛନ୍ତି।

# ଜବରଦଖଲ ଉଚ୍ଛେଦକଲା ପ୍ରଶାସନ



ଚମ୍ପୁଆ, ୨୪।୯ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଞ୍ଚାୟତର ବଳଭଦ୍ରପୁରଠାରେ ସରକାରୀ ଜମିକୁ ପ୍ରଶାସନ ପକ୍ଷରୁ ଜବରଦଖଲମୁକ୍ତ କରାଯାଇଛି। ବଳଭଦ୍ରପୁର ଗ୍ରାମରେ ଖାତା ନମ୍ବର ୬୪ ପ୍ଲଟ ନମ୍ବର ୪୧୩ ଜମିରେ ଉକ୍ତ ଗ୍ରାମର ମକରା ମୁଣ୍ଡାଙ୍କ ସ୍ତ୍ରୀ ଜେମାମଣୀ ମୁଣ୍ଡା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କରିଥିଲେ। ବିନା ଅନୁମତି କେସ ନମ୍ବର ୪୦୯/୨୦୨୫ ମୁତାବକ ଆଜି ଚମ୍ପୁଆ ତହସିଲଦାର ସଜତ ମାର୍କେ, ଆଇଆଇସି ରମାକାନ୍ତ ମୁଦୁଲି, ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶିନୀ, ସ୍ଥାନୀୟ ସରପଞ୍ଚ, କରଞ୍ଜିଆ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଜବରଦଖଲକାରୀଙ୍କଠାରୁ ଉକ୍ତ ଗୃହକୁ ଜଉମୁଦ ଦ୍ୱାରା ସିଲ୍ କରାଯାଇଛି। ଉକ୍ତ ଘରକୁ ଅନଧିକାର ପ୍ରବେଶ ନିଷେଧ କରାଯାଇଛି।

# ବିପୁଳ ଗଞ୍ଜେଇ ସହ ୨ଟି କାର୍, ୩ ଲକ୍ଷ ଟଙ୍କା ଜବତ; ୬ ଅଟକ

କେନ୍ଦୁଝର, ୨୪।୯ (ସମିସ)



କେନ୍ଦୁଝର ଟାଉନ ପୁଲିସକୁ ମିଳିଛି ବଡ଼ ସଫଳତା। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ମାଡ଼ି ବସିଲା ପୁଲିସ। ୩୦ କିଲୋ ଗଞ୍ଜେଇ ଜବତ ସହ ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଚି। ଏଥିସହ ୨ଟି କାର ଏବଂ ୩ ଲକ୍ଷ ଟଙ୍କା ଜବତ କରି ଅଧିକ ତଦନ୍ତ କରୁଛି କେନ୍ଦୁଝର ଟାଉନ ପୁଲିସ। ଖବର ପାଇ ଟାଉନ ପୁଲିସ ଜାଲ ବିଛାଇ ସିଦ୍ଧମଠ ନିକଟରେ ଛକି ବସିଥିଲା। କାର ଦୁଇଟି ସେଠାରେ ପହଞ୍ଚିବା ମାତ୍ରେ ମାଡି ବସିଥିଲା ପୁଲିସ। ତଲାସୀ ବେଳେ ସେଠାରୁ ପ୍ରାୟ ୩୦ କିଲୋ ଗଞ୍ଜେଇ ଜବତ କରିଥିଲା। ସୁବର୍ଣ୍ଣପୁର ଜିଲ୍ଲାରୁ ମୟୂରଭଞ୍ଜ ଜିଲ୍ଲାକୁ ଏହି ଚୋରା ଗଞ୍ଜେଇ ଚାଲାଣ ହେଉଥିବା ପୁଲିସ ଜାଣିବାକୁ ପାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବସ୍ତାରୁ ଗଞ୍ଜେଇ କାଢ଼ି ଓଜନ କରାଯିବା ସହ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ମିଳିତ ଚଢ଼ଉ; ବିପୁଳ ମହୁଲି ମଦ ଜବଦ

ଚମ୍ପୁଆ, ୨୪।୯ (ସମିସ): ବର୍ଦ୍ଧନା ଗ୍ରାମରେ ଅବକାରୀ ଓ ପୁଲିସ ଟିମ୍ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣରେ ମହୁଲି ମଦ ଜବଦ କରାଯିବା ସହିତ ପୋଚ ନଷ୍ଟ କରାଯାଇଛି। ଚମ୍ପୁଆ ଅବକାରୀ ଅଧିକାରୀ ଏଚ୍ ଜଗା ରାଓଙ୍କ ତତ୍ତ୍ୱାବଧାନରେ ତଥା ମାଜିଷ୍ଟ୍ରେଟ୍ ସୁଜିତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଚଢ଼ଉ ଫଳରେ ୬୭୦ ଲିଟର ମହୁଲି ମଦ ଜବଦ କରାଯାଇଛି। ଏହାସହ ୮ ହଜାର କି.ଗ୍ରା. ମହୁଲ ପୋଚ ନଷ୍ଟ କରାଯାଇଛି। ସୂଚନାଯୋଗ୍ୟକି, ଅବକାରୀ ବିଭାଗ ପକ୍ଷରୁ ଚଳିତବର୍ଷରେ ବାରମ୍ବାର ଉକ୍ତ ଅଞ୍ଚଳରେ ଚଢ଼ଉ କରାଯାଉଥିଲେ ମଧ୍ୟ ଅଞ୍ଚଳବାସୀ ମହୁଲି ମଦ ପ୍ରସ୍ତୁତ ବନ୍ଦ କରିବା ପରିବର୍ତ୍ତେ ଅଧିକରୁ ଅଧିକ କରୁଥିବା ଜଣାଯାଇଛି।

# ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ




ଆନନ୍ଦପୁର, ୨୪।୯ (ସମିସ): ଆନନ୍ଦପୁର ବ୍ଲକ୍ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଏନଏସଏସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏନଏସଏସର ମହିଳା କାର୍ଯ୍ୟକ୍ରମ ଅଧିକାରୀ ମିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିଜୟ କୁମାର ସାହୁ, ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ମହେଶ୍ୱର ପାତ୍ର, ରାଷ୍ଟ୍ରରଞ୍ଜନ ବାରିକ, ଅମିତ ସାହୁ ଅଧ୍ୟାପିକା ଅଳକା ପାଢ଼ୀ, ଇଲାବତୀ ଖୁଣ୍ଟିଆ, ଆମ୍ରିତା ବେହେରା ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ସେବା ମୂଲ୍ୟବୋଧ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଲିବନ୍ଧ:** ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବୁଧବାର ଜାତୀୟ ସେବା ସଂସ୍ଥା (ଏନଏସଏସ) ଦିବସ ଉତ୍ସାହପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଶଶାଙ୍କ ଶେଖର ନାୟକ, ପ୍ରଦ୍ୟୁମ୍ନ କିଶୋର ବେଉରା, ବିନାୟକ ମହାନ୍ତ, ଅରୁଣ କୁମାର ମେହେର ଜାତୀୟ ସେବା ସଂସ୍ଥାର (କାର୍ଯ୍ୟକ୍ରମ ଅଧିକାରୀ) ବିଜୟ କୁମାର ପ୍ରଧାନ, ସାଶ୍ୱତା ସେଠୀ, ଜ୍ୟୋତ୍ସ୍ନା ମହାନ୍ତ, ଚିନ୍ମୟୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛତା ଅଭିଯାନ, ପ୍ରତିଜ୍ଞା ଗ୍ରହଣ ଏବଂ ସମାଜସେବାରେ ଯୁବଶକ୍ତିର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏନଏସଏସ ସ୍ୱେଚ୍ଛାସେବୀମାନେ 'କେବଳ ମୁଁ ନୁହେଁ ଆପଣମାନେ ସମସ୍ତ' ବାଣୀକୁ ଅନୁସରଣ କରି ଆଗାମୀ ଦିନରେ ସମାଜସେବାରେ ସକ୍ରିୟ ରହିବାର ନେଇ ପ୍ରତିଜ୍ଞା କରିଥିଲେ।

# ଆମ ପୁଲିସ ସମିତି ପକ୍ଷରୁ ସଚେତନତା



ରାମଚନ୍ଦ୍ରପୁର, ୨୪।୯ (ସମିସ): ସୋସିଆଲ ମିଡିଆର ଅପପ୍ରଚାର ତଥା ଗୁଜବରେ ବିଶ୍ୱାସ ନ କରି ପୁଲିସ ପ୍ରଶାସନର ନିକଟତର ହୋଇ ସାମାଜିକ ଶୃଙ୍ଖଳା ବଜାୟ ରଖିବା ଏବଂ ଚଳିତ ପାର୍ବଣ ସମୟରେ ନିଶାଠାରୁ ଦୂରେଇ ରହି ଅପରାଧିକ ତଥା ଅସାମାଜିକ କାର୍ଯ୍ୟକଳାପକୁ ବନ୍ଦ କରିବା ଉଦ୍ଦେଶ୍ୟରେ ପୁଲିସକୁ ସହଯୋଗ କରିବା ପାଇଁ ରାମଚନ୍ଦ୍ରପୁର ଥାନା ଆମ ପୁଲିସ ସମିତି ପକ୍ଷରୁ ଅନୁଷ୍ଠିତ ଏକ ସଚେତନତା ବୈଠକରେ ଆହ୍ୱାନ ଦିଆଯାଇଛି। ଅଳତି ମା'କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ ବେହେରା, ଥାନାଧିକାରୀ ମନୋଜ ସ୍ୱାଇଁ ସାଇବର ଠକେଇ, ନିଶା ନିବାରଣ, ଚୋରି, ରାହାଜାନୀ ଏବଂ ସୋସିଆଲ ମିଡିଆ ଗୁଜବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଆଇନଗତ ସହାୟତା ପାଇଁ ନିକଟସ୍ଥ ଥାନା କିମ୍ବା ଆବଶ୍ୟକ ପଡିଲେ ୧୧୨କୁ ଫୋନ କରିବାକୁ ପରାମର୍ଶ ଦେଇଥିଲେ। ସରପଞ୍ଚ ପ୍ରିୟବ୍ରତ ବରାଳ, ସ୍ୱେଚ୍ଛାସେବୀ ପ୍ରସନ୍ନ ନାୟକ, ଶିକ୍ଷାବିତ୍ ଘନଶ୍ୟାମ ବୋଇତେଇ, ଥାନା ଏସଆଇ ଶାନ୍ତନୁ ଜେନା, ହରପ୍ରିୟା ସାହୁ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମର ମିଶନଶକ୍ତିର ମହିଳା, ବୁଦ୍ଧିଜୀବୀ, ଗାଁ ମୁରବୀ ଯୋଗଦାନ କରିଥିଲେ।

# ହାତୀ ଆକ୍ରମଣ କ୍ଷତିଗ୍ରସ୍ତଙ୍କୁ ସହାୟତା



ତେଲକୋଇ, ୨୪।୯ (ସମିସ): ତେଲକୋଇ ବନାଞ୍ଚଳ ପଡାଙ୍ଗ ଫରେଷ୍ଟ ବିଟ ପଡ଼ିଆପଶି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଗ୍ରାମର ପୁଢେଇଝୁଲ ସାହିରେ ଏକ ଦନ୍ତା ହାତୀ ପଶି ରଞ୍ଜନ ନାୟକଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହ ଘରେ ଥିବା ଏକ ଟିଭି, ଗ୍ରାଇଣ୍ଡର ଓ ସୋଫା ଆଦି ଆସବାବପତ୍ର ଭାଙ୍ଗି ବ୍ୟାପକ ନଷ୍ଟ କରିଥିଲା। ଖବର ପ୍ରକାଶ ପରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ତେଲକୋଇ ବନ ବିଭାଗ ପକ୍ଷରୁ ରଞ୍ଜନଙ୍କ ପତ୍ନୀ ପଦ୍ମିନୀ ନାୟକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ତେଲକୋଇ ବନ ବିଭାଗ ପକ୍ଷରୁ ରାସନ ସାମଗ୍ରୀ ଚାଉଳ, ଡାଲି, ତେଲ, ଆଳୁ ଓ ପଲିଥିନ, ଶସ୍ୟ ରଖିବା ବାକ୍ସ ପ୍ରଦାନ କରାଯାଇଛି। ଏହିସବୁ ସାମଗ୍ରୀ ପଡାଙ୍ଗ ଫରେଷ୍ଟ ବିଟ ବନରକ୍ଷୀ ଦୀପକ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ବିଜୟାନନ୍ଦ ନାୟକ, ସମିତିସଭ୍ୟ ଦେବକୀ ପାତ୍ର, ୱାର୍ଡ ମେମ୍ବର ଶ୍ରୀକାନ୍ତ ନାୟକଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି।

# ରାବଣପୋଡ଼ି ଉତ୍ସବ ପାଇଁ ପ୍ରସ୍ତୁତି

ଡୁରୁମୁଙ୍ଗା, ୨୪।୯ (ସମିସ): ପାଟଣା ବ୍ଲକ୍ ମୁଖ୍ୟାଳୟ ମିନି ଷ୍ଟାଡିୟମଠାରେ ଚଳିତବର୍ଷ ରାବଣ ପୋଡ଼ି ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ବିଜୟରତ୍ନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୨ ତାରିଖ ଗୁରୁବାର ପାଟଣା ମିନି ଷ୍ଟାଡିୟମଠାରେ ଏହି ଉତ୍ସବ ଉପଲକ୍ଷେ ଆକର୍ଷଣୀୟ ଆତସବାଜି ସହିତ ମେଲୋଡି ''ସୁର ସାରେଗାମାପା' କଟକ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ କମିଟି ଉପସଭାପତି ଅୟସ ନାୟକ, ସମ୍ପାଦକ ପ୍ରକାଶ ସେଠୀ, ବରିଷ୍ଠ ସଦସ୍ୟ ବାଇଧର ସାହୁ, ପ୍ରୀତମ ପଣ୍ଡା, ଯୁଧିଷ୍ଠିର ମହାନ୍ତ, ବିକାଶ ସେଠୀ ଏସକେ ମାନସୁର, ଦୁର୍ଲ୍ଲଭ ଦାସଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହାତୀ ଉତ୍ପାତ; ଭାଙ୍ଗିଲେ ଏକାଧିକ ଘର

## ● ଆହତ ହାତୀଛୁଆର ଉଦ୍ଧାରବେଳେ ପଥର ମାରି ଜଣେ ଅଟକ



ଡୁରୁମୁଙ୍ଗା, ୨୪।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ସେକ୍ସନର କଣ୍ଡିଆପଡା ପଦ୍ମପୁର ମାନପୁର ଏବଂ ଯମୁନାପଶି ଆଦି ଗ୍ରାମରେ ୭ରୁ ଅଧିକ ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ହାତୀପଲରେ ଏକ ଆହତ ଛୁଆ ହାତୀ ଘୂରି ବୁଲୁଛି। ଛୁଆହାତୀର ଗୋଡ଼ରେ ଆଘାତ ଲାଗିଛି। ହାତୀଛୁଆଟି ଛୋଟେଇ ଛୋଟେଇ ଚାଲୁଥିବା ଦେଖିବାକୁ ମିଳିଛି। ବନ ବିଭାଗ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀପଲର ଗତିବିଧି ଉପରେ ନଜର ରଖିଛି। ଏହି ହାତୀପଲରେ ୧୨ଟି ମାଈ ହାତୀ, ୧୧ଟି ଦନ୍ତା, ୬ଟି ଛୁଆ ହାତୀ ଥିବା ବନ ବିଭାଗ କହିଛି। ବୁଧବାର ହାତୀଛୁଆକୁ ଉଦ୍ଧାର ପାଇଁ ବନ ବିଭାଗର ଏକ ଟିମ୍ ସହ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ପଦ୍ମପୁର ଓ କୋଡ଼ଖମଣ ଗ୍ରାମ ନିକଟରେ ଅନୁଧ୍ୟାନ କରୁଥିବା ସମୟରେ କ୍ୟାମେରାକୁ ପଥର ମାରୁଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ କରାଯାଉଛି। ଅଟକ ବ୍ୟକ୍ତି ଜଣକ ପଦ୍ମପୁର ଅଞ୍ଚଳର ଗୁରୁବାମୁଣ୍ଡା ବୋଲି ବନ ବିଭାଗ ସୂଚନା ଦେଇଛି।



# 'ଆକାଶବାଣୀ ଚେମଣା'କୁ ନେଇ ଚର୍ଚ୍ଚାରେ ନିର୍ମଳ

ଡୁରୁମୁଙ୍ଗା, ୨୪।୯ (ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ଗ୍ରାମର ନିର୍ମଳଚନ୍ଦ୍ର ମହାନ୍ତ। ନିଜସ୍ୱ ଜ୍ଞାନ କୌଶଳରେ ତିଆରି କରିଥିବା ଏକ ଟ୍ରାନ୍ସମିଟର ଜରିଆରେ 'ଆକାଶବାଣୀ ଚେମେଣା' ପାଇଁ ସେ ଏବେ ବେଶ୍ ଚର୍ଚ୍ଚିତ। ଦିନେ ତାଙ୍କ ତିଆରି ଟ୍ରାନ୍ସମିଟର ପାଇଁ ସବୁ ରେଡିଓରେ ଏକାଥରେ ବାଜି ଉଠିଥିଲା ଆକାଶବାଣୀ ଚେମଣା। ଯାହାକୁ ଏବେ ବେଶ୍ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ନିର୍ମଳ ମହାନ୍ତ ପେସାରେ ସେ ଜଣେ ରେଡିଓ, ଟିଭି ମେକାନିକ। ଚୌଦ୍ୱାର ଟେକ୍ନିକାଲ ସ୍କୁଲରୁ ମାଟ୍ରିକ ପଢୁଥିବା ସମୟରେ ସେଠାରୁ ଆସି ଅନ୍ୟ ସ୍କୁଲରେ ପଢ଼ିବା ସମୟରେ ୧୯୭୩ରେ ଏପରି ଏକ ଯନ୍ତ୍ରକୁ ସେ ନିଜେ ତିଆରି କରିଥିଲେ। ୧୯୭୪ରେ ଏହି ଯନ୍ତ୍ରକୁ କଲେଜର ବିଜ୍ଞାନ ମେଳା ସମୟରେ ପ୍ରଦର୍ଶନ କରିବା ପରେ ଲୋକ ଲୋଚନକୁ ଆସିଥିଲା ଉକ୍ତ ଯନ୍ତ୍ର। ସେଥିରେ ଯାହା କୁହାଯାଉଥିଲା ତାହା ସବୁ ରେଡିଓରେ ବାଜି ଉଠିଥିଲା। ଘଟଣା ଜଣାପଡ଼ିବା ପରେ ପୁଲିସ ଏଭଳି ଆଗକୁ ନକରିବା ପାଇଁ ତାଗିଦ କରିବାରୁ ତାହାକୁ ବନ୍ଦ କରିଦେଇ ଥିଲେ ନିର୍ମଳ। ଆଜିର ଇଣ୍ଟରନେଟ୍ ଯୁଗରେ ରେଡିଓର ଚାହିଦା କମ ରହିଥିବା ବେଳେ ବର୍ତ୍ତମାନ ଉକ୍ତ ଯନ୍ତ୍ରକୁ ସେ ନୂଆ ରୂପ ଦେଇ ନିଜ ବାଡ଼ିରେ ରଖି ଚୋରିକୁ ରୋକି ପାରିଛନ୍ତି ନିର୍ମଳ। ଆଗକୁ ପ୍ରତ୍ସାହନ ମିଳିଲେ ଅଧିକ ଗବେଷଣା କରି ଉନ୍ନତ ମାନର ଯନ୍ତ୍ରପାତି ତିଆରି କରିପାରନ୍ତେ ବୋଲି ନିର୍ମଳ କୁହନ୍ତି।

ଦୀର୍ଘ ୫୧ ବର୍ଷ ପରେ ପୁଣି ଏବେ ଆକାଶବାଣୀ ଚେମେଣାକୁ ନେଇ ସେ ଚର୍ଚ୍ଚାକୁ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଚେମେଣା ଗ୍ରାମ ଆଜି ସାରା ଓଡ଼ିଶାରେ ଚର୍ଚ୍ଚାରେ। ଆଗକୁ ସରକାର ଏଭଳି ପ୍ରତିଭାଧାରୀଙ୍କୁ ଚିହ୍ନଟ କରି ଅଧିକରୁ ଅଧିକ ପ୍ରୋତ୍ସାହନ କଲେ ନିର୍ମଳ ନିଜର ଜ୍ଞାନକୌଶଳ ଅଗ୍ରଗତି ହେବା ସହ ସେ ଗବେଷଣା କରି ଚାଷୀଙ୍କ ଚାଷ ଏବଂ ଲୋକଙ୍କ ଧନ ଚୋରି ହେବାରେ ସହାୟକ ହେଉଥିବା ଉନ୍ନତ ମାନର ଯନ୍ତ୍ରପାତି ତିଆରି କରିପାରନ୍ତେ ବୋଲି ଗ୍ରାମବାସୀଙ୍କ ମଧ୍ୟ ଦାବି ରହିଛି।

# ଶିକ୍ଷକ ସାରଙ୍ଗଧର ଷେଣ୍ଢଙ୍କ ସ୍ମୃତିସଭା



ଆନନ୍ଦପୁର, ୨୪।୯ (ସମିସ): ଆନନ୍ଦପୁର ସବଡିଭିଜନର ବିଶିଷ୍ଟ ଶିକ୍ଷାବିତ୍ ତଥା ବି ଏନ. ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଆନନ୍ଦପୁରରେ ଶୋକର ଛାୟା ଖେଳିଯାଇଛି। ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ପ୍ରଫେସର ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସହ ନିରାକାର ଦଳେଇ, ଗଗନ ସିଂହ, ଲକ୍ଷ୍ମୀଧର ମିଶ୍ର, ସୁଶୀଲ ହେତା, ନିତ୍ୟାନନ୍ଦ ସାମଲ, ସୋନିଆ ମିଶ୍ର, ହରେକୃଷ୍ଣ ପାତ୍ର, ଲଲାଟେନ୍ଦୁ ଧୀର, ଅଶୋକ ରାଉତ, ରବିନ୍ଦ୍ର ଚାନ୍ଦ, ଦାମୋଦର ଧଡା, କୈଳାସଚନ୍ଦ୍ର ନାୟକ, ମୁରଲୀଧର ମିଶ୍ର, ମାନସ ରଞ୍ଜନ ହେତା ଶଶିଭୂଷଣ ମହାପାତ୍ର, ଦେବରଞ୍ଜନ ସାହୁ, ଦିଲୀପ ସିଂହ, ପ୍ରଦୀପ ଦାସ, ଶ୍ରୀଧର ସାହୁ, ଅରବିନ୍ଦ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଏବଂ ଶତାଧିକ ପୁରାତନ ଛାତ୍ର ସାମିଲ ହୋଇଥିଲେ। ସ୍ୱର୍ଗତ ସାରଙ୍ଗଧର ଆନନ୍ଦପୁର ସିଟି ସ୍କୁଲର ପ୍ରଧାନଶିକ୍ଷକ, ଆନନ୍ଦପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ, ଆନନ୍ଦପୁର ଶିକ୍ଷାଜିଲ୍ଲା ଅଧିକାରୀ ଥିଲେ। କେନ୍ଦୁଝର ଜିଲ୍ଲାରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବିଏନ୍. ହାଇସ୍କୁଲ ଓ ଡିଏନ୍. ହାଇସ୍କୁଲରେ ଶିକ୍ଷକ ଥିଲେ।

## ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଥାନାରେ ଅଟକ

କୁଆଖିଆ,୨୪।୯ (ସମିସ): କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ମାଧବାନନ୍ଦ ବାରିକଙ୍କ ସ୍ତ୍ରୀର ମଧୁସ୍ମିତା(୨୪)ଙ୍କର ମଙ୍ଗଳବାର ରାତିରେ ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି। ମୃତ ମହିଳାର ବାପଘର ଲୋକଙ୍କ ପକ୍ଷରୁ ତାଙ୍କ ଝିଅକୁ ମାରି ଦିଆଯାଇଛି ବୋଲି ଦର୍ଶାଇ ମୃତ ମହିଳାର ଭାଇ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୁଲିସ ପକ୍ଷରୁ ମହିଳାର ସ୍ୱାମୀକୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଘଟଣାରୁ ପ୍ରକାଶ ଯେ ମାଧବାନନ୍ଦ ୫ବର୍ଷ ତଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ମଧୁସ୍ମିତାକୁ ବୈଦିକମତେ ବିବାହ କରିଥିଲେ। ଅଭିଯୋଗରୁ ଜଣାଯାଏ ବିବାହ ପରଠାରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମତାନ୍ତର ଘଟୁଥିଲା। ଶାଶୁଘର ଲୋକେ ମଧୁସ୍ମିତାକୁ ନିର୍ଯାତନା ଦେଇଆସୁଥିଲେ। ହଠାତ୍ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ତାର ମୃତ୍ୟୁ ହୋଇଥିବା ଖବର ବାପଘର ଲୋକେ ଜାଣିବାକୁ ପାଇଥିଲେ। ମଧୁସ୍ମିତାକୁ ମାରି ଦେଇ ଦେହ ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଛି ବୋଲି ଦର୍ଶାଇବାକୁ ପ୍ରୟାସ କରାଯାଉଥିବା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୁଲିସ ମୃତଦେହକୁ ଡାକ୍ତରଖାନାରୁ ଜବତ କରିବା ସହ ବୁଧବାର ବାପଘର ଲୋକଙ୍କ ଉପସ୍ଥିତରେ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି। ଏ ନେଇ ପୁଲିସ ପକ୍ଷରୁ ଥାନାରେ କେସ୍ ନମ୍ବର-୩୭୪/୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣା ସଂପର୍କରେ ତଦନ୍ତ ଜାରି ରହିଛି। ଅଟକ ସ୍ୱାମୀ ମାଧବାନନ୍ଦକୁ ପୁଲିସ ପଚରା ଉଚୁରା କରିଛି।

## ଥାନାରୁ ଟ୍ରାକ୍ଟର ନ ପାଇ ଏସ୍‌ପିଙ୍କୁ ଭେଟିଲେ ମାଲିକ

ପାଣିକୋଇଲି,୨୪।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ପୁଅ ଶ୍ରୀଧର ଗତ ୨୦୨୩ ମସିହା ଫେବୃଆରୀ ମାସରେ ତାଙ୍କ ଘର ନିକଟ ପାଲାମଣ୍ଡପରୁ ଟ୍ରାକ୍ଟର ଚୋରି ନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୯/୨୩ ରୁଜୁ ହୋଇଥବଲେ ବି ଟ୍ରାକ୍ଟର ମିଳିନଥିଲା। ଶ୍ରୀଧର କୌଣସି ସୂତ୍ରରୁ ଉକ୍ତ ଟ୍ରକ୍ଟରଟି ମୟୂରଭଞ୍ଜରେ ଥିବା ଜାଣି ତାକୁ ଠାବ କରିଥିଲେ। ପାଣିକୋଇଲି ପୁଲିସ ସହାୟତାରେ ୨୦୨୫ ଅଗଷ୍ଟ ୨୩ରେ ମୟୁରଭଞ୍ଜରୁ ଉଦ୍ଧାର କରାଯାଇଥିଲା। ମାତ୍ର ଅଦ୍ୟାବଧି ଥାନା ପୁଲିସ୍ ଟ୍ରାକ୍ଟରଟିକୁ ତାଙ୍କୁ ଜିମା ଦେଉନି। ଆଜିକାଲି କହି ସମୟ ଗଡ଼ାଉଛି। ଫଳରେ ଶ୍ରୀଧର ଟ୍ରାକ୍ଟରଟି ପାଇବା ପାଇଁ ଏସ୍‌ପିଙ୍କୁ ଗୁହାରି କରିଛି।

## ମଦ୍ୟପ ଚାଳକଙ୍କୁ ଯାଞ୍ଚ

ପାଣିକୋଇଲି,୨୪।୯ (ସମିସ): ଯାଜପୁର ପରିବହନ ବିଭାଗ ଓ ପାଣିକୋଇଲି ପୁଲିସ ମିଳିତ ସହଯୋଗରେ ଆଜି ପାଣିକୋଇଲି ବଜାରରେ ମଦ୍ୟପ ଚାଳକଙ୍କୁ ଯାଞ୍ଚ କରାଯାଇଥିଲା। ମୋଟ ୮ଟି ଗାଡିରୁ ୯୫ହଜାର ଟଙ୍କା ଜରିମାନା ଅଦାୟ କରାଯାଇଥିଲା। ଜୁନିୟର ଏମ୍‌ଭିଆଇ ପ୍ରତିଶ୍ରୁତି ମଲ୍ଲିକ, ସୁରେଶ କୁମାର ପତି, ରାଜେଶ ମଙ୍ଗରାଜ, ଏଏସଆଇ ଶରତ ଚନ୍ଦ୍ର ବେହେରାଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

## ବଜରଙ୍ଗ ଦଳ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ

ଯାଜପୁର,୨୪।୯ (ସମିସ): ମଙ୍ଗଳବାର ରାତିରେ ଟିଂ ରୋଡ଼ ମେଡ଼ିକାଲ କଲେଜ ନିକଟସ୍ଥ ମଙ୍ଗଳା ମନ୍ଦିର ସମ୍ମୁଖ ରାସ୍ତାରେ ଗୋରୁ ମୁଣ୍ଡ ଓ ଚମଡ଼ା ପଡ଼ିବା ଘଟଣାକୁ ପ୍ରତିବାଦ କରି ବୁଧବାର ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଯାଜପୁର ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବେଆଇନ କଂସେଇ ଖାନା ବନ୍ଦ କରି ସହରରେ ଭାଇଚାରା ନଷ୍ଟ କରୁଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ବଜରଙ୍ଗ ସଂଯୋଜକ ଚିନ୍ମୟ ଚିର ସୁନ୍ଦର ପରିଡ଼ା, ଗୋ ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଅନିଲ ଦାସ, ଚନ୍ଦ୍ରକାନ୍ତ ଜେନା, ଗୌତମ ପ୍ରସାଦ ସାହୁ, ବଙ୍ଗନ ଖିଲାର, ଦେବବ୍ରତ ମିଶ୍ର, ଅମୀୟ ମହାନ୍ତି, ପ୍ରଣୟ ଘଡ଼ାଇ ସମେତ ସଂଘର ଶତାଧିକ କାର୍ଯ୍ୟକର୍ତ୍ତା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଯାଜପୁର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ବୁଧବାର ଏକ୍ସଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହାୟତାରେ ଗାନ୍ଧୀ ଛକ ସାହି ବସ୍ତିରେ ଥିବା କଂସେଇଖାନା ଗୁଡ଼ିକ ଉପରେ ଚଡ଼ଉ କରିଥିଲେ। ଏପରିକି କେତେଜଣ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ନୋଟିସ ମଧ୍ୟ ଜାରି କରାଯାଇଥିବା ଜଣାପଡ଼ିଛି।

● ସେବାଶ୍ରମ ବିଦ୍ୟାଳୟରେ ଛାତ୍ର ମୃତ୍ୟୁ ଘଟଣା

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ତଦନ୍ତ

ଦଶରଥପୁର,୨୪।୯ (ସମିସ): ଦଶରଥପୁର ବ୍ଲକ ଜୟନ୍ତରା ସେବାଶ୍ରମ ବିଦ୍ୟାଳୟର ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଆଜି ସନ୍ଧ୍ୟାରେ ସେବାଶ୍ରମରେ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ତଦନ୍ତ କରିଥିଲେ। ରାଜ୍ୟ ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ମେମ୍ବର ମନସ୍ୱିନୀ ପରିଡା ଓ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ମିହିର କୁମାର ଜେନା ପ୍ରମୁଖ ସେବାଶ୍ରମର ଅର୍ଦ୍ଧାଧିକ ଛାତ୍ରମାନଙ୍କୁ ସେମାନଙ୍କ ଦୈନନ୍ଦିନ ରହଣି ବିଷୟରେ ପଚାରି ବୁଝିଥିଲେ। ୩ ଦିନ ଧରି ଅସୁସ୍ଥ ଥିଲେ ମଧ୍ୟ ମୃତ ଛାତ୍ର ବୁଦ୍ଧିରାମ ପୂର୍ତ୍ତିଙ୍କୁ କାହିଁକି ଆବଶ୍ୟକ ଚିକିତ୍ସା ଉପଲବ୍ଧ କରାଯାଇନଥିଲା ଆୟୋଗ ଅଧ୍ୟକ୍ଷାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପ୍ରଧାନ ଶିକ୍ଷକ ଦଶରଥ ଜେନା ରଖିବାରେ ଅସମର୍ଥ ହେଇଥିଲେ। ଯାହାକୁ ନେଇ ସେବାଶ୍ରମ ପରିସରରେ ସ୍ଥାନୀୟ ବାସିନ୍ଦା ହୋ-ହାଲ୍ଲା କରିବା ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ତଦନ୍ତ ଚାଲିଛି ଦୋଷୀଙ୍କ ବିରୁଦ୍ଧରେ ନିଶ୍ଚିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

### ଏକାଦଶ ଦିନରେ ମା' ବିରଜାଙ୍କ ଦୁର୍ଗୋତ୍ସବ

# ଦକ୍ଷିଣ ପଶ୍ଚିମ କୋଣରେ ରହିଲା ମା'ଙ୍କ ରଥ




ଯାଜପୁର,୨୪।୯ (ସମିସ)

ଆଜି ମା' ବିରଜା ଦେବୀଙ୍କ ଦୁର୍ଗୋତ୍ସବ ଏକାଦଶ ଅର୍ଥାତ୍ ୧୧ ଦିନରେ ପାଳିତ ହୋଇଥିବା ବେଳେ ମା' ବିରଜାଙ୍କ ରଥଯାତ୍ରା ଓ ମୁଖ ଦର୍ଶନ ଆଜି ତୃତୀୟ ଦିନରେ ପାଳିତ ହୋଇଛି। ଆଜି ସକାଳ ୬ଟାରେ ବୈତରଣୀ ଜଳରେ ମା'ଙ୍କ ସ୍ନାନ କରାଯିବା ପରେ ୭ଟାରେ ଭକ୍ତ ମାନଙ୍କୁ ଗର୍ଭ ଗୃହକୁ ପ୍ରବେଶ କରାଯାଇଥିଲା। ମହିଳା ଓ ପୁରୁଷ ଭକ୍ତମାନେ ୨ ଧାଡ଼ିରେ ଗର୍ଭ ଗୃହକୁ ପ୍ରବେଶ କରି ମା'ଙ୍କ ପାଦ ସ୍ପର୍ଶ କରିଥିଲେ। ୧.୧୫ ମିନିଟ ଏହି ଦର୍ଶନ ଚାଲିବା ପରେ ବନ୍ଦ କରାଯାଇ ସାଧାରଣ ଦର୍ଶନ କରାଯାଇଥିଲା। ୮. ୩୦ ମିନିଟ୍‌ରୁ ୯.୩୦ ମିନିଟ୍ ମଧ୍ୟରେ ମା'ଙ୍କର ଶାଢ଼ି ବେଶ, ଚନ୍ଦନ ବେଶ, ଗହଣା ବେଶ ଇତ୍ୟାଦି କାର୍ଯ୍ୟ ସମାପନ କରାଯାଇଥିଲା। ସକାଳ ସମୟରେ ଯାଜପୁରର ପୂର୍ବତନ ଜିଲ୍ଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ସସ୍ତ୍ରୀକ ମନ୍ଦିର ଗର୍ଭ ଗୃହରେ ପୂଜାର୍ଚ୍ଚନା କରିଥିଲେ। ଦିନ ୧୦.୩୦ ମିନିଟରେ ବଡ଼ଶୃଙ୍ଗାର ବେଶ ପରେ ଗର୍ଭ ଗୃହକୁ ଧୂଆ କରାଯାଇ ୧୧.୩୦ ମିନିଟରେ ଦିନ ପୂଜାର ଆୟୋଜନ କରାଯାଇଥିଲା। ଦିନ ୨.୩୦ ମିନିଟ୍‌ରେ ସମସ୍ତ ପୂଜା ସମାପନ ପରେ କଳସ ପୂଜା ସରିବା ପରେ ପହୁଡ଼ କରାଯାଇଥିଲା। ତାପରେ ଗତକାଲି ଠାରୁ ରଥ ଉପରେ ମା' ବିରଜାଙ୍କ ବିଜୟ ପ୍ରତିମା ନିକଟରେ ପୂଜା ଓ ନୈବେଦ୍ୟ କରାଯାଉଛି। ଦେଢ଼ ଘଣ୍ଟା ପରେ ଆର୍ଥାତ୍ ୪ଟାରେ ପହୁଡ଼ ଖୋଲା ଯିବା ପରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ। ବର୍ଷା ଯୋଗୁ ସାମାନ୍ୟ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୫ଟାରେ ରଥ ଯାତ୍ରାର ଆୟୋଜନ କରାଯାଇଥିଲା। ଗର୍ଭ ଗୃହରୁ ମା'ଙ୍କ ଆର୍ଶା ଦଣ୍ଡକୁ ଆର୍ଶା ପାଳିଆ ସେବାୟତ ଆଣିବା ପରେ ସିଂହଦ୍ୱାରରେ ଉପସ୍ଥିତ ରହିଥିବା ଛତ୍ର, ତରାଶ ସାମିଲ ହୋଇଥିଲେ। ଅପରାହ୍ନ ୫.୧୫ମିନିଟ୍‌ରେ ଆରମ୍ଭ କରାଯାଇଥିବା ରଥଯାତ୍ରା କାର୍ଯ୍ୟ ୬.୧୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଆଜି ୧ ବେଢ଼ା ପରିକ୍ରମା କରାଯାଇ ଦକ୍ଷିଣ ପଶ୍ଚିମ କୋଣରେ ରଖାଯାଇଥିଲା। ୬.୧୫ ମିନିଟରେ ରଥ ଚାଳନା ବନ୍ଦ ପରେ ରଥରୁ ଆର୍ଶା, ଛତ୍ର, ତରାଶ, ମସାଲ ଅବତରଣ କରାଯାଇ ଆର୍ଶା ଦଣ୍ଡକୁ ମା'ଙ୍କ ସିଂହାସନ ନିକଟକୁ ନିଆଯିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ରଥଯାତ୍ରା ଶେଷ ହେବା ପରେ ରାତି ୮ଟାରେ ବଡ଼ ଶୃଙ୍ଗାର ବେଶ ପରେ ରାତ୍ର ପୂଜାର ଆୟୋଜନ କରାଯାଇଛି। ଆଜିର ଦିନ ଓ ରାତ୍ରିର ପୂଜା କାର୍ଯ୍ୟକୁ ପୁରୋଧା ସରୋଜ କୁମାର ପତି, ପ୍ରମୋଦ କୁମାର ପତି, ପ୍ରତାପ ପତି, ବିରଜା ଶଙ୍କର ପତି ପରିଚାଳନା କରିଥିଲେ। ଆଜି ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବେ ସକାଳ ସମୟରେ ସହକାରୀ ଜିଲ୍ଲାପାଳ ସୁନିଲ କୁମାର ସ୍ୱାଇଁ ଓ ଅପରାହ୍ନ ରଥଯାତ୍ରା ସମୟରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା ଉପସ୍ଥିତ ଥିଲେ।

● ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ

## ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ




ପାଣିକୋଇଲି,୨୪।୯ (ସମିସ): ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶ ମତେ ଯାଜପୁର ଜିଲ୍ଲା ଚିତ୍ତାଳେ ମାହାବିଦ୍ୟାଳୟ ପରିସରରେ ଆୟୋଜିତ କବାଡ଼ି ଟୁର୍ଣ୍ଣାମେଣ୍ଟର ବାଳକ ବିଭାଗରେ ପାଣିକୋଇଲିର ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଢେଙ୍କାନାଳ ଜିଲ୍ଲା ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହରାଇ ଚାମ୍ପିଅନ ହୋଇଛି। ଜୋନ-୧ରେ ଯାଜପୁର, ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାର ୧୭ଟି ଟିମ୍ ଭାଗ ନେଇଥିବା ବେଳେ ପ୍ରଥମ ମ୍ୟାଚରେ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋରାଇସ୍ଥିତ କାହ୍ନୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୩୫-୧୮ ପଏଣ୍ଟରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନରସିଂହ ଚୌଧୁରୀ ବିଦ୍ୟାଳୟକୁ ୪୨-୧୭ ପଏଣ୍ଟରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ମା' ତରିଣୀ ମହାବିଦ୍ୟାଳୟ ବରୁଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୮-୧୭ ପଏଣ୍ଟରେ ପରାସ୍ତ କରି ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ ରାଉଣ୍ଡରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନ୍ଦୁପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରାସ୍ତ କରିଥିଲା। ଉକ୍ତ ମ୍ୟାଚଟିରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦୁଇ ଦଳ ୨୩-୨୩ ପଏଣ୍ଟ ସମାନ ଭାବେ ହାସଲ କରିଥିଲେ। ଏହାପରେ ୫ ରେଡ୍‌ରେ ମଧ ଉଭୟ ଟିମ ୬-୬ ପଏଣ୍ଟ ହାସଲ କରିଥିଲେ। ଶେଷରେ ଗୋଲଡ଼େନ ରାଉଣ୍ଡରେ ପାଣିକୋଇଲି ଇନ୍ଦିପୁରକୁ ହରାଇ ବିଜୟୀ ଘୋଷିତ ହୋଇଥିଲେ। ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ, ଅଧ୍ୟାପକ ସୋମନାଥ ପତି, ସମରେନ୍ଦ୍ର ଦାଶ, ପ୍ରଭାମୟୀ ସାମଲ, କଲ୍ୟାଣୀ ସାମଲ, ବଳରାମ ପଣ୍ଡା, ତୁଷାର ରଞ୍ଜନ ପୁହାଣ, ସତ୍ୟବ୍ରତ ଦାସ, ସୁଶାନ୍ତ ପଣ୍ଡା କର୍ମଚାରୀ ଶାନ୍ତନୁ ପହୀ, ମଧୁସୁଦନପଣ୍ଡା, ମହେଶ୍ୱର ସେଠୀ, ଅଲେଖ ପ୍ରସାଦ ସାହୁ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ବିଜୟୀ ଟିମର ମ୍ୟାନେଜର ଭାବେ ଅଧ୍ୟାପକ ଶୁଭକାନ୍ତ ପାତ୍ର ସାମିଲ ହୋଇଥିଲେ।

ବାଲିଘାଟରେ ଚଢ଼ାଉ ବେଳେ ଆକ୍ରମଣ

## ମାଡ଼ମାରି ଛଡ଼ାଇନେଲେ ଟ୍ରାକ୍ଟର

କୁଆଖିଆ,୨୪।୯ (ସମିସ): କୁଆଖିଆ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଗୋପାଳପୁର, ରାଜେନ୍ଦ୍ରପୁର ଆଦି ଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ଜାଣି ବୁଧବାର ପ୍ରାତଃହ ସମୟରେ ଯାଜପୁର ସର୍କଲ ଖଣି ନିର୍ଦ୍ଦେଶାଳୟର କନିଷ୍ଠ ଖଣି ଅଧିକାରୀ



ସୀତେଶ କୁମାର ନାୟକ ଯାଜପୁର ଜିଲ୍ଲା ରିଜର୍ଭ ପୁଲିସ ଫୋର୍ସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବାଲି ମାଫିଆ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ବେହେରା ଓ ଟ୍ରାକ୍ଟର ଡ୍ରାଇଭର ରଞ୍ଜନ ଜେନା ଖଣି ଅଧିକାରୀ ଓ ପୁଲିସ କର୍ମଚାରୀଙ୍କୁ ମାଡ଼ମାରି ଗାଡ଼ି ଛଡ଼ାଇ ନେଇଗଲେ। ଏ ନେଇ ଖଣି ଅଧିକାରୀ ନାୟକ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ କେସ୍ ନମ୍ବର ୩୭୫/୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିଛି। ମାଫିଆମାନେ ଛଡ଼ାଇ ନେଇଥିବା ଟ୍ରାକ୍ଟର ଓ ଅଧିକାରୀମାନଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ପୁଲିସ ଖୋଜୁଥିବା ଜଣାଯାଇଛି। ଅଭିଯୁକ୍ତମାନେ ଫେରାର ଥିବା ବେଳେ ଟ୍ରାକ୍ଟରଟିକୁ କେଉଁଠି ଲୁଚାଯାଇଛି, ତାକୁ ନେଇ ପୁଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି। ମାଫିଆମାନେ ପାଣିରୁ ବାଲିକୁ ଛାଣି ବେଆଇନ ଭାବରେ ଚାଲାଣ କରୁଥିବା ଅଭିଯୋଗ ହେବା ପରେ ଆଜି ସକାଳେ ଖଣି ଅଧିକାରୀଙ୍କ ସହ ପୁଲିସ ବାହିନୀ ୧୬ନମ୍ବର ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଧରିଥିଲେ। ତେବେ ଚଢ଼ଉ ଦଳକୁ ଦେଖି ଟ୍ରାକ୍ଟର ଚାଳକ ଗାଡ଼ିକୁ ଛାଡି ଫେରାର ହୋଇଯାଇଥିଲା। ଏହାକୁ ଜବତ କରି କୁଆଖିଆ ଥାନାକୁ ଆଣିଥିଲେ। ଏଥିସହ ବ୍ରାହ୍ମଣୀ ନଦୀର ଗୋପାଳପୁର ଠାରେ ଥିବା ବେଆଇନ ବାଲିଘାଟ ଉପରେ ଚଢ଼ଉ କରିଥିଲେ। ପୂର୍ବରୁ ଖବର ପାଇ ଚାଳକମାନେ ଫେରାର ହୋଇଯାଇଥିଲେ। ମାତ୍ର ଗୋଟିଏ ଟ୍ରାକ୍ଟର ଘାଟରେ ବାଲି ବୋଝେଇ କରୁଥିବା ସମୟରେ ଧରା ପଡିଯାଇଥିଲା। ପୁଲିସକୁ ଦେଖି ଟ୍ରାକ୍ଟରଚାଳକ ଘଟଣାସ୍ଥଳରୁ ଫେରାହୋଇଯାଇଥିଲା। ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁଲିସ କର୍ମଚାରୀମାନେ ଘାଟରେ ପହଞ୍ଚି ବାଲିକୁ ଖଲାସ କରିବା ସହ ଗାଡିକୁ ଥାନାକୁ ଆଣିବାକୁ ପ୍ରୟାସ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ବେହେରା ଓ ଟ୍ରାକ୍ଟର ଡ୍ରାଇଭର ରଞ୍ଜନ ଜେନା ସଂଘବଦ୍ଧ ହୋଇ ଘଟଣାସ୍ଥଳରେ ପହଞ୍ଚି ପୁଲିସ କର୍ମଚାରୀ ଓ ଖଣି ଅଧିକାରୀଙ୍କ ସହ ଝଗଡା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୁଲିସ କର୍ମଚାରୀ ଗାଡିକୁ ଜୋରଜବରଦସ୍ତ ଥାନାକୁ ଆଣିବାକୁ ପ୍ରୟାସ କରିବାରୁ ଚାଳକ ରଞ୍ଜନ ସେମାନଙ୍କୁ ଧକ୍କା ମାରିବା ସହ ଗାଡି ଉପରୁ ତଳକୁ ଠେଲି ମାରି ଦେବାକୁ ଧମକ ଦେଇ ଟ୍ରାକ୍ଟରକୁ ଛଡାଇ ନେଇଥିଲେ। ଏହି ସୁଯୋଗରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ନେଇ ଖଣି ଅଧିକାରୀ ଥାନରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ପକ୍ଷରୁ ଖୋଳତାଡ ଜାରି ରହିଛି।

● ପ୍ରଥମାଖଣ୍ଡି ଡବଲ ମର୍ଡର ଘଟଣା

## ଦମ୍ପତିଙ୍କୁ ଆଜୀବନ ଜେଲ୍ ଓ ଜରିମାନା

ଯାଜପୁର,୨୪।୯ (ସମିସ): କୁଆଖିଆ ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ଡବଲ ମର୍ଡର ଘଟଣାରେ ହତ୍ୟାକାରୀ ଦମ୍ପତିଙ୍କୁ ଅତିରିକ୍ତ ଜିଲା ଓ ଦୌରାଜଜ୍ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବିବରଣୀରୁ ପ୍ରକାଶ, କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ଗ୍ରାମରେ ୨୦୧୬ ମସିହା ଅକ୍ଟୋବର ୩୧ ତାରିଖରେ ନୀଳମଣି ସେଠୀ ଓ ବିଳାସୀ ସେଠୀ ଉଭୟ ସ୍ୱାମୀ ସ୍ତ୍ରୀ ନିଜ ସାନ ଭାଇ ସୁଶୀଳ ଓରଫ ଗେଡ଼ ସେଠୀ ଓ ତା'ର ସ୍ତ୍ରୀ ଝରଣା ସେଠୀଙ୍କୁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଡ଼ ଭାଇ ନୀଳମଣୀ ସେଠୀ ଓ ତା'ର ସ୍ତ୍ରୀ ବିଳାସୀ ଦୁହେଁ ମିଶି ସାନ ଭାଇ ସୁଶୀଳ (ଗେଡ଼) ଓ ତା'ର ସ୍ତ୍ରୀ ଝରଣାକୁ କୋଦାଳ ବେଣ୍ଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଶୀଳ ଓ ଝରଣାଙ୍କୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାର ୨୪ ଘଣ୍ଟା ଭିତରେ ସ୍ତ୍ରୀ ଝରଣାର ମୃତ୍ୟୁ ଓ ଏହାର ଦୁଇ ଦିନ ପରେ ସ୍ୱାମୀ ସୁଶୀଳଙ୍କ ମୃତ୍ୟୁ ଘଟିଥିଲା। ମୃତ ସୁଶୀଳଙ୍କ ସମ୍ପର୍କୀୟ ଭାଇ ଶ୍ୟାମସୁନ୍ଦର ସେଠୀ ୨୦୧୬ ମସିହା ନଭେମ୍ବର ୨ ତାରିଖରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି କୁଆଖିଆ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନୀଳମଣୀ ସେଠୀ ଓ ବିଳାସୀ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଅଭିଯୁକ୍ତ ନୀଳମଣୀ ସେଠୀ ବିଚାଧିନ କଏଦୀ ଭାବେ ଯାଜପୁର ଜେଲ୍‌ରେ ରହିଥିବା ବେଳେ ସ୍ତ୍ରୀ ବିଳାସୀଙ୍କୁ କିଛି ମାସ ପରେ ଜାମିନ ମିଳିଥିଲା। ବୁଧବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଉଭୟ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ହଜାର ଟଙ୍କାର ଜରିମାନା ଅନାଦେୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜୟଦୀପ ମିଶ୍ର ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

## ଲଗାଣବର୍ଷାରେ ପଡ଼ିଲା କାନ୍ଥ



ପାଣିକୋଇଲି,୨୪।୯ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମର ସୁରେଶ ଦାସ ପରିବାର ଆଜି ବେସହରା ହୋଇଯାଇଛନ୍ତି। ଲଗାଣ ବର୍ଷା ଯୋଗୁ ଘରର କାନ୍ଥ ପଡିଯାଇଛି। ଫଳରେ ରାତିରେ ମୁଣ୍ଡ ଗୋଞ୍ଜିବାକୁ ଆଉ ସ୍ଥାନ ନାହିଁ। ହେଲେ ଅସହାୟ ପରିବାର ନିକଟରେ ପ୍ରଶାସନ ପହଞ୍ଚିନାହିଁ। ତୁରନ୍ତ ପ୍ରଶାସନ ସୁରେଶ ପରିବାର ନିକଟରେ ପହଞ୍ଚି ସେମାନଙ୍କ ଆବଶ୍ୟକତା ପୂରଣ ପାଇଁ ସାଧାରଣରେ ଦାବି ହୋଇଛି। ବର୍ତ୍ତମାନ ଅସ୍ଥାୟୀଭାବେ ତାଙ୍କୁ ରଖାଯାଇ ଆବାସ ଯୋଜନାରେ ଗୃହ ଯୋଗଇଦେବାକୁ ଦାବି ହୋଇଛି।

କାଳୀପୂଜା ପ୍ରସ୍ତୁତି ବୈଠକରେ ବିଭ୍ରାଟ

# ପ୍ରଶାସନର ଶାନ୍ତିକମିଟିକୁ ଅଣଦେଖା

### ପ୍ରତିବାଦରେ ବୈଠକ ବର୍ଜନ କଲେ ପୂଜା କମିଟି

ଯାଜପୁର,୨୪।୯ (ସମିସ)

ଯାଜପୁରର ଗଣପର୍ବ କାଳୀପୂଜା। ପ୍ରତିବର୍ଷ ଏହି ପୂଜାକୁ ଯାଜପୁର ସହରବାସୀ ବିଶେଷ ଭାବେ ଉପଭୋଗ କରିଥାନ୍ତି। ଏହି ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ପୂଜା ପାଇଁ ଗଠିତ ହୋଇଥିବା ଶାନ୍ତି କମିଟି ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ଏହି ପୂଜା ପାଳନରେ ନାନା ବିଭ୍ରାଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଶାସକ ଦଳର ଇଙ୍ଗିତରେ ଏଭଳି ବିଭ୍ରାଟ କରୁଥିବା ଅଭିଯୋଗ ହୋଇଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଆହୁତ ପ୍ରସ୍ତୁତି ବୈଠକରେ ଏଭଳି ବିଭ୍ରାଟ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ପୂଜା ପ୍ରସ୍ତୁତି ବୈଠକରେ ଶାନ୍ତିକମିଟି ସଦସ୍ୟଙ୍କୁ ପ୍ରଶାସନ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିବାର ପରମ୍ପରା ରହିଛି। କିନ୍ତୁ ଚଳିତ ବର୍ଷ ଶାନ୍ତି କମିଟି ସଦସ୍ୟଙ୍କୁ ନିମନ୍ତ୍ରଣ ନ କରି କେବଳ ପୂଜା କମିଟି ମାନଙ୍କୁ ନିମନ୍ତ୍ରଣ କରିଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଆରମ୍ଭରେ



ଶାନ୍ତି କମିଟି ସଦସ୍ୟ ବଳଭଦ୍ର ଦାସ ପ୍ରଶାସନ କାହିଁକି ଶାନ୍ତି କମିଟି ସଦସ୍ୟଙ୍କୁ କାହିଁକି ନିମନ୍ତ୍ରଣ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନ ଜାଣିଶୁଣି ଶାନ୍ତି କମିଟି ସଦସ୍ୟ ତଥା ଯାଜପୁର ସହରର ମୁରବୀ ମାନଙ୍କୁ ଅସମ୍ମାନ କରିଥିବା ଅଭିଯୋଗ କରିଥିଲେ। ଗତ ବର୍ଷ ଏଭଳି ଉଦ୍ୟମ ପ୍ରଶାସନ କରିଥିଲା କିନ୍ତୁ ପ୍ରବଳ ବିରୋଧ ହେବା ପରେ ପ୍ରଶାସନ ନିଜ ଛାପ ନିଜେ ଢ଼ୋକିଥିଲେ। ଚଳିତ ବର୍ଷ ପ୍ରଶାସନ ଯେଉଁଭଳି ଶାନ୍ତିକମିଟି କୁ ଅଣଦେଖା କରୁଛି ତାର ପ୍ରତିବାଦ କରାଯିବ ବୋଲି କମିଟି ସଦସ୍ୟ ମାନେ ଚେତାବନୀ ଦେଇଥିଲେ। ପ୍ରଶାସନ ବର୍ତ୍ତମାନର ଶାନ୍ତିକମିଟିକୁ ଭଙ୍ଗ କରି ବେଆଇନ ଭାବେ ନୂତନ ସଭ୍ୟ ମାନଙ୍କୁ ନେବା ପାଇଁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରି ଯାଜପୁର ସହରର ସମସ୍ତ ପୂଜା କମିଟି ସଦସ୍ୟ ଏହି ବୈଠକକୁ ବର୍ଜନ କରିଥିଲେ। ପୂଜା ପାଳନ ପୂର୍ବରୁ ପ୍ରଶାସନର ଏଭଳି ଉଦ୍ୟମକୁ ସାଧାରଣରେ ନିନ୍ଦା କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ତଳେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ପୂଜା କମିଟିର କର୍ମକର୍ତ୍ତା ରାଜୀବ ମହାନ୍ତି, ବଳଭଦ୍ର ଦାସ, ବଟକୃଷ୍ଣ ମହାପାତ୍ର, ମନୋଜ କୁମାର ସାହୁ ସମେତ ଅଧିକାଂଶ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବର୍ଷା କ୍ଷତିଗ୍ରସ୍ତଙ୍କୁ ସହାୟତା



ପାଣିକୋଇଲି,୨୪।୯ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ଶଗଡ଼ି ଓ କେଳାଗଡ଼ିଆ ଗ୍ରାମରେ ଲଗାଣ ବର୍ଷାରେ କାନ୍ଥ ପଡ଼ି ବେସହାରା ପରିବାରକୁ ଭେଟିଲା ଅଶୋକ ଦାସ ଫାଉଣ୍ଡେସନ କୋରେଇ। ଶଗଡ଼ି ଗ୍ରାମର ଆଲ୍ଲାଉଦ୍ଦିନ, ମନହର ଖାଁ ଓ କେଳାଗଡିଆ ଗ୍ରାମର ସୁଶାନ୍ତ ମଳିକ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପାଲ ଓ ଅର୍ଥରାଶି ସହାୟତା କରାଯାଇଥିଲା। କୋରେଇ ସଂଯୋଜକ ସୁବାସ ଧଳ, ମହାସଚିବ ଭବପ୍ରସାଦ ଦାସ ପ୍ରମୁଖ ତାଙ୍କ ପରିବାର ନିକଟରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସମସ୍ତଙ୍କୁ ଆବସ ଯୋଜନାରେ କାହିଁକି ସାମିଲ କରାଯାଇ ନାହିଁ ସେ ନେଇ ତର୍ଜମା କରାଯାଇଥିଲା। ଦାମୋଦର ସାହୁ, ପ୍ରଦୀପ୍ତ ମହାନ୍ତି, ମିର୍ଜା ହବିବୁଲ୍ଲା ବେଗ, ମୁମତାଜ ବେଗ, ଖାଲିକ ବେଗ, ମୁକ୍ତାର ବେଗ, ଆବୁସଲା ବେଗ, ସାଗର ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରିବାକୁ ଏଡିଏଫ୍ ପକ୍ଷରୁ ଦାବି ହୋଇଛି।




# ରେଳଷ୍ଟେସନରୁ ଗଞ୍ଜେଇ ଜବତ; କେରଳର ୨ ଯୁବକ ଗିରଫ

ବ୍ରହ୍ମପୁର,୨୪।୯(ସମିସ): ବ୍ରହ୍ମପୁର ରେଳଷ୍ଟେସନର ୨ନଂ ପ୍ଲାଟଫର୍ମରୁ ୧୮ କେଜି ଗଞ୍ଜେଇ ଜବତ ସହ ୨ଜଣ କେରଳି ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେରଳ ରାଜ୍ୟର ଦୀପୁ ଦିବାକର(୨୫) ଓ ଅରୁଣମ ସାଥିସାନ(୩୫)। ବ୍ରହ୍ମପୁର ରେଳଷ୍ଟେସନ ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଆରପିଏଫ, ରେଳବାଇ ଥାନା ପୁଲିସ ଏବଂ ଏସ୍‌ଟିଏଫ ପକ୍ଷରୁ ମିଳିତ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୨ ଓ ୩ନଂ ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରିଥିବା ଉପରୋକ୍ତ ଅଭିଯୁକ୍ତଙ୍କ ବ୍ୟାଗ ସନ୍ଦେହରେ ଯାଞ୍ଚ କରାଯିବାରୁ ୧୮ କେଜି ୨୧୫ ଗ୍ରାମ ଗଞ୍ଜେଇ ମିଳିଥିଲା। ପୁଲିସ ସେମାନଙ୍କୁ କାବୁ କରିବା ସହ ସମସ୍ତ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତମାନେ ଟ୍ରେନ ଯୋଗେ ଏହି ଗଞ୍ଜେଇ ବ୍ରହ୍ମପୁରରୁ କେରଳ ନେଉଥିବା କହିଥିଲେ। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ମୋବାଇଲ ଓ ପରିଚୟପତ୍ର ଜବତ କରିଛି। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଳବାଇ ଥାନା ଅଧିକାରୀ ବିକାଶ ପଲେଇ ସୂଚନା ଦେଇଛନ୍ତି।

# ମାର୍କଣ୍ଡିରେ ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପିତ



ବ୍ରହ୍ମପୁର,୨୪।୯(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ଅର୍ନ୍ତଗତ ମାର୍କଣ୍ଡି ଗ୍ରାମରେ ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପିତ ହୋଇଛି। ଢୋଲ, ବାଦ୍ୟ, ବାଜଣା ସହକାରେ ପୂଜାର୍ଚ୍ଚନା ସହ ଶୁଭ ଦିଆଯାଇଛି। ଏହି ସମୟରେ ଶ୍ରୀ ଶ୍ରୀ ଶ୍ରୀ ମା' ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟଗଣ ଉପସ୍ଥିତ ଥିଲେ। ସୂଚନା ପ୍ରକାରେ ଆସନ୍ତା ୨୮ତାରିଖ ରବିବାର ଦିନ ମାର୍କଣ୍ଡିରେ ଜଳଯାତ୍ରା, ତତପରେ ମହାସପ୍ତମୀ, ମହାଷ୍ଟମୀ, ମହାନବମୀ, ବିଜୟା ଦଶମୀ ଆଦି ପୂଜାର୍ଚ୍ଚନା ସହ ଅନ୍ନଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମିଟି ସଦସ୍ୟ କହିଛନ୍ତି।

● ବ୍ରହ୍ମପୁର ଖବରକାଗଜ ବିତରକ ସଂଘର ନିର୍ବାଚନ

# ପୂର୍ଣ୍ଣଚନ୍ଦ୍ର ସଭାପତି, ଲିଙ୍ଗରାଜ ସମ୍ପାଦକ



ବ୍ରହ୍ମପୁର,୨୪।୯(ସମିସ): ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବୁଧବାର ବ୍ରହ୍ମପୁର ଖବରକାଗଜ ବିତରକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଏସ୍. ପୂର୍ଣ୍ଣଚନ୍ଦ୍ର ଦୋରା ସର୍ବାଧିକ ୪୯ ଖଣ୍ଡ ଭୋଟ ପାଇ ଏସ. ଆନନ୍ଦ ରାଓଙ୍କୁ ପରାସ୍ତ କରିଛନ୍ତି। ସେହିପରି ସମ୍ପାଦକ ଭାବେ ଲିଙ୍ଗରାଜ ଆଚାର୍ଯ୍ୟ, ଉପ ସଭାପତି ଦୀନବନ୍ଧୁ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ନିରଞ୍ଜନ ନାୟକ, କୋଷାଧକ୍ଷ ଭାବେ ଭାଗିରଥି ବେହେରା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିପିନି ଚରଣ ସାହୁ, ପି. ଧର୍ମା ରେଡ୍ଡୀ, ରାମ ନାୟକ, ସୁଧୀର ପାଢ଼ୀ, ବାବୁଲା ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ପି. ସୁରେନ୍ଦ୍ର ପାତ୍ର, ବଦ୍ରି ନାରାୟଣ ପାଢ଼ୀ, ବିଭୁ ପ୍ରସାଦ ପୃଷ୍ଟି ଓ ଧନଞ୍ଜୟ ବେହୁରା, ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପଣ୍ଡା, ଉପଦେଷ୍ଟା ଭାବେ ଅନନ୍ତ ଆପଟା, ଉପଦ୍ରେ ବିଶ୍ୱାଳ ପ୍ରମୁଖ ମନୋନିତ ହୋଇଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଏକ ବର୍ଷ ରହିବ ବୋଲି ଜଣାପଡିଛି। ସଂଘର ମୋଟ ୧୦୬ଜଣ ସଦସ୍ୟ ରହିଥିବା ବେଳେ ୮୬ଜଣ ସଦସ୍ୟ ଅଂଶଗ୍ରହଣ କରି ସଭାପତି ଚୟନ କରିଥିଲେ। ଚୟନ କର୍ମକର୍ତ୍ତାମାନଙ୍କୁ ଦୈନିକ ଖବରକାଗଜ ସକାଳ କାର୍ଯ୍ୟାଳୟରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ଚନ୍ଦ୍ରଘଣ୍ଟା ବେଶରେ ପୂଜା ପାଇଲେ ମା'

ବ୍ରହ୍ମପୁର,୨୪।୯(ସମିସ): ନବରାତ୍ରର ତୃତୀୟ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ଆଦିଶକ୍ତି ମନ୍ଦିର, ଦେବୀ ପୀଠ, ଶକ୍ତିପୀଠ ଓ ବିଭିନ୍ନ ମେଢରେ ମା' ଚନ୍ଦ୍ରଘଣ୍ଟା ବେଶରେ ପୂଜା ପାଇଛନ୍ତି। ମା'ଙ୍କ ଏହି ରୂପ ଅପରୂପ ବୋଲି କୁହାଯାଏ। ଏହି ଦିନରେ ମା'ଙ୍କୁ ସୁମରଣା କଲେ ସମସ୍ତ ଦୁଃଖ ଲାଘବ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଲୋକକଥା ଅନୁସାରେ ଦେବୀ ଚନ୍ଦ୍ରଘଣ୍ଟା ରାକ୍ଷସ ମାନଙ୍କର ବିନାଶକାରୀ ଏବଂ ଭକ୍ତମାନଙ୍କର ରକ୍ଷାକର୍ତ୍ତା ଭାବରେ ପୂଜା ପାଆନ୍ତି। ଚନ୍ଦ୍ରଘଣ୍ଟା ହେଉଛନ୍ତି ଚନ୍ଦ୍ରଶେଖର ରୂପରେ ଶିବଙ୍କ ଶକ୍ତି।







୧୦ ତାରିଖ ସୁଦ୍ଧା ୟୁନିଫର୍ମ ପ୍ରଦାନ ନିର୍ଦ୍ଦେଶ

# ହାତରେ ୬ ଦିନ; ବାଣ୍ଟି ପାରିବେନି ଘାଣ୍ଟି ହେବେ

ବ୍ରହ୍ମପୁର,୨୪।୯(ସମିସ)

ଗଞ୍ଜାମ ଜିଲ୍ଲାର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ(ପୋଷାକ) ବଣ୍ଟନର ଅବହେଳା ପ୍ରତିପାଦିତ ହୋଇସାରିଛି। ସ୍କୁଲ ଖୋଲିବାର ଦୀର୍ଘଦିନ ପରେ ମଧ୍ୟ ବହୁ ବିଦ୍ୟାଳୟରେ ପୋଷାକ ମିଳିପାରିନି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ନିର୍ଦ୍ଦେଶନାମାର ୩ମାସ ପରେ ଗଞ୍ଜାମର ଜିଲ୍ଲାରେ ପୋଷାକ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ୧୦ତାରିଖରେ ସୁଦ୍ଧା ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ଦଶମ ସମସ୍ତ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୨୭ତାରିଖରେ ଦୁର୍ଗାପୂଜା ଛୁଟି ହେବାକୁ ଥିବାବେଳେ ପୁଣି ଆସନ୍ତା ଅକ୍ଟୋବର

## ଜିଲ୍ଲା ଶିକ୍ଷା ପ୍ରଶାସନର ଅବହେଳା ଓ ଅଜବ ନୀତି

୮ରେ ଛୁଟି ଶେଷ ହେବ। ଚଳିତ ମାସରେ ମାତ୍ର ୩ଦିନ ରହିଥିବା ସହ ଆସନ୍ତା ମାସ ସ୍କୁଲ ଖୋଲିବା ପରେ ୩ଦିନ ସମୟ ରହିଛି। ଅର୍ଥାତ ବିଦ୍ୟାଳରେ ଗୁଡ଼ିକରେ ପାଠପଢୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ୟୁନିଫର୍ମ ବଣ୍ଟନ କରିବାକୁ ଏସଏଚଜି ମାନଙ୍କ ନିକଟରେ ମାତ୍ର ୬ଦିନ ସମୟ ରହିଛି। ଏଥି ମଧ୍ୟରେ ଏସଏଚଜିର ସଦସ୍ୟମାନେ ବିଦ୍ୟାଳୟ ଗୁଡ଼ିକୁ ଯାଇ ଛାତ୍ରଛାତ୍ରୀଙ୍କ ପୋଷାକ ନିମନ୍ତେ ଆବଶ୍ୟକ ମାପ ନେବା ସହ ୟୁନିଫର୍ମ ପ୍ରଦାନ କରିବା କଷ୍ଟକର। ଜିଲ୍ଲା ଶିକ୍ଷାଧିକାରୀଙ୍କ ଏହି ଅଜବ ନିର୍ଦ୍ଦେଶନାମାକୁ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପର୍ଯ୍ୟନ୍ତ ସମସ୍ତଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ଛାତ୍ରଛାତ୍ରୀ ପିଛା ୫୦୦ଟଙ୍କା ମୂଲ୍ୟରେ ଦୁଇହଳ ନିର୍ଦ୍ଦିଷ୍ଟ ରଙ୍ଗର ପ୍ୟାଣ୍ଟ ଓ ଧଳା ସାର୍ଟ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀମାନଙ୍କୁ ଦୁଇହଳ ଫ୍ରକ(ଝାଲେରୀ ସହିତ) ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀମାନଙ୍କୁ ଦୁଇ ହଳ ସାଲୱାର କମିଜ ଓ ଓଢଣୀ ପ୍ରଦାନ କରିବାକୁ କୁହାଯାଇଛି। ଚଳିତ ବର୍ଷ ଜୁନ ମାସରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଥିଲା। ପୋଷାକ ବଣ୍ଟନ ପ୍ରକ୍ରିୟା ଚଳିତ ବର୍ଷ ଜୁଲାଇ ୧୫ତାରିଖ ସୁଦ୍ଧା ସୁନିଶ୍ଚିତ କରାଯିବାକୁ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ନିର୍ଦ୍ଧାରିତ ତାରିଖ ଶେଷ ହୋଇଥିବା ବେଳେ ଏଥି ମଧ୍ୟ ୨ମାସ ଅତିକ୍ରାନ୍ତ ହୋଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ପ୍ରକ୍ରିୟା ଶେଷ ହୋଇ ନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

କମ୍ପାନୀରେ ପହଞ୍ଚିବା ପୂର୍ବରୁ

# ୬୦ ଲକ୍ଷ ଟଙ୍କା ମୂଲ୍ୟର 'ହାଇଡ୍ରୋଜେନ୍ ରିଚ୍ ୱାଟର' ସାମଗ୍ରୀ ଲୁଟ୍

ବ୍ରହ୍ମପୁର,୨୪।୯(ସମିସ): କଟକ ଡିଭାଇନ୍ ୟୁନାଇଟେଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ଚୋରି ହୋଇଥିବା ୬୦ଲକ୍ଷ ଟଙ୍କା ମୂଲ୍ୟର ହାଇଡ୍ରୋଜେନ୍ ରିଚ୍ ୱାଟର ଗୋପାଳପୁର ଥାନା ଅନ୍ତର୍ଗତ ବିକ୍ରମପୁରରୁ ଜବତ ହୋଇଛି। ବୁଧବାର ଜଗତପୁର ପୁଲିସ ଟିମ୍ ଗୋପାଳପୁର ଥାନା ପୁଲିସର ସହାୟତାରେ ମିଳିତ ଚଢ଼ଉ କରି ଏହି ଲୁଟ ସାମଗ୍ରୀ ଜବତ କରିଛି।

ଅଭିଯୋଗ ପ୍ରକାରେ, ଚାଇନାରୁ ଆମଦାନୀ ହୋଇଥିଲା ୬୦ଲକ୍ଷ ଟଙ୍କା ମୂଲ୍ୟର ୧୩୫୮ଟି ହାଇଡ୍ରୋଜେନ୍ ରିଚ୍ ୱାଟର ବଟଲ। ଗତ ୧୨ ତାରିଖରେ ବିଶାଖପାଟଣା ବନ୍ଦରରେ କଷ୍ଟମ୍ସ ବିଭାଗ ଯାଞ୍ଚ କରିବା ପରେ ଟ୍ରକରେ ଲୋଡିଂ ହୋଇଥିଲା। ସମସ୍ତ ସାମଗ୍ରୀ ବିଶାଖପାଟଣାରୁ କଟକ ଜିଲ୍ଲା ଜଗତପୁର ଥାନା ଇଲାକାରେ ଥିବା ଡିଭାଇନ ୟୁନାଇଟେଡ୍ ପ୍ରାଇଭେଟ୍ ଲିମିଟେଡ ଗୋଦାମକୁ ଯାଉଥିଲା। ତେବେ ଉକ୍ତ ସାମଗ୍ରୀ ଗୋଦାମରେ ପହଞ୍ଚିବା ପୂର୍ବରୁ ମଝି ରାସ୍ତାରୁ ଉଭାନ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ସାମଗ୍ରୀ ନପହଞ୍ଚିବାରୁ ଜଗତପୁର ଥାନାରେ ଏତଲା ଦେଇଥିଲେ କମ୍ପାନି ମ୍ୟାନେଜର ସୁଲେମାନ ଅହମ୍ମଦ ବକ୍ସ। ୧୯ ତାରିଖରେ ଜଗତପୁର ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସର ତଦନ୍ତ ବେଳେ ଲୁଟ ସାମଗ୍ରୀକୁ କମ୍ପାନିର ଜଣେ ନିର୍ଦ୍ଦେଶିକା ଗୋପାଳପୁର ଥାନା ଅନ୍ତର୍ଗତ ବିକ୍ରମପୁର ରକ୍ଷା ବିହାରରେ ଗଚ୍ଛିତ ରଖିଥିବା ଜଣାପଡ଼ିଥିଲା। ଜଗତପୁର ଥାନା ଆଇଆଇସି ଅନିରୁଦ୍ଧ ନାୟକ ଏନେଇ ଗୋପାଳପୁର ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଗୋପାଳପୁର ପୁଲିସ ସହାୟତାରେ ଜଗତପୁର ଆଇଆଇସି ସଦଳବଳ ପହଞ୍ଚି ଲୁଟ ସାମଗ୍ରୀକୁ ଜବତ କରିଥିଲେ।

ସବୁଠାରୁ ବଡ଼କଥା ହେଲା ଯେଉଁ ସ୍ଥାନରୁ ଲୁଟ ସାମଗ୍ରୀକୁ ଜବତ କରାଯାଇଥିଲା ସେଠାରେ ଉପସ୍ଥିତ ଜଣେ ମହିଳା ନିଜକୁ ବିଜେପି ନେତ୍ରୀ ବୋଲି ପରିଚୟ ଦେଇ ପୁଲିସକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସଂପୃକ୍ତ ମହିଳା ଜଣକ ଉକ୍ତ କମ୍ପାନୀର ଆଉଜଣେ ନିର୍ଦ୍ଦେଶିକା ବୋଲି ଜଣାପଡ଼ିଥିଲା। କଟକ ଯାଉଥିବା ସାମଗ୍ରୀକୁ କୌଣସି ପ୍ରକାରେ ଗୋପାଳପୁରରେ ଓହ୍ଲାଇ ଦିଆଯାଇଥିବାରୁ ପୁଲିସ ସେଗୁଡ଼ିକୁ ଜବତ କରିଛି। ତେବେ ସେଥିରୁ କିଛି ବୋତଲ କମ୍ ଥିବା ଅଭିଯୋଗକାରୀ ପୁଲିସକୁ କହିଛନ୍ତି। ତଦନ୍ତ ପରେ ଘଟଣା ସଂକ୍ରାନ୍ତରେ ଅଧିକ ତଥ୍ୟ ଜଣାପଡିବ ବୋଲି ଜଗତପୁର ଆଇଆଇସି ଅନିରୁଦ୍ଧ ନାୟକ କହିଛନ୍ତି। ଏନେଇ ମହିଳା ଜଣକଙ୍କ କହିବା କଥା ସେମାନେ ଦୁଇଜଣ ପାର୍ଟନର। ସେ ଓ ତାଙ୍କ ସ୍ୱାମୀଙ୍କ ଉଦ୍ୟମରେ ଏହି ପ୍ରଡ଼କ୍ଟକୁ ପ୍ରସ୍ତୁତ ହୋଇଥିଲା। ବର୍ତ୍ତମାନ ଏହାର ଚାହିଦା ବୃଦ୍ଧି ପାଇବା ପରେ ପାର୍ଟନରଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ସେ ଏହାକୁ ନିଜର କରି ଅଧିକ ଲାଭବାନ ହେବାକୁ ଯୋଜନା କରିଥିଲା ଏବଂ କୌଣସି ସାମଗ୍ରୀ ଲୁଟ ବା ଚୋରି ହୋଇନାହିଁ ବରଂ ଗୋଦାମରେ ସ୍ଥାନାଭାବ କାରଣରୁ ଏଠାରେ ଗଚ୍ଛିତ ରଖାଯାଇଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏପରିକି ସମସ୍ତ ସାମଗ୍ରୀର ବିଲ ଦେଖାଇଥିଲେ ସୁଦ୍ଧା ପୁଲିସ ତାହାକୁ ଗ୍ରହଣ କରୁନଥିବା ସେ ପାଲଟା ଅଭିଯୋଗ କରିଛନ୍ତି।

**ଗୋପାଳପୁର ନିକଟସ୍ଥ ବିକ୍ରମପୁରରୁ ଜବତ କଲା ଜଗତପୁର ପୁଲିସ**

୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

# ବିଭିନ୍ନ ବର୍ଗରେ ଅଂଶଗ୍ରହଣ କଲେ ୧୧୪୫ ପ୍ରତିଯୋଗୀ



ବ୍ରହ୍ମପୁର,୨୪।୯(ସମିସ): ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ବୁଧବାର ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଭାରତ୍ତୋଳନ, ବାସ୍କେଟବଲ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଓ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ମିଳିତ ଆନୁକୁଲ୍ୟରେ ଆୟୋଜିତ କରାଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସୁନିଲ କେରକେଟା, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଆର୍ଶୀବାଦ ପରିଡ଼ା, ମାଧ୍ୟମିକ ଶିକ୍ଷାପରିଷଦ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡ଼ା, ''ଓସେପା'ର ଅତିରିକ୍ତ ନିର୍ଦ୍ଦେଶକ ଅମିତା ପଟ୍ଟନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସପନ ଜେନାଙ୍କ ସହ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଏସ. ଧନଞ୍ଜୟ, ଡ. ପ୍ରଭାତି କୁମାରୀ ମହାପାତ୍ର ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଜାତୀୟ ସ୍ତରରେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବାକୁ ଆହ୍ୱାନ ଦେଇଛନ୍ତି। ପ୍ରତିଯୋଗିତା ସେପ୍ଟମ୍ବର ୨୪ତାରିଖ ଠାରୁ ଆରମ୍ଭ ହୋଇ ୨୬ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ବିଭିନ୍ନ ଜିଲ୍ଲାର ୧୪ବର୍ଷ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସର୍ବମୋଟ ୧୧୪୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଖୁବ୍‌ଶୀଘ୍ର ଲୋକାର୍ପିତ ହେବ 'ଗଞ୍ଜାମ ହାଟ'- ବିଇଡିଏ ଉପାଧ୍ୟକ୍ଷ

ବ୍ରହ୍ମପୁର,୨୪।୯(ସମିସ): ଖୁବ୍‌ଶୀଘ୍ର ଲୋକାର୍ପିତ ହେବ ବ୍ରହ୍ମପୁରର ବହୁ ପ୍ରତିକ୍ଷିତ 'ଗଞ୍ଜାମ ହାଟ'। ଏନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜଶିର୍କେ। ଚଳିତ ବର୍ଷ ଶେଷ ସୁଦ୍ଧା ଅଥବା ନୂଆ ବର୍ଷ ପ୍ରାରମ୍ଭରେ ଏହି ବହୁକୋଟି ବ୍ୟୟରେ ପ୍ରତିଷ୍ଠା ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି। ୨୦୧୯ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କୋଭିଡ ଏବଂ ମାଲି ମକଦ୍ଦମା ପାଇଁ ବିଳମ୍ବ ହୋଇଥିଲା। ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଓ 'ରେରା'ରେ ମାମଲା ବିଚାରାଧିନ ଥିଲା। ଏପରିକି ବସ୍ତିବାସିନ୍ଦାଙ୍କ ଦ୍ୱାରା ଜବରଦଖଲରେ ଥିବା ୫ଏକର ପରିବ୍ୟାପ୍ତ ବିଇଡିଏର ନିଜସ୍ୱ ଜମିକୁ ମୁକ୍ତ କରିବାକୁ ଲାଗିଥିଲା ଦୀର୍ଘ ସମୟ। ଏହି ପ୍ରକଳ୍ପ ପାଇଁ ମୋଟ ୪୪କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ଏହି ୪ ମହଲା ବିଶିଷ୍ଟ ବହୁ ପ୍ରତିକ୍ଷିତ 'ଗଞ୍ଜାମ ହାଟ'ରେ ୩ମହଲାରେ ମୋଟ ୧୧୭ଟି ଦୋକାନ ଗୃହ ରହିଥିବା ବେଳେ ଉପର ବା ଶୀର୍ଷ ମହଲାରେ ସ୍ୱତନ୍ତ୍ର ଫୁଡକୋର୍ଟ ରହିଛି। ସେହିଭଳି ପ୍ରକଳ୍ପ ମଧ୍ୟରେ ପ୍ରଦର୍ଶନୀ ପଡିଆ ଓ ସେଥିରେ ଅତିରିକ୍ତ ୬୬ଟି ଦୋକାନ ଗୃହ ରହିଛି। ବିଭିନ୍ନ ସମୟରେ ସଂସ୍କୃତି, ଲୋକକଳା ଓ ହସ୍ତଶିଳ୍ପ ଭଳି ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ପାଇଁ ବ୍ୟବସ୍ଥା ଥିବା ବେଳେ ମୁକ୍ତାକାଶ ରଙ୍ଗମଞ୍ଚ ମଧ୍ୟ ଉପଲବ୍ଧ ରହିବ। ଭୁବନେଶ୍ୱରର 'ଏକାମ୍ର ହାଟ' ଢାଞ୍ଚାରେ 'ଗଞ୍ଜାମ ହାଟ'ର ପରିକଳ୍ପନା କରାଯାଇଥିବା ବେଳେ ଏଥିରେ ପିଲାଙ୍କ ଖେଳିବା ପାଇଁ 'ପ୍ଲେ ଜୋନ' ଓ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ମଧ୍ୟ ରହିଛି। ଗଞ୍ଜାମ ହାଟରେ ଥିବା ସମସ୍ତ ୧୧୭ଟି ଦୋକାନ ଗୃହର ଆବଣ୍ଟନ ଟେଣ୍ଡର ମାଧ୍ୟମରେ ବହୁ ପୂର୍ବରୁ ଶେଷ ହୋଇସାରିଛି। ତେବେ ଆବଣ୍ଟିତ ଦୋକାନ ଗୃହ ବାବଦରେ ଦୋକାନ ମାଲିକମାନେ ତୁରନ୍ତ ବକେୟା ଅର୍ଥ ପୈଠ କରିବାକୁ ବିଇଡିଏ ପକ୍ଷରୁ ଇତି ମଧ୍ୟରେ ଜାରି କରାଯାଇଛି ନୋଟିସ। ବକେୟା ଅର୍ଥ ଆଦାୟ ପରେ ଅର୍ଥାତ୍ ଦଶହରା ପୂଜା ପରେ ଅକ୍ଟୋବର ୧୩ରେ ସମସ୍ତ ଦୋକାନୀମାନଙ୍କୁ ନେଇ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦୋକାନୀମାନଙ୍କୁ ନେଇ କମିଟି ନିର୍ବାଚନ ଓ ପଞ୍ଜୀକରଣ କରାଯିବ। ପରେ ଗଞ୍ଜାମ ହାଟର ଦୋକାନୀଙ୍କୁ ସେମାନଙ୍କ ଦୋକାନ ଗୃହର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟକରଣ ପାଇଁ ଚାବିକାଠି ସହ କ୍ଷମତା ପ୍ରଦାନ କରାଯିବାକୁ ଆପାତତଃ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ସ୍ଥାନୀୟ କର୍ପୋରେସନ ରୋଡରେ ତଥା ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ଥିବା ଏହି ବହୁ ପ୍ରତିକ୍ଷିତ 'ଗଞ୍ଜାମ ହାଟ' କାର୍ଯ୍ୟକ୍ଷମ ହେଲେ ଦକ୍ଷିଣ ଓଡ଼ିଶାର ବ୍ୟବସାୟୀକ ପେଣ୍ଠସ୍ଥଳୀ ବ୍ରହ୍ମପୁରବାସୀ ଉପକୃତ ହୋଇପାରିବେ।



- ବହୁ ବାଦବିବାଦରୁ ମୁକୁଳିଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉପକୃତ ହେବେ ସହରବାସୀ
- ୫ଏକର ଜମିରେ ୪ମହଲା ବିଶିଷ୍ଟ ପ୍ରକଳ୍ପରେ ବିନିଯୋଗ ହୋଇଛି ୪୪କୋଟି
- ୧୮୩ ଦୋକାନ, ଫୁଡକୋର୍ଟ, ମୁକ୍ତାକାଶ ରଙ୍ଗମଞ୍ଚ, ପ୍ଲେ-ଜୋନ୍ ସହ ରହିଛି ପାର୍କିଂ ବ୍ୟବସ୍ଥା

● ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା

# ହୋମଗାର୍ଡଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୪।୯(ସମିସ): ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାର ବିଚାରଣା ବୁଧବାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦ୍ୱିତୀୟ ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଆରମ୍ଭ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ୪ଜଣ ନାବାଳକ ବାଳସୁଧାର ଗୃହରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ କୋର୍ଟ ସାବାଳକ ଭାବେ ଗ୍ରହଣ କରିଥିଲେ। ଉକ୍ତ ତିନିଜଣ ଅଭିଯୁକ୍ତଙ୍କର କୋର୍ଟରେ ଅଭାସୀ ମାଧ୍ୟମରେ ବିଚାରଣା ହୋଇଛି। ଏହି ମାମଲାରେ ଗୋପାଳପୁର ଥାନା ଅଧୀନରେ ଥିବା ବିଟ୍ ହାଉସରେ କାର୍ଯ୍ୟରତ ଗୃହରକ୍ଷୀ ଜି. କାଳୀଶଙ୍କର ଅନ୍ୟତମ ସାକ୍ଷ୍ୟ ଭାବେ କୋର୍ଟରେ ହାଜର ହୋଇ ନିଜର ବୟାନ ଦେଇଛନ୍ତି। ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳିଚରଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ବିଚାରଣା ବେଳେ ଶ୍ରୀ ମିଶ୍ର କୋର୍ଟରେ ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ରେ ଜନୈକା ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଉପସ୍ଥିତିରେ ଗଣବଳାତ୍କାର ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୁଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ରାତିରେ ହିଁ ୬ ଯୁବକଙ୍କୁ କାବୁ କରାଯାଇଥିଲା। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଂଜିଳିକାଟୁ ଥାନା ବୁରୁପଡ଼ାର ବାବୁରାମ ଦଳାଇ, ପାଟପୁର ଥାନା ବେଲଗାଁର କୁନାଲ ପ୍ରଧାନ, ହିଂଜିଳିକାଟୁ ଥାନା ସିକିରିର ଓମ୍ ପ୍ରଧାନ, ବୁରୁପଡ଼ାର ଲକ୍ଷ୍ମଣ ପ୍ରଧାନ ଓ ଦୀପକ ତରାଇ। ପରବର୍ତ୍ତୀ ସମୟରେ ପୁଲିସ ଅନ୍ୟ ୪ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ପରବର୍ତ୍ତି ସମୟରେ କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାର ତଦନ୍ତଭାର ଗ୍ରହଣ କରିଥିଲା। କ୍ରାଇମ୍‌ବ୍ରାଞ୍ଚ ୫ଜଣ ଯୁବକ ଓ ୪ଜଣ ନାବାଳକଙ୍କ ବିରୋଧରେ ଗତ ଜୁଲାଇ ୨୮ରେ ଚାର୍ଜସିଟ୍ ଦାଖଲ କରିଥିଲା। ଏବଂ ଅଭିଯୁକ୍ତ ଓମ୍‌ର ନାମକୁ ଚାର୍ଜସିଟ୍‌ରୁ ବାଦ ଦେଇଥିଲା। ଏଣୁ ଓମଙ୍କୁ ମାମଲାରୁ ବାଦ୍ ଦେବା ପାଇଁ ଆଇନଜୀବୀ ପୀତବାସ ପଣ୍ଡା କୋର୍ଟରେ ଡିସଚାର୍ଜ ପିଟିସନ୍ ଫାଇଲ୍ କରିଥିବା ବେଳେ ତାହାକୁ ପୂର୍ବରୁ ଏଡିଜେ-୨ ଖାରଜ କରିଦେଇଛନ୍ତି।





# ‘ପରସ୍ପର ଦୋଷାରୋପ ରାଜନୀତିରେ ନାରୀ ସୁରକ୍ଷା ବଳି ନପଡୁ’

ବାଲେଶ୍ୱର,୨୪।୯ (ସମିସ)



**ରାଜ୍ୟରେ ନାରୀ ନିର୍ଯାତନା ଏବଂ ସୁରକ୍ଷା ପ୍ରସଙ୍ଗ ଉପରେ ବିଧାନସଭାରେ ମତ ରଖିଲେ ସୁବାସିନୀ**

ଚଳିତ ବିଧାନସଭାର ବୁଧବାର ଦିନ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟରେ ନାରୀ ନିର୍ଯାତନା ଏବଂ ସୁରକ୍ଷା ପ୍ରସଙ୍ଗ ଉପରେ ଆଗତ ମୂଲତବୀ ପ୍ରସ୍ତାବ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ବସ୍ତାର ବିଧାୟିକା ସୁବାସିନୀ ଜେନା କହିଥିଲେ ଯେ ପରସ୍ପର ଦୋଷାରୋପ ରାଜନୀତି ଭିତରେ ରାଜ୍ୟରେ ନାରୀ ସୁରକ୍ଷା ବଳି ପଡିନଯାଉ। ଏହି କାଦୁଅ ଫିଙ୍ଗା ଭିତରେ ଜଣେ ସାଧାରଣ ନାରୀଟିଏ ନିଷ୍ପେସିତ ହେଉଛି ବା ନିର୍ଯାତିତ ହେଉଛି ତେଣୁ ଏ ବାବଦରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଛି। ସରକାରଙ୍କୁ ମୋର ପରାମର୍ଶ ରହିବ ଏ ବିଷୟକୁ ଗୁରୁତର ସହିତ ନେଇ ଖୋଦ୍ ମୁଖ୍ୟମନ୍ତ୍ରୀ ଗୋଟିଏ ସର୍ବଦଳୀୟ ବୈଠକ ଡାକନ୍ତୁ ଓ ସେହି ବୈଠକରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଏବଂ ମହିଳା ସାମାଜିକ କର୍ମୀ ମାନଙ୍କୁ ସଂପୃକ୍ତ କରାଯାଉ। ସେହି ବୈଠକରେ ରାଜ୍ୟର ମହିଳା ମାନେ ଆଗାମୀ ଦିନରେ କିଭଳି ସୁରକ୍ଷିତ ରହିବେ ସେ ବାବଦରେ ବିଚାର ବିମର୍ଶ ବା ଆଲୋଚନା କରାଯାଉ। ଆଉ ଗୋଟେ କଥା ଉପରେ ମୁଁ ଦୃଷ୍ଟି ଆକର୍ଷଣ ନିଶ୍ଚିତ କରିବି ଯେ ଭାରତ ବର୍ଷରେ ଅନ୍ୟ କିଛି ରାଜ୍ୟ ଯଥା ତେଲେଙ୍ଗାନା, କେରଳକୁ ଏ ଦିଗରେ ବେଶ୍ ସଫଳତା ହାସଲ କରିଛନ୍ତି। ତେଣୁ ଆମ ରାଜ୍ୟରୁ ଗୋଟିଏ ଟିମ୍ ତେଲେଙ୍ଗାନା ଏବଂ କେରଳକୁ ଯାଇ ଏ ଦିଗରେ ସେମାନଙ୍କ ପଦକ୍ଷେପ ସମ୍ବନ୍ଧରେ ଜାଣନ୍ତୁ ଏବଂ ତାହା ଆମ ମା’ ଭଉଣୀ ଓ ଝିଅ ମାନଙ୍କ ବାବଦରେ ସହାୟକ ହେବ। ବିଧାୟିକା ଜେନା କହିଥିଲେ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଦେଶର ସର୍ବୋଚ୍ଚ ପଦବୀରେ ମହିଳା ଭାବେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ସେଭଳି ଆମ ରାଜ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀ ଶତପଥୀ, ବର୍ତ୍ତମାନର ଉପ ମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡା, ପୂର୍ବତନ ବାଚସ୍ପତି ଭାବରେ ପ୍ରମିଳା ମଲ୍ଲିକ ଏବଂ ବର୍ତ୍ତମାନର ବାଚସ୍ପତି ଭାବରେ ସୁରମା ପାଢ଼ୀ ପ୍ରମୁଖ ଅଧିଷ୍ଠିତ ହୋଇଛନ୍ତି। କିନ୍ତୁ ସମସ୍ତ ପ୍ରଚେଷ୍ଟା ପରେ ମଧ ଆମ ସମାଜର ମହିଳା ମାନେ ଶୋଷଣର ଶିକାର ହେଉଛନ୍ତି। ୨୦୧୨ ମସିହାରେ ଦିଲ୍ଲୀରେ ଚଳନ୍ତା ବସରେ ଯେଭଳି ଜଘନ୍ୟ ଭାବରେ ନିର୍ଭୟାଙ୍କୁ ହତ୍ୟା କରାଗଲା ସେତେବେଳେ ତାହା ସମସ୍ତ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଭାରତ ସରକାର ଏବାବଦରେ ବିଭିନ୍ନ ପଦକ୍ଷେପ ନେବା ସହିତ ୧୦୦୦କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। କିନ୍ତୁ ଭାରତ ବର୍ଷରେ ଅନ୍ୟ ରାଜ୍ୟରେ ଶତକଡ଼ା ୭୬ପ୍ରତିଶତ ଖର୍ଚ୍ଚ ହୋଇପାରୁଥିବା ବେଳେ ଓଡ଼ିଶାରେ ତାହା ୨୫ପ୍ରତିଶତରୁ କମ ନିର୍ଭୟ ପାଣ୍ଠି ରହିଛି। ଖୋଦ୍ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥ୍ୟ ରଖିଛନ୍ତି ଯେ ଗତ ୧୪ ମାସ ମଧ୍ୟରେ ଓଡ଼ିଶାରେ ୩୭ହଜାର ରୁ ଊର୍ଦ୍ଧ୍ୱ ଅପରାଧ ମହିଳାଙ୍କ ବିରୁଦ୍ଧରେ ହୋଇଛି। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁସାରେ ଓଡ଼ିଶାରେ ସର୍ବାଧିକ ସାଇବର କ୍ରାଇମ ମହିଳାଙ୍କ ବିରୁଦ୍ଧରେ ହୋଇଛି। ସମଗ୍ର ଦେଶରେ ଓଡ଼ିଶାରୁ ସର୍ବାଧିକ ମହିଳାଙ୍କୁ ବାହାରକୁ ଚାଲାଣ କରାଯାଇଛି। ଏହା ଆମ ସମସ୍ତଙ୍କ ପାଇଁ ଉଦବେଗର ବିଷୟ, ବିଶେଷକରି ମୁଁ ଜଣେ ଏହି ଗୃହର ମହିଳା ସଦସ୍ୟା ଭାବରେ ଏହି ବାବଦରେ ଅତ୍ୟନ୍ତ ବିବ୍ରତ ଏବଂ ଚିନ୍ତିତ ମଧ। ଯଦି ଆମେ ଗତ ବର୍ଷେ ଭିତରେ ସମସ୍ତ ତଥ୍ୟକୁ ଅନୁଧ୍ୟାନ କରିବା ଗତ ୧୪ ଜୁଲାଇ ୨୦୨୫ ଫକୀର ମୋହନ କଲେଜ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଛି। ସେମିତି ଅଗଷ୍ଟ ୨୦୨୫ରେ ବଲଙ୍ଗୀର ନିରୀହ ଝିଅର ମୃତ୍ୟୁ, ଅଗଷ୍ଟ ୨୨ରେ ଜଣେ ଛୋଟ ଝିଅର ଗଳାକାଟି ହତ୍ୟା କରାଯାଇଛି, ଅଗଷ୍ଟ ୨୦୨୫ରେ ବାଲେଶ୍ୱର ଭୋଗରାଇର ଜଣେ ୨୧ବର୍ଷ ଝିଅକୁ ଗଣଦୁଷ୍କର୍ମ କରାଗଲା, ଦୋଷୀ ଏପର୍ଯ୍ୟନ୍ତ ଗିରଫ ହେଲାନାହିଁ। ସେହିପରି ସେପ୍ଟେମ୍ବର ୨୦୧୫ରେ ପୁରୀ ବେଳାଭୂମି ରେ ୧୯ ବର୍ଷର ଝିଅକୁ ଦୁଷ୍କର୍ମ, ବଲାଙ୍ଗୀର ଠାରେ ଆଉ ଏକ ଦୁଷ୍କର୍ମ ଏହିଭଳି ଭାବରେ ନାରୀ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି, ଆମେ ଏଥିରେ ନୀରବ ଦ୍ରଷ୍ଟା ସାଜିଛୁ। ଯେଉଁ ମହିଳା ଶିକାର ହେଉଛି ସେ ପାଉଛି କଣ। ଆଜି ଜଣେ ମହିଳା ପୋଲିସ ଷ୍ଟେସନ ଗଲେ ଥାନାରୁ ନ୍ୟାୟ ପାଉନାହିଁ ବିଶେଷ ଭାବରେ ମୁଁ ମୋ ନିର୍ବାଚନ ମଣ୍ଡଳୀ କଥା କହିବି, ବସ୍ତା ନିର୍ବାଚନ ମଣ୍ଡଳୀରେ ବସ୍ତା ଓ ବାଲିଆପାଳ ଦୁଇଟି ପୋଲିସ ଷ୍ଟେସନ ଅଛି। ସେଠାରେ ମହିଳାଟିଏ ଗଲେ ନ୍ୟାୟ ପାଉନାହିଁ। ଏହା ଆମ ସମସ୍ତଙ୍କର ଚିନ୍ତା କରିବାର ବିଷୟ ହେଇଛି। ମୁଁ ଯେହେତୁ ବ୍ୟାସକବି ଫକୀର ମୋହନଙ୍କ ମାଟିରୁ ଆସିଛି ଏବଂ ତାଙ୍କ ରଚିତ ଛଅ ମାଣ ଆଠଗୁଣ୍ଠ ଉପନ୍ୟାସରେ ଝିଅ ମାନଙ୍କ ବିଷୟରେ ଲେଖିଥିଲେ ଯେ, ଘରର ଝିଅମାନେ ହେଲେ ସଂସ୍କାରି, ଦୟାଳୁ ଏବଂ ଦୟାର ପ୍ରତିରୂପ ତା ଅର୍ଥ ନୁହେଁ ଯେ ନାରୀ ମାନେ ସବୁବେଳେ ନିର୍ଯାତିତ ହେଉଥିବେ ଏବଂ ଶୋଷିତ ହେଉଥିବେ ବା ଶୋଷଣ ପରିସର ଭିତରକୁ ଯାଉଥିବେ। ଆଉ ଗୋଟେ କଥା ମୁଁ ନିଶ୍ଚିତ ଭାବେ ଏ ଗୃହରେ ଉପସ୍ଥାପନା କରିବି ଏବଂ ଆଶା କରୁଛି ସରକାର ବିଶେଷ ଭାବରେ ଏ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ। ଆସନ୍ତା ପାର୍ବଣ ଋତୁକୁ ବିଶେଷ ଭାବେ ମହିଳାଙ୍କ ପାଇଁ ଭୟମୁକ୍ତ ଉତ୍ସବ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ମହିଳାଙ୍କ ମନଭିତରେ ଦୁଃଖ, କଷ୍ଟ ଏବଂ କୋହ ବଢି ଚାଲିଛି ଏବଂ ଏହାକୁ ଯଦି ତୁରନ୍ତ ସମାଧାନ କରାନଯାଏ, ମହିଳା ମାନେ ଆସନ୍ତାକାଲି ରାଜରାସ୍ତାକୁ ନ ଓହ୍ଲାଇବେ ତାହା ଏଡାଇ ଦିଆଯାଇ ନପାରେ। ତେଣୁ ଆସନ୍ତା ଦିନରେ ଆମ ଓଡ଼ିଶାର ମା ଭଉଣୀ ଏବଂ ନାରୀ କିଭଳି ସୁରକ୍ଷିତ ରହିବେ ସେ ଦିଗରେ ସରକାରଙ୍କୁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ ବୋଲି ବିଧାୟିକା ଜେନା କହିଥିଲେ।

## ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ ଉଦ୍‌ଯାପିତ



ବାଲେଶ୍ୱର,୨୪।୯ (ସମିସ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଓଡ଼ିଶା ପକ୍ଷରୁ ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ସଂସ୍କୃତ ଦିବସ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଡ. ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ସାଧାରଣ ସମ୍ପାଦକ ଡ. କୁମାର ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଗୋପାଳ ଚନ୍ଦ୍ର ବେଦ ଜ୍ୟୋତିର୍ବିଜ୍ଞାନ ବିଦ୍ୟାପୀଠର ବ୍ରହ୍ମଚାରୀ ବେଦ ପାଠ କରିଥିବା ବେଳେ ରାଜ୍ୟ ସଂଗଠନ ସମ୍ପାଦକ ସୁକାନ୍ତ କୁମାର କର ଓ ଜିଲ୍ଲା ସମ୍ପାଦକ ଡଃ. ଶଶିକାନ୍ତ ପରିଡା ସ୍ୱାଗତ ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦିକା ରାଜଶ୍ରୀ ପାଣିଗ୍ରାହୀ ବିବରଣୀ ପାଠ କରିଥିବା ବେଳେ ରମା ପଣ୍ଡା ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ସମାରୋହକୁ ମୁଖ୍ୟଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ଅଧ୍ୟକ୍ଷ ପ୍ରଫେସର ଦେବାଶିଷ ପାତ୍ର ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ପ୍ରତାପ ରଥ, ସମ୍ମାନିତ ଅତିଥି ଭାବେ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ରାଜ୍ୟ ଉପସଭାପତି ସଞ୍ଜୟ ଷଡ଼ଙ୍ଗୀ, କଟକ ସମ୍ପାଦକ ବାପୁଜୀ ମହାରଣା, ଯାଜପୁର ସମ୍ପାଦକ ଶରତ ସାହୁ, ଜଗତସିଂହପୁର ସମ୍ପାଦକ ନବଘନ ମୁଦୁଲି, ଭଦ୍ରକ ସମ୍ପାଦକ ଦୈତାରୀ ଦୀକ୍ଷିତ, ଦେବଗଡ ସଭାପତି ଦୈତାରୀ ପ୍ରସାଦ ଦ୍ୱିବେଦୀ, କଳାହାଣ୍ଡି ସମ୍ପାଦକ ପଦ୍ମଲୋଚନ ଶତପଥୀ, ମୟୂରଭଞ୍ଜର ଗୋକୁଳ ଦାସ, ନଗେନ ସିଂ, ପ୍ରଭାତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ସମାରୋହରେ ମହାସଂଘର ସାଂଗଠନିକ ଚର୍ଚ୍ଚା ଅନୁଷ୍ଠିତ ହୋଇ ମହାସଂଘର କାର୍ଯ୍ୟକୁ ସୁଦୃଢ କରିବାକୁ ଜଗତସିଂହପୁର ଜିଲ୍ଲାର ବାସବ କୁମାର ନନ୍ଦଙ୍କୁ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହକୁ ଲୈଲୀ ଜେନା, ଡ. ପ୍ରତିଭା ମାନ୍ନା, ଅଞ୍ଜନା ଉପାଧ୍ୟାୟ, ଡ. ନିରାକାର ମହାଳିକ, ଡ. ତୁଳସୀ ବେହେରା, ବଳରାମ ମୁଖୀ ପ୍ରମୁଖ ପରିଚାଳନା କରିଥିଲେ। ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**● ଆନ୍ତଃ ମହାବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା**

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଦଳ ଉପବିଜେତା



ବାଲେଶ୍ୱର,୨୪।୯ (ସମିସ): ଚରମ୍ପା ମହାବିଦ୍ୟାଳୟରେ ୨୩ ସେପ୍ଟେମ୍ବରରେ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପୁରୁଷ କବାଡ଼ି ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପି.ଜି. କାଉନସିଲ୍ ଟିମ୍ ଶୃଙ୍ଖଳାବଦ୍ଧତା ଓ କୌଶଳମୟ ଖେଳ ପ୍ରଦର୍ଶନ କରି ଉପବିଜେତା ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ପ୍ରତିଷ୍ଠିତ ମହାବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଖେଳାଳିମାନଙ୍କର ମନୋବଳ ସମ୍ମିଳିତ ଖେଳ ମନୋଭାବ ଓ ଯୋଜନାମୂଳକ ଖେଳ ଦ୍ୱାରା ଫାଇନାଲରେ ଉପବିଜେତା ସ୍ଥାନ ଅଧିକାର କରିଛନ୍ତି ଓ ବାଲିଆପାଳର ଏସ.ଆର ମହାବିଦ୍ୟାଳୟ ଦଳ ବିଜୟୀ ହୋଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା, ପିଇଓ ସଂଗ୍ରାମ ବିଶୋଇଙ୍କ ସହିତ ଆୟୋଜକମାନେ ସମସ୍ତ ଅଂଶଗ୍ରହଣ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏପରି ପ୍ରତିଯୋଗିତାରୁ ଯୁବମାନଙ୍କ ଶାରୀରିକ ସୁସ୍ଥତା, ସମ୍ମିଳିତ ସହଭାଗିତା ଓ ନେତୃତ୍ୱଗୁଣର ବିକାଶ ହେବାକୁ ଉଲ୍ଲେଖ କରିଥିଲେ। ଏହି କବାଡ଼ି ପ୍ରତିଯୋଗିତାର ସଫଳ ଆୟୋଜନ ତଥା ବିଜୟୀ ଦଳମାନଙ୍କୁ ଉତ୍ସାହିତ କରିବା ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ନିମନ୍ତେ ପ୍ରୋତ୍ସାହନ ଓ ସାମଗ୍ରିକ ଉନ୍ନତିର ପ୍ରୟାସକୁ ସଫଳ କରାଯାଇଛି।

## ସୂଚାରୁରୂପେ ଦୁର୍ଗାପୂଜା ପାଳନ ସମନ୍ୱୟ ବୈଠକ



ବାଲେଶ୍ୱର,୨୪।୯ (ସମିସ): ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ସୁଚାରୁ ଓ ସୁରକ୍ଷିତ ଭାବରେ ପାଳନ ପାଇଁ ସମନ୍ୱୟ ବୈଠକ ଆୟୋଜିତ ହେଲା। ଏଥିରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଉଭୟ ଅତିରିକ୍ତ ଜିଲ୍ଲାପାଳ, ଉଭୟ ଉପଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପୁଲିସ୍, ମାଜିଷ୍ଟ୍ରେଟ୍ ଓ ସମସ୍ତ ଲାଇନ୍ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦିଆଗଲା। ଅଧିକ ଭିଡ଼ ହେଉଥିବା ସ୍ଥାନଗୁଡ଼ିକ ଯଥା ସିନେମା ଛକ ଇତ୍ୟାଦିରେ ଭାରି ବ୍ୟାରିକେଡିଂ କରିବାକୁ ନିଷ୍ପତ୍ତି ହୋଇଛି। ରାବଣପୋଡି ଓ ଭସାଣି ସମୟରେ ବ୍ୟବହୃତ ବିକଳ୍ପ ରୁଟ୍‌କୁ ସୁଚାରୁ ରୂପେ ମରାମତି, ଯାତାୟାତ ଓ ପାର୍କିଂ ବ୍ୟବସ୍ଥାକୁ ଯଥାପୂର୍ବକ ପାଳନ କରିବାକୁ ଆଦେଶ ଦିଆଗଲା। ଅଷ୍ଟମୀ ଓ ଦଶହରାରେ ମଦ ଦୋକାନ ବନ୍ଦ ରଖିବାକୁ ଓ ସାଧାରଣ ଭାବେ ପୋଲିସ୍ ଓ ଅବକାରୀ ବିଭାଗର ଯୁକ୍ତ ପ୍ରବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଗଲା। ପୂର୍ତ୍ତ ବିଭାଗ ଓ ମ୍ୟୁନିସିପାଲଟିକୁ ରାସ୍ତା ଓ ନର୍ଦ୍ଦମା ଭଲ ଭାବରେ ତଦାରଖ କରିବାକୁ କୁହାଗଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଖାଦ୍ୟ ଗୁଣସ୍ତର ଯାଞ୍ଚ କରିବାକୁ, ପିଏଚ୍‌ଡିକୁ ପାଣି ଟ୍ୟାଙ୍କର ପ୍ରସ୍ତୁତ ରଖିବାକୁ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଭାରି ଯାନବାହନ ନିୟନ୍ତ୍ରଣ ସହିତ ଜରୁରୀକାଳୀନ ଯାନବାହନ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମସ୍ତଙ୍କୁ ସମନ୍‌ୱୟ ରଖି କିପରି ନିରାପଦ ଓ ଶାନ୍ତିପୂର୍ଣ୍ଣ ଭାବେ ଦୁର୍ଗ ପୂଜା ପାଳନ ହେବ ସେ ସମ୍ପର୍କରେ ଆହ୍ୱାନ ଦେଇଥିଲେ।

**ନାଟକ ପରିବେଷଣ ସମୟରେ କଟିଗଲା ଲାଇନ**

## ପେଣ୍ଡାଲ ଉପରକୁ ଚେୟାର ଫିଙ୍ଗିଲେ ଦର୍ଶକ

ସୋର, ୨୪।୯ (ସମିସ): ସୋର ବ୍ଲକ ଦହିସଡା ପଞ୍ଚାୟତ ଦହିସଡା ଗ୍ରାମରେ ଅନୁଷ୍ଠିତ ହେଉଥିବା ଏକ ଯାତ୍ରା ପାର୍ଟିକୁ ଦର୍ଶକ ଚେୟାର ଫିଙ୍ଗିବା ଫଳରେ ନାଟକ ପରିବେଷଣ ଅଧ ଘଣ୍ଟା ଧରି ବନ୍ଦ ରହିଥିଲା। ଦହିସଡା ଗ୍ରାମରେ ସିଂହବାହିନୀ ଯାତ୍ରା ଦଳ ଗତକାଲି ରାତିରେ ଭୋଳାଶଙ୍କର ନାଟକ ପରିବେଷଣ କରୁଥିଲା। କିନ୍ତୁ ନାଟକ ଅଧାରୁ ଡିଜିରୁ ତେଲ ସରିଯିବାରୁ ଲାଇନ କଟି ଯିବା ଫଳରେ ନାଟକ ଅଧଘଣ୍ଟା ଧରି ବନ୍ଦ ରହିଥିଲା। ତେଣୁ ଟିକେଟ କାଟି ହଲରେ ନାଟକ ଉପଭୋଗ କରୁଥିବା ଦର୍ଶକମାନେ ରାଗରେ ପ୍ୟାଣ୍ଡେଲ ଉପରକୁ ଚେୟାର ଫିଙ୍ଗିଥିଲେ। କିଛି ସମୟ ପାଇଁ ପେଣ୍ଡାଲ ଚେୟାରମୟ ହୋଇଯାଇଥିଲା। ପରେ ଲାଇନ ଆସିବା ପରେ ଯାତ୍ରା ଦଳ ନାଟକ ପରିବେଷଣ କରିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା। ତେବେ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି।



**ନବରାତ୍ରର ତୃତୀୟ ଦିବସ**

## ‘ଚନ୍ଦ୍ରଘଣ୍ଟା’ ସ୍ୱରୂପରେ ପୂଜା ପାଇଲେ ବଗଳାମୁଖୀ

ବାଲେଶ୍ୱର,୨୪।୯ (ସମିସ): ବାଲେଶ୍ୱର ସହର ଉପକଣ୍ଠ ତାମୂଳିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା’ ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଚାଲିଛି ନବରାତ୍ର ପୂଜା। ପ୍ରଥମ ଦିବସରେ ମା’ଙ୍କୁ ହିମାଳୟ ରାଜାଙ୍କ କନ୍ୟା ରୂପେ “ଶୈଳପୁତ୍ରୀ’ ଓ ଦ୍ୱିତୀୟ ଦିବସରେ ତପ, ତ୍ୟାଗ ଓ ଶକ୍ତିର ଦେବୀ “ବ୍ରହ୍ମଚାରିଣୀ’ ସ୍ୱରୂପରେ ଅର୍ଚ୍ଚନ କରାଯାଇଥିଲା। ତୃତୀୟ ଦିବସରେ ମା’ ପାର୍ବତୀଙ୍କ ବିବାହିତ ଅବତାର “ଚନ୍ଦ୍ରଘଣ୍ଟା’ଙ୍କ ପୂଜା କରାଯାଇଛି। ଏହି ସ୍ୱରୂପରେ ମା’ଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା ବୋଲି କୁହାଯାଏ। ମହାଦେବଙ୍କ ସହିତ ବିବାହ ପରେ ମା’ ପାର୍ବତୀ ସ୍ୱାମୀଙ୍କ ପରି ନିଜ ମସ୍ତକକୁ ଅର୍ଦ୍ଧ ଚନ୍ଦ୍ରରେ ସଜ୍ଜିତ କରିବା ଆରମ୍ଭ କରିଥିଲେ। ଏହି ରୂପରେ ଦଶଭୂଜା ମା’ଙ୍କ ବାହାନ ବାଘୁଣୀ, ହସ୍ତରେ ପଦ୍ମ ଫୁଲ, ଧନୁ, ତୀର ଓ ଜପମାଳି, କମଣ୍ଡଳୁ ଥିବା ବେଳେ ଅଭୟ ଓ ବରଦା ମୁଦ୍ରାରେ ମା’ ବିରାଜିତ। ମା’ ଚନ୍ଦ୍ରଘଂଟା ପାର୍ବତୀଙ୍କ ଶାନ୍ତି ରୂପକ ଅବତାର। ମାନ୍ୟତା ରହିଛି ଯେ ମା’ଙ୍କ ଘଣ୍ଟା ଧ୍ୱନିରେ ଦାନବ, ଦୈତ୍ୟ, ଅତ୍ୟାଚାରୀମାନେ ଭୟଭୀତ ହୋଇଥାନ୍ତି। ପ୍ରବଳ ପ୍ରତାପୀ ମହିଷାସୁର ନିକଟରୁ ଦେବଗଣ ଯୁଦ୍ଧରେ ପରାସ୍ତ ହେଉଥିବା ଦେଖି, ଦେବତାମାନେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ନିକଟରେ ପ୍ରାର୍ଥନା ପରେ ତିନି ଜଣଙ୍କ କ୍ରୋଧରୁ ବାଘବାହିନୀ ମା’ ଚନ୍ଦ୍ରଘଣ୍ଟା ଆବିର୍ଭୂତା ହୋଇଥିଲେ। ନବରାତ୍ରୀର ତୃତୀୟ ଦିବସରେ ସିନ୍ଦୁର, ଅକ୍ଷତ, ଗନ୍ଧ, ଧୂପ, ପୁଷ୍ପ ଏବଂ ଅପରାଜିତା ପୁଷ୍ପ ଦେଇ ଦେବୀ ଚନ୍ଦ୍ରଘଣ୍ଟାଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କଲେ ଗୃହର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାଏ ବୋଲି ବିଶ୍ୱାସ ରହିଛି। ନବରାତ୍ରର ଚତୁର୍ଥ ଦିବସରେ କୁଷ୍ମାଣ୍ଡ, ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ, ମହାସପ୍ତମୀରେ କାଳରାତ୍ରି, ମହାଅଷ୍ଟମୀରେ ମହାଗୌରୀ ଓ ମହାନବମୀରେ ସିଦ୍ଧିଦାତ୍ରୀ ସ୍ୱରୂପରେ ମା’ଙ୍କ ପୂଜାର୍ଚ୍ଚନା କରାଯିବା ନେଇ ଶାସ୍ତ୍ର ସମ୍ମତ ବିଧି ରହିଛି। ଏଥିରେ ପ୍ରତ୍ୟେହ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋ?ଶ ଉପଚାର ପୂଜା ସହିତ ସଂଧ୍ୟାରେ ସପ୍ତଶତୀ ଚଣ୍ଡିପାଠ ଓ ଅନ୍ତେ ୧୦୮ ଆହୁତି ପ୍ରଭୃତି କର୍ମକାଣ୍ଡ ମାଧ୍ୟମରେ ନିୟମିତ ପୂଜାର୍ଚ୍ଚନା ହେଉଛି ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ। ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତିରେ ମା’ଙ୍କ ନବରାତ୍ର ପୂଜା ସମ୍ପନ୍ନ ହେବ।



**ଆସୁଛନ୍ତି ମା’ ଦୁର୍ଗା**

## ସଫେଇ କର୍ମଚାରୀଙ୍କ ପ୍ରଥମ ବର୍ଷ ଦୁର୍ଗାପୂଜା

ବାଲେଶ୍ୱର,୨୪।୯ (ସମିସ)

‘ଆଗରୁ ଆମ ଜେଜେବାପାମାନେ ବୋଉଳ ପୋଖରୀରେ ୪ ବସ୍ତି ମିଳି ମିଶି ଗୋଟିଏ ଆଖଡ଼ା ସଂଘରେ ଯାଉଥିଲେ। ୧୦୦ ବର୍ଷ ଏହି ଆଖଡ଼ା ସଂଘକୁ ପୂରଣ ହେଉଥିଲେ ୪ ବସ୍ତି ଆମେ ବସାଇ ବିତି ଯାଇଥିବା ଜେଜେ ବାପା ଅମଳକୁ ଆମେ ଆଉଥରେ ମନେପକାଇ ବାଲେଶ୍ୱର ଭାଇଚାରା ବଜାୟ ରଖି ଦୁର୍ଗାପୂଜା କମିଟି ଗଠନ କରି ପୂଜା ଆରମ୍ଭ କରିଛୁ ବୋଲି ଉପଦେଷ୍ଟା ମନୋଜ ବେହେରା କହିଛନ୍ତି। ଚଳିତବର୍ଷଠାରୁ ସଫେଇ କର୍ମଚାରୀମାନେ ଦୁର୍ଗାପୂଜା ଆରମ୍ଭ କରୁଛନ୍ତି। ବାଲେଶ୍ୱର ସହରରେ ପ୍ରତିବର୍ଷ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳନ ହୋଇଥାଏ। ଚଳିତ ବର୍ଷ ୭୦ ରୁ ଅଧିକ ମେଢ ରହିଛି। ତେବେ ପୂଜା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ତେବେ ଏବର୍ଷରୁ ପ୍ରଥମ ଥର ଦୁର୍ଗାପୂଜା ଆରମ୍ଭ କରୁଛି ଜୟଭୀମ ସାର୍ବଜନୀନ ଦୁର୍ଗାପୂଜା କମିଟି। ଏହି କମିଟିରେ ସଫେଇ କର୍ମଚାରୀମାନେ ଏକାଠି ହୋଇ ଏହି ବର୍ଷରୁ ଦୁର୍ଗା ପୂଜା କରିବା ପାଇଁ ଯୋଜନା କରି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମୋତିଗଞ୍ଜ ସ୍ଥିତ କଂଗ୍ରେସ୍ ଅଫିସ ଲେନ୍ ବୋଉଳ ପୋଖରୀ ନିକଟରେ କମିଟି ପକ୍ଷରୁ ପୂଜା ହେବ। ୫ଟି ସାହି ଯଥା ମିର୍ଜା ପୋଖରୀ, ବଟେଶ୍ୱର, ଭାସ୍କରଗଞ୍ଜ, ଓଲନ୍ଦାଜସାହି ପ୍ରମୁଖ ଅଞ୍ଚଳର ଲୋକ ମିଶିକି ଦୁର୍ଗା ପୂଜା ଆରମ୍ଭ କରୁଛନ୍ତି। ସମସ୍ତଙ୍କୁ ନେଇ ଜୟଭୀମ ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠିତ ହୋଇଛି। ସବୁ ଗାଁର ପ୍ରାୟ ୪୦୦ ଶହ ଜଣ ସଦସ୍ୟ କମିଟିରେ ରହିଛନ୍ତି। ଏହି କମିଟିରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଭାବେ ସଫେଇ କର୍ମଚାରୀମାନେ ରହିଛନ୍ତି। ପୂଜା ପାଇଁ ଏଥର ପ୍ରାୟ ୫ ଲକ୍ଷ ଟଙ୍କାର ବଜେଟ ରହିଛି। ମା ଦୁର୍ଗାଙ୍କ ମୂର୍ତ୍ତି ତିଆରି ଆରମ୍ଭ ହୋଇଗଲାଣି। ସାଧାରଣ ତୋରଣ ସହ ମା ଦୁର୍ଗାଙ୍କ ପୂଜା ପାଳନ ହେବ। କମିଟିରେ ପ୍ରାୟ ଚାରି ଶହ ସଦସ୍ୟଙ୍କ ସହଯୋଗରେ ପୂଜା ସମ୍ପନ୍ନ ହେବ। ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ଧୋନି ବେହେରା, ଉପସଭାପତି ବୁଲୁ ବେହେରା, ସହଯୋଗୀ ସମ୍ପାଦକ ଜୟ ନାରାୟଣ ନାୟକ, ଓରଗାନାଇଜ୍ ସମ୍ପାଦକ ରାମେଶ୍ୱର ବେହେରା, କ୍ୟାସିୟର ରୋହିତ ବେହେରା, ଲିଗାଲ ଆଡଭାଇଜର୍ ଲକ୍ଷ୍ମନ ବେହେରା, ଆଡଭାଇଜର୍ ପୂର୍ଣ୍ଣଚନ୍ଦ୍ର ବେହେରା, ରତ୍ନାକର ନାୟକ ଓ ମନୋଜ ବେହେରା ପ୍ରମୁଖଙ୍କ ସହଯୋଗରେ ପୂଜା ପାଳନ ହେବ।





● ଆଖଡା ବାଡି ଖେଳ ଶହେ ବର୍ଷ ପୂରଣ ହେଲା। ସେଥିପାଇଁ ଏବର୍ଷଠୁ ଆମେ ଦୁର୍ଗାପୂଜା ଆରମ୍ଭ କରୁଛୁ। ଏକ ମାସ ଆଗରୁ ଏନେଇ ଯୋଜନା ଆରମ୍ଭ କରି ପ୍ରସ୍ତୁତ ଚଳେଇଛୁ। ଏବର୍ଷ ପ୍ରଥମ ଥର ସେମିତି କିଛି ଅଧିକ କରିବାର ଯୋଜନା ନାହିଁ।

ବିଶ୍ୱନାଥ ବେହେରା, ସଭାପତି



● ସମସ୍ତଙ୍କ ପରାମର୍ଶ ନେଇ ଆମେ ପୂଜା କରୁଛୁ। ପ୍ରଥମ ଥର ଏଇ ବର୍ଷ ପୂଜା ଆରମ୍ଭ କରୁଛୁ। ନବମୀ ଦିନ ପ୍ରସାଦ ବଣ୍ଟନ ହେବ। ସମସ୍ତଙ୍କ ସହଯୋଗରେ ପୂଜା କରାଯିବ।

ଧୋନୀ ବେହେରା, ସମ୍ପାଦକ